- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-306 ♦TUESDAY ♦05 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୦୬ ♦ମଙ୍ଗଳବାର ♦୦୫ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ମାଡ୍ରିଡ୍ ଓପନ୍ ଜିତିଲେ ସିନ୍ନର୍

▶ପୃଷ୍ଠା ୧୨ ଦେଖନ୍ତୁ...

# ବିଜେପିର ବଙ୍ଗ ବିଜୟ

**ତାମିଲନାଡୁରେ ଟିଭିକେ**
**କେରଳରେ କଂଗ୍ରେସ**
**ଆସାମରେ ବିଜେପି**
**ପୁଡୁଚେରୀରେ ଏନ୍‌ଡିଏ**

| ପଶ୍ଚିମବଙ୍ଗ ୨୯୪ | |
|---|---|
| ବିଜେପି | ୨୦୬ |
| ଟିଏମ୍‌ସି | ୮୧ |
| କଂଗ୍ରେସ | ୦୨ |
| ଅନ୍ୟାନ୍ୟ | ୦୪ |

| ତାମିଲନାଡୁ ୨୩୪ | |
|---|---|
| ଟିଭିକେ | ୧୦୭ |
| ଡିଏମକେ | ୭୪ |
| ଏଡିଏମକେ | ୫୨ |
| ଅନ୍ୟାନ୍ୟ | ୦୧ |

| କେରଳ ୧୪୦ | |
|---|---|
| ୟୁଡିଏଫ୍ | ୮୯ |
| ଏଲ୍‌ଡିଏଫ୍ | ୩୫ |
| ବିଜେପି | ୦୩ |
| ଅନ୍ୟାନ୍ୟ | ୧୩ |

| ଆସାମ ୧୨୬ | |
|---|---|
| ବିଜେପି | ୧୦୨ |
| କଂଗ୍ରେସ | ୨୧ |
| ୟୁଡିଏଫ୍ | ୦୨ |
| ଅନ୍ୟାନ୍ୟ | ୦୧ |

| ପୁଡୁଚେରୀ ୩୦ | |
|---|---|
| ବିଜେପି+ | ୧୮ |
| କଂଗ୍ରେସ+ | ୦୬ |
| ଅନ୍ୟାନ୍ୟ | ୦୬ |

■ ନୂଆଦିଲ୍ଲୀ, ୪।୫(ଏଜେନ୍ସି): ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷ ଧରି ଶାସନରେ ଥିବା ମମତା ବାନାର୍ଜୀଙ୍କୁ ପରାସ୍ତ କରି ଇତିହାସ ରଚିଛି ବିଜେପି । ତାମିଲନାଡୁରେ ଷ୍ଟାଲିନଙ୍କ ଡିଏମ୍‌କେ ସରକାରକୁ କ୍ଷମତାଚ୍ୟୁତ କରି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି ନବଗଠିତ ଟିଭିକେ । ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳ ଆଜି ବିରୋଧୀଙ୍କ ଶିବିରରେ ଏଭଳି ତାଣ୍ଡବ ରଚାଇଛି । ଆସାମରେ ବିଜେପି ପୂର୍ବ ଅପେକ୍ଷା ଅଧିକ ଆସନ ପାଇ କ୍ଷମତା ବଜାୟ ରଖିଥିବା ବେଳେ କେରଳରେ ୧୦ ବର୍ଷ ଧରି କ୍ଷମତାରେ ଥିବା ବିଜୟନଙ୍କ ବାମ ସାମ୍ମୁଖ୍ୟ ସରକାରକୁ ଚିତ୍‌ପଟାଙ୍ଗ କରିଛି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ । କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଜେପି ମେଣ୍ଟ କ୍ଷମତା ବଜାୟ ରଖିଛି । ଆଜିର ନିର୍ବାଚନ ଫଳାଫଳ ଏବଂ ବିଶେଷକରି ପଶ୍ଚିମବଙ୍ଗ ଏବଂ ତାମିଲନାଡୁର ଫଳାଫଳ ଜାତୀୟ ରାଜନୀତିକୁ ଏକ ନୂଆ ମୋଡ଼ ଦେବାକୁ ଯାଉଛି ।

ମମତା ବାନାର୍ଜୀଙ୍କ ପରାଜୟ ବିଜେପିର ସବୁଠାରୁ ବଡ଼ ସଫଳତା ରୂପେ ବିଚାର କରାଯାଉଛି । ମମତାଙ୍କୁ ହରାଇ ବିଜେପି କେବଳ ଜଣେ ଟାଣୁଆ ବିରୋଧୀ ଦଳର ନେତ୍ରୀଙ୍କୁ ହରାଇନାହିଁ; ଏହା ଆଞ୍ଚଳିକ ଦଳର ମେରୁଦଣ୍ଡକୁ ମଧ୍ୟ ଭାଙ୍ଗିଦେଇଛି ।

## ହାରିଲେ ୨ ମୁଖ୍ୟମନ୍ତ୍ରୀ: ମମତା ଓ ଷ୍ଟାଲିନ୍

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହୋଇଥିଲେ ମଧ୍ୟ ସାରା ଦେଶର ନଜର ପଶ୍ଚିମ ବଙ୍ଗ ଉପରେ ରହିଥିଲା । ପଶ୍ଚିମବଙ୍ଗ ଜିତିବା ଲାଗି ବିଜେପି ଗତ ୧୦ ବର୍ଷ ଧରି ସଂଘର୍ଷ କରିଥିଲେ ମଧ୍ୟ ଏଥର ସ୍ୱତନ୍ତ୍ର ରଣନୀତି ସହିତ ମଇଦାନକୁ ଓହ୍ଲାଇଥିଲା । ବିଜେପି ବିରୋଧରେ ବାହାରେ ରଣହୁଙ୍କାର ଦେଉଥିଲେ ମଧ୍ୟ ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାର ମୁକାବିଲା କରିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିବା ଆଜିର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି । ପଶ୍ଚିମବଙ୍ଗରେ ଟିଏମ୍‌ସିର ଶକ୍ତିଶାଳୀ ଦୁର୍ଗ ରୂପେ ପରିଚିତ ନିର୍ବାଚନମଣ୍ଡଳୀଗୁଡ଼ିକୁ ଟାର୍ଗେଟ କରି ବିଜେପି ଯେଉଁ ରଣନୀତି ତିଆରି କରିଥିଲା, ସେଥିରେ ସଫଳ ହୋଇଛି । ନିର୍ବାଚନରେ ଟିଏମ୍‌ସିର ସେହି ଦୁର୍ଗଗୁଡ଼ିକ ଭୁଶୁଡ଼ି ପଡ଼ିଛି । ଟିଏମ୍‌ସିର ତଳିଆ କର୍ମକର୍ତ୍ତାଙ୍କ ବିରୋଧରେ ଜନଆକ୍ରୋଶ, ନିର୍ବାଚନ ପ୍ରଚାର ଅଭିଯାନରେ ସାଂପ୍ରଦାୟିକ ଭିତ୍ତିରେ ଧ୍ରୁବୀକରଣ ଏବଂ ଏସ୍‌ଆଇଆର ମମତା ସରକାର ପତନର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି । ମୋଦୀ ହାୱା ସତ୍ତ୍ୱେ ଗତ ନିର୍ବାଚନରେ ୨୧୫ ଆସନ ଜିତିଥିବା ମମତାଙ୍କ ଟିଏମସି ଏଥର ମାତ୍ର ୮୧ଟି ଆସନ ସହ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଟିଏମ୍‌ସିର ଏମିତି ଶୋଚନୀୟ ପରାଜୟ କେବଳ ବିରୋଧୀଙ୍କୁ ନୁହେଁ; ରାଜନୀତି ବିଶ୍ଳେଷକମାନଙ୍କୁ ମଧ୍ୟ ହତବାକ୍ କରିଦେଇଛି । ରାଜ୍ୟ ବିଧାନସଭାର ୨୯୪ ଆସନ ମଧ୍ୟରୁ ୨୦୬ ଆସନ ଦଖଲ କରି ବିଜେପି ପ୍ରଥମ ଥର ଲାଗି ସରକାର ଗଠନ କରିବାକୁ ଯାଉଛି । ଓଡ଼ିଶା ଓ ବିହାର ପରେ ପଶ୍ଚିମବଙ୍ଗ ହେଉଛି ଏମିତି ରାଜ୍ୟ ଯେଉଁଠାରେ କି ▶ପୃଷ୍ଠା-୧୧

## 'ଗଙ୍ଗୋତ୍ରୀରୁ ଗଙ୍ଗାସାଗର ଯାଏଁ ପଦ୍ମ'

ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ବିଜେପିର ବିଜୟ ଯାତ୍ରାକୁ ନେଇ ସାମାଜିକ ଗଣମାଧ୍ୟମରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଅନୁରୂପ ଭାବରେ ନୂଆଦିଲ୍ଲୀରେ ଦଳର ମୁଖ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ପ୍ରଦାନ ଅବସରରେ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଅବିସ୍ମରଣୀୟ ବୋଲି ଅଭିହିତ କରି ଗଙ୍ଗୋତ୍ରୀରୁ ଗଙ୍ଗାସାଗର ପର୍ଯ୍ୟନ୍ତ ପଦ୍ମ ଫୁଟିଛି ଓ ଦଳର କର୍ମକର୍ତ୍ତାଙ୍କ ବର୍ଷ ବର୍ଷର କଠିନ ପରିଶ୍ରମ ସଫଳତାରେ ପରିଣତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଅତୀତରେ ସମୃଦ୍ଧ ଭାରତର ତିନିଟି ଦୃଢ଼ ସ୍ତମ୍ଭ ଥିଲା ଅଙ୍ଗ-ବଙ୍ଗ-କଳିଙ୍ଗ । କଳିଙ୍ଗ ଭାରତ ମହାସାଗରରେ ସାମୁଦ୍ରିକ ବାଣିଜ୍ୟର ରାଜା ଥିଲା । ନାଳନ୍ଦା ଏବଂ ବିକ୍ରମଶିଳା ଭଳି ଶିକ୍ଷା କେନ୍ଦ୍ର ଅଙ୍ଗକୁ ସମୃଦ୍ଧ କରିଥିଲା ▶ପୃଷ୍ଠା-୧୧



**ସମୃଦ୍ଧ ଭାରତର ୩ ସ୍ତମ୍ଭ- ଅଙ୍ଗ, ବଙ୍ଗ, କଳିଙ୍ଗ**

## ହାଇୱାକୁ ପିଟିଲା ବୋଲେରୋ

# ୫ ବରଯାତ୍ରୀ ମୃତ, ୯ ଗୁରୁତର



■ କବାଟବନ୍ଧ/ବଡ଼ଚଣା, ୪।୫ (ସମିସ): ସୋମବାର ସକାଳେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଛାତିଥରା ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ମୃତାହତ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ବୋଲି ଜଣାପଡ଼ିଛି ।

**ମୁଖ୍ୟମନ୍ତ୍ରୀଙ୍କ ଶୋକ; ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା**

ସୂଚନାନୁସାରେ, ରବିବାର ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କିଛି ଲୋକ କେନ୍ଦୁଝର ଜିଲ୍ଲାରେ ଏକ ବିବାହ ଉତ୍ସବକୁ ବରଯାତ୍ରୀ ଭାବେ ଯାଇଥିଲେ । ସେଠାରେ କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ନିଜ ଗାଁଠାରୁ ମାତ୍ର ୨୦ କିଲୋମିଟର ପୂର୍ବରୁ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ବରଯାତ୍ରୀ ନେଇ ଫେରୁଥିବା ବୋଲେରୋଟି ଏକ ହାଇୱାକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋରେ ଥିବା ୧୪ ବରଯାତ୍ରୀଙ୍କ ମଧ୍ୟରୁ ୫ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ୯ଯାତ୍ରୀ ଗୁରୁତର ▶ପୃଷ୍ଠା-୧୧




# ପୁରୀ ରଥଚକ ଶାବର ଶ୍ରୀକ୍ଷେତ୍ରରେ ସ୍ଥାପିତ

## ୫ରେ କୋଟିଆରେ ସ୍ଥାପନ ହେବ ରଥଚକ






କୋରାପୁଟ,୪।୫(ସମିସ) : ଶ୍ରୀକ୍ଷେତ୍ର ପୁରୀରୁ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ ଆସି ଶାବର ଶ୍ରୀକ୍ଷେତ୍ରରେ ସ୍ଥାପନ କରାଯାଇଛି। ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ପହଞ୍ଚିବା ପରେ ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ ଘଣ୍ଟା, ହୁଳହୁଳି ଓ ହରିବୋଲ ପକାଇ କୀର୍ତ୍ତନ ମଣ୍ଡଳୀ ସଭ୍ୟ ଓ ସଭ୍ୟା ମାନଙ୍କ ସହ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ, ଲକ୍ଷ୍ମୀପୁର ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖଙ୍କ ସହ ଶତାଧିକ ଭକ୍ତ ମାନେ ସହର ପରିକ୍ରମା କରିବା ପରେ ମନ୍ଦିରରେ ସ୍ଥାପନ କରାଯାଇଛି। ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସକ ତଥା ଅତିରିକ୍ତ ଶାସନ ସଚିବ ଅରବିନ୍ଦ ପାଢୀଙ୍କ ସହଯୋଗରେ ଆଜି କୋରାପୁଟ ଜଗନ୍ନାଥ ମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ରଥର ଚକ ସ୍ଥାପନ କରାଯାଇଛି ବୋଲି ସଂପାଦକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏଥିସହ ଜିଲ୍ଲା ପ୍ରଶାସନ ଓ ଲକ୍ଷ୍ମୀପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ମଧ୍ୟ ସହଯୋଗ ରହିଥିଲା ବୋଲି ସେ କହିଛନ୍ତି। ଏଥି ପୂର୍ବରୁ କୋରାପୁଟ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ରଥର ଚକ ସ୍ଥାପନ ହୋଇସାରିଛି। ଯେଉଁ ଭକ୍ତମାନେ ପୁରୀ ଯାଇ ପାରୁ ନାହାନ୍ତି, ସେମାନେ ଶାବର ଶ୍ରୀକ୍ଷେତ୍ରରେ ପୁରୀର ରଥ ଚକକୁ ଦର୍ଶନ କରିପାରିବେ । ଫଳରେ ଏହି ସ୍ଥାନରେ ମହତ୍ତ୍ୱ ଆହୁରି ବଢିଯିବ ବୋଲି ସେ କହିଛନ୍ତି। ଆସନ୍ତା ୫ ତାରିଖ ସୋମବାର ଦିନ କୋଟିଆ ଜଗନ୍ନାଥ ମନ୍ଦିରରେ ଦେବୀ ସୁଭଦ୍ରାଙ୍କ ରଥର ଚକ ସ୍ଥାପନ କରାଯିବ। ରାଜ୍ୟର ରାଜସ୍ୱ ମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ପୂଜା ଅର୍ଚ୍ଚନା କରାଯାଇ ଦେବୀ ସୁଭଦ୍ରାଙ୍କ ରଥର ଚକ ସ୍ଥାପନ କରାଯିବ। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।


● ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପରିବହନ ନିଗମ କର୍ତ୍ତୃପକ୍ଷଙ୍କ ଅଣଦେଖା

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ଗ୍ରାଚ୍ୟୁଇଟି ଟଙ୍କା

ଜୟପୁର,୪।୫(ସମିସ): ଓଡିଶା ରାଜ୍ୟ ପରିବହନ ନିଗମର ଅବସରପ୍ରାପ୍ତ କର୍ମଚାରୀ ମାନେ ଦୀର୍ଘ ବର୍ଷ ଧରି ସେମାନଙ୍କ ଗ୍ରାଚ୍ୟୁଇଟି ଟଙ୍କା ପାଇ ନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ଠାରେ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ସାକ୍ଷାତ କରିବା ସହିତ ଲିଖିତ ଅଭିଯୋଗ ଅବସରପ୍ରାପ୍ତ କର୍ମଚାରୀ ମାନେ କରିଛନ୍ତି। ବିଗତ ଦିନରେ ସେମାନଙ୍କ ଚାକିରି ଜୀବନର ଅବସର ପରେ ପ୍ରାପ୍ୟ ହେବାକୁ ଥିବା ଗ୍ରାଚ୍ୟୁଏଟି ଟଙ୍କା ପ୍ରଦାନ ନେଇ ନିଗମର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏ ନେଇ ଗତ ଜିଲ୍ଲାପାଳଙ୍କ ଜୟପୁର ଏବଂ କୁନ୍ଦୁରା ବ୍ଲକ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳ ତୁରନ୍ତ ଏଥିନେଇ ଜୟପୁର ତହସିଲଦାରଙ୍କ ଦାୟୀତ୍ୱ ପ୍ରଦାନ କରିଥିଲେ। ତହସିଲଦାର ଜୟପୁର ନିଗମ ଡିପୋର ଡିଟିଏମଙ୍କ ସହିତ ଆଲୋଚନା ସହିତ ଅବସରପ୍ରାପ୍ତ କର୍ମଚାରୀ ଗ୍ରାଚ୍ୟୁଏଟି ଟଙ୍କା ଦେବାକୁ ବ୍ୟବସ୍ଥା କରିବାକୁ କହିଥିଲେ। କିନ୍ତୁ ଜୟପୁର ନିଗମର ଡିଟିଏମ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଏଥିନେଇ କୌଣସି ପଦକ୍ଷପ ଗ୍ରହଣ କରିନଥିବା ବେଳେ ପାଲଟା ବିଭିନ୍ନ ଆଳ ଦେଖାଇ ବିଳମ୍ବ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିନେଇ ଆଜି ନିଗମର କର୍ମଚାରୀ ମାନେ ଜିଲ୍ଲାପାଳ ଶ୍ରୀ ମହାଜନଙ୍କୁ ସାକ୍ଷାତ ବେଳେ ଏହି ସମସ୍ୟାର ସମାଧାନ କରିବା ନେଇ ଲିଖିତ ଅଭିଯୋଗ କରିଛନ୍ତି।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୧୨ ବିଦ୍ୟାର୍ଥୀ ପୁରସ୍କୃତ









ସୁନାବେଡ଼ା, ୪।୫(ସମିସ): 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ତୃତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତା ୪ଟି ବର୍ଗରେ ହୋଇଥିଲା। ଏଥିରେ ' କଳା ଓ ସଂସ୍କୃତି ପରିଷଦ' ର ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ପ୍ରାରମ୍ଭିକ-୧ ବର୍ଗରେ ସମୃଦ୍ଧି ସାମଲ ପ୍ରଥମ ସ୍ଥାନ, ଅନୁରାଗ ସାହୁ ଦ୍ୱିତୀୟ ସ୍ଥାନ, ପ୍ରାରମ୍ଭିକ-୨ରେ ଦର୍ଶିନୀ ସାହୁ ତୃତୀୟ ସ୍ଥାନ, ଉଚ୍ଚ ପ୍ରାଥମିକରେ ଶୁଭ୍ରାଂଶୁ ବେହେରା ପ୍ରଥମ ସ୍ଥାନ, ଯାଜ୍ଞସିନି ସାହୁ ଦ୍ୱିତୀୟ ସ୍ଥାନ ,ମନନ୍ୟା ଚାନ୍ଦ ତୃତୀୟ ସ୍ଥାନ, ମାଧ୍ୟମିକରେ ଦେବାଂଶୀ କୁଳଦୀପ ପ୍ରଥମ ସ୍ଥାନ,୨ୟ ବର୍ଷରେ ନୈତିକ ସାହୁ ଦ୍ୱିତୀୟ ସ୍ଥାନ,୨ୟ ବର୍ଷରେ ଶୁଭସ୍ମିତା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରାଲିପ୍ତା ମହାପାତ୍ର , ମାଳତୀ ବାସ୍କେ , ପ୍ରିୟାଂଶୁ ମାଇତି ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରାପ୍ତ ପାଇଁ ମନୋନୀତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ନୃତ୍ୟ ଶିକ୍ଷୟତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଏ୧ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ



କୋରାପୁଟ,୪।୫(ସମିସ): କୋରାପୁଟ ଜିଲ୍ଲାରେ ଦଶମ ବୋର୍ଡର୍ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଏ ୧ ଗ୍ରେଡ୍ ପାଇଥିବା ଜିଲ୍ଲାର ୧୯ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଭବିଷ୍ୟତରେ ଶିକ୍ଷାର ମୂଲ୍ୟବୋଧ, ଶିଷ୍ଟାଚାର ଓ ଦାୟିତ୍ୱବୋଧ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜ ସଫଳତାର ଅନୁଭବକୁ ବଖାଣିଥିଲେ ଏବଂ କିପରି ଅଧ୍ୟୟନ, ଶିକ୍ଷକଙ୍କ ମାର୍ଗଦର୍ଶନ ଓ ପରିବାରର ସମର୍ଥନ ତାଙ୍କୁ ଏହି ସଫଳତାରେ ପହଞ୍ଚାଇଛି ସେ ବିଷୟରେ କହିଥିଲେ। ଶିକ୍ଷାକୁ ସହଜ ଓ ସୁଗମ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଚାଲୁଥିବା 'ଜ୍ଞାନ ଦ୍ୱୀପ' କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଦଶମ ବୋର୍ଡର୍ ପରୀକ୍ଷାରେ ଜିଲ୍ଲାର ପ୍ରଦର୍ଶନ ଉନ୍ନତ ହୋଇଥିବା ଜିଲ୍ଲାପାଳ କହିଛନ୍ତି।

# ବଜ୍ରାଘାତରେ ଚାଷୀ ମୃତ

ନାରାୟଣପାଟଣା,୪।୫(ସମିସ): ଆଜି ଅପରାହ୍ନରେ ବିଲରେ ଚାଷ କରୁଥିବା ଜଣେ ଚାଷୀ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତ ଚାଷୀ ଜଣକ ହେଉଛନ୍ତି କାମେୟାଶିରିକା (୪୫)। ବିଜାଘାଟି ପଞ୍ଚାୟତର ଝଡିପଦର ଗାଁରେ ଅପରାହ୍ନ ୪ଟା ସମୟରେ ବାରିପଟ ବିଲରେ ସେ ହଳ କରୁଥିବା ବେଳେ ଝିପିଝିପି ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଏହି ସମୟରେ ବିଜୁଳି ପଡ଼ିଥିଲା କମନା ଶିରିକାଙ୍କ ଉପରେ। ସେ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକ ବାରିପଟରେ କଣ ହେଲା ବୋଲି ଦେଖିବାକୁ ଗଲା ବେଳକୁ ବଜ୍ରପାତର ଶିକାର ହୋଇ କମନା ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ଏନେଇ ସରପଞ୍ଚ ପିଲିବ ଶିରିକାଙ୍କୁ ସୂଚନା ଦିଆଯାଇଥିଲା। ବ୍ଲକ ସଦର ମହକୁମାରୁ ଝଡିପଦର ଗାଁ ୩୨ କିଲୋମିଟର ହୋଇଥିବାରୁ ଶବ ଆସିପାରିନି। ଏନେଇ ପରିବାର ବର୍ଗ ପୁଲିସକୁ ସୂଚନା ଦେଇଥିବା ଜଣାପଡ଼ିଛି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ୧୩ ବର୍ଷ ଧରି ଅପେକ୍ଷା; ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମିଳୁନି ବକେୟା



ଜୟପୁର,୪।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକରେ ପୂର୍ବରୁ କାର୍ଯ୍ୟରତ ଥିବା ଅବସରପ୍ରାପ୍ତ ଶିକ୍ଷକମାନେ ଗତ ୧୩ ବର୍ଷ ଧରି ସରକାରଙ୍କ ପକ୍ଷରୁ ଅବସରକାଳୀନ ବକେୟା ଅର୍ଥ ପାଇନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଅଭିଯୋଗ କରିଛନ୍ତି। ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଗତ ଜାନୁଆରୀ ୨୦୧୩ ମସିହା ଠାରୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଆରଏସିପି ମଞ୍ଜୁର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୩୫୦ରୁ ଅଧିକ ଶିକ୍ଷକ ବକେୟା ଅର୍ଥ ରାଶି ନ ପାଇନାହାଁନ୍ତି। ଏଥିନେଇ ଶିକ୍ଷକମାନେ ବିଭାଗୀୟ ଅଧିକାରୀ ମାନଙ୍କୁ ଗତ ୨୦୨୩ ମସିହାରୁ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଗତ ଦୀର୍ଘ ୧୩ ବର୍ଷର ବିଭାଗ ପକ୍ଷରୁ ବାରମ୍ବାର ଅଣଦେଖା କରୁଛନ୍ତି। ପ୍ରାୟ୨ଶହରୁ ଅଧିକ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ୨୧ ଜଣ ଶିକ୍ଷକ ମୃତ୍ୟୁବରଣ କରିଥିବା ବେଳେ ଅଧିକାଂଶ ଶିକ୍ଷକ ରୋଗାକ୍ରାନ୍ତ ହୋଇଛନ୍ତି । ସମଗ୍ର ଓଡିଶାରେ ସମସ୍ତ ଜିଲ୍ଲା ଓ ସମସ୍ତ ବ୍ଲକର ଆରଏସିପି ବକେୟା ପାଇସାରିଥିବା ବେଳେ କେବଳ ଜୟପୁର ବ୍ଲକର ୩୫୦ରୁ ଅଧିକ ଶିକ୍ଷକ ଏହି ସୁବିଧାରୁ ସମ୍ପୂର୍ଣ୍ଣ ବଞ୍ଚିତ ରହିଛନ୍ତି। ସରକାରଙ୍କ ଏହି ଅର୍ଥ ଶିକ୍ଷକମାନଙ୍କ ପ୍ରାପ୍ୟ ପାଇଁ ଅଧିକାର ରହିଛି। ଜିଲ୍ଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ, ଆବଶ୍ୟକ ସ୍ଥଳେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ଗ୍ରହଣ କରିବାକୁ ବାଧ୍ୟହେବେ ବୋଲି ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ମହାଜନ ଶିକ୍ଷା ବିଭାଗ ସହିତ ଆଲୋଚନା କରିବା ସହିତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

## ମାଟ୍ରିକ ପରୀକ୍ଷାରେ ଏ୧ରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ଜିଲ୍ଲାପାଳଙ୍କ ଶୁଭେଚ୍ଛା

# ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଦେଲେ ପରାମର୍ଶ



ରାୟଗଡ,୪।୫(ସମିସ): ଶନିବାର ପ୍ରକାଶ ପାଇଛି ୨୦୨୬ ବର୍ଷର ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷାଫଳ। ରାୟଗଡ଼ ଜିଲ୍ଲାରେ ପାସ ହାର ୯୬.୫ପ୍ରତିଶତ ରହିଛି। ଚଳିତ ବର୍ଷ ଜିଲ୍ଲାରେ ୬ଜଣ ପରୀକ୍ଷାର୍ଥୀ ଏ ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୋମବାର ଦିନ ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିଜ ଦପ୍ତରରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇ ଉତ୍ସାହିତ କରିଛନ୍ତି। ଏଥିସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି। ରାୟଗଡ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଓ ବିଜ୍ଞାନ ସୁପରଭାଇଜର ଦୀପକ ବେହେରାଙ୍କ ଉପସ୍ଥିତିରେ ଏ୧ ଗ୍ରେଡରେ ୫୫୪ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଜିଲ୍ଲା ଟପ୍ପର ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ମନସ୍ୱନୀ ଦାଶ, ଦ୍ୱିତୀୟ ସ୍ଥାନରେ ଥିବା ଆମ୍ବଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସ୍ୱୀକୃତି ରଥ, ତୃତୀୟରେ ଇମ୍ପା କ୍ୟାମ୍ପସ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଦେଷ୍ଣା ପାଣିଙ୍କ ସହ ଚତୁର୍ଥ, ପଂଚମ ଓ ଷଷ୍ଠ ସ୍ଥାନ ଅଧିକାରୀ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସିଦ୍ଧେଶ୍ୱର ଶବର, ସାଇ ଆର୍ଶିବାଦ ରଥ, ରାଜେଶ୍ୱରୀ ବେହେରା ଏବଂ ତାଙ୍କ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ସମସ୍ତ ଅଭିଭାବକଙ୍କୁ ପିଲାମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ସଠିକ୍ ଦିଗଦର୍ଶନ ନେଇ ପଦକ୍ଷେପ ନେବାକୁ କହିଥିବା ବେଳେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ କିଏ କଣ ହେବାକୁ ସ୍ଥିର କରିଛନ୍ତି ସେ ବିଷୟରେ ପଚାରି ବୁଝିବା ସହ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ସେମାନଙ୍କ ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଜିଲ୍ଲା ଓ ରାଜ୍ୟର ନାମକୁ ଆହୁରି ଗୌରବାନ୍ୱିତ କରିବ ବୋଲି ପରାମର୍ଶ ଦେବା ସହ ସେମାନଙ୍କ ସଫଳତା ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏଭଳି ଟପ୍ପରଙ୍କୁ ଆଦର୍ଶ ଭାବେ ନେଇ ଆଗକୁ ବଢିବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି।

# ଅନାଥ ବାଳିକାକୁ ସହାୟତା ନେଇ ପ୍ରଶାସନ ଦ୍ୱାରସ୍ଥ



ଜୟପୁର,୪।୫(ସମିସ): ଜୟପୁର ସହରର ହାନାଗୁଡ଼ା ଅଞ୍ଚଳର ବାପା ଓ ମା ଛେଉଣ୍ଡ ଅନାଥ ଝିଅ ରିଧିମା ଧାନଫୁଲଙ୍କୁ ସହାୟତା ପ୍ରଦାନ କରିବା ନେଇ ସ୍ଥାନୀୟ ଯୁବତୀ ଓ ବାଳିକା ମାନେ ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ସାକ୍ଷାତ ବେଳେ ବାଳିକା ରିଧିମା ଛୋଟ ଛୁଆ ବେଳେ ନିଜ ବାପା ଓ ମା'ଙ୍କୁ ହରାଇ ଅନାଥ ହୋଇଯାଇଥିଲେ। ନିଜର ବୁଢ଼ୀ ଜେଜେମାଙ୍କ ନିକଟରେ ରହୁଛନ୍ତି। କିନ୍ତୁ ପାଠ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଅଭାବ ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଜେଇଏଲସି ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଛନ୍ତି। ଭବିଷ୍ୟତରେ ଶିକ୍ଷା ଜାରି ରଖିବା ପାଇଁ ଆର୍ଥିକ ସହାୟତା ଆବଶ୍ୟକ ବୋଲି ସେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଏହି ଅଭିଯୋଗ ଶୁଣି ଜିଲ୍ଲାପାଳ ଶିକ୍ଷା ବିଭାଗକୁ ବାଳିକାଙ୍କ ପାଠ ପଢା ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ପିଲାମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି ବୋଲି ଉଲ୍ଲେଖ କରି ରିଧିମାଙ୍କ ଶିକ୍ଷା ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଯୁବତୀମାନେ ରିଧିମାଙ୍କ ପାଇଁ ସହାନୁଭୂତି ପ୍ରକାଶ କରି ତାଙ୍କୁ ଆର୍ଥିକ ଓ ଶିକ୍ଷାଗତ ସହାୟତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ଝାଲମୁଡି ଖାଇ ବିଜେପି ପାଳିଲା ବିଜୟ ଉତ୍ସବ

ବୈପାରୀଗୁଡା, ୪।୫(ସମିସ): ବୈପାରୀଗୁଡାରେ ଝାଲମୁଡି ଖାଇ ବିଜେପି ପାଳିଛି ବିଜୟ ଉତ୍ସବ। ବୈପାରୀଗୁଡା ସଦର ମହକୁମା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକରେ ବାଣ ଫୁଟାଇ ଉତ୍ସବ ପାଳିଛନ୍ତି ଦଳୀୟ ନେତା ଓ କର୍ମୀ। ପରସ୍ପରକୁ ଝାଲମୁଡି ଖୁଆଇ ଅଭିନନ୍ଦନ ଜଣାଇଛନ୍ତି। ଦଳୀୟ କର୍ମୀଙ୍କ ମହଲରେ ଜମିଛି ସେଲିବ୍ରେସନ। ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ର୍ ବିଜୟ ହେବା ପରେ ଏଭଳି ବିଜୟ ଉତ୍ସବ ପାଳିତ ହୋଇଯାଇଛି।

# ମଝିଘରିଆଣୀ ପର୍ବ ଉଦ୍‌ଯାପିତ



ରାୟଗଡ଼, ୪।୫(ସମିସ): ରାୟଗଡ଼ ରେଳବାଇ ଖେଳପଡ଼ିଆ ଠାରେ ଇଷ୍ଟକୋଷ୍ଟ ରେଳବାଇ ମା' ମଝିଘରିଆଣି ପୂଜା କମିଟି ପକ୍ଷରୁ ମହାଆଡମ୍ବରରେ ପାଳିତ ହୋଇଥିଲା ବାର୍ଷିକ ଚୈତ୍ର ପର୍ବ। ଗତମାସ ୨୮ ତାରିଖରୁ ଆରମ୍ଭ ହୋଇଥିଲା ମା' ମଝୀଘରିଆଣିଙ୍କ ଘଣ୍ଟଯାତ୍ରା। ପୂଜା କମିଟି ସଦସ୍ୟ ଅଶୋକ କୁମାର ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ଓ ସୁରୁଖୁରୁରେ ପର୍ବ ପାଳିତ ହୋଇଛି। ପ୍ରତ୍ୟେକ ଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ରବିବାର ଦିନ ଏହି ଘଣ୍ଟପର୍ବ ଉଦଯାପିତ ହୋଇଥିଲା। ସୁଦୂର ଆନ୍ଧ୍ର ପ୍ରଦେଶରୁ ଆସିଥିବା ବାଘ ନାଟ, ଦେବୀଦେବତାଙ୍କ ରୂପରେ ସୁସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ କଳାକାର। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ରେଳବାଇ ଖେଳ ପଡ଼ିଆରୁ ବାହାରି ଦୈନିକ ବଜାର ହୋଇ ମଝିଘରିଆଣୀ ମନ୍ଦିର ପହଞ୍ଚିଥିଲା। ୨୦୨୩ରୁ ଆରମ୍ଭ ହୋଇଥିବା ଏହି ପର୍ବ ଆଜକୁ ୪ବର୍ଷ ଧରି ରାୟଗଡ଼ ଇଷ୍ଟକୋଷ୍ଟ ରେଳବାଇର ୧୧ଗୋଟି ବିଭାଗ ମିଶି ଏହି ପର୍ବକୁ ସଫଳ କରିଥିବାରୁ ଶ୍ରୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କୋଲାବ ନଦୀରେ ଜଳ ଅଭାବ

# ରବିଧାନ ନଷ୍ଟ, ଜିଲ୍ଲାପାଳଙ୍କୁ ଗୁହାରି



ଜୟପୁର,୪।୫(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ଦିଗାପୁର ଗ୍ରାମପଞ୍ଚାୟତର ଚାଷୀ ମାନେ ଧାନ ଚାଷରେ ଫସଲ ଉତ୍ପାଦନ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସୁନାମ ରହିଛି। କିନ୍ତୁ ବର୍ତ୍ତମାନ ଚାଷୀ ମାନେ ଜଳପାଇଁ ନିର୍ଭର କରୁଥିବା କୋଲାବ ନଦୀରେ ଜଳର ଅଭାବ ଯୋଗୁଁ ସେମାନଙ୍କ ପ୍ରାୟ ୧୦ରୁ ଅଧିକ ଏକର ଜମିରେ ପାଣିର ଅଭାବ ଦେଖାଦେଇଛି। ଏହିପରି ପ୍ରବଳ ଖରାକୁ ପାଣି ନ ପାଇ ଧାନ ଗଛଗୁଡିକ ପୋଡିଯିବାରେ ଲାଗିଛି ବୋଲି ଚାଷୀ ମାନେ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଅଭିଯୋଗ କରିଛନ୍ତି। ତେଣୁ କୋଲାବ ଜଳଭଣ୍ଡାରର ମୁଖ୍ୟ ଫାଟକ ଦେଇ ପାଣି କୋଲାବ ନଦୀରେ ଛାଡିବା ନେଇ ଅନୁରୋଧ କରିଛନ୍ତି। କିନ୍ତୁ ଏହା ରାଜ୍ୟ ସରକାରଙ୍କ ନିଷ୍ପତି ଗ୍ରହଣ କରିବେ। ଏଥିନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଅନ୍ୟପକ୍ଷରେ ନଦୀରେ ଅସ୍ଥାୟୀ ଡ୍ୟାମ୍ ନିର୍ମାଣ କରାଯାଇ ନଦୀରୁ ଉଠାଜଳସେଚନ କରାଯାଇ ଜମିକୁ ପାଣି ମଡାଇବା ବ୍ୟବସ୍ଥା କରାଯିବା ନେଇ ବିଭାଗକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

ପ୍ରକାଶ ଯେ, କୋଲାବ ନଦୀରେ ଉଠାଜଳସେଚନ ମାଧ୍ୟମରେ ଦିଗାପୁର ଅଞ୍ଚଳର ଚାଷୀ ମାନେ ନିଜ ନିଜ ଜମିକୁ ରବିଧାନ ଚାଷ ପାଇଁ ପାଣି ନେଇଥାଆନ୍ତି। କିନ୍ତୁ ଚଳିତ ବର୍ଷ ପାଣିର ଅଭାବ ଦେଖାଦେଇଛି। ଜୟପୁର ବ୍ଲକର ଡଙ୍ଗରଛିଞ୍ଚି, ଟାଙ୍କୁଆ ଏବଂ ବାଲିଆ ପଞ୍ଚାୟତରେ ପୁରାତନ କେନାଲର ମରାମତି ଓ ନିର୍ମାଣ କାର୍ଯ୍ୟ ଚାଲିଥିବା ଯୋଗୁଁ ଚଳିତ ବର୍ଷ ଏହି ୩ଟି ପଞ୍ଚାୟତରେ ଚାଷ କାର୍ଯ୍ୟ ହୋଇନାହିଁ। ତେଣୁ ଉକ୍ତ କେନାଲ ଦେଇ ବଳକା ପାଣି କୋଲାବ ନଦୀକୁ ଯାଉଥିଲା ତାହା ସମ୍ପୂର୍ଣ୍ଣ ବନ୍ଦ ରହିଛି। ତେଣୁ ଏହି ଦିଗାପୁର ଅଞ୍ଚଳରେ ଜଳର ଅଭାବ ଦେଖାଦେଇଛି ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି।

# କଟକ ସିଟି





## ଅକ୍ଷୟ ମାଳିଆ ହତ୍ୟା ମାମଲାରେ ସୁଶାନ୍ତ ଧଳସାମନ୍ତଙ୍କୁ ଜାମିନ

**କଟକ, ୪।୫(ସମିସ):** ଗତ ୨୦୦୪ ମସିହାରେ କଟକ ବିଡାନାସୀ ଥାନା ଅଞ୍ଚଳରେ ଘଟିଥିବା ଅକ୍ଷୟ ଓରଫ ଅଖନା ମାଳିଆ ହତ୍ୟା ମାମଲାରେ ସୁଶାନ୍ତ ଧଳସାମନ୍ତ ହାଇକୋର୍ଟରୁ ଜାମିନ ପାଇଛନ୍ତି। ହାଇକୋର୍ଟ ମାମଲାର ଶୁଣାଣି କରି ସୁଶାନ୍ତଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ବିଡାନାସୀ ଥାନାରେ ରୁଜୁ ଏହି ମାମଲାରେ ସୁଶାନ୍ତ ଅଭିଯୁକ୍ତ ରହିଥିବା ବେଳେ ତା ବିରୋଧରେ ଜାମିନ ବିହୀନ ଗିରଫ ପରଓନା ରହିଥିଲା। ସହ ଅଭିଯୁକ୍ତଙ୍କ ସହିତ ବନ୍ଧୁକରୁ ଗୁଳି କରି ସୁଶାନ୍ତ ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗ ରହିଥିଲା। ଫେରାର ଥିବାରୁ ତା ବିରୋଧରେ ଥିବା ଏହି ହତ୍ୟା ମାମଲାର ଶୁଣାଣି ହୋଇପାରି ନ ଥିଲା। ଅନ୍ୟ ମାମଲାରେ ଗତ ୨୦୧୬ରେ ସୁଶାନ୍ତ ଗିରଫ ହେବା ପରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆଇପିସିର ଦଫା ୧୨୦-ବି, ୩୦୨, ୩୪, ଆର୍ମସ ଆକ୍ଟର ଧାରା ୨୫, ୨୭ରେ ସୁଶାନ୍ତ ବିରୋଧରେ ଅଭିଯୋଗ ରହିଥିଲା। କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ସୁଶାନ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁଶାନ୍ତ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଆଇନଜୀବୀ ଚନ୍ଦନ ସାମନ୍ତରାୟ ଓ ପ୍ରସନ୍ନ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ନମ୍ବର ପ୍ଲେଟ୍ ବିକୃତ, ବାଇକ୍ ଜବତ

**କଟକ, ୪।୫(ସମିସ):** ଟ୍ରାଫିକ୍ ନିୟମକୁ ଫାଙ୍କିବା ପାଇଁ ଗାଡ଼ିର ନମ୍ବର ପ୍ଲେଟ୍ ବିକୃତ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ମୁଖ୍ୟତଃ ପୁଲିସର ଇ-ଚାଲାଣରୁ ବର୍ତ୍ତିବା ପାଇଁ ନମ୍ବର ପ୍ଲେଟକୁ ବିକୃତ କରିବା ଅଭିଯୋଗରେ ମଧୁପାଟଣା ଥାନା ପୁଲିସ ଏକ ବାଇକ୍‌କୁ ଜବତ କରିବା ସହ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରିଛି। ସହରରେ ଅନେକ ଦୁଇଚକିଆ ଯାନ ଚାଳକ ନମ୍ବର ପ୍ଲେଟର ଅଧା ନମ୍ବର ଉପରେ ଷ୍ଟିକର ମାରି କିମ୍ବା ଅନ୍ୟ କୌଣସି ଉପାୟରେ ନମ୍ବରକୁ ଅସ୍ପଷ୍ଟ କରି ବୁଲୁଥିବା ନଜରକୁ ଆସିବା ପରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଆଜି ମଧୁପାଟଣା ଛକ ନିକଟରେ ଯାଞ୍ଚ ସମୟରେ ଏଭଳି ଏକ ବିକୃତ ନମ୍ବର ପ୍ଲେଟ୍ ଥିବା ବାଇକ୍ ଧରାପଡ଼ିଥିଲା। ପୁଲିସ ବାଇକ୍‌କୁ ଜବତ କରିବା ସହ ଫକିରପଡ଼ା ଅଞ୍ଚଳର ଚାଳକ ରାଜେଶ ସ୍ୱାଇଁଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଛି। ଏଥିସହିତ ତାଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପୁଲିସ ପକ୍ଷରୁ ସୁପାରିଶ କରାଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ସ୍ପଷ୍ଟ କରିଛି।

## ବସ୍ ଧକ୍କାରେ ଯାତ୍ରୀ ଗୁରୁତର

**କଟକ, ୪।୫(ସମିସ):** ମଧୁପାଟଣା ଥାନା ସମ୍ମୁଖରେ ଘରୋଇ ବସ୍ ଧକ୍କାରେ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପୁଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଜବତ ହୋଇଥିବା ବେଳେ ଚାଳକକୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ ୩ଟା ସମୟରେ ଭୁବନେଶ୍ୱର-ଚାନ୍ଦବାଲି ଚଳାଚଳ କରୁଥିବା ରାହୀ ନାମକ ବସ୍‌ଟି ମଧୁପାଟଣା ଥାନା ସମ୍ମୁଖସ୍ଥ ରାସ୍ତାବୁଲି ଓଏମପି ଆଡକୁ ଯାଉଥିଲା। ତେବେ ଏତିକି ବେଳେ ଥାନା ନିକଟରେ ଛିଡ଼ା ହୋଇଥିବା ଦୁଇ ଯାତ୍ରୀ ଉଠିବା ଲାଗି ବସ୍ ଅଟକାଇଥିଲେ। ଦୁଇଯାତ୍ରୀ ବସ୍‌ରେ ଚଢ଼ିବା ଲାଗି ଉଦ୍ୟମ କରିବା ସମୟରେ ହଠାତ୍ ଗାଡ଼ିଟି ଛାଡିଦେଇଥିଲା। ଫଳରେ ଜଣେ ଅଳ୍ପକେ ରକ୍ଷା ପାଇଯାଇଥିବାବେଳେ ଆଉ ଜଣେ ଯାତ୍ରୀ କିନ୍ତୁ କିଛିବାଟ ଘୋଷାରି ହୋଇ ତଳେ ପଡ଼ିଯାଇଥିଲେ। ଗାଡିର ଚକ ତାଙ୍କର ଗୋଡ଼ରେ ଚଢ଼ିଯାଇଥିଲା। ପୁଲିସ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଗାଡିକୁ ଜବତ କରିଥିଲା। ଏହି ଘଟଣାରେ ଚାଳକ ତଥା ଭଦ୍ରକ ବନ୍ତ ଗ୍ରାମର ତ୍ରିଲୋଚନ ଜେନାକୁ ଗିରଫ କରାଯାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**କଟକ, ୪।୫(ସମିସ):** ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କଟକ କଲେକ୍ଟୋରେଟ କର୍ମଚାରୀ ଷ୍ଟାଫ କମିଟିର ନୂତନ ଭାବେ ନିର୍ବାଚିତ କର୍ମକର୍ତ୍ତା ମାନଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ନିର୍ବାଚନ କମିଟିର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମନ୍ତ୍ରୀ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଅଜୟ କୁମାର ମୁଦୁଲି, ସାଧାରଣ ସମ୍ପାଦକ ସୁବ୍ରତ ସାହୁ, ସଂଗଠନ ସମ୍ପାଦକ ସଞ୍ଜୟ ସାହୁ, ସମ୍ପାଦକ ଭାବେ ମଙ୍ଗଳଦୀପ ବୋଷ, ନିଖିଳେଶ ପ୍ରଧାନ, ଅମ୍ବିକା ପ୍ରସାଦ ସାମନ୍ତରାୟ, କମଳ ବେହେରା, ନିରଞ୍ଜନ ଦାସ ପ୍ରମୁଖ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅଥିତି ଭାବରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, କମଲଜିତ ଦାସ, ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।

# ଧଳା ଜହର ମାୟାରେ ରୌପ୍ୟନଗରୀ

**କଟକ, ୪।୫(ସମିସ)**

▶ ସହରରୁ ଧଳାଜହର କାରବାର ମୂଳପୋଛ କରିବାକୁ ଡିସିପିଙ୍କ ସ୍ୱତନ୍ତ୍ର ସ୍କ୍ୱାଡ୍

▶ ବ୍ରାଉନସୁଗର ପେଣ୍ଠସ୍ଥଳ ପାଲଟିଛି ମାଛୁଆବଜାର, କିଲ୍ଲାପଡ଼ିଆ, ନରାଜ ଓ ଜଗତପୁର

କମିଶନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ୍ ହେଲାଣି ଧଳା ଜହର କାରବାର। ପୁଲିସର ଅନୁଧ୍ୟାନ ରେକର୍ଡ ଆଧାରରେ ବର୍ଷକ ମଧ୍ୟରେ ସ୍ଥିତି ଗମ୍ଭିର ହେବାରେ ଲାଗିଛି। ଏହା ଭିତରେ ସହରର ବିଭିନ୍ନ ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ୬୦ପ୍ରତିଶତ ବୃଦ୍ଧି ପାଇଛି। ଆଫଗାନୀସ୍ଥାନରୁ ବ୍ରାଉନ୍‌ସୁଗର ଆସି ବାଙ୍ଗଲାଦେଶର ସୁନ୍ଦରବନରେ ପହଞ୍ଚୁଛି। ସେଠାରୁ ଆନ୍ତଃରାଜ୍ୟ ନିଶା ମାଫିଆମାନେ ଜଳେଶ୍ୱର ଓ ଗଞ୍ଜାମ ନିଶା ବେପାରୀଙ୍କୁ ଯୋଗାଉଛନ୍ତି। ଜଳେଶ୍ୱର ଓ ଗଞ୍ଜାମରୁ ସିଧାସଳଖ ବ୍ରାଉନସୁଗର କଟକ ମଧ୍ୟକୁ ପ୍ରବେଶ କରୁଛି। କଟକରୁ ଉପକୂଳବର୍ତ୍ତୀ ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ ଭଳି ସହରକୁ ଚାଲାଣ କରାଯାଉଛି ବୋଲି କମିଶନରେଟ୍ ପୁଲିସର ସ୍ପେଶାଲ୍ ସ୍କ୍ୱାଡ୍ ସୂଚନା ଦେଇଛି। ବିଶେଷ କରି କଟକ ସହରର ଗଳିକନ୍ଦିରେ ସହଜରେ ବ୍ରାଉନ୍‌ସୁଗର ଉପଲବ୍ଧ ହେଉଛି। ଯୁବବର୍ଗ ଏହି ନିଶା କବଳରେ ପଡ଼ି ଅନେକ ସମୟରେ ଅପରାଧ ଘଟାଉଛନ୍ତି। ସହରରେ ବ୍ରାଉନ୍‌ସୁଗର ଚାଲାଣର ସ୍ଥିତିକୁ ଦେଖି ଏହାକୁ ରୋକିବାକୁ ନିମନ୍ତେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛନ୍ତି। ପ୍ରତ୍ୟେକ ଦିନ ଓ ରାତିରେ ଚଢଉ କରିବାକୁ ବିଭିନ୍ନ ଥାନା ଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଡିସିପି ଶ୍ରୀ ଦ୍ୟାନ୍‌ଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ସହରରେ ଏକ ସୁସ୍ଥ ବାତାବରଣ ବଜାୟ ରଖିବାକୁ ହେଲେ ପ୍ରଥମେ ବ୍ରାଉନ୍‌ସୁଗର କାରବାରକୁ ରୋକିବାକୁ ହେବ। ଖୁବ୍‌ଶୀଘ୍ର କଟକ ସହରରୁ ବ୍ରଉନସୁଗର କାରବାରକୁ ରୋକାଯିବା ସହିତ ଏହି କାରବାରରେ ସମ୍ପୃକ୍ତ ଉଭୟ ନିଶା ମାଫିଆ ଓ ଖୁଚୁରା ବ୍ୟବସାୟୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସହରର ମାଛୁଆବଜାର, କିଲାପଡ଼ିଆ, ନରାଜ ଓ ଜଗତପୁର ବ୍ରାଉନସୁଗର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଖୁଚୁରା ବ୍ୟବସାୟୀମାନେ ବ୍ରାଉନସୁଗରକୁ ସିଗାରେଟ୍‌ରେ ଭର୍ତ୍ତି କରି ବିକ୍ରୟ କରୁଛନ୍ତି। ବ୍ରାଉନ୍‌ସୁଗର ସିଗାରେଟ୍ ପାନ ଦୋକାନ ଗୁଡ଼ିକରେ ସହଜରେ ଉପଲବ୍ଧ ହେଉଛି। ହାତ ପାଆନ୍ତାରେ ଏହି ମାରାତ୍ମକ ନିଶା ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଯୁବକ ତଥା ଛାତ୍ରଗୋଷ୍ଠୀ ବ୍ରାଉନ୍‌ସୁଗର ଭଳି ନିଶା କବଳରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ୨୦୨୩-୨୪ ଆର୍ଥିକ



ବର୍ଷରେ ୯୮କୋଟି, ୨୦୨୨-୨୩ ଆର୍ଥିକ ବର୍ଷରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କଟକରେ ଜିଲ୍ଲାରେ ୬୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିଶା ସାମଗ୍ରୀ ଜବତ କରାଯାଇଥିଲା। ଯାହା ଏହି କାରବାରର ବ୍ରାଉନସୁଗର ବିକ୍ରୟ ବୃଦ୍ଧିକୁ ବୃଦ୍ଧିକୁ ଦର୍ଶାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏନ୍‌ଡିପିଏସ୍ ଆକ୍ଟରେ ୧୭୪ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୧୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୨୩୮୮ ଗ୍ରାମ ବାଉନସୁଗାର ଜବତ ହୋଇଥିଲା। ଜବତ ନିଶା ସାମଗ୍ରୀର ମୂଲ୍ୟ ୧୮ କୋଟି ହେବ ବୋଲି ଆକଳନ କରାଯାଇଥିଲା।

ଅନ୍ୟପକ୍ଷରେ ସହରର ବସ୍ତି ଅଞ୍ଚଳ ଏବେ ନିଶା ମାଫିଆଙ୍କ ଚରାଭୂଇଁ ପାଲଟିଲାଣି। ସେହିଠାରୁ ହିଁ ନିଶା ଚାଲାଣ ଏଜେଣ୍ଟମାନେ ଏହି କାରବାର ଚଳାଉଛନ୍ତି। ମର୍କତନଗର ଏବଂ ମହାନଦୀ ବିହାର ନିକଟସ୍ଥ ବସ୍ତି ଗୁଡ଼ିକରେ ଏହି କାରବାର ବଢ଼ିଚାଲିଛି। ୪ଦିନ ପୂର୍ବରୁ ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦିନଚୌକ ଅଞ୍ଚଳରେ ଜଣେ ପେସାଦାର ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଥିଲା। ଅଭିଯୁକ୍ତ ହେଉଛି ସ୍ଥାନୀୟ ଅଞ୍ଚଳର ଭାବଗ୍ରାହୀ ସେଠୀ(୨୬)। ତା' ପାଖରୁ ୧୪୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୪ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସେହିପରି ୩ଦିନ ପୂର୍ବରୁ ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ଛକ ନିକଟରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଅବକାରୀ ଟିମ ସେଠାରେ ଚଢଉ କରି ଅଭିଯୁକ୍ତକୁ କାବୁ କରିଥିଲା। ତଲାସି ପରେ ତା' ପାଖରୁ ୯୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ଯାହାର ମୂଲ୍ୟ ୯ ଲକ୍ଷ ୨୦ ହଜାର ଟଙ୍କା ହେବ। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

## ବାଙ୍କୀରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**କଟକ, ୪।୫(ସମିସ):** କଟକ ଜିଲ୍ଲାର ବାଙ୍କୀ ବ୍ଲକ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ନିଜର ଅସୁବିଧା ଓ ଦାବି ଗୁଡିକ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଆଜି ସମୁଦାୟ ୩୯ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୨୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୪ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗଗୁଡିକ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ମନସ୍ୱିନୀ ଦାସ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ସମ୍ପର୍କରେ ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥିତ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଜେଲ୍ ଯିବା ଘଟଣା

## ବିଇଓ କାର୍ଯ୍ୟାଳୟରେ ଥଇଥାନକୁ ନେଇ ଆର୍‌ଟିଆଇରେ ମିଳୁନି ତଥ୍ୟ

**କଟକ, ୪।୫(ସମିସ):** କଟକ ଜିଲ୍ଲାରେ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଶିକ୍ଷକ ଜେଲ୍ ଯିବା ଏବଂ ପରେ ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ (ବିଇଓ) କାର୍ଯ୍ୟାଳୟରେ ଥଇଥାନ କରାଯିବା ଘଟଣା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ସୂଚନା ଅଧିକାର ଆଇନ (ଆରଟିଆଇ) ଅନୁଯାୟୀ ଆବେଦନ କରାଯାଇଥିଲେ ମଧ୍ୟ ସଠିକ୍ ତଥ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଣ୍ଟାପଡ଼ା ବ୍ଲକ ଅଧୀନ ମଣିକୁଣ୍ଡା ୟୁପି. ସ୍କୁଲର ଶିକ୍ଷକ ଜ୍ୟୋତିରଞ୍ଜନ ଭୋଇ ସେହି ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ପୀଡ଼ିତାଙ୍କ ବାପା ଗୋବିନ୍ଦପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଅଭିଯୋଗକୁ ଭିତ୍ତି କରି କେସ୍ ନଂ ୬୫/୧୪.୦୩.୨୦୨୬ରେ -୭୫(୨) ଏବଂ ପୋକ୍ସୋ ଆକ୍ଟର ଧାରା ୮ ଓ ୧୨ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଏହି ଗୁରୁତର ଘଟଣାରେ ଶିକ୍ଷା ବିଭାଗ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ତାହା ଜାଣିବା ପାଇଁ ଆରଟିଆଇ କର୍ମୀ ସୁକାନ୍ତ ସେଠୀ ଗତ ମାର୍ଚ୍ଚ ୩୦ ତାରିଖରେ ତଥ୍ୟ ମାଗିଥିଲେ। ମାତ୍ର କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆରଟିଆଇ ଦାୟିତ୍ୱରେ ଥିବା ଅଧିକାରୀ ବବିତା ଭାସ୍କର ଏକ ମାସ ପରେ ମଧ୍ୟ ସଠିକ୍ ତଥ୍ୟ ପ୍ରଦାନ କରିନାହାନ୍ତି। ଆରଟିଆଇ ନିୟମର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଶ୍ରୀ ସେଠୀ ଏବେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଶିକ୍ଷକ ନିଲମ୍ବିତ ହେବା ପରେ କିପରି ଏବଂ କେଉଁ ଆଧାରରେ ତାଙ୍କୁ ପୁଣି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଥଇଥାନ କରାଗଲା, ତାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି।

## ୬ରୁ ଅବଚେତନ ମନ ପାଇଁ ପ୍ରଶିକ୍ଷଣ କର୍ମଶାଳା

**କଟକ, ୪।୫(ସମିସ):** ସାଧନା ମନ୍ଦିର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଦୁଇ ଦିନିଆ ମାନସିକ ଚେତନା ପ୍ରଶିକ୍ଷଣ କର୍ମଶାଳା ଆସନ୍ତା ୬ ତାରିଖରୁ ମହାନଦୀବିହାରସ୍ଥିତ ପ୍ରତୀକ୍ଷା ଭାବନରେ ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ଅବଚେତନା ମନକୁ ଜାଗ୍ରତ କରି ଏକାଗ୍ରତା ବଢେଇବା, ମନରୁ ପୁରୁଣା ଭୟ, ଚିନ୍ତା, ଅବସାଦ, ମାନସିକ ଭାରସାମ୍ୟ ହରାଇଥିବା ଛାତ୍ରଛାତ୍ରୀଙ୍କୁ ହିପନୋସିସ, ତ୍ରାଟକ, ମନ୍ତ୍ର ମାଗ୍ନେଟିଜିମ୍ ମାଧ୍ୟମରେ ଦୂର କରି ଯୁବପିଢ଼ିଙ୍କୁ ନିଜ ଲକ୍ଷ୍ୟ ହାସଲ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ। ଏହି ଶିବିରରେ ୧୪ ବର୍ଷ ବୟସରୁ ଯେକୌଣସି ବୟସ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ମାନସିକ ଏକଗ୍ରତା ବା ସ୍ଥିରତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ଏହି ପ୍ରଶିକ୍ଷଣ ଶିବିର ବିଷୟରେ ଅଧିକ ଜାଣିବା ପାଇଁ ୯୪୩୭୧୩୫୫୯୦ ସହ ଯୋଗାଯୋଗ କରିପାରିବେ।

## ରେଭେନ୍ସାରେ ପରିମାଣାତ୍ମକ ଗବେଷଣା ଉପରେ ଆଲୋଚନାଚକ୍ର




**କଟକ, ୪।୫(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ 'ସାମାଜିକ ଗବେଷଣାରେ ପରିମାଣାତ୍ମକ ତଥ୍ୟ ବିଶ୍ଳେଷଣ ଉପକରଣର ଗୁରୁତ୍ୱ' ଶୀର୍ଷକ ଏକ ଆଲୋଚନା ଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସମ୍ବିତ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଗବେଷଣା କ୍ଷେତ୍ରରେ ଗୁଣାତ୍ମକ ଓ ପରିମାଣାତ୍ମକ ଉଭୟ ପଦ୍ଧତିର ଆବଶ୍ୟକତା ରହିଛି ଏବଂ ଜଣେ ଗବେଷକ ଉପଯୁକ୍ତ ରୂପରେଖ ଚୟନ କରିବା ଏକାନ୍ତ ଅପରିହାର୍ଯ୍ୟ। ବିଭାଗ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବିଷୟବସ୍ତୁ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଡ. ମନୋସ୍ମିତା ମହାପାତ୍ର କାର୍ଯ୍ୟକ୍ରମର ଆବାହନ କରିଥିବା ବେଳେ ଡ. ଜେମ୍ସ କିଣ୍ଡୋ ଓ ଡ. ଜ୍ଞାନରଞ୍ଜନ ପୃଷ୍ଟି ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭାଗର ଅନ୍ୟ ଅଧ୍ୟାପକ ବୃନ୍ଦ ଯଥା ଡ. ମନୋରଞ୍ଜନ ଦାସ, ଡ. ଈଶ୍ୱର ଚନ୍ଦ୍ର ନାୟକ ଓ ଚିନ୍ମୟୀ ମହଲଙ୍କ ସମେତ ବହୁ ସଂଖ୍ୟକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ସାମାଜିକ ଗବେଷଣା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ଦୂର କରିବାରେ ଏହି କର୍ମଶାଳା ବେଶ୍ ସହାୟକ ହୋଇଛି। ଶେଷରେ ଡ. ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଥଇଥାନ ହେଲେ ବି ମିଳୁନି ସହାୟତା



**କଟକ, ୪।୫(ସମିସ)**

ଥଇଥାନ ହେବାର ଦୀର୍ଘ ଦିନ ପରେ ମଧ ଭୂମି ଅଧିକାର ପ୍ରମାଣପତ୍ର ମିଳି ନ ଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି ବସ୍ତିବାସିନ୍ଦା। ଗତ ସରକାରଙ୍କ ସମୟରେ କଟକର ବିଭିନ୍ନ ବସ୍ତିରୁ ଉଚ୍ଛେଦ ହୋଇ 'ଜାଗା ମିଶନ' ଯୋଜନାରେ ଧବଳେଶ୍ୱର ଗଡ଼ା ହରିଜନ ସାହିରେ ଥଇଥାନ ହୋଇଥିବା ପରିବାରଗୁଡ଼ିକୁ ଏ ପର୍ଯ୍ୟନ୍ତ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନାହିଁ। ପ୍ରଶାସନିକ ଅବହେଳା ଯୋଗୁଁ ଏବେ ସେମାନେ ପ୍ରାକୃତିକ ବିପର୍ଯ୍ୟୟ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୩୦ ତାରିଖରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଏହି ଅଞ୍ଚଳରେ ଅନେକ ପରିବାରଙ୍କ ଘରର ଆଜବେଷ୍ଟସ ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଉକ୍ତ ଅଞ୍ଚଳଟି ଆଠଗଡ଼ ତହସିଲ ଅଧୀନରେ ଥିବା ବେଳେ ସ୍ଥାୟୀ ପଟ୍ଟା ନ ଥିବା ଦର୍ଶାଇ କୌଣସି ରାଜସ୍ୱ ନିରୀକ୍ଷକ ତଦନ୍ତ ପାଇଁ ପହଞ୍ଚି ନାହାନ୍ତି।

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

ଏହାର ପ୍ରତିବାଦରେ ଆଜି 'ଅଖିଳ ଓଡ଼ିଶା ଝୋପଡ଼ିପଟ୍ଟି ମହାସଂଘ'ର ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତମାନେ କଟକ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷତିପୂରଣ ପ୍ରଦାନ ସହିତ ସିଏମସି କମିଶନରଙ୍କ ଜନଶୁଣାଣୀରେ ସମସ୍ତ ଥଇଥାନ ହୋଇଥିବା ବାସିନ୍ଦାଙ୍କୁ ତୁରନ୍ତ 'ଭୂମି ଅଧିକାର ପ୍ରମାଣପତ୍ର' ଯୋଗାଇ ଦେବାକୁ ସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଲକ୍ଷ୍ମୀ ସାହୁ, ବ୍ରାହ୍ମଣୀ ନାଏକ, ଦୁଲଣୀ ନାଏକ, ବାସନ୍ତୀ ନାଏକ ଓ ଗୀତା ଦାସଙ୍କ ସମେତ ଶତାଧିକ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।




# ହତ୍ୟା ମାମଲାରେ ଦୋଷୀଙ୍କୁ ୭ ବର୍ଷ ଜେଲ୍

ଢେଙ୍କାନାଳ,୪।୫(ସମିସ): ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବିକ୍ରମ କେଶରୀ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ସଦର ଥାନା ସୋଗରପଶି ଶବର ସାହିର ଅଭୟ ଦେହୁରୀ (୩୨)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଅଗଷ୍ଟ ୪ ତାରିଖ ରାତି ୮ଟାରେ ଅଭୟ ଏକ କାତି ଧରି ସେହି ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କ ବେକକୁ ଚୋଟ ଦେଇଥିଲେ। ପ୍ରଶାନ୍ତଙ୍କ ଭାଇ ଜମ୍ବେଶ୍ୱର ଦେହୁରୀ ଓ ନିରଞ୍ଜନ ବେହେରା ତାଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରଶାନ୍ତଙ୍କ ସ୍ତ୍ରୀ ଅମ୍ବିକା ଦେହୁରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ପ୍ରଦୀପ ପ୍ରଧାନ ମାମଲାର ତଦନ୍ତ କରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ୮ ଜଣ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ଅନାନ୍ୟ ଦସ୍ତାବିଜକୁ ଆଧାର କୋର୍ଟ ଅଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ପଟ୍ଟନାୟକ ରାୟରେ ଉଲ୍ଲେଖ କରିଛନ୍ତି, ଯେହେତୁ ଅଭୟଙ୍କର ପ୍ରଶାନ୍ତଙ୍କ ସହ କୌଣସି ପୂର୍ବ ଶତ୍ରୁତା ନ ଥିଲା କିମ୍ବା ତାଙ୍କୁ ହତ୍ୟା କରିବାର କୌଣସି ଉଦ୍ଦେଶ୍ୟ ନ ଥିଲା, କେବଳ ତତକ୍ଷଣାତ ରାଗରୁ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ ସେଥିପାଇଁ ଆଇପିସି ଦଫା ୩୦୨ ପରିବର୍ତ୍ତେ ୩୦୪ ଭାଗ ୨ରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆଡିସନାଲ ପିପି ସତ୍ୟନାରାୟଣ ସାହୁ ମାମଲା ପରିଚାଳନା କରୁଥିଲେ।

## ନିଶ୍ଚିନ୍ତା ପାହାଡ଼ ପଥରମାଫିଆଙ୍କ ଭୂସ୍ୱର୍ଗ

# ଏନ୍‌ଜିଟିରେ ହାଜର ହେଲେ ବନଖଣ୍ଡ ଅଧିକାରୀ

ଢେଙ୍କାନାଳ,୪।୫(ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡ଼ ପଥରମାଫିଆଙ୍କ ଯୋଗୁଁ ଲୋପ ପାଇବାକୁ ବସିଥିବା ବେଳେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଯୋଗବାର ବ୍ୟକ୍ତିଗତ ଭାବରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ହାଜର ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ଧରି ଜଙ୍ଗଲ ଜମି ଚିହ୍ନଟ ନ ହେବାକୁ ନେଇ ଏନ୍‌ଜିଟି କ୍ଷୁବ୍ଧ ହୋଇ ତାହା ସହ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ଜିଲ୍ଲାର ଧର୍ମଶାଳା ଅଞ୍ଚଳ ପରେ ଗଁଦିଆ ବ୍ଲକର ନିହଲପ୍ରସାଦ ଓ ପିଙ୍ଗୁଆ ଅଞ୍ଚଳ କଳା ପଥର ଚୋରା ବେପାରୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଯାଇଛି। ଢେଙ୍କାନାଳ ବନଖଣ୍ଡ ଖଡ଼ଗୀ ବନାଞ୍ଚଳ ଅଧୀନ ନିହଲପ୍ରସାଦ ରାଜସ୍ୱ ଗ୍ରାମରେ ରହିଥିବା ନିଶ୍ଚିନ୍ତା ଜଙ୍ଗଲ କିସମ ପାହାଡ ଖାତା ନଂ ୨୪୨୩ ପ୍ଲଟ ନଂ ୬୬୬୮ ଏବଂ ଏହା ଫଙ୍ଗଲ ପ୍ଲଟ ନଂ ୬୬୩୭ରୁ ଦୈନିକ ଏକାଧିକ କୋଟି ଟଙ୍କାର କଳାପଥର ଲୁଟ ହେଉଛି। ପୂର୍ବରୁ ନିହଲପ୍ରସାଦ ରୋଡ ମେଟାଲ କ୍ୱାରୀ ନଂ ୨ ଏବଂ ୩ ଲିଜ ନାମରେ ଲୁଟ୍ ଚାଲିଛି। ପାହାଡ଼କୁ ନେଇ ରାଜ୍ୟପାଳଙ୍କ ତରଫରୁ ପତ୍ର ସଂଖ୍ୟା ୮୪୨୫ ତାରିଖ ୦୯.୨୪, ମୁଖ୍ୟ ଶାସନ ସଚିବଙ୍କ ତରଫରୁ ପତ୍ର ସଂଖ୍ୟା ୦୫୫୧୯୧ ତାରିଖ ୦୯.୨୪ ଏବଂ ଇସ୍ପାତ ଓ ଖଣି ବିଭାଗ ତରଫରୁ ପତ୍ର ସଂଖ୍ୟା-୪୩୭୯ ତାରିଖ ୦୯.୨୪ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ହସ୍ତକ୍ଷେପ ପରେ ନିଶ୍ଚିନ୍ତା ପାହାଡ ଉପରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏକ ବଡ଼ ଧରଣର ଚଢ଼ଉ କରି ସଫଳତା ପାଇଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରର ଚୋରା ପଥର ମାଫିଆ ମାନେ ସକ୍ରିୟ ହୋଇ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ସହାୟତାରେ ରାଜ୍ୟ ସରକାରଙ୍କର କୋଟି

**ଜଙ୍ଗଲ ଜମି ଚିହ୍ନଟ ବିଳମ୍ବ ନେଇ ତାଗିଦ**

କୋଟି ଟଙ୍କା ରାଜସ୍ୱ ଲୁଟ କରି ଆସୁଛନ୍ତି। ନିଶ୍ଚିନ୍ତା ପାହାଡର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୪/୫ଟି କ୍ରସର କମ୍ପାନୀ ଜିଲ୍ଲା ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେଇ କାରଖାନା ସ୍ଥାପନ କରିଛନ୍ତି। ସେହି କ୍ରସର କମ୍ପାନୀ ଗୁଡ଼ିକ ସେମାନଙ୍କୁ ଦିଆଯାଇଥିବା ଅନୁମୋଦିତ ପରିମାଣ ଠାରୁ ଢେର ଅଧିକ କଳା ପଥର ସ୍ଥାନୀୟ ଅଞ୍ଚଳରେ ବିସ୍ଫୋରକ ବ୍ୟବହାର କରି ଉତ୍ପାଦନ କରିଆସୁଥିବାର ଜଣାପଡ଼ିଛି। ସେହିପରି ନିହଲ ପ୍ରସାଦରେ ପ୍ରତିଷ୍ଠିତ ଏକ କ୍ରସର କମ୍ପାନୀ ମାସକୁ ୩ହଜାର ଟନ୍ କଳା ପଥର ଉତ୍ତୋଳନ ପାଇଁ ଅସ୍ଥାୟୀ ଅନୁମତି ନେଇ ଦିନକୁ ୧୦ହଜାର ଟନ୍‌ରୁ ଅଧିକ କଳା ପଥର ଉତ୍ତୋଳନ କରି ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କା ସରକାରୀ ରାଜସ୍ୱ ଲୁଟ କରି ଚାଲି ଥିଲେ ବି ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ନିହଲ ପ୍ରସାଦ ଅଞ୍ଚଳରେ ଏହି କ୍ରସର କମ୍ପାନୀ ଗୁଡ଼ିକରୁ ମାତ୍ର ପ୍ରାୟ ୨ଶହ ମିଟରରୁ ଅଧିକ ଟ୍ରିଲ୍ କରି ବ୍ଲାଷ୍ଟ କରିବା ଦ୍ୱାରା ନିହଲ ପ୍ରସାଦ ଆଖ ପାଖ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେବା ସାଙ୍ଗେ ସାଙ୍ଗେ ଟୋଲର ପଣି, କଡ଼ାବଙ୍ଗୀ, ନିତ୍ୟାନନ୍ଦ ପୁର, ଚଡକମରା, ରାୟଗଡ଼ା, କଷ୍ଟି ପାଳ, ନିହଲପ୍ରସାଦ, ବାଲି କିଆରୀ, ଶ୍ରୀମନ୍ତ ପୁରଗ୍ରାମ ଗୁଡ଼ିକର ଜନ ସାଧାରଣଙ୍କର ମୂଲ୍ୟବାନ ଘର ଓ ସରକାରୀ ଅନୁଷ୍ଠାନର ଘର ଗୁଡ଼ିକ ଫାଟି ଯାଉଛି। ଏହି ବିପଦ ଜନକ ବିସ୍ଫୋରଣ ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ନିଶ୍ଚିନ୍ତା ପାହାଡର ଯେଉଁ ଅଞ୍ଚଳରେ କଳା ପଥର ଚୋରି ହେଉଛି ସେହି ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ କରି ସେହି ଅଞ୍ଚଳର ପରିବେଶର ସୁରକ୍ଷା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଥିଲେ କିନ୍ତୁ ପ୍ରଶାସନ ନିଶ୍ଚିନ୍ତା ପାହାଡ଼କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏହାକୁ ନେଇ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିବା ବେଳେ ଆଜି ବ୍ୟକ୍ତିଗତ ଭାବରେ ଯାଜପୁର ଜିଲ୍ଲାପାଳଙ୍କ ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ହାଜିରହୋଇ ନିଜର ପକ୍ଷ ରଖିଥିଲେ। ଜଙ୍ଗଲ ଜମିର ଜମି ଚିହ୍ନଟରେ ବିଳମ୍ବକୁ ନେଇ ତାଗିଦ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।

## ଖୁଲମଖୁଲା ଚାଲିଛି ବେଆଇନ ମାଙ୍କଡ଼ା ପଥର ଖାଦାନ

# ଦୈନିକ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ପଥର

ହିନ୍ଦୋଳ,୪।୫(ସମିସ): ଚୋରା ମାଙ୍କଡ଼ା ପଥର ଚାଲାଣର କେନ୍ଦ୍ରସ୍ଥଳ ପାଲଟିଛି ହିନ୍ଦୋଳ ଉପଖଣ୍ଡ। ଦୈନିକ ଶହ ଶହ ଟ୍ରିପ ପଥର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ସତେ ଯେମିତି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ହିନ୍ଦୋଳ। ପ୍ରଶାସନ ସବୁ ଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି। କେବଳ ଧର୍ମକୁ ଆଖିଠାର ସଦୃଶ ବର୍ଷକୁ ଥରେ ପଥର ଖାଦାନରେ ଚଢ଼ଉ କରାଯାଏ। ପୁଣି ବେଆଇନ ମାଙ୍କଡ଼ା ପଥର ଚାଲାଣ କରିବା ପାଇଁ ପ୍ରଶ୍ରୟ ଦିଆଯାଏ। ହିନ୍ଦୋଳ ଉପଖଣ୍ଡରେ ଏହା ଏବେ ଦୈନନ୍ଦିନ ଘଟଣା ପାଲଟିଛି।



ଉପଖଣ୍ଡର ବାବନ୍ଧ ଆର୍‌ଆଇ ସେକ୍ସନ ଅନ୍ତର୍ଗତ ବାବନ୍ଧ, କୁଳୁଣିଆ, ଗୁଆଗାରିଆ, ଖଡ଼ାଗାଳି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡ଼ା ଖାଦାନ ଥିବା ବେଳେ ସେଠାରୁ ମାଫିଆଙ୍କ ଦ୍ୱାରା ଉପଖଣ୍ଡର ସମସ୍ତ ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଦୈନିକ ଶହ ଶହ ଟ୍ରିପ ପଥର ଚାଲାଣ କରାଯାଉଛି। ସ୍ପଷ୍ଟ ଦିବାଲୋକରେ ଖାଦାନରେ ମେସିନ ସାହାଯ୍ୟରେ ପଥର କଟାଯାଉଥିବା ବେଳେ ସଞ୍ଜ ନଇଁଲେ ମାଫିଆମାନେ ୨୦ରୁ ଊର୍ଦ୍ଧ୍ୱ ଟ୍ରକରେ ବାଲିମି ଥାନା ଦେଇ ଉପଖଣ୍ଡର ବିଭିନ୍ନ ଅଞ୍ଚଳକୁ ପଥର ଚାଲାଣ କରୁଛନ୍ତି। ସେହିପରି ହିନ୍ଦୋଳ ରୋଡ୍ ଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ପଥର ଚାଲାଣ କରାଯାଉଛି। ମାତ୍ର ହିନ୍ଦୋଳ ତହସିଲଦାର, ବନବିଭାଗ ଅଧିକାରୀ, ପାଖରେ ଥିବା ବାବନ୍ଧ ରାଜସ୍ୱ ଅଧିକାରୀ ଓ ଥାନା ଅଧିକାରୀମାନେ ସବୁ ଜାଣି ଚୁପ୍ ବସିଛନ୍ତି। ଫଳରେ ଦୈନିକ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବା ବେଳେ ମାଫିଆ ରାତାରାତି ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ହିନ୍ଦୋଳ ଉପଖଣ୍ଡରେ କୌଣସି ମାଙ୍କଡ଼ା ପଥର ଖାଦାନ ନିଲାମ ଦିଆଯାଇ ନାହିଁ। ଚୋରାରେ ଚାଲିଥିବା ଖଣି ଉପରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜରିମାନା ଆଦାୟ କରାଯାଉଛି।



## ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କାମାକ୍ଷାନଗର,୪।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷା ଦେଇଥିବା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ମୋଟ ୨୦୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡ଼ରେ ୨୭ ଜଣ ଉତ୍ତୀର୍ଣ୍ଣ ହେବା ସହ ଶତପ୍ରତିଶତ ସଫଳତା ହାସଲ କରିଛି।



ଏହି ଅବସରରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। କେବଳ ଶିକ୍ଷା ନୁହେଁ, ଅନ୍ୟ କ୍ଷେତ୍ରର ମଧ୍ୟ ଏହି ବିଦ୍ୟାଳୟ ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରି ଆମର ସମ୍ମାନକୁ ଆହୁରି ବଢ଼ାଇ ପାରିଛି ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ବିଡିଓ ପ୍ରଭୁ କଲ୍ୟାଣ ଦାସ, ବିଇଓ ସରୋଜ ସାହୁ, ଶିକ୍ଷାବିତ ଲୋକନାଥ ଷଡ଼ଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି, ନାଟ୍ୟ ନିର୍ଦ୍ଦେଶକ ଦାନେଶ ଦାସ ଉପସ୍ଥିତ ଥିଲେ। ଚଳିତବର୍ଷ ବିଦ୍ୟାଳୟ ଜିଲ୍ଲାରେ ସର୍ବାଧିକ ଏ-୧ ଗ୍ରେଡ ହାସଲ କରିବା ସହ ଛାତ୍ର ଅମନ ବେହେରା ଓ ଅଶେଷ ସାହୁ ସର୍ବାଧିକ ୫୭୯ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବାରୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ସର୍ବାଧିକ ନମ୍ବର ରଖିଥିବା ଦୁଇ ଛାତ୍ରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯିବା ସହ ଅନ୍ୟମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେଶ କୁମାର ବିଶ୍ୱାଳ, ଚନ୍ଦ୍ରମଣି ଜେନା, ରୁଦ୍ରନାରାୟଣ ପରିଡ଼ା, ନିର୍ମଳ ମହାନ୍ତି, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ସହଯୋଗ କରିଥିଲେ। ସମସ୍ତ ଅଭିଭାବକଙ୍କ ସହିତ ଶିକ୍ଷାବିତ୍ କୈଳାସ ବିଶ୍ୱାଳ, ଶିକ୍ଷକ ନାରାୟଣ ସାହୁ, ପ୍ରହ୍ଲାଦ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ ସାହୁ, ଚିତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଦୀପ୍ତିରଞ୍ଜନ ରାଉତ, ଶ୍ରୀକର ସାହୁ, ଅଲୋକ ବେହେରା, ଶିକ୍ଷୟିତ୍ରୀ ପ୍ରଗତୀ ସାହୁ, ଗୀତା ମହାପାତ୍ର, ପ୍ରୀତି ପ୍ରିୟମ୍ବଦା ପରିଡ଼ା, ରୋଜାଲିନ ପତି, କର୍ମଚାରୀ ପ୍ରଶାନ୍ତ ରାଉତ, ଜୟନ୍ତିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକରେ ଉତ୍ତୀର୍ଣ୍ଣ ହେଲେ ଦିବ୍ୟାଙ୍ଗ ଛାତ୍ରୀ ସୁନିତା

କାମାକ୍ଷାନଗର,୪।୫(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲେ କାମାକ୍ଷାନଗର ବ୍ଲକ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନିତା ନାୟକ। ରାଜ୍ୟର ସବୁଠୁ କମ ଉଚ୍ଚତା ବିଶିଷ୍ଟ ଛାତ୍ରୀ ଭାବେ ସେ ମାଟ୍ରିକ ପରୀକ୍ଷା ଦେଇଥିଲେ। ସୁନିତାଙ୍କ ଉଚ୍ଚତା ମାତ୍ର ଦେଢ଼ଫୁଟ। କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତ କଟା ଗ୍ରାମର ସୁନିତା କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଠିକରେ କଥା କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ସୁନିତା ଜଣେ ସର୍ବାଙ୍ଗ ଭାଇଙ୍କ ସହାୟତାରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ମା' ଓ ଭାଇଙ୍କ ସହ ସେ ପରୀକ୍ଷାକେନ୍ଦ୍ରକୁ ଆସୁଥିବା ବେଳେ ପରିବାରର



ସମର୍ଥନ ଓ ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ସୁନିତା ମାଟ୍ରିକରେ ୩୦୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ନେଇ ସୁନିତାଙ୍କ ମା' ଓ ପରୀକ୍ଷାରେ ସହାୟତା କରିଥିବା ଭାଇ ବେଶ୍ ଖୁସି ଥିବାବେଳେ ଆଗାମୀ ଦିନରେ

**ରାଜ୍ୟର ସବୁଠୁ କମ୍ ଉଚ୍ଚତା ଛାତ୍ରୀ ଭାବେ ଦେଇଥିଲେ ପରୀକ୍ଷା**

ସରକାରୀ ସହାୟତା ଯୋଗାଇଦେଲେ ସୁନିତା ଉଚ୍ଚଶିକ୍ଷା ଲାଭ କରିପାରିବେ ବୋଲି କହିଛନ୍ତି। ଦିବ୍ୟାଙ୍ଗ ହୋଇ ମଧ୍ୟ ସୁନିତାଙ୍କ ଏହି ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବା ସହ ପରୀକ୍ଷାର୍ଥୀଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ ଯୋଗାଇବ ବୋଲି ଆଲୋଚନା ହୋଇଛି।

# କଙ୍କାଳୁ ଗ୍ରାମରେ ପାନୀୟ ଜଳ ସମସ୍ୟା

ଢେଙ୍କାନାଳ,୪।୫(ସମିସ): ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ କଙ୍କାଳୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ଟୋପେ ପାଇ ପାରୁନାହାନ୍ତି। ବାରମ୍ବାର ଜନଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଟାଟା କମ୍ପାନୀ ଗ୍ରାମକୁ ଆସି ପ୍ରତି ଘରକୁ ପାଣି ଯୋଗାଇ ଦେବାପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଆଗାମୀ ୧୫ଦିନ ମଧ୍ୟରେ ପ୍ରଶାସନ କିମ୍ବା ଟାଟା କମ୍ପାନୀ ତରଫରୁ କୌଣସି ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



## ଇତିହାସ ବିଭାଗରେ ସମ୍ବର୍ଦ୍ଧନା ଉତ୍ସବ





ଖଜୁରିଆକଟା,୪।୫(ସମିସ): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗର ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ନିର୍ଭୀକ ସମାଜ ଗଠନ ପାଇଁ ମାନବ ସମ୍ବଳର ପ୍ରକୃତ ବିନିଯୋଗ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ ପାତ୍ର, ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଶଲ୍ୟ ସାମଲ, ମଙ୍ଗରାଜ ପ୍ରଧାନ ଓ ସାମ୍ବିଦିକ ପ୍ରଶାନ୍ତ ଜେନାମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇତିହାସ ପ୍ରତ୍ୟେକ ଜାତିର ଅସ୍ମିତାର ପ୍ରତିଫଳନ, ତେଣୁ ଯୁବପିଢ଼ି ଏହି ଅସ୍ମିତାରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପ୍ରେରଣା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଉତ୍ତରସା ସାହୁ, ଭବାନୀ ନାୟକ, ଦୀପ୍ତିମୟୀ ସାହୁ, ଆଶିଷ ମାଝୀ, ସ୍ୱର୍ଣ୍ଣମୟୀ ସାହୁ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗର ଅଧ୍ୟାପିକା ପ୍ରିୟଙ୍କା ଦିଗ ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ +୩ ଦ୍ୱିତୀୟବର୍ଷ ଛାତ୍ରୀ ଖାତମ୍ ବେଗମ୍ ଧନ୍ୟବାଦ ଜଣାଇଥିଲେ।

# ଆବର୍ଜନା, ଗଛଲତାରେ ପୋତି ହୋଇଛି ସାପୁଆ ନଦୀ

ଢେଙ୍କାନାଳ,୪।୫(ସମିସ)

ହିନ୍ଦୋଳ ବ୍ଲକ ରାସୋଳ ଦେଇ ପ୍ରବାହିତ ସାପୁଆ ନଦୀ ଏବେ ଆବର୍ଜନା ଓ ଗଛଲତାରେ ପୋତି ଯାଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସୋଳ ଗ୍ରାମ ନିକଟରୁ ଏହି ସାପାକୃତି ନଈର ଆରମ୍ଭ। ନଈ ଢେଙ୍କାନାଳ ସଦର ଓ ଆଠଗଡ଼ ବ୍ଲକ ଦେଇ ପ୍ରାୟ ୭୦ କିଲୋମିଟର ଅତିକ୍ରମ କରି ମୁଣ୍ଡଳୀ ସର୍ପେଶ୍ୱର ନିକଟରେ ମହାନଦୀରେ ମିଶିଛି। ତିନିଟି ବ୍ଲକର ଲକ୍ଷାଧିକ ଲୋକ ଏହି ନଈ ଉପରେ ନିର୍ଭର କରି ଚଳୁଥିଲେ। ନଈ କୂଳରେ ଥିବା ଜନବସତି ସାପୁଆ ପାଣିରେ ଚାଷବାସ କରିବା ସହ ସେହି ମଧୁର ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିଲେ। ମାତ୍ର ଏବେ ଚିତ୍ର ବଦଳି ଯାଇଛି। ଆଗ ଭଳି ଆଉ ପାଣି ନ ଆସିବାରୁ ଏବେ ମରିବାକୁ ବସିଲାଣି ଏ ନଈ। ପାଣି ପାଇଁ ଚାଷୀ ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ସାପୁଆ ଭିତରେ ଏବେ ମଣିଷଙ୍କ ବଦଳରେ ବାଘରା, ଅଜଗର ରାଜ୍ କରିଲେଣି। କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା ବଦଳରେ ଏବେ ସବୁଦିନ ଅଳିଆ ପକାଇ ନଈକୁ ଡମ୍ପିଙ୍ଗ କରିଦିଆ ଗଲାଣି। ପାଇଖାନା ଆବର୍ଜନା ପାଣି ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଢେଙ୍କାନାଳ ଜିଲ୍ଲାର ଅନନ୍ୟ ଆକର୍ଷଣ ହେଉଛି ସାପୁଆ ଡ୍ୟାମ୍। ସାପୁଆ ନାଳରେ ନିର୍ମିତ ଏହି ଡ୍ୟାମ ସର୍ପାକୃତି ହୋଇଥିବାରୁ ଏହାର ନାମକରଣ ଏପରି କରାଯାଇଛି। ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ମଧ୍ୟମ ଜଳସେଚନ ଯୋଜନାରେ ଏହା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହା ଏକ ପ୍ରାକୃତିକ ପରିବେଶ ପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଛି। ଜଳସେଚନ ସହ ଜନଜୀବନ ସୁରକ୍ଷା ପାଇଁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଜଳସଙ୍କଟ ଦୂର କରିବା ପାଇଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଢେଙ୍କାନାଳ ସହରଠାରୁ ୪୨ କିଲୋମିଟର ଦୂରରେ ଅବସ୍ଥିତ ଏହି ସାପୁଆ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୦୬ରେ ଶେଷ ହୋଇଥିଲା। ମୁଖ୍ୟ ଡ୍ୟାମର ଲମ୍ବ ୧ ହଜାର ୨୯୦ ମିଟର ହୋଇଥିବା ବେଳେ ପରିସର ପ୍ରାୟ ୩୪.୫ ମିଟର। ଏହାର ଉଚ୍ଚତା ୨୫.୨୫ ମିଟର ହୋଇଥିବାବେଳେ ଜଳଧାରଣ କ୍ଷମତା ୧୬୮.୨୦ ମିଟର। ଏହି ଡ୍ୟାମ ଦ୍ୱାରା ନହରା, କାଠଖୁଣ୍ଟା, ଖଇରୁଳି, ଗଣ୍ଡାନାଳୀ, ନୟାଗଡ଼, ଚିଲଡଏଲା, ଜରିପାଳ, ରାଣୀପାଳ, ସାନନହରା, ପାଲ, ଘଟିପିଟି, ବୃନ୍ଦାବନପୁର, ଭାପୁର, ପାଣ୍ଡୁପୁର୍ଗା ଭଳି ୪୮ ଗ୍ରାମକୁ ଜଳସେଚନ କରୁଛି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୮୫୫ ହେକ୍ଟର ଏବଂ ରବି ଋତୁରେ ୩୫୦ ହେକ୍ଟର ଏଭଳି ମୋଟ ୧୨୦୫ ହେକ୍ଟର ଜମିରେ ଜଳସେଚନ ହୋଇଥାଏ। ମୋଟ ୧୪ ଶହ ହେକ୍ଟର ଜମିରେ ଜଳସେଚନ ପାଇଁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ଦ୍ୱାରା ୧୦ ବର୍ଗ କିଲୋମିଟର ଅଞ୍ଚଳ ବୁଡ଼ି ରହିଛି। ମୁଖ୍ୟ ଡ୍ୟାମ ୯୦ ମିଟର ହୋଇଥିବା ବେଳେ ସର୍ବନିମ୍ନ ୭.୦୪ ଏମକ୍ୟୁ ଜଳ ରହିଥାଏ। ବର୍ଷାଦିନେ ଜଳସଞ୍ଚୟ ହୋଇ ରହିଥାଏ। ହିନ୍ଦୋଳ ତେଲକୁଣ୍ଡ ଛକରୁ ୬କିମି ଦୂରରେ ଅବସ୍ଥିତ ଏହି ଜଳସେଚନ ପ୍ରକଳ୍ପ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶାଳ ଜଙ୍ଗଲ ସହ ବିଭିନ୍ନ ବୃକ୍ଷରାଜିର ଶୋଭା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ହଜାର ହଜାର ପର୍ଯ୍ୟଟକ ଏଠାରେ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକର କେତେକ ଅଞ୍ଚଳକୁ ଏହା ଜଳସେଚିତ କରୁଥିବାବେଳେ ଜଳସେଚନ ସହ ପର୍ଯ୍ୟଟନସ୍ଥଳୀ ଭାବେ ସରକାରଙ୍କ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନିତ ହୋଇଛି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ ଏବଂ ଚାଷୀର ଉନ୍ନତି ହେଉଥିବା ବେଳେ ପର୍ଯ୍ୟଟନ କ୍ଷେତ୍ର ଭାବେ ଯେତିକି ବିକାଶ ହେବା କଥା ତାହା ହୋଇପାରିନାହିଁ। ଏହାର ବିକାଶ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି।



## ପାଟଣା ରେଞ୍ଜରେ ୪ ହାତୀ; ଭାଙ୍ଗିଲେ ୨ ଘର



ତୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ସୋମବାର ସକାଳୁ ୪ ଟିକିଆ ହାତୀପଲ ଅଟେଇ ଜଙ୍ଗଲରୁ ଆସି ମଲ୍ଲୀପଶି ଗାଁ'ରେ ପଶିଥିଲେ। ଗ୍ରାମର ରଜାଭାବି ସାହି ନିକଟ ଜଙ୍ଗଲରେ ହାତୀଗୁଡ଼ିକ ଡେରା ପକାଇ ରହିଥିବା ଜଣାପଡ଼ିଛି। ଏହି ହାତୀପଲ କୁମୁଲାବାହାଳି ଗ୍ରାମର ଚମ୍ପାମୁଣ୍ଡାଙ୍କ ଘର ସହ ଜାମୁଳେଇ ବେଡ଼ାର ସୂର୍ଯ୍ୟ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ଅଞ୍ଚଳରୁ ହାତୀଗୁଡ଼ିକୁ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ତେଲକୋଇରେ ମାଟ୍ରିକ ଫଳ ନୈରାଶ୍ୟଜନକ

# ଦୁଇବର୍ଷ ହେଲା ମିଳୁନି 'ଏ -୧' ଗ୍ରେଡ୍, ଚିନ୍ତାରେ ଅଭିଭାବକ

ତେଲକୋଇ,୪।୫(ସମିସ): ଚଳିତ ଶିକ୍ଷା ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ରେ ମାଟ୍ରିକ ଫଳନୈରାଶ୍ୟଜନକ ହୋଇଛି। ଫଳରେ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ବର୍ଷ ଏ-୧ ଗ୍ରେଡ୍ ଶୂନ ହୋଇଥିବା ବେଳେ ପୂର୍ବ ବର୍ଷ ମଧ୍ୟ ଶୂନ ହୋଇଥିଲା। ଲଗାତାର ଦୁଇବର୍ଷ ହେବ ତେଲକୋଇ ବ୍ଲକ୍‌ରେ ଏ-୧ ଫଳାଫଳ ନୈରାଶ୍ୟ ଜନକ ହୋଇଛି। ଜିଲ୍ଲାର ଆଉ ସମସ୍ତ ବ୍ଲକ୍‌ରେ ଉଣା ଅଧିକେ ଏ-୧ ଗ୍ରେଡ୍ ମିଳିଥିବା ବେଳେ ତେଲକୋଇ ବ୍ଲକ୍‌ରେ କେହି ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇନାହାନ୍ତି। ଏହା ଶିକ୍ଷା କ୍ଷେତ୍ରରେ ତେଲକୋଇ ବ୍ଲକ୍ ନିମ୍ନଗାମୀ ହେଉଥିବା ଦର୍ଶାଉଛି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ଶିକ୍ଷା ବିଭାଗ, ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ନା ଅଭିଭାବକ କିଏ ଦାୟୀ? ତାହା ଏବେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ଏଭଳି ହେଲେ ଶିକ୍ଷାର ବିପର୍ଯ୍ୟୟ ସୁନିଶ୍ଚିତ ବୋଲି ଅଭିଭାବକ ମହଲରେ ମତପ୍ରକାଶ ପାଇଛି। ତେବେ ତେଲକୋଇ ବ୍ଲକରେ ୩୫ ବିଦ୍ୟାଳୟର ୧୫୬୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୧୫୨୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ଶତକଡ଼ା ୯୭.୫୦ ପ୍ରତିଶତ ହୋଇଥିବା ବେଳେ ଏ-୧ ଗ୍ରେଡ୍ ଶୂନ ରହିଛି। ୮୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସି, ଡି ଓ ଇ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଏଥିରୁ ଅନୁମେୟ ତେଲକୋଇ ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା କେତେ ସୁଦୃଢ଼। ଅନ୍ୟପଟେ ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ତେଲକୋଇ ଶିକ୍ଷା ବିଭାଗ ମୁରବୀ ବିହୀନ ହୋଇପଡ଼ିଛି। ଫଳରେ ବ୍ଲକ୍ ଅଞ୍ଚଳରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମନମାନି ବୃଦ୍ଧି ପାଇଛି। କେତେକ ଶିକ୍ଷକ ଶିକ୍ଷୟିତ୍ରୀ ପରୋକ୍ଷରେ ରାଜନୀତିରେ ମସଗୁଲ ରହିଛନ୍ତି। ଆଉ କେତେକ ଶିକ୍ଷକ ଟୁଲ, ମହୁଲଠାରୁ ଆରମ୍ଭ କରି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ କାରବାରରେ ସଂଶ୍ଳିଷ୍ଟ ରହିଥିବା ବେଳେ ଆଉ କେତେକ ଠିକାଦାରୀ ସାଜିଛନ୍ତି। ଶିକ୍ଷାଦାନ ଅପେକ୍ଷା ରାଜନୀତି ଓ ନିଜସ୍ୱ କାରବାରକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ତେଲକୋଇ ବ୍ଲକ୍ ଶିକ୍ଷା କ୍ଷେତ୍ରରେ କ୍ରମାଗତ ନୈରାଶ୍ୟଜନକ ଫଳ ଦେଖୁଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।




# ଅନ୍ଧାରରେ ଆମ୍ବଗଡ଼ିଆ ଛକ; ଆଲୋକୀକରଣ ଦାବି

ହାଟଡ଼ିହୀ,୪।୫(ସମିସ): ସନ୍ଧ୍ୟା ମାତ୍ରକେ ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ଅନ୍ତର୍ଗତ ଆମ୍ବଗଡ଼ିଆ ଛକଟି ଅନ୍ଧାର ଭିତରେ ହଜିଯାଉଛି। ରାତି ବଢ଼ିଲେ ଚୋରି, ଡକାୟତି, ଛିନତାଇ ଆଦି ଅଘଟଣ ଘଟିବା ନେଇ ଆଶଙ୍କା ବୃଦ୍ଧି ପାଉଛି। ପୂର୍ବରୁ ଏହି ଛକ ନିକଟରେ ଦିନବେଳା ଶିକ୍ଷୟିତ୍ରୀ, ବ୍ୟବସାୟୀ ଆଦିଙ୍କୁ ଅଟକାଇ ଟଙ୍କା, ସୁନାଗହଣା ଲୁଟ୍ ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଏଠାରେ ଏକ ବସଷ୍ଟାଣ୍ଡର ଆବଶ୍ୟକତା ରହିଛି। ଦୀର୍ଘବର୍ଷରୁ ରହିଥିବା ଯାତ୍ରୀ ବିଶ୍ରାମଗାର ଘରଟି ଭାଙ୍ଗିରୁଜି ଯାଇଥିବା ବେଳେ ଉକ୍ତ ଘରର ଛାତ ଗଳି ଯିବାକୁ ବସିଲାଣି କ୍ଷ ଏପରିକି ବିଶ୍ରାମଗାର ଭିତର ଅଳିଆ ଆବର୍ଜନାରେ ପୂରିଯାଇଛି। ତେବେ, ସରକାରଙ୍କ ଯୋଜନା ମୁତାବକ ଗାଁ ଠୁ ଛକ ବଜାର ଚାରିଆଡ଼େ ଆଲୁଅ ବ୍ୟବସ୍ଥା ହୋଇ ଚାଲିଥିବା ବେଳେ ଆମ୍ବଗଡ଼ିଆ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକ ଉପରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏହି ଛକରେ ବସକୁ ଅପେକ୍ଷା କରି ଯାତ୍ରୀମାନେ ଭଦ୍ରକ, ବାଲେଶ୍ୱର, କଟକ, ଭୁବନେଶ୍ୱର, ରାଉରକେଲା ମୟୂରଭଞ୍ଜ, କେନ୍ଦୁଝର ସଦର ମହକୁମା, ଭଳି ପ୍ରମୁଖ ସହରମାନଙ୍କୁ ଯାଇଥାନ୍ତି। ବିଶ୍ରାମଗାର ନଥିବାରୁ ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ବସ୍‌କୁ ରାସ୍ତାକଡ଼ କିମ୍ବା ଗଛମୂଳେ ବସିବାକୁ ପଡୁଛି। ଛକଟି ହଦଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ହୋଇଥିବାରୁ ରାତି ହେଲେ ବନ୍ୟଜନ୍ତୁଙ୍କ ଭୟ ସହ ନିଛାଟିଆ ନିର୍ଜନ ସ୍ଥାନ ହୋଇଥିବାରୁ ଚୋରି, ଡକାୟତି, ଛିନତାଇ ଆଦିର ଭୟ ଲାଗି ରହୁଛି। ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ସହ ଏକ ସୁରକ୍ଷିତ ବିଶ୍ରାମଗାର ନିର୍ମାଣ କରାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଅଲେଖ ମହିମା ଧର୍ମର ଇତିହାସ 'ଧ୍ୱନି ଗ୍ରନ୍ଥ' ଉନ୍ମୋଚିତ



ଆନନ୍ଦପୁର,୪।୫(ସମିସ): ସିଦ୍ଧ ସାଧୁ ବିଶ୍ୱନାଥ ବାବାଙ୍କ ମହିମା ଧର୍ମର ଇତିହାସ ଧର୍ମଗ୍ରନ୍ଥ ଉନ୍ମୋଚିତ ହୋଇଯାଇଛି। ୩୬୮ ପୃଷ୍ଠାର ଗ୍ରନ୍ଥକୁ ଅତାସାହି ପାଟଣାର ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ସାହୁ ଗଦ୍ୟ ଅନୁବାଦ କରିଛନ୍ତି। ଅତାସାହି ପାଟଣା ଗ୍ରାମରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ ବ୍ରହ୍ମାବଧୂତ ଅନ୍ତର୍ଯ୍ୟାମୀ ବାବା, ଆକୁଳି ବାବା, ଶୁକଦେବ ବାବା, ମୋହନ ବାବା, ଭୀମ ବାବା, ନବ ବାବା, ଅନାମ ବାବା, ଗୋପାଳ ବାବା ପ୍ରମୁଖ ଉନ୍ମୋଚନ କରିଥିଲେ। ସାଧୁ କ୍ଷମାନନ୍ଦ ଦାସ, ଅଲେଖ ଦାସ, ମୁକୁନ୍ଦ ଦାସ, ଅଭୟ, ଦୟାନିଧି ଦାସ, ରବି ଦାସ, ଅର୍ଜୁ ଦାସ, କାର୍ତ୍ତିକ ଦାସ, ଅଧ୍ୟାପକ ସୁଶାନ୍ତ ମହାନ୍ତ, ନରୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

ହାଟଡ଼ିହୀ,୪।୫(ସମିସ): ନନ୍ଦିପଦା ଥାନା ବିଷ୍ଣୁପୁର ଗ୍ରାମରେ ଅଘଟଣ ଘଟିଛି। ବିଷ୍ଣୁପୁର ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରେ ଫାଇବାର ଝରକା ଲଗାଉଥିବା ବେଳେ ଅସାବଧାନତାବଶତଃ ଜଣେ ଶ୍ରମିକଙ୍କ ଦେହରେ ବିଦ୍ୟୁତ ଆଘାତ ଲାଗିଥିଲା। ବିଦ୍ୟୁତ ଆଘାତରେ ଶ୍ରମିକ ଜଣକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ଚିକିତ୍ସାକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଉକ୍ତ ଶ୍ରମିକଙ୍କ ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ପଦନପଡ଼ା ଗ୍ରାମରେ ହୋଇଥିବା ବେଳେ ବନ୍ତ ବଜାରରେ ତାଙ୍କର ଏକ ୱେଲ୍ଡିଂ ଦୋକାନ ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ




ତୁରୁମୁଙ୍ଗା,୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ଫଳାଫଳ କରିଛନ୍ତି। ବିଦ୍ୟାଳୟରେ ଶତ ପ୍ରତିଶତ ଫଳ ହୋଇଥିବାବେଳେ ସୋମବାର ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦଶମ ଶ୍ରେଣୀ ପରୀକ୍ଷାରେ ଏ ୧ ଗ୍ରେଡ୍‌ରେ ସ୍ଥାନ ପାଇଥିବା ବିଦୁସ୍ମିତା ମହାନ୍ତ ଏବଂ ଏ ୨ ଗ୍ରେଡ ସ୍ଥାନ ପାଇଥିବା ଅମର ପ୍ରସାଦ ପଣ୍ଡା, ଅର୍ଚ୍ଚନା ସାହୁ, ସୌଦାମିନୀ ସାହୁ, ପ୍ରଭୋଲ୍ଲିକା ସାହୁ, ଅପରାଜିତା ସାହୁ ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା କାବ୍ୟେଶ ବେହେରା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇପିଏସ୍ ଶୁଭସ୍ମିଗ୍ଧା ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ସହିତ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ, ସମ୍ପାଦକ ପ୍ରମୋଦ କୁମାର ସାହୁ, ଉପସଭାପତି ସୁଧାଂଶୁ ଶେଖର ସାହୁ, ଅଶୋକ କୁମାର ସାହୁ, ମୋଚିରାମ ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ଦେବକୀ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯବାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦୁଝର,୪।୫(ସମିସ): କେନ୍ଦୁଝର ସଦର ବ୍ଲକ୍ ବଉଳମାଳ ଗାଁ'ର ଯବାନ ନାରଦ ଚନ୍ଦ୍ର ନାୟକ ଦୀର୍ଘ ୩୬ ବର୍ଷ ଦେଶ ସେବାରେ ନିଜକୁ ନିୟୋଜିତ କରି ଅବସର ପରେ ରବିବାର ଘରକୁ ଫେରିଛନ୍ତି। ତାଙ୍କ ଫେରିବା ଖୁସିରେ ଜନ୍ମମାଟି ଉତ୍ସବମୁଖର ହୋଇଉଠିଛି। ସେ ଗାଁ'ରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇବା ସହିତ ଗ୍ରାମ ପରିକ୍ରମା କରାଯାଇ ଘରକୁ ନିଆଯାଇଥିଲା। ସେ ୧୯୯୦ ମସିହାରେ ୨୨ ବାଟାଲିୟନ ବିଏସ୍‌ଏଫ୍ କନେଷ୍ଟବଲ ଭାବେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ମେଘାଳୟସ୍ଥିତ ହଜାରିବାଗ ଟ୍ରେନିଂ ସେଣ୍ଟରରେ ଟ୍ରେନିଂ ସାରି ଭାରତର ଜାମୁକାଶ୍ମୀର, ଲଦାଖ, ଇଣ୍ଡୋ-ଚାଇନା ବର୍ଡର, ପଞ୍ଜାବ, ୱେଷ୍ଟବେଙ୍ଗଲ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଥିଲେ। ନିଜର ଚାକିରିକାଳ ମଧ୍ୟରେ ୨ ଥର ପଦୋନ୍ନତି ପାଇଥିଲେ। ଜଣେ ଦେଶପ୍ରେମୀ ସୈନିକ ଭାବେ ପରିଚିତ ନାରଦ ଚନ୍ଦ୍ର ନାୟକ ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ମେଘାଳୟର ସିଲିଂ ଜିଲ୍ଲାରେ ଚାକିରି କାର୍ଯ୍ୟକାଳର ଶେଷ ସମୟ ବିତାଇଥିଲେ।

## ଦନେଇପୁରରୁ ହରିଣ ଉଦ୍ଧାର



ହାଟଡ଼ିହୀ,୪।୫(ସମିସ): ହଦଗଡ଼ ବନାଞ୍ଚଳ ଅଧୀନ ଦନେଇପୁର ନିକଟରୁ ଏକ ହରିଣ ଉଦ୍ଧାର ହୋଇଛି। ଗତକାଲି ଅପରାହ୍ଣ ସମୟରେ ହଦଗଡ଼ ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସି ଗାଁ ଅଭିମୁଖେ ଚାଲିଆସିଥିବା ଏହି ମାଈ ହରିଣଟିକୁ ଦେଖି କୁକୁର ଭୁକିବାରୁ ଲୋକେ ଜାଣିପାରିଥିଲେ। ସ୍ଥାନୀୟ ଲୋକଙ୍କ ନଜରକୁ ଆସିବାରୁ ସେମାନେ ହରିଣକୁ ଉଦ୍ଧାର କରିଥିଲେ। ଉଦ୍ଧାରବେଳେ କୁକୁର ଦ୍ୱାରା ହରିଣଟି ଆହତ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ସେଠାରୁ ହରିଣଟିକୁ ଉଦ୍ଧାର କରି ଚିକିତ୍ସା କରାଉଥିବା ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ କହିଛନ୍ତି।

# କୁଶଳେଶ୍ୱର ସ୍କାଉଟ ପକ୍ଷରୁ ପାନୀୟ ଜଳ ସେବା

ଆନନ୍ଦପୁର,୪।୫(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ବିଭାଗ ତରଫରୁ ଏକ ବିଶୁଦ୍ଧ ପାନୀୟ ଜଳ ସେବା ଶିବିର ସେଣ୍ଢେଇ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅଧ୍ୟାପକ ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ପାତ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ବିଜୟ କୁମାର ଚକ୍ର, ଅଧ୍ୟାପିକା ଇଲାବତୀ ଖୁଣ୍ଟିଆ, ମିତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରୋଭର ସତ୍ୟବ୍ରତ ସାହୁ, ଶୁଭମ ଓଝା, ସୁବ୍ରତ କୁମାର ଜେନା, ରେଞ୍ଜର ଶକ୍ତିରୂପା ବଳ, ଲିଜାରାଣୀ ଦାସ, ପ୍ରୀତିପ୍ରଜ୍ଞା ରାଉତ, ଜ୍ୟୋତିର୍ମୟୀ ଜେନା ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



## ଭିନ୍ନକ୍ଷମ ସଚେତନତା କର୍ମଶାଳା




କେନ୍ଦୁଝର,୪।୫(ସମିସ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦଭାବନା ପକ୍ଷରୁ ସ୍ଥାନୀୟ ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଦିନିକିଆ ଭିନ୍ନକ୍ଷମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଝୁମ୍ପୁରା ବ୍ଲକ୍‌ର ନହବେଡା, ଖେଣ୍ଡରା, ବାଲିବନ୍ଧ, ଖୁଣ୍ଟାପଡ଼ା, ଝୁମ୍ପୁରା ଓ ଅର୍ଶଳା ପଞ୍ଚାୟତରୁ ୬୫ରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ। ସମାଜରେ ଭିନ୍ନକ୍ଷମ ଲୋକ ସାମାଜିକ ମର୍ଯ୍ୟାଦା ନେଇ ବଞ୍ଚିବା ସହ କିପରି ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ, ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା। ତୃଣମୂଳ ସ୍ତରରୁ ଏଥି ପ୍ରତି କାର୍ଯ୍ୟ କରିବାର ଅଛି ବୋଲି ସ୍ଥିର କରି ଆଜି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଭିନ୍ନକ୍ଷମତା କ'ଣ, ଭିନ୍ନକ୍ଷମ ହେବାର ସମ୍ଭାବ୍ୟ କାରଣ, ଆଦ୍ୟ ଚିହ୍ନଟିକରଣ, ସେମାନଙ୍କ ଲାଗି ଥିବା ସରକାରୀ ଯୋଜନା ଓ ଯୋଜନା ଉପଲବ୍ଧ କରାଉଥିବା ସଂସ୍ଥା ଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଝୁମ୍ପୁରା ବ୍ଲକ୍‌ର ସାମାଜିକ ସୁରକ୍ଷା ଅଧିକାରୀ ବନ୍ଦନା ଗିରି, ସମ୍ମାନିତ ଅତିଥି ଭାବେ ସାଇବାଣୀ ବେହେରା ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ସଦ୍‌ଭାବନା ଅନୁଷ୍ଠାନର କର୍ମୀ ପରିଚାଳନା କରିଥିଲେ।

# ଆନନ୍ଦପୁରରେ କେବେ ଖୋଲିବ ଏଆର୍‌ଟିଓ

ଆନନ୍ଦପୁର,୪।୫(ସମିସ): ଆନନ୍ଦପୁର ଉପଖଣ୍ଡରେ ଏଆର୍‌ଟିଓ କେବେ ଖୋଲିବ ବୋଲି ପ୍ରଶ୍ନ ଉଠୁଛି। ବିଭିନ୍ନ ଅଞ୍ଚଳରୁ, ଏପରିକି ପ୍ରାୟ ୧୩୦ କିଲୋମିଟର ଦୂରରୁ କେନ୍ଦୁଝର ମୁଖ୍ୟାଳୟକୁ ପରିବହନ ସମ୍ପର୍କିତ କାର୍ଯ୍ୟରେ ଲୋକେ ଯାଉଥିବାବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡରେ ଗାଡ଼ିମୋଟର ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଥିବା ବେଳେ ଗାଡ଼ିର ନଥିପତ୍ର ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଏ ସମ୍ପର୍କିତ କାର୍ଯ୍ୟ ପାଇଁ ଲୋକଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ଏହାର ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ଶାଳପଡ଼ାର ଇନ୍ଦିର ଇନ୍ଦିରା ପଡ଼ିଆଠାରେ ଆରମ୍ଭ କରିଥିବା ଗାଡ଼ିର ଫିଟନେସ୍ କ୍ୟାମ୍ପ ମାତ୍ର କିଛିଦିନ ପରେ ବନ୍ଦ ହୋଇଯାଇଛି। ହେଲେ ଜିଲ୍ଲାର ଚମ୍ପୁଆ ଉପଖଣ୍ଡ ଅଧିବାସୀଙ୍କୁ ସୁବିଧା ଦେବା ପାଇଁ ବଡ଼ବିଲଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଆନନ୍ଦପୁରଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲୁନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝରଠାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ବାରମ୍ବାର ଯିବାକୁ ପଡୁଥିବାରୁ ଆନନ୍ଦପୁର ଉପଖଣ୍ଡର ଜନସାଧାରଣ ନାହିଁନଥିବା ହୀନସ୍ତା ହେଉଛନ୍ତି। ପରିବହନ କାର୍ଯ୍ୟାଳୟ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଥିବାରୁ ଲୋକେ କାଗଜପତ୍ର ଓ ଲାଇସେନ୍ସ ପାଇଁ ହଇରାଣ ହେଉଛନ୍ତି। ଜିଲ୍ଲାର ଚମ୍ପୁଆ ଉପଖଣ୍ଡର ବଡ଼ବିଲରେ ୧୫ବର୍ଷ ତଳୁ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଆନନ୍ଦପୁରକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ଜନସଂଖ୍ୟା ପ୍ରାୟ ୮ ଲକ୍ଷ ୫୦ ହଜାରରୁ ଅଧିକ ଓ ଗାଡ଼ି ସଂଖ୍ୟା ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ। ବର୍ତ୍ତମାନ ଗାଡ଼ି ଚଳାଇବା ପାଇଁ କାଗଜପତ୍ର ଓ ଲାଇସେନ୍ସ ଅତି ଜରୁରୀ ହୋଇପଡ଼ିଛି। ସମସ୍ତ କାଗଜପତ୍ର ଓ ଲାଇସେନ୍ସ ପାଇଁ କେନ୍ଦୁଝର ଜିଲ୍ଲା ପରିବହନ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଆନନ୍ଦପୁରରୁ କେନ୍ଦୁଝର ପରିବହନ କାର୍ଯ୍ୟାଳୟ ୮୦ କିମି ଦୂର ହୋଇଥିବା ବେଳେ ଉପଖଣ୍ଡର ଅନେକ ସ୍ଥାନରୁ ଏହାର ଦୂରତା ପ୍ରାୟ ୧୩୦ କିମିରୁ ବି ଊର୍ଦ୍ଧ୍ୱ ରହିଛି। ଗୋଟିଏ ଦିନରେ କେନ୍ଦୁଝରରୁ ଗାଡ଼ିକାର୍ଯ୍ୟ ସାରି ଫେରିବା କଷ୍ଟକର ହୋଇପଡୁଥିବାରୁ ଉପଖଣ୍ଡ ଅଧିବାସୀ ଅସୁବିଧା ଭୋଗୁଛନ୍ତି। ଲାଇସେନ୍ସ କରିବା ପାଇଁ ଓ ବିଭିନ୍ନ କାମ ପାଇଁ ଗଲେ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଲୋକେ ହଇରାଣ ହେବା ସହିତ ଅଯଥା ଖର୍ଚ୍ଚାନ୍ତ ହୋଇ ନିରାଶରେ ଘରକୁ ଫେରୁଛନ୍ତି। ପୂର୍ବରୁ ଏଠାରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲିବାକୁ ଆନନ୍ଦପୁରର ବିଧାୟକ ଭାଗୀରଥି ସେଠୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଦ୍ୟାବଧି ଏହି ପ୍ରସ୍ତାବ ଶୀତଳ ଭଣ୍ଡାରରେ ରହିଛି। ଆନନ୍ଦପୁରରେ ଏଆର୍‌ଟିଓ କାର୍ଯ୍ୟାଳୟ ଖୋଲିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହୋଇଛି।

## ଜିଲ୍ଲାରେ ନାହିଁ ସୈନିକ ବୋର୍ଡ

# ପୂର୍ବତନ ସୈନିକ ପୁନର୍ବାସ ଯୋଜନାରେ ପ୍ରତିଷ୍ଠା ଦାବି

ବାରିପଦା, ୪।୫(ସମିସ)

ଦେଶର ସୁରକ୍ଷାରେ ଅହରହ ନିୟୋଜିତ ହେଉଥିବା ସୈନିକଙ୍କ ପାଇଁ ୧୯୯୮ରୁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ସୈନିକ ବୋର୍ଡ ନାହିଁ। ଏହା କାର୍ଯ୍ୟକ୍ଷମ ନ ହେବାରୁ ପୂର୍ବତନ ସୈନିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୈନିକଙ୍କ ସମସ୍ୟା ବୁଝିବା ପାଇଁ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲା ସୈନିକ ସେଲର, ଏୟାରମ୍ୟାନ ବୋର୍ଡ (ଡିଏସଏସଏ ବୋର୍ଡ) ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରୁଥିଲା। ଉକ୍ତ ବୋର୍ଡ ଜରିଆରେ କାର୍ଯ୍ୟରତ ସୈନିକ, ଅବସରପ୍ରାପ୍ତ ସୈନିକ, ଯୁଦ୍ଧରେ ସହିଦ ସେନା କର୍ମଚାରୀଙ୍କ ପରିବାର, ଯୁଦ୍ଧରେ ଆହତ ହୋଇଥିବା ସୈନିକ, ବିଭିନ୍ନ ଶାନ୍ତି ଓ ଯୁଦ୍ଧ ସେବା ମେଡାଲ ହାସଲ କରିଥିବା ସୈନିକ, ସେନା କାର୍ଯ୍ୟ କରୁଥିବା ଅବସ୍ଥାରେ ନିଜର ଅଙ୍ଗ ହରାଇଥିବା ସୈନିକ ଓ ତାଙ୍କର ପରିବାରଙ୍କୁ ସ୍ଥାନୀୟ ପ୍ରଶାସନିକ ସହାୟତା ମିଳୁଥିଲା। ଅବସରପ୍ରାପ୍ତ ସୈନିକଙ୍କୁ ପରିଚୟପତ୍ର, ସୈନିକଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ବାବଦରେ ପ୍ରମାଣପତ୍ର ସହିତ ଅନେକ କାର୍ଯ୍ୟ ଏହି ବୋର୍ଡ ଜରିଆରେ ହେଉଥିଲା। ସୈନିକଙ୍କ ପୁନର୍ବାସ, ଥଇଥାନ ପାଇଁ ମଧ୍ୟ ଏହି ବୋର୍ଡର ଆବଶ୍ୟକତା ପଡୁଥିଲା। କିନ୍ତୁ ୧୯୯୮ରେ ଏହି ବ୍ୟବସ୍ଥା ଜିଲ୍ଲାରୁ ଉଚ୍ଛେଦ କରାଯାଇଥିଲା। ପରେ କେନ୍ଦ୍ରୀୟ ସୈନିକ ବୋର୍ଡ ଅଧୀନରେ କାର୍ଯ୍ୟ କରିବାକୁ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସୈନିକ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସୈନିକ ବୋର୍ଡର ସମ୍ପାଦକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପାଦିତ ହେବା କଥା। ସେହିପରି ରାଜ୍ୟ ସୈନିକ ବୋର୍ଡ ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ଗଠନ ହେବା ନିୟମ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ସୈନିକ ବୋର୍ଡ ନ ଥିବାରୁ ପୂର୍ବତନ ସୈନିକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ଥିବା ସୁବିଧା ପାଇବାରେ ସମସ୍ୟା ହେଉଛି। ତେଣୁ ଜିଲ୍ଲାରେ ସୈନିକ ବୋର୍ଡ ଗଠନ କରାଯିବାକୁ ଦାବି ହେଉଛି।

ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ପାଇଁ ଆବଶ୍ୟକ ହିତାଧିକାରୀଙ୍କ ସଂଖ୍ୟା ୭ ହଜାର ୫୦୦ ହେବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ହିତାଧିକାରୀଙ୍କ ସଂଖ୍ୟା କମ୍ ହେଲେ ମଧ୍ୟ ଜିଲ୍ଲା ସୈନିକ ବୋର୍ଡ ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲିବା କଥା। ପରିତାପର ବିଷୟ ଯେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ସୈନିକ ବୋର୍ଡ ଗଠିତ ହେବା ପାଇଁ ଆବଶ୍ୟକୀୟ ହିତାଧିକାରୀଙ୍କ ସଂଖ୍ୟା ୧୨ ହଜାର ଟପିଲାଣି। କିନ୍ତୁ ଜିଲ୍ଲା ସୈନିକ ବୋର୍ଡ ଗଠନ ବର୍ତ୍ତମାନ ସୁଦ୍ଧା ହୋଇପାରିଲାନାହିଁ। ଯାହାକି ଦେଶର ସୁରକ୍ଷା ପାଇଁ ବଳିଦାନ ଦେଉଥିବା ସୈନିକଙ୍କ ପ୍ରତି ଏକ ଅସମ୍ମାନ ଅଟେ। ୨୦୧୩ରେ ମୟୂରଭଞ୍ଜ ଜିଲ୍ଲାରେ ଅବସରପ୍ରାପ୍ତ ସୈନିକ ଲିଗ ଗଠନ ହେବା ପରେ ଏହାର ସଭାପତି କର୍ଣ୍ଣେଲ ଡ. ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ଜୁନିୟର ୱାରେଣ୍ଟ ଅଫିସର ଅଶୋକ କୁମାର ଦଳବେହେରା ମୟୂରଭଞ୍ଜ ସୈନିକଙ୍କ ପାଇଁ ଜିଲ୍ଲା ସୈନିକ ବୋର୍ଡ ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କରିଥିଲେ। ଏ ନେଇ ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବଙ୍କୁ ଅବଗତ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଏପରିକି ଜିଲ୍ଲା ସୈନିକଙ୍କ ସମସ୍ୟା ବାବଦରେ ସ୍ଥାନୀୟ ନେତା ଓ ମନ୍ତ୍ରୀଙ୍କୁ ମଧ୍ୟ ବହୁବାର ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ କୋଣସି ପ୍ରକାର ସଫଳ ନ ହେବାରୁ ହତାଶ ହୋଇ ସମ୍ପାଦକ ଅଶୋକ କୁମାର ଦଳବେହେରା ୨୦୧୭ରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏ ନେଇ ତତ୍କାଳୀନ ଜିଲ୍ଲାପାଳ, ଅତିରିକ୍ତ ଶାସନ ସଚିବଙ୍କୁ ପତ୍ର ଲେଖି ସୂଚନା ପ୍ରଦାନ କରିଥିଲେ। ମାତ୍ର ପତ୍ର ଲେଖାଯିବାର ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ମୟୂରଭଞ୍ଜ ଜିଲ୍ଲାର ପଡୋଶୀ କେନ୍ଦୁଝର ଜିଲ୍ଲାର ସୈନିକ ଓ ପରିବାର ସଦସ୍ୟଙ୍କୁ ମିଶାଇ ୪ ହଜାର ହୋଇଥିଲେ ମଧ୍ୟ ସେଠାକାର ନେତୃବୃନ୍ଦ ନିଜ ଜିଲ୍ଲାର ରାଜ୍ୟ ସରକାରଙ୍କ ସହାୟତାରେ ସୈନିକ କଲ୍ୟାଣ ବୋର୍ଡ ସ୍ଥାପନ କରାଇପାରିଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା ହୋଇ ନ ପାରିବା କ୍ଷୋଭର ବିଷୟ ଅଟେ। ତେବେ ପୂର୍ବତନ ସୈନିକ ପୁନର୍ବାସ ଯୋଜନାରେ ତୁରନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ସୈନିକ ବୋର୍ଡ ସ୍ଥାପନ କରି ସୈନିକ ତଥା ସୈନିକ ପରିବାର ମାନଙ୍କର ଥଇଥାନ ଓ ମଙ୍ଗଳ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅଧିକାରୀଙ୍କ ଛାଡୁନି ଇଂରାଜୀ ମୋହ

**କୁଆମରା, ୪।୫(ସମିସ):** ଓଡ଼ିଆ ଅସ୍ମିତା ନାରା ଦେଉଛନ୍ତି ସରକାର। ସୂଚନା ଫଳକ, ଅଫିସ ଚିଠି, ବିଜ୍ଞାପନ ପ୍ରଭୃତିକୁ ଇଂରାଜୀ ବଦଳରେ ଓଡ଼ିଆରେ ଲେଖିବାକୁ ସରକାର ଘୋଷଣା କରିଛନ୍ତି। ପ୍ରତି ସୂଚନା ଫଳକରେ ଓଡ଼ିଆ ଲେଖିବାକୁ ବାଧ୍ୟ ବୋଲି କଡାକଡି ନିର୍ଦ୍ଦେଶ ଦେଇଛନ୍ତି ସରକାର। ମାତ୍ର ନିୟମକୁ ସରକାରୀ ବାବୁ ଫୁ କରି ଦେଉଛନ୍ତି। ଅଧିକାଂଶ ସ୍ଥାନରେ ଏହା କେବଳ ଘୋଷଣାରେ ସୀମିତ ରହିଛି। ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଇଂରାଜୀ ମୋହ ଛାଡିପାରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଇଂରାଜୀ ଭାଷା ଆଗରେ ଓଡ଼ିଆ ଭାଷା ଗୌଣ ହୋଇପଡୁଛି। ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ଓଡ଼ିଆ ଶାସନ ଓ ଓଡ଼ିଆ ଲେଖାପ୍ରତି ଗୁରୁତ୍ୱ ରହିବ ବୋଲି କହିଥିଲେ। ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖା ରହିଲେ ସାଧାରଣ ଲୋକ କାର୍ଯ୍ୟ ସମ୍ପର୍କରେ ବୁଝିପାରିବ। ମାତ୍ର ଚିରାଚରିତ ଭାବେ ପୂର୍ବ ଭଳି ଏବେ ବି ଇଂରାଜୀ ଭାଷାରେ ଅନେକ ସ୍ଥାନରେ ସୂଚନା ଫଳକ ରହିଛି। ଫଳରେ ବିଭିନ୍ନ କ୍ଷେତ୍ରରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇବର୍ଷ ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଓଡ଼ିଆ ଭାଷାରେ ଲେଖା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟ ବେଳକୁ ଫଳ ଶୂନ୍ୟ। ପୂର୍ବ ଭଳି ଇଂରାଜୀ ପ୍ରୀତି ଛାଡ଼ିପାରୁନାହାଁନ୍ତି ବିଭାଗୀୟ ଅଧିକାରୀ। ତେବେ ସରକାରଙ୍କ ଘୋଷଣା କାର୍ଯ୍ୟକାରୀ କରିବା ପାଇଁ କଡାକଡି ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।




## କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ରୂପାଲୀ ମୃତ୍ୟୁ ଘଟଣା

# ବଜରଙ୍ଗ ସେନା ଓ ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଦାବିପତ୍ର



**ବାରିପଦା, ୪।୫(ସମିସ):** ଗତ ଏପ୍ରିଲ ୧୨ ତାରିଖରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ପ୍ରାଣ ହରାଇଥିବା ଛାତ୍ରୀ ରୂପାଲୀ ବେହେରାଙ୍କ ମୃତ୍ୟୁକୁ ନେଇ ଜିଲ୍ଲାରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଅଭାବନୀୟ ଘଟଣାରେ ପରିବାରକୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମୟୂରଭଞ୍ଜ ଜିଲ୍ଲା ବଜରଙ୍ଗ ସେନା ଓ ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ରୂପାଲୀଙ୍କ ଶବ ନେଇଯାଉଥିବା ଆମ୍ବୁଲାନ୍ସ ଉପରକୁ କିଛି ଦୁର୍ବୃତ୍ତ ପଥରମାଡ଼ କରିବା ସହ ନିଆଁ ହୁଳା ଫିଙ୍ଗିବା ଭଳି ଏକ ସମ୍ବେଦନଶୀଳ ଅଭିଯୋଗ ସାମ୍ନାକୁ ଆସିଥିଲା। ରୂପାଲୀଙ୍କ ଶବ ନେଇ ଆସିଥିବା ଆମ୍ବୁଲାନ୍ସ କାଚ ଭାଙ୍ଗି ମୃତକଙ୍କ ପରିବାର ଲୋକଙ୍କୁ ମାଡ଼ ମରାଯାଇଥିଲା। ଏପରି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ଗିରଫ କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ବଜରଙ୍ଗ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବଳାୟ ମୁର୍ମୁ। ଏହି କାର୍ଯ୍ୟକ୍ରମରେ କାର୍ତ୍ତିକ ମହାନ୍ତ, ଅଭିଜିତ ପଣ୍ଡା, ସଞ୍ଜିତ ବେହେରା, ମାନସ କର୍ମକାର, ସୁମନ୍ତ ଦାଶ, ବ୍ୟୋମକେଶ ସେଜପଡ଼ା, ବିମଳ ଦାସ, ମୋନାଜ୍ ବେହେରା, ଦୁର୍ଗା ସେନାପତି, ସତ୍ୟରଞ୍ଜନ ଗୋଛାୟତ ଙ୍କ ସମେତ ସଙ୍ଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ତକତପୁରରେ ଖୋଲିବ ଏଥନିକ୍ ଟ୍ରାଇବାଲ୍ ମଲ୍

**ବାରିପଦା, ୪।୫(ସମିସ):** ଆଦିବାସୀ ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ପାଇଁ ଶୁଭ ଖବର। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନ୍‌ଏଚ୍-୧୮ ରାସ୍ତା ପାର୍ଶ୍ୱ ତକତପୁର ନିକଟରେ ଏଥନିକ୍ ଟ୍ରାଇବାଲ୍ ମଲ୍ ଖୋଲିବାକୁ ଯାଉଛି। ଆଦିବାସୀ କଳା, ସଂସ୍କୃତି ଓ ଉଦ୍ୟୋଗିକତାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ବିଶେଷ ସ୍ଥାନ କରାଯାଇଛି। ଯେଉଁଥିରେ ଆଦିବାସୀ କାରିଗରମାନଙ୍କୁ ସେମାନଙ୍କ ପ୍ରକୃତ ପ୍ଲାଟଫର୍ମ ମିଳିବ। ଜିଲ୍ଲା ପ୍ରଶାସନର ଏହା ଏକ ଉତ୍କୃଷ୍ଟ ଉଦ୍ୟମ। ଯାହା ଆଦିମ ଐତିହ୍ୟକୁ ଉଦ୍‌ଯାପିତ କରିବ। ବାରିପଦାସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସହଯୋଗରେ ଏହି ଭବନ ନିର୍ମାଣ କରାଯାଇଛି। ଏଥିପାଇଁ ପ୍ରାୟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

ଉକ୍ତ ମଲ୍‌ରେ ଆଦିବାସୀ ପୋଷାକ, ସବାଇ ଘାସରେ ତିଆରି ବିଭିନ୍ନ ଜିନିଷ, ମହୁ, ଝୁନା, ବଡ଼ି, ମସଲା, ଚାଉଳରେ ତିଆରି ଅରିସା, କାକରା, ବିରିୟାନୀ ଓ ମଣ୍ଡିଆରେ ତିଆରି ଅରିସା, କାକରା, ସୁପ୍, କେକ୍, ବିରିୟାନୀ ସମେତ ବେଷ୍ଟ ବେକାରୀ ଜାତୀୟ ଜିନିଷ, ବିଭିନ୍ନ ଆଦିବାସୀ ଉତ୍ପାଦ ଉପଲବ୍ଧ ହେବ। ଏହା ମାଧ୍ୟମରେ ଉଦ୍ୟୋଗିକତା ବିକାଶ ପାଇଁ ପ୍ରୟାସ କରାଯାଉଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରାରମ୍ଭରେ ଦୁଇଜଣ କର୍ମଚାରୀ ଉତ୍ପାଦ ପରିଚାଳନା ପାଇଁ ନିୟୋଜିତ ହେବେ। ଭବିଷ୍ୟତରେ ଆହୁରି ଅଧିକ କର୍ମଚାରୀ ନିୟୋଜିତ ହେବେ। ବ୍ୟବସାୟ କୌଶଳ ଅନୁଯାୟୀ, ଆଦିବାସୀ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କଠାରୁ ଉତ୍ପାଦ ସଂଗ୍ରହ କରାଯିବ। ସମସ୍ତ ଉତ୍ପାଦରେ ବାରକୋଡ୍ ଲଗାଯିବ ଓ ଅନଲାଇନ୍ ମାଧ୍ୟମରେ ଷ୍ଟକ୍, ଦୈନିକ ବ୍ୟବସାୟର ଏଣ୍ଟ୍ରି କରାଯିବ। ଉତ୍ପାଦ ବିକ୍ରି ହେବା ପରେ ଏସ୍‌ଏଚ୍‌ଜିଙ୍କୁ ସେମାନଙ୍କ ଉତ୍ପାଦର ମୂଲ୍ୟ ପ୍ରଦାନ କରାଯିବ। ଏହା ମାଧ୍ୟମରେ ପରିଚାଳନା ଓ ଏସ୍‌ଏଚ୍‌ଜି ମଧ୍ୟରେ ସ୍ୱଚ୍ଛତା ବଜାୟ ରହିବ। ସ୍ଥାନ ଚୟନ ସମୟରେ ରାସ୍ତା ସଂଯୋଗ, ପରିବହନ ସୁବିଧା ଓ ଅନ୍ୟାନ୍ୟ ଅବସ୍ଥାପନାକୁ ଦୃଷ୍ଟିରେ ରଖାଯାଇଥିଲା। ଜିଲ୍ଲା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି ଯେ, ଆଦିବାସୀ ଏସ୍‌ଏଚ୍‌ଜି ଏହା ମାଧ୍ୟମରେ ସେମାନଙ୍କ ଉତ୍ପାଦ ବିକ୍ରି କରି ଆୟର ଉତ୍ସ ପାଇପାରିବେ। ବହୁ ଆଦିବାସୀ ଉତ୍ପାଦ ଏ ପର୍ଯ୍ୟନ୍ତ ବଜାରରେ ସଠିକ୍ ଭାବେ ପହଞ୍ଚୁନାହିଁ ଓ ସହରାଞ୍ଚଳର ଲୋକେ ସେଗୁଡ଼ିକ ବିଷୟରେ ଅଜ୍ଞାତ ଥାଆନ୍ତି। ଏଥନିକ୍ ଟ୍ରାଇବାଲ୍ ମଲ୍ ଏକ ଉତ୍ତମ ପ୍ଲାଟଫର୍ମ। ଯେଉଁଥିରେ ଆଦିବାସୀ ଏସ୍‌ଏଚ୍‌ଜିଙ୍କୁ ଆୟର ସୁଯୋଗ ମିଳିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ ଏହି ଉତ୍ପାଦ କିଣି ଲାଭ ପାଇପାରିବେ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଏଥନିକ୍ ଟ୍ରାଇବାଲ୍ ମଲ୍ ପରିଦର୍ଶନ କରି ଉଦ୍‌ଘାଟନର ଅନ୍ତିମ ପ୍ରସ୍ତୁତି ସମୀକ୍ଷା କରିଛନ୍ତି।



## ଧନ୍ଦାମୂଳକ ଶିକ୍ଷାରେ ବାଳିକା ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ରାଇରଙ୍ଗପୁର, ୪।୫(ସମିସ):** ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରାଇରଙ୍ଗପୁରର ଛାତ୍ରୀ ଧନ୍ଦାମୂଳକ ଶିକ୍ଷାରେ ଶତପ୍ରତିଶତ ସହ ଉତୀର୍ଣ୍ଣ ହୋଇଛନ୍ତି। ଏଥିସହିତ ଧନ୍ଦାମୂଳକ ଶିକ୍ଷା (କୃଷି) ବିଷୟରେ ୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ଛାତ୍ରୀ ଶତପ୍ରତିଶତ ମାର୍କ ରଖିଛନ୍ତି। ୨୬ ଜଣ ଛାତ୍ରୀ ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିସିପ୍ରଭା ମହାନ୍ତ, ଜିଲ୍ଲା ସଂଯୋଜକ ସପନ କୁମାର ପୃଷ୍ଟି, ରାଜ୍ୟ ଧନ୍ଦାମୂଳକ ଶିକ୍ଷା (ଆଇସେକ୍ଟ)ର ମୁଖ୍ୟ ସନ୍ତୋଷ ପାଇକରାୟ ପ୍ରମୁଖ ବିଦ୍ୟାଳୟର ଧନ୍ଦାମୂଳକ କୃଷି ଶିକ୍ଷକ ଦୀପ୍ତିମନ୍ତ ପାଇକରାୟ ଓ ଇଲୋକ୍ଟ୍ରୋନିକ୍ସ ଶିକ୍ଷକ ସତ୍ୟନାରାୟଣ ବେହେରା ଓ ଅଜିତ କୁମାର ମହାପାତ୍ର ପ୍ରମୁଖ ସହିତ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସିମରନ ଜାହାଁନ ୫୨୧ ମାର୍କ ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ଶତ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଗୌରବ ଆଣିଛନ୍ତି।

# କେଶଡିହାରେ ପେସା ଗ୍ରାମସଭା



**ଠାକୁରମୁଣ୍ଡା, ୪।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ଗ୍ରାମ ପଞ୍ଚାୟତର କେଶଡିହା ଗ୍ରାମର ରାଇଆଁ ସାହିରେ ସୋମବାର ଦିନ ପେସା ଗ୍ରାମସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଭିତରେ ପେସା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହି ସଭାର ପ୍ରଧାନ ଉଦ୍ଦେଶ୍ୟ ଥିଲା। ସଭା ଆରମ୍ଭର ପୂର୍ବରୁ ଗ୍ରାମ ପ୍ରବେଶ ପଥରେ ଥିବା ପେସା ଆଇନ ୧୯୯୬ ଓ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଲେଖା ଥିବା ପଥର ପାଖରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମଙ୍ଗଳ ବାନାରାଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପେସା ଗ୍ରାମସଭା କୋର୍ଡିନେଟର କମିଟି ସମ୍ପାଦକ ନାନୁରାମ ମୁର୍ମୁ ଯୋଗ ଦେଇଥିଲେ। ସେଥିରେ ଜିଲ୍ଲା କୋର୍ଡିନେଟର ଠାକୁରମୁଣ୍ଡା ବ୍ଲକ ସଭାପତି ବୁଡାନ ମୁର୍ମୁ, କପ୍ତିପଦା ବ୍ଲକ ସଭାପତି ସୁନାରାମ ଟୁଡ୍ଡୁ, ଉଦଳା ବ୍ଲକ ସଭାପତି ବାଗେଲ ହାଂସଦା, ସାଧୁଚରଣ କେଣ୍ଡାକେଲ, ପୂର୍ବତନ ସରପଞ୍ଚ ରଘୁନାଥ ନାଏକ ଓ ଆଇନଜୀବୀ ଗଣେଶ ଗାଗାରାୟ ଉପସ୍ଥିତ ଥିଲେ। ଏଥିସହ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସଭାରେ ନାନୁରାମ ମୁର୍ମୁ ପେଶା ଆଇନ ୧୯୯୬ ଓ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଅନୁଯାୟୀ ସ୍ୱୟଂଶାସନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ, ସେ ବିଷୟରେ ବିସ୍ତୃତ ଉପଦେଶ ଦେଇଥିଲେ। ସେ କହିଥିଲେ, ପେସା ଆଇନ ଦ୍ୱାରା ଆଦିବାସୀ ଓ ଗ୍ରାମୀଣ ଲୋକମାନେ ନିଜର ଅଧିକାର ସୁରକ୍ଷିତ କରିପାରିବେ ଓ ସ୍ୱୟଂଶାସନକୁ ମଜବୁତ କରିପାରିବେ। ସଭାରେ ପଞ୍ଚାୟତର ସମସ୍ତ ୱାର୍ଡବାସୀ ପେଶା ନିୟମକୁ ମାନିବା ପାଇଁ ସହମତି ଜଣାଇଥିଲେ। ଏହା ଗ୍ରାମର ସାମୂହିକ ଉନ୍ନତି ଓ ଅଧିକାର ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏ ଅବସରରେ କେଶଡିହା ପେଶା ଗ୍ରାମସଭାର ସଭାପତି ଭାବେ ସାଧୁ ଚରଣ କେଣ୍ଡାକେଲ ଓ ସମ୍ପାଦକ ଭାବେ ଘନ ସଏଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ପାତର ବଦରା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରାଯାଇଥିଲା। ଗ୍ରାମ ସ୍ତରରେ ପେଶା ଆଇନ ସମ୍ପର୍କରେ ଏଭଳି ସଚେତନତା ସଭା ଆୟୋଜନ ହେବା ଫଳରେ ଲୋକମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଉଛି।

## ବାରିପଦା ବସ୍‌ଷ୍ଟାଣ୍ଡରେ ଦୁର୍ଘଟଣା

# ବସ୍ ଚାପାରେ ଶିଶୁପୁତ୍ର ମୃତ

**ବାରିପଦା, ୪।୫(ସମିସ):** ଅଢେଇ ବର୍ଷର ଶିଶୁପୁତ୍ର ଉପରେ ବସ ମାଡିଯିବାରୁ ମୃତ୍ୟୁ ଘଟିଛି। ବାରିପଦା ଘରୋଇ ବସଷ୍ଟାଣ୍ଡରେ ଏଭଳି ଅଘଟଣ ଘଟିଛି। ପିଲାଟି ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ଧାରୀ ଗ୍ରାମର ବୋଲି ଜଣାପଡ଼ିଥିବାବେଳେ ବସ ଚାଳକଙ୍କ ଅସାବଧାନତା ହେତୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ବସ୍ ଯୋଗେ ନିଜ ଶଶୁର ଘର ବଡସାହି ଥାନା ଅନ୍ତର୍ଗତ ଡଙ୍ଗାଡିହା ଯିବା ପାଇଁ ନିଜ ଘର ଅନ୍ଧାରୀରୁ ଏକ ଅଟୋ ଯୋଗେ ବାରିପଦା ବସଷ୍ଟାଣ୍ଡ ପହଞ୍ଚିଥିଲେ ଟୁନା ହାଁସଦାଙ୍କ ପରିବାର। ସେଠାରେ ବସ୍ ଛାଡିବା ସମୟ ପଚାରିବା ପରେ ପୁଅକୁ ଆଇସକ୍ରିମ ଓ କୁରୁକୁରି କିଣିବା ପାଇଁ ପାଖରେ ଥିବା ଦୋକାନକୁ ଯାଇଥିଲେ। ମଧ୍ୟାହ୍ନ୧୨.୩୦ ମିନିଟ ସମୟରେ ବାରିପଦାରୁ ଚନ୍ଦନେଶ୍ୱର ଯିବାକୁ ଗୀତାଞ୍ଜଳି ନାମକ ଘରୋଇ ବସ୍ ତରତର ହୋଇ ବସଷ୍ଟାଣ୍ଡ ଭିତରକୁ କିଛି ନ ଦେଖି ମାଡିଯାଉଥିଲାବେଳେ ମାଆ ଓ ଛୁଆ ଲିପୁନକୁ ସାଇଡ୍‌ରୁ ଧକ୍କା ଦେଇଥିଲା। ଫଳରେ ମାଆପୁଅ ତଳେ ପଡ଼ିଯାଇଥିଲେ। ମାଆ ଅଳ୍ପକେ ବର୍ତ୍ତିଯାଇଥିଲାବେଳେ ପୁଅ ଲିପୁନର ଜଙ୍ଘ ଉପରେ ବସ୍ ଚକ ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ଲିପୁନକୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଭର୍ତ୍ତି କରାଯାଇଥିଲାବେଳେ ଚିକିତ୍ସାଧୀନ ଅବସ୍ଥାରେ ଲିପୁନର ମୃତ୍ୟୁ ଘଟିଛି। ବାରିପଦା ଟାଉନ ଥାନା ପୁଲିସ ବସଷ୍ଟାଣ୍ଡରୁ ବସ୍‌କୁ ଜବତ ରଖି ତଦନ୍ତ ଜାରି ରଖିଛି।

ଅନ୍ୟପକ୍ଷରେ ବସଷ୍ଟାଣ୍ଡରେ କେତେକ ବସ ମାଲିକ/କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏପରି ଦୁର୍ଘଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଛୋଟ ସ୍ଥାନରେ ପ୍ରତିଦିନ ଶହ ଶହ ବସ୍ ଯାତାୟାତ କରୁଥିବାବେଳେ ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ଏପରି ଘଟଣା ଘଟିଲା। ବସ୍‌ଗୁଡିକ ଖୁନ୍ଦିଖାନ୍ଦୀ ହୋଇ ପ୍ରବେଶ ଓ ପ୍ରସ୍ଥାନ କରୁଥିବାବେଳେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବସ୍‌ଷ୍ଟାଣ୍ଡର ସ୍ଥାନ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି। ମ୍ରିୟମାଣ ଟୁନା ହାଁସଦାଙ୍କ ସମସ୍ତ ଆସବାବପତ୍ର ହଜିଯାଇଛି। ଅତ୍ୟନ୍ତ ଗରିବ ପରିବାରର ଲୋକ ହୋଇଥିବା କାରଣରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରୁଛନ୍ତି।

## ପୁଣି ବଦଳିଲେ ବାମନଘାଟି ଉପଜିଲ୍ଲାପାଳ

# ଉଗ୍ରସେନ ଓରାମ ନୂତନ ଉପଜିଲ୍ଲାପାଳ ନିଯୁକ୍ତ

**ରାଇରଙ୍ଗପୁର, ୪।୫(ସମିସ):** ପ୍ରାୟ ଦୁଇମାସ ହେବ ବାମନଘାଟି ଉପଜିଲ୍ଲାପାଳ ପଦବୀ ଖାଲିପଡ଼ିଛି। ନୂତନ ଉପଜିଲ୍ଲାପାଳ ନିଯୁକ୍ତି ନେଇ ବାରମ୍ବାର ବିଜ୍ଞପ୍ତି ପ୍ରକାଶ ପାଉଥିଲେ ସୁଦ୍ଧା କେହି ଅଧିକାରୀ ଯୋଗ ଦେଉନାହାନ୍ତି। ଇତିମଧ୍ୟରେ ପୁଣି ନୂତନ ଉପଜିଲ୍ଲାପାଳ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଉଗ୍ରସେନ ଓରାମଙ୍କୁ ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ରାଜ୍ୟପାଳଙ୍କ ଆଦେଶକ୍ରମେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଘାସିରାମ ମୁର୍ମୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ପରେ ପ୍ରାୟ ମାସେ ହେବ ଉକ୍ତ ସ୍ଥାନ ଖାଲିପଡ଼ିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ନୂତନ ଉପଜିଲ୍ଲାପାଳ ଭାବେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ ବଦଳି ହୋଇଥିବା ସତ୍ତ୍ୱେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗଦାନ କରିଥିଲେ। ଯାହାକୁ ନେଇ ପୁନଶ୍ଚ ଏକ ନୂତନ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଯେଉଁଥିରେ କି ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କୁ ବାମନଘାଟି ଉପଖଣ୍ଡରେ ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ସେ ଉକ୍ତ ସ୍ଥାନରେ ଯୋଗ ଦେଲେନାହିଁ। ତାଙ୍କୁ ପୁନଶ୍ଚ ଝାରସୁଗୁଡାର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ଇତିମଧ୍ୟରେ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଦୁଇଟି ଓଏଏସ ଅଧିକାରୀଙ୍କ ବଦଳି କରାଗଲାଣି। କିନ୍ତୁ କେହି ଅଧିକାରୀ ଯୋଗ ଦେଉନାହାନ୍ତି। ପୁଣି ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେ ନୂତନ ଉପଜିଲ୍ଲାପାଳ ଯୋଗ ଦେଉଛନ୍ତି କି ନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଷ୍ଟ୍ରପତିଙ୍କ ଅଞ୍ଚଳରେ ମାସ ମାସ ଧରି ଉପଜିଲ୍ଲାପାଳ ପଦବୀ ଖାଲି ରହିଥିବାବେଳେ ଅଧିକାରୀ ନିଯୁକ୍ତିରେ କିଛି ବାହ୍ୟ ଶକ୍ତି କାର୍ଯ୍ୟ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ବାରମ୍ବାର ପ୍ରକାଶ ପାଉଛି ବିଜ୍ଞପ୍ତି, ଯୋଗ ଦେଉନାହାନ୍ତି ଅଧିକାରୀ**

## ନକଲି ମଦର ହବ୍ ପାଲଟିଛି ରାଇରଙ୍ଗପୁର

# ଅସଲି ମଦ ବୋତଲରେ ମିଳୁଛି ନକଲି ମଦ

ରାଇରଙ୍ଗପୁର, ୪।୫(ସମିସ)

ବର୍ତ୍ତମାନ ରାଇରଙ୍ଗପୁର ନକଲି ମଦ ବିକ୍ରିର ହବ ପାଲଟିଛି। ନିୟମିତ ନକଲି ମଦ ବିକ୍ରି ହେଉଛି। ସବୁ ଜାଣି ସୁଦ୍ଧା ଅବକାରୀ ବିଭାଗ ନିଦାବିଷ୍ଣୁ ସାଜିଛି। ପଡ଼ୋଶୀ ଝାଡ଼ଖଣ୍ଡ ଓ ରାଇରଙ୍ଗପୁର ଆଖପାଖ ଅଞ୍ଚଳରେ ବେଧଡ଼କ ଭାବେ ନକଲି ମଦ ପ୍ରସ୍ତୁତ ହୋଇ ବିକ୍ରି ହେଉଛି। ବ୍ରାଣ୍ଡେଡ୍ କମ୍ପାନୀ ସହ ଅନ୍ୟାନ୍ୟ ବିଭିନ୍ନ କମ୍ପାନୀର ମଦ ବୋତଲରେ ନକଲି ମଦ ବିକ୍ରି ହେଉଛି। ଯାହାକୁ ପିଉଥିବା ଲୋକଙ୍କ ଅକାଳରେ ପ୍ରାଣହାନି ଘଟୁଛି। ନକଲି ବିଦେଶୀ ମଦ, ଠିପି, ଦେଶୀ ମଦ ଓ ସିଲ୍ ମେସିନ ଆଦି ବ୍ୟବହାର କରି ବିପୁଳ ପରିମାଣର ନକଲି ମଦ ବିକ୍ରି କରୁଛନ୍ତି। ଲୋକ ମଦ ଭାବି ବିଷ ପିଉଛନ୍ତି।

ପ୍ରାୟ ବର୍ଷକ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ତିରିଂ ଥାନା ଅଞ୍ଚଳରେ ଚଢ଼ଉ କରି ନକଲି ମଦ ପ୍ରସ୍ତୁତ କାରଖାନା ଠାବ କରିଥିଲେ। ଏହା ସୀମାନ୍ତରେ ଥିବାବେଳେ ଅଞ୍ଚଳରେ ବିପୁଳ ପରିମାଣରେ ବିକ୍ରି ହେଉଥିଲା। ଏ ସମୟରେ ଚଢ଼ଉ କରି ବିପୁଳ ପରିମାଣର ନକଲି ମଦ ଓ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଥିଲା। ଏହି



ପଡ଼ୋଶୀ ଝାଡ଼ଖଣ୍ଡରୁ ଜିନିଷ ଆସି ଉକ୍ତ ସ୍ଥାନରେ ନକଲି ମଦ ପ୍ରସ୍ତୁତ କରୁଥିଲେ। ଯାହାକି ରାଇରଙ୍ଗପୁର ସମେତ ଆଖପାଖ ଚଢ଼ଉକୁ ଅନେକ ଦିନ ବିତିଯାଇଥିଲେ ସୁଦ୍ଧା ଆଉ ଚଢ଼ଉ ପ୍ରକ୍ରିୟା ହେଉନାହିଁ। ରାଜ୍ୟ ବାହାରୁ ବୋତଲ ଓ ଠିପି ମଗାଇ ମଦରେ ରଙ୍ଗ ମିଶାଇ ଏମାନେ ବଜାରରେ ବିକ୍ରି କରୁଥିବା ଜଣାପଡ଼ିଛି। କିଛି ମୁନାଫାଖୋର ବ୍ୟବସାୟୀ ଏଥିରେ ସଂଶ୍ଳିଷ୍ଟ ରହିଥିବା ଜଣାପଡ଼ିଛି। କମ ଦାମରେ ନକଲି ମଦ ମିଳୁଥିବାବେଳେ ଦୋକାନୀ ଏହାକୁ କ୍ରୟ କରି ଅସଲି ମଦ ଦରରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ମଦ ଦୋକାନ, ହୋଟେଲ ଓ ଅନ୍ୟାନ୍ୟ ବିନା ଲାଇସେନ୍ସ ଚୋରା ସ୍ଥାନରେ ମଧ୍ୟ ବିକ୍ରି ହେଉଛି। ସାଧାରଣରେ ଏହା ନକଲି ମଦ ଭଳି ଜଣାପଡୁ ନ ଥିବାବେଳେ ଲୋକେ ପିଇବା ପରେ ରୋଗଗ୍ରସ୍ତ ହେଉଛନ୍ତି। ପେଟ ବଥା କରିବା ସହ କିଡନୀ, ହାର୍ଟ, ଲିଭର ଆଦି ନଷ୍ଟ କରିବା ସହ ଜୀବନହାନି ହୋଇଥାଏ। ରାଜ୍ୟ ସରକାର ମଦ ଲାଇସେନ୍ସ ପ୍ରଦାନ କରିବାରେ ବ୍ୟସ୍ତ ଥିବାବେଳେ ମଦର ମାନ ଯାଞ୍ଚ କରୁନାହାଁନ୍ତି। ନକଲି ମଦ ବିଭିନ୍ନ ବିନା ଲାଇସେନ୍ସ ଥିବା ହୋଟେଲ ଓ ଦୋକାନରେ ଅଧିକ ପରିମାଣର ବିକ୍ରୟ ହେଉଛି। କିନ୍ତୁ ଅବକାରୀ ବିଭାଗ ଦେଖଣାହାରି ସାଜିଥିବା ରାଇରଙ୍ଗପୁର ଅଞ୍ଚଳରେ ଯାଞ୍ଚ ପାଇଁ ଚଢ଼ଉ ହେଉନାହିଁ। ନକଲି ମଦପିଇ ବଡ଼ ଆପଦ ଘଟଣା ଘଟିବାକୁ ଅବକାରୀ ବିଭାଗ ଜଗି ରହିଛି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଯାଞ୍ଚ କରିବା ସହ ନକଲି ମଦ ପ୍ରସ୍ତୁତ ସ୍ଥାନରେ ଚଢ଼ଉ କରିବାର ଆବଶ୍ୟକତା ରହିଛି।

**▸▸ ଦେଖଣାହାରି ସାଜିଛି ଅବକାରୀ ବିଭାଗ, ହେଉନି ନିୟମିତ ଯାଞ୍ଚ**

**▸▸ ବଡ଼ ଆପଦ ଘଟଣା ଘଟିବାକୁ ଜଗିଛି ଅବକାରୀ ବିଭାଗ**

## ଅଭିଯୋଗ ଶୁଣାଣିରେ ଜଳ ସେବା



ବୌଦ୍ଧ,୪।୫(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ବେଳେ ଆନନ୍ଦମାର୍ଗ ରିଲିଫ ଟିମ ତରଫରୁ ଦହି ସର୍ବତ ବଣ୍ଟନ କରାଯାଇଛି। ବୌଦ୍ଧ ପୌର ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କେଦାରନାଥ ସାହୁଙ୍କ ନେତୃତ୍ୱରେ ରାମଚନ୍ଦ୍ର ପ୍ରଧାନ, ଗିରିଶ ଚନ୍ଦ୍ର ବଘାର, ବୈଦ୍ୟରାଜ ହୃଷିକେଶ ଖେତୀ, ରସାନନ୍ଦ ହାତୀ, କୃତ୍ତିବାସ ପଲିଆ ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କନ୍ଧମାଳ,୪।୫(ସମିସ): ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁରଙ୍କୁ କନ୍ଧମାଳ ଡାକ ବଙ୍ଗଳାରେ ସମ୍ବର୍ଦ୍ଧିତ କରାଯାଇଛି। ହରି ରଣା, ବିକାଶ ସାହୁ, ଗୀତୀକାନ୍ତ ବେହେରା, ଉମେଶ ରଣା, ସ୍ୱସ୍ତିକ ସାହୁ ଓ ପ୍ରଦୀପ ଦାସ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ।

## ନଳକୂଅରୁ ବାହାରୁଛି ଅସନା ପାଣି



ବୌଦ୍ଧ,୪।୫(ସମିସ): ବୌଦ୍ଧ ବ୍ଲକ ମୁଣ୍ଡି ପଦର ଗ୍ରାମ ପଞ୍ଚାୟତ ହରିପୁର ଗ୍ରାମର ଦଳିତ ସାହିରେ ଥିବା ନଳକୂପରୁ ଅସନା ପାଣି ବାହାରୁ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଦଳିତ ସାହିରେ ଥିବା ଏକ ମାତ୍ର ନଳକୂପରୁ କିଛି ଦିନ ହେଲା ଅସନା ପାଣି ଓ ପାଣି ସହ ଲୁହା ଗୁଣ୍ଡ ଏବଂ ଶିଉଳି ଖଣ୍ଡ ବାହାରୁଛି। ତେଣୁ ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଅସନା ପାଣି ପିଇ ରୋଗଗ୍ରସ୍ତ ହେଉଥିବା ମହିଳା ମାନେ ଅଭିଯୋଗ କରିଛନ୍ତି।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା



ବୌଦ୍ଧ,୪।୫(ସମିସ): କନ୍ଧମାଳ ବ୍ଲକ ଖଲିଆପାଲି ପଞ୍ଚାୟତର ଝଗୁଡୁପାଲିରେ କୁଞ୍ଜଘର ପ୍ରତିଷ୍ଠା ପାଇଁ ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ବାହାରି ପୁଷ୍କରିଣୀରୁ ଜଳ ଆଣି ଯଜ୍ଞସ୍ଥଳକୁ ଆଣିଥିଲେ। କଳସଯାତ୍ରାରେ ଗ୍ରାମର ଜମିଦାର ତଥା ଗୌନ୍ତିଆ ସୁରେଶ କହଁର ସପତ୍ନୀକ ସାମିଲ ହୋଇଥିଲେ। ପୁରୋହିତ ସୁବାସ ରଥ ପୂଜାର୍ଚ୍ଚନା କରିଥିଲେ।

## ନିତ୍ୟ ଯୋଗାଳୟରେ ବଶ୍ୱ ହସ ଦିବସ

ବୀରମହାରାଜପୁର,୪।୫(ସମିସ): ସ୍ଥାନୀୟ କଲେଜ୍ ପଡ଼ିଆରେ ଚାଲୁଥିବା ନିତ୍ୟ ଯୋଗାଳୟରେ ବିଶ୍ୱ ହସ ଦିବସ ପାଳିତ ହୋଇଛି। ଦ୍ୱିତୀକୃଷ୍ଣ ପଣ୍ଡା ପୌରୋହିତ୍ୟ କରିଥିଲେ। ପ୍ରକାଶ ହୋତା, ଶମ୍ଭୁ ମେହେର, ହିମାଂଶୁ ସାହୁ, ଶମ୍ଭୁ ମେହେର, ରାଜେନ୍ଦ୍ର ରଥ, ସୁରେଶ ମେହେର, କୃଷ୍ଣଚନ୍ଦ୍ର ମହାକୁର, ଗୋପୀନାଥ ଚାନ୍ଦ, ଶଙ୍କର ମେହେର, ରାଜେଶ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ପଣ୍ଡା, ସୁଦାମ ଖଣ୍ଡଗିରି, ଯୁଗଳ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାବୁ ଶୁଣିଲେ ଲୋକଙ୍କ ଅଭିଯୋଗ






ବୌଦ୍ଧ,୪।୫(ସମିସ)

ବୌଦ୍ଧ ଜିଲ୍ଲା ମୁଖ୍ୟାଳୟସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ୍, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଆଡିସନାଲ୍ ଏସ୍‌ପି ସାର୍ଥକ ରାୟ, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୧ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହୋଇଛି। ୧୦ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୨ଜଣ ଅସହାୟଙ୍କୁ ଜିଲ୍ଲାପାଳ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ତତ୍କାଳ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜିଲ୍ଲାର ସମସ୍ତ ଅଧିକାରୀ, ବିଭିନ୍ନ ବିଭାଗ ଯନ୍ତ୍ରୀ, ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟାଳୟରେ ଆଗନ୍ତୁକଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ କହଛନ୍ତି। ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଦିଗଶିରା ପଞ୍ଚାୟତ ସଭାଗୃହରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କରାଯାଇଛି। ସରପଞ୍ଚ କୌଶଲ୍ୟା ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ସଞ୍ଜୀବ ସାହୁ, ଅତିରିକ୍ତ ବିଡିଓ ମହେଶ୍ୱର ପ୍ରଧାନ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଦ୍ରିରି ପ୍ରଧାନଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ମାତ୍ର ୭ଟି ଅଭିଯୋଗ ଆସିଥିଲା ୫ଟି ବ୍ୟକ୍ତିଗତ ୨ଟି ସାମୂହିକ ଅଭିଯୋଗ ରହିଥିଲା।

**ତରଭା:** ସୋନପୁର ବ୍ଲକ୍‌ସ୍ତରୀୟ ଯୁଗ୍ମ

- ବୌଦ୍ଧରେ ୪୬ ଅଭିଯୋଗର ଶୁଣାଣି
- ୧୦ ଅଭିଯୋଗର ତୁରନ୍ତ ସମାଧାନ
- ଜଳ ଓ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ
- ସବୁ ଅଫିସରେ ଲୋକଙ୍କ ପାଇଁ ପିଇବା ପାଣି ରଖିବାକୁ ପରାମର୍ଶ
- ଡୁଙ୍ଗୁରିପାଲି ବ୍ଲକ୍ ଦିଗଶିରା ପଞ୍ଚାୟତରେ ମଧ୍ୟ ଅଭିଯୋଗ ଶୁଣାଣି

ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମଲିକମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ମୋଟ ୫୦ଟି ଅଭିଯୋଗର ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୪ ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଥିଲା। ଶୁଣାଣି ସମୟରେ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର) କାଳିଆ ମଲ୍ଲିକ, ଉପ ଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ଡେପୁଟି କଲେକ୍ଟର (ଅଭିଯୋଗ) ପ୍ରିୟଦର୍ଶିନୀ ସାହୁଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଡକରଲେ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ

ଡୁଙ୍ଗୁରିପାଲି, ୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବଡ଼କରଲେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିନିତା ଭୋଇ ୫୪୨ ମାର୍କ ଆଣି ଏ-୧ଗ୍ରେଡ୍ ରଖିବା ସହ



ବ୍ଲକ୍ ଟପ୍ପର ହୋଇଛନ୍ତି। ୬ ଜଣ ଛାତ୍ରଛାତ୍ରୀ ଏ-୨ଗ୍ରେଡ୍ ହାସଲ କରିଛନ୍ତି। ଆଜି ଏହି ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ରମାକାନ୍ତ ପଧାନଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। ଡିଇଓ ମୀନାରାଣୀ ମଙ୍ଗଳ, ବିଇଓ ଗଣେଶ କିସାନ, ଏ ବିଇଓ ଗଂଜୁଲୁ ମିର୍ଦ୍ଧା, ଜଗତ ମଲ୍ଲିକ, ସିଆରସିସି ସୌରଭ ସାହୁ, ଭାରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିନିତାଙ୍କୁ ଭାରତ ସାହୁ ୫୦୫୦ଟଙ୍କାର ଏକ ଚେକ୍ ଦେଇଥିଲେ। ସେହିଭଳି ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ ପଧାନ ୫୦୫୦ଟଙ୍କାର ଏକ ଚେକ୍ ଦେଇଥିଲେ। ରବୀନ୍ଦ୍ରନାଥ ଦୀପ (ଅବସରପ୍ରାପ୍ତ ଶିକ୍ଷକ) ୧୦୦୦ ଟଙ୍କା, ପଦ୍ମନାଭ ମହାଣା ୫୦୦ ଟଙ୍କା, ଚଳିଆ ମାଝୀ ୧୦୦୦ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଏ-୨ଗ୍ରେଡ୍ ପାଇଥିବା ପାୟଲ ପଧାନ, ବବିତ ସାହୁ, ଆଶୁତୋଷ ସାହୁ, ସୋନାଲି ଚିନ୍ଦ୍ରା, ସୋହାନା ଭୋଇ, ଦିବ୍ୟାସା ସେଠଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଖେଳ ଶିକ୍ଷକ ରସିକ ପଧାନ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ପଧାନ ଶିକ୍ଷକ ପ୍ରମୋଦ ପଧାନ କବିତା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପ୍ରଦା ଦଳ ମାଧ୍ୟମରେ ଗାଁ ପରିକ୍ରମା କରି ଶୋଭାଯାତ୍ରାରେ ନିଆ ଯାଇଥିଲା। ଗରୁଡ଼ ଅଦାବର, ସମ୍ପଦ ଖମାରି, ପଦ୍ମନାଭ ମାହାଣା, ରମେଶ ସାହୁ, ରବୀନ୍ଦ୍ର ସାହୁ, ରବୀନ୍ଦ୍ରନାଥ ଦୀପ, ଚଳିଆ ମାଝୀ, ଅନନ୍ତ ପଧାନ, ଶଙ୍କର୍ଷଣ ରଣା, ରୋହିତ ସାହୁ, ବୃନ୍ଦାବନ ପଧାନ, ମିଳନ ପଧାନ, ନାରଦ ସାହୁ, ସାଧୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜୀବନର ଅନୁଭୂତି ବଖାଣିଲେ ବରିଷ୍ଠ ନାଗରିକ



ତରଭା,୪।୫(ସମିସ): ସ୍ଥାନୀୟ ଏନ୍‌ଏସି ପାଠାଗାରରେ ତରଭା ବରିଷ୍ଠ ନାଗରିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମଙ୍ଗେଲାଲ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ସଭ୍ୟ ରାଜକିଶୋର ସାହୁ ତାଙ୍କ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ।

ରାଜକିଶୋର ଜଣେ ଶିକ୍ଷକ ହୋଇଥିଲେ ହେଁ ନିଜସ୍ୱ ଉଦ୍ୟମରେ ସେ ୩୦ଏକର ଜମିରେ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି। ତେବେ ଏହି ଜଙ୍ଗଲ ସୃଷ୍ଟି ପାଇଁ ସେ କିଭଳି ଅନୁପ୍ରାଣିତ ହେଲେ ଓ କିଭଳି ସମସ୍ୟା ସବୁର ସମ୍ମୁଖୀନ ହେଉଥିଲେ ସେ ବିଷୟରେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ବାଘ,ଶୈଳେନ୍ଦ୍ର ସାହୁ, ଉପେନ୍ଦ୍ର ପଣ୍ଡା, ଜୟକିଶୋର ସାହୁ, ଜୟପ୍ରକାଶ ନାରାୟଣ ସାହୁ, କଳାକାହ୍ନୁ ଦଳବେହେରା, ଧୀରେନ୍ଦ୍ର ବିଜୟ ସାହୁ, ରାଜକିଶୋର ସାହୁ, ରାମକୃଷ୍ଣ ସାହୁ, ଶଙ୍କର ଭବାନୀ ସାହୁ, ଲକ୍ଷ୍ମଣ ରଣା, ସଦାନନ୍ଦ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍‌କୁ ଧକ୍କା ଦେଇ ବିଲ ଭିତରକୁ ପଶିଗଲା କାର୍, ୨ ଗୁରୁତର



ଡୁଙ୍ଗୁରିପାଲି,୪।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଚେରୁପାଲିଠାରେ ଦୁର୍ଘଟଣା ଘଟିଛି। ଗୋଟିଏ କାର ଏକ ବାଇକକୁ ଧକ୍କା ଦେଇ ବିଲ ଭିତରକୁ ପଶି ଯାଇଛି। ଏଥିରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଡୁଙ୍ଗୁରିପାଲି ପୁଲିସ କାର ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ୧୨ ଦିନ ହେବ ନଳକୂପ ଅଚଳ: ପାଣି ପାଇଁ ଡହଳବିକଳ ଧାନଖଣ୍ଡି ଗ୍ରାମବାସୀ



ବୌଦ୍ଧ,୪।୫(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଧାନଖଣ୍ଡି ଗ୍ରାମର ଦଳିତ ସାହିରେ ଥିବା ନଳକୂପଟି ୧୨ଦିନ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୧୫ ପରିବାର ୪୫ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୨ଦିନ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶେଉଳମୁଣ୍ଡା, ପରତଲାରେ ନଳକୂଅ ଅଚଳ

ଶଗଡା,୪।୫(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଶେଉଳମୁଣ୍ଡା ଗ୍ରାମରେ ଥିବା ନଳକୂପ ଦୀର୍ଘ ୨୦ଦିନରୁ ଅଧିକ ହେବ ଅଚଳ



ହୋଇ ପଡିରହିଛି। ଏଣୁ ଗାଁର ୧୦ ପରିବାର ୩୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ; ହେଲେ ୨୦ ଦିନ ବିତି ଯାଇଥିଲେ ସୁଦ୍ଧା ନଳକୂପ ମରାମତି ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨୦ ଦିନରୁ ଅଧିକ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଦପଲା ପଞ୍ଚାୟତ ପରତଲା ଗ୍ରାମର ଦଳିତ ସାହିରେ ଥିବା ନଳକୂପ ୫ ଦିନ ହେଲା ଅଚଳ ହୋଇ ପଡିଛି। ଗ୍ରାମର ୧୦ ପରିବାରର ୨୫ ଲୋକ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ କଲେ କେହି ଶୁଣୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ପ୍ରହସନ ପାଲଟିଛି ଶ୍ରମିକ ସହାୟତା


ଶଗଡା, ୪।୫ (ସମିସ): ସରକାର ନିର୍ମାଣ ଶ୍ରମିକମାନଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ମୃତ୍ୟୁର ଦେଢ ବର୍ଷ ବିତି ଯାଇଥିଲେ ସୁଦ୍ଧା ମୃତକଙ୍କ ପରିବାର ମୃତ୍ୟୁକାଳୀନ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ମେ ମାସ ୧ ତାରିଖରେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୭୦୩ ଶ୍ରମିକ ପରିବାରଙ୍କୁ ୪.୭୨ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରଯାଇଛି; ହେଲେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଚାରପାଲିର ସଂଯୁକ୍ତା ଶାଣ୍ଢ ଓ ଲୋକାପଡାର ଲକ୍ଷ୍ମୀକାନ୍ତ ଗୁରୁଙ୍କ

- ୨ ପରିବାରକୁ ମୃତ୍ୟୁକାଳୀନ ସହାୟତା ମିଳୁନି
- ଦେଢ଼ ବର୍ଷ ହେଲା ଧାଉଁଛନ୍ତି ମୃତକଙ୍କ ପରିବାର

ଉତ୍ତରାଧିକାରୀଙ୍କ ଭାଗ୍ୟରେ ଏହି ସହାୟତା ରାଶି ଏପର୍ଯ୍ୟନ୍ତ ଲେଖା ନାହିଁ। ଉଭୟଙ୍କ ଦେଢ଼ ବର୍ଷ ହେଲା ମୃତ୍ୟୁ ଘଟିଲାଣି। ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ପରିବାରର ଉତ୍ତରାଧିକାରୀ ପ୍ରାୟ ବର୍ଷେରୁ ଅଧିକ ସମୟ ହେଲା ଆବଶ୍ୟକ କାଗଜପତ୍ର ସହ ଅନଲାଇନ ମାଧ୍ୟମରେ ଆବେଦନ କରିଛନ୍ତି। ଏଭଳିକି ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ; ହେଲେ ଆଜି ପର୍ଯ୍ୟନ୍ତ କାହାରିକୁ ସହାୟତା ରାଶି ମିଳିନି। ସହାୟତା ରାଶି ପାଇବାରେ ବିଳମ୍ବ ହେବାରୁ ସମସ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ; ହେଲେ କୌଣସି ଲାଭ ହୋଇନି। ବାରମ୍ବାର ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁଛି। ଏ ସଂପର୍କରେ ବୌଦ୍ଧ ଜିଲ୍ଲା ଶ୍ରମ ଅଧିକାରୀ ରଞ୍ଜନ ବେହେରାଙ୍କୁ ପଚାରିବାରୁ ୨ ମୃତକଙ୍କ ପରିବାର ଲୋକ ମଧ୍ୟ ଏହି ସହାୟତା ପାଇବା କଥା। କ'ଣ ହୋଇଛି ଦେଖିବେ ବୋଲି କହିଛନ୍ତି।

## ତୀବ୍ର ହେଉଛି ତରଭା ସବ୍‌ଡିଭିଜନ ଆନ୍ଦୋଳନ

ତରଭା,୪।୫(ସମିସ): ତରଭା ବ୍ଲକ ସାମ୍ବାଦିକ ସଂଘର ଆବହକତ୍ୱରେ ତରଭାକୁ ଏକ ସବଡିଭିଜନରେ ପରିଣତ କରିବାକୁ ଚାଲିଥିବା ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ପ୍ରତିଦିନ ନୂଆ ନୂଆ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହେଉଛି। ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ତରଭା ବରିଷ୍ଠ ନାଗରିକ ସଂଘ, ଓକିଲ ସଂଘ ଏହି ଦାବିକୁ ସମର୍ଥନ କରିଛନ୍ତି। ସ୍ଥାନୀୟ ଏନଏସି ପାଠାଗାରରେ ଅନୁଷ୍ଠିତ ଏକ ବୈଠକରେ ତରଭା ମାରୱାଡି ଯୁବାମଞ୍ଚ ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛି। ତରଭା ବ୍ଲକ ସାମ୍ବାଦିକ ସଂଘର ସଭାପତି ଅଶୋକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବାମଞ୍ଚର ସଭାପତି ପ୍ରବୀଣ ସାହୁ, ବିକାଶ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ସୁଦର୍ଶନ ଅଗ୍ରୱାଲ, ପବନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଏହାକୁ ବ୍ଲକର ୨୧ଟି ପଞ୍ଚାୟତର ପ୍ରତ୍ୟେକ ଗାଁରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେବା ସହ ଆନ୍ଦୋଳନକୁ ସଫଳ କରିବାରେ



ସବୁ ପ୍ରକାର ସହଯୋଗ କରାଯିବ ବୋଲି କୁହାଯାଇଛି।। ସାମ୍ବାଦିକ ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, କଲ୍ୟାଣ ନାଏକ, ନରୋତ୍ତମ ମଲ୍ଲିକ, ମନୋଜ ମନହୀରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ପିଏମ୍‌ଶ୍ରୀ ବିଦ୍ୟାଳୟ ଫଳାଫଳ ନୈରାଶ୍ୟଜନକ

ତାଳଚେର ସହର,୪।୫(ସମିସ):

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜସ୍ଥିତ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇ ନ ଥିବାରୁ ଅଞ୍ଚଳରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ମୋଟ ୪୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ଜଣେ ଫେଲ୍ ହୋଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ୪୧ ଜଣଙ୍କ ମଧ୍ୟରୁ ଏ-୨ ଗ୍ରେଡ୍‌ରେ ମାତ୍ର ଜଣେ, ବି-୧ରେ ୮ ଜଣ, ବି-୨ରେ ୧୨ ଜଣ, ସି ଗ୍ରେଡ୍‌ରେ ୭ ଜଣ, ଡି ଗ୍ରେଡ୍‌ରେ ୭ ଜଣ ଓ ଇ ଗ୍ରେଡରେ ୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯାହା ଅଭିଭାବକ ମହଲରେ ଅସନ୍ତୋଷର କାରଣ




ପାଲଟିଛି। ବିଦ୍ୟାଳୟରେ ପାଠପଢ଼ାରେ ବ୍ୟତିକ୍ରମ ହେଉଥିବା ଅଭିଭାବକ ଅଭିଯୋଗ ଆଣିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢ଼ା ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ କେବଳ ଶ୍ରେଣୀଗୃହ ନିର୍ମାଣ, ବିଦ୍ୟାଳୟର ଡେକରମ୍, ଲୋକଦେଖାଣିଆ କାର୍ଯ୍ୟକ୍ରମ ଇତ୍ୟାଦିରେ ବ୍ୟସ୍ତ ରହିଥିବା ଆଲୋଚନା ହେଉଛି। ସେହିପରି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଗୋଟିଏ କକ୍ଷରେ ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଚାଲିଥିବା କିଛି ଆଲୋଚନାକୁ ଖରାପ୍ ସମ୍ପର୍କର ରୂପ ଦେଇ ଅନ୍ୟ ଗୋଷ୍ଠୀର ଶିକ୍ଷକ ଶିକ୍ଷୟିତ୍ରୀ ଏହାର ଭିଡିଓ କରି ଭାଇରାଲ କରିଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଥାନା ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ଶିକ୍ଷକ ଗୋଷ୍ଠୀ ଭିତରେ ବୁଝାମଣା ହୋଇଥିଲା। ଯାହା ଏବେ ସମଲ ଅଞ୍ଚଳରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ଏହି ସମସ୍ତ ଘଟଣା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ କୁପ୍ରଭାବ ପକାଉଛି। ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ ଅଭିଭାବକମାନେ ବିଦ୍ୟାଳୟ ଘେରଉ କରିବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି



କିଶୋରନଗର,୪।୫(ସମିସ): କିଶୋରନଗର ବ୍ଲକ ରାଜୀବ ସେବାକେନ୍ଦ୍ର ସଭାଗୃହରେ ସୋମବାର ଜିଲ୍ଲାପାଳ ଅବଦଲ ଏମ ଅଖତରଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭତ୍ତା, ଆବାସ ଗୃହ, ଗ୍ରାମ୍ୟ ରାସ୍ତା, ପାନୀୟ ଜଳ, ବିଦ୍ୟୁତ ଆଦି ସାମୂହିକ ଓ ବ୍ୟକ୍ତିଗତକୁ ମିଶାଇ ମୋଟ ୪୮ ଅଭିଯୋଗର ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଉଦୟନାଥ ମହାପାତ୍ର, ଅତିରିକ୍ତ ଏସ୍‌ପି ସମୀର ରଞ୍ଜନ ଦାଶ, ସିଡିଏମଓ ମଦନ ମୋହନ ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ପାଲ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ସିଡିଭିଓ ସତ୍ୟନାରାୟଣ ସାହୁ, ଅତିରିକ୍ତ ପରିବହନ ଅଧିକାରୀ ସମ୍ବିତ କୁମାର, ଏସିଏସଓ ସତ୍ୟବ୍ରତ ସେଠୀ, ପିଡବ୍ଲ୍ୟୁଡି ଏସଡିଓ ସହରାଇ ସିଂହ, ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପିକେ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଶୁଭକାନ୍ତ ନାଏକ, ତହସିଲଦାର ବିକ୍ରମ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଗୋଣ୍ଡ ସମାଜ ରାଜିଙ୍ଗ ପୁଞ୍ଜର ପ୍ରସ୍ତୁତି ବୈଠକ

## ଜୁନ୍ ୩ରେ ବାର୍ଷିକ ସଭା



କିଶୋରନଗର,୪।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହିଞ୍ଜାଗୋଳା ଗ୍ରାମ ଆମ୍ବତୋଟାରେ ଗୋଣ୍ଡ ସମାଜ ରାଜିଙ୍ଗ ପୁଞ୍ଜର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ବାର୍ଷିକ ସଭାକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସମାଜର ସଂଗଠନ, ପାରମ୍ପରିକ ରୀତିନୀତି ଓ ଯୁବ ସମାଜର ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୁବବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ପୂର୍ବପୁରୁଷଙ୍କ ପରମ୍ପରା ଓ ନିୟମକୁ ଅନୁସରଣ କରିବା ସହ ସଦସ୍ୟମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ଓ ସୁସମ୍ପର୍କ ବଜାୟ ରଖିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ଜୁନ୍ ୩ ତାରିଖ ରାଜିଙ୍ଗ ପୁଞ୍ଜର ବାର୍ଷିକ ସଭା ଅନୁଷ୍ଠିତ ହେବ। ଏହାକୁ ବ୍ୟାପକ ଓ ସଫଳ ରୂପ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରାଜିଙ୍ଗ ପୁଞ୍ଜର ସଭାପତି ମଧୁସୂଦନ ନାୟକ ଓ ସମ୍ପାଦକ ଦନେଇ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ କୋଷାଧ୍ୟକ୍ଷ ରାମଚନ୍ଦ୍ର ନାୟକ, ମହିଳା ସଭାନେତ୍ରୀ କୁମୁଦିନୀ ନାୟକ, ସମ୍ପାଦିକା ସୁବାସିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ୧୧ ଗ୍ରାମର ୩୦୦ରୁ ଅଧିକ ସଦସ୍ୟ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମକୁ ନେଇ ନିଜ ମତାମତ ରଖିଥିଲେ।

● ତାଳଚେର ରେଞ୍ଜରେ ବନ ବିଭାଗର ମନିଟରିଂ

## ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ଉପରେ ଗୁରୁତ୍ୱ

ଅନୁଗୋଳ,୪।୫(ସମିସ): ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅନ୍ତର୍ଗତ ସାମଲ ବିଟ୍‌ର କଣିହିଜେଣା ସଂରକ୍ଷିତ ବନାଞ୍ଚଳରେ ଚାଲିଥିବା ସଂରକ୍ଷଣ କାର୍ଯ୍ୟର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରାଯାଇଛି। ଡିଭିଜନାଲ୍ ମୂଲ୍ୟାୟନ ଦଳ ପକ୍ଷରୁ ଏଠାରେ ଏଲ୍‌ବିସିଡି ପ୍ରକଳ୍ପର ଗୁଣବତ୍ତା ଓ ପ୍ରଭାବଶାଳୀତା ସମ୍ପର୍କରେ ତଦାରଖ କରାଯାଇଥିଲା। ବିଶେଷ କରି ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ କେତେଦୂର ସ୍ଥାୟୀ ଓ ଫଳପ୍ରଦ, ସେ ନେଇ ଏହି ଟିମ୍ ସମୀକ୍ଷା କରିଛି। ଏଭଳି ନିୟମିତ ମୂଲ୍ୟାୟନ ଦ୍ୱାରା ଜଙ୍ଗଲର ବାସସ୍ଥଳୀ ପରିଚାଳନା ଅଧିକ ସୁଦୃଢ଼ ହେବା ସହ ପରିବେଶର ପୁନରୁଦ୍ଧାର ପ୍ରକ୍ରିୟା ତ୍ୱରାନ୍ୱିତ ହେବ। କ୍ଷେତ୍ରଭିତ୍ତିକ ମନିଟରିଂ ମାଧ୍ୟମରେ ବନ ବିଭାଗ ଜଙ୍ଗଲର ଦୀର୍ଘକାଳୀନ ସହନଶୀଳତାକୁ ସୁନିଶ୍ଚିତ କରିବା ସହ ବନ୍ୟଜନ୍ତୁଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଆଗାମୀ ଦିନରେ ବନ୍ୟ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।



## ‘ଆଳାପ ସଂଳାପ’ ପୁସ୍ତକ ଉନ୍ମୋଚିତ



କଣିହାଁ,୪।୫(ସମିସ): ରବିବାର ପୂର୍ବାହ୍ନରେ କଣିହାଁ କୋଇଲା କ୍ଷେତ୍ର ସଭାଗୃହରେ ସାହିତ୍ୟିକ ଡ. ପ୍ରସନ୍ନ କୁମାର ବରାଳଙ୍କ ରଚିତ ପୁସ୍ତକ ‘ଆଳାପ ସଂଳାପ’ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଇଲା କ୍ଷେତ୍ର ଉପପ୍ରବନ୍ଧକ ଦୀନେଶ ମାଳି, ସମ୍ମାନିତ ଅତିଥି ଭାବେ ଇଂ. ଧନେଶ୍ୱର ସାହୁ, ଗାଳ୍ପିକ ତଥା ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଆଇନଜୀବୀ ତଥା ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ଗାଳ୍ପିକ ଶିକ୍ଷାବିତ ଶ୍ରୀକାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗାଳ୍ପିକ ସାହୁ କହିଲେ ଯେ ଏହି ପୁସ୍ତକରେ ଓଡ଼ିଶାର ୨୪ ଜଣ ଦୀପ୍ତିମାନ ମହାପୁରୁଷଙ୍କ ଜୀବନୀ ସମ୍ମିଳିତ ହୋଇଥିବାରୁ ଏହା ଓଡ଼ିଆ ସାହିତ୍ୟରେ ଏକ ଦିଗବାରିଣୀ ସୃଷ୍ଟି କରିବ। ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ପାଠକ ସଂଖ୍ୟା ବୃଦ୍ଧି ଅତ୍ୟାବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲେଖକ ଡ. ବରାଳ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ବ୍ୟକ୍ତକରି କହିଲେ, କବି ଓ ଲେଖକମାନେ ଲେଖାରେ ସବୁ କଥା କହିପାରନ୍ତି ନାହିଁ; ମନରେ ଥିବା ଅକୁହା ଅନୁଭୂତି ସାକ୍ଷାତକାର ମାଧ୍ୟମରେ ମୁକ୍ତ ହୋଇଥାଏ ଏବଂ ସେହି ଅଭିବ୍ୟକ୍ତିର ସଂଗ୍ରହ ହେଉଛି ‘ଆଳାପ ସଂଳାପ’। ଶେଷରେ ସାହିତ୍ୟିକ ବୁଦ୍ଧଦେବ ସେଠୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଦିଲେଶ୍ୱର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, କଷ୍ଟଚରଣ ସାମଲ, ଅଲେଖ ଭୂତିଆ, ଟୁନା ସାହୁ, ହିମାଂଶୁ ଶେଖର ସାହୁ, ପ୍ରତିବିମ୍ବର ଇ-ମାଗାଜିନର ପ୍ରତିଷ୍ଠାତା ସତ୍ୟାନନ୍ଦ ପ୍ରଧାନ, ମହେଶ୍ୱର ନାଏକଙ୍କ ସମେତ ଖଣି କର୍ମଚାରୀ ଅଜୟ କୁମାର ସାହୁ, ଅଶୋକ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଦେବୀ ରଥଙ୍କୁ ମର୍ଯ୍ୟାଦାଜନକ ‘ମଧୁ ଜ୍ୟୋତି’ ସମ୍ମାନ

ତାଳଚେର,୪।୫(ସମିସ): ରାଜ୍ୟ ବାର୍ କାଉନସିଲ ପକ୍ଷରୁ ତାଳଚେରର ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ରଥଙ୍କୁ ମର୍ଯ୍ୟାଦାଜନକ ‘ମଧୁ ଜ୍ୟୋତି’ ସମ୍ମାନରେ ସମ୍ମାନିତ କରାଯାଇଛି। ଝାରସୁଗୁଡ଼ାରେ ରାଜ୍ୟ ବାର କାଉନସିଲ ଓ ଝାରସୁଗୁଡ଼ା ଓକିଲ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ ଅବସରରେ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟଅତିଥି,




ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଇନଜୀବୀ ରଥ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ୧୯୬୯ରୁ ୧୯୭୨ ପର୍ଯ୍ୟନ୍ତ ଷ୍ଟାଣ୍ଡିଂ କାଉନସିଲ ସଭ୍ୟ ଥିବାବେଳେ ତାଳଚେର ଅଦାଲତରେ ତାଙ୍କର ୬୪ ବର୍ଷର ଅଭିଜ୍ଞତା ରହିଛି। ସେ ମୁଖ୍ୟତଃ ସିଭିଲ ମାମଲା ପରିଚାଳନାରେ ପାରଦର୍ଶିତା ଅର୍ଜନ କରିଛନ୍ତି। ତାଳଚେର ବାର୍‌ର ଆଇନଜୀବୀ ରଥଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମାନ ମିଳିଥିବାରୁ ତାଳଚେର ଓକିଲ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣିହାଁ,୪।୫(ସମିସ): କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମରେ ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଦେବଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବା ସହ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା



ରଶ୍ମିତା ସେଠୀ ଓ ଜିଲ୍ଲା ଉପସଭାପତି ସୁନୀଲ ପ୍ରଧାନଙ୍କ ସହ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତି ସଦସ୍ୟ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରବଳ ଭକ୍ତଙ୍କ ସମାଗମରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ରାଜସାହେବ ପରେଶ ଦେଓ ଯୋଗଦେଇଥିବା ବେଳେ ଗ୍ରାମର ବରିଷ୍ଠ ନାଗରିକ ଫକୀରମୋହନ ସାମଲ, ନୃସିଂହ ବରାଳ ପ୍ରମୁଖ ଗ୍ରାମ୍ୟ କମିଟି ତରଫରୁ ସମସ୍ତଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ।

## ଗୁରୁଜୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅନୁଗୋଳ,୪।୫(ସମିସ): ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନର ବରିଷ୍ଠ ଆଚାର୍ଯ୍ୟ ଖଗେଶ୍ୱର ଦାସଙ୍କୁ ସୋମବାର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପରିଚାଳନା ସମିତି ସମ୍ପାଦକ ଅଶୋକ କୁମାର ମୋଦୀ, ଗୁରୁଜୀଙ୍କ ଧର୍ମପତ୍ନୀ ସବିତା ଦାସ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଜିତେନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟ ପ୍ରତିନିଧି ଦିଲୀପ କୁମାର ବରାଳ, ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ କୁମାର ନାଥ, ଲକ୍ଷ୍ମୀଧର ବେହେରା, ଆଚାର୍ଯ୍ୟା ମମତାମୟୀ ରାଉତ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଜଣେ ନିଷ୍ଠାପର ଗୁରୁଜୀ ଭାବେ ସେ ବେଶ୍ ପରିଚିତ ଥିଲେ। ମାନସାଙ୍କ ଓ ବୈଦିକ ଗଣିତରେ ତାଙ୍କର ଅଧିକ ଦକ୍ଷତା ଥିଲା। ଆଚାର୍ଯ୍ୟ ଜୀବନ ଆରମ୍ଭ କରି କିଛିବର୍ଷ ମଧ୍ୟ ପ୍ରଧାନ ଆଚାର୍ଯ୍ୟ ଭାବେ ସେ ବନ୍ତଳା ସରସ୍ୱତୀ ଶିଶୁ ମନ୍ଦିରରେ କାର୍ଯ୍ୟ କରିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟା ସ୍ୱର୍ଣ୍ଣମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ପରୀକ୍ଷାରେ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



କଣିହାଁ,୪।୫(ସମିସ): ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଥିବା ଦୁଇ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ସ୍ୱୟଂପ୍ରକାଶ ସାହୁ ଓ ବଜ୍ରକୋଟ ଜନତା ହାଇସ୍କୁଲ ଛାତ୍ର ସୌମ୍ୟରଞ୍ଜନ ସାମଲଙ୍କୁ କଣିହାଁ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ପାଠ୍ୟପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି।

ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉଭୟ ଛାତ୍ରଙ୍କୁ ଭେଟି

### ବିଧାୟକ ଓ ବ୍ଲକ୍ ଅଧ୍ୟକ୍ଷଙ୍କ ଶୁଭେଚ୍ଛା

ତାଙ୍କ ଉତ୍କୃଷ୍ଟ ଫଳାଫଳ ପାଇଁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଞ୍ଚଳର ନାମ ଉଚ୍ଚ କରିଥିବାରୁ ସେମାନଙ୍କ ପରିବାର ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବଦାନକୁ ସେ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ୍ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତି ପ୍ରଧାନ, ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଭାରପ୍ରାପ୍ତ ବିଇଓ ସୁଜନ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସରପଞ୍ଚ ଶାନ୍ତନୁ ପ୍ରଧାନ, ବିଜେଡି ଜିଲ୍ଲା ଉପସଭାପତି ସୁନୀଲ ପ୍ରଧାନ, ବ୍ଲକ୍ ସଭାପତି ପ୍ରଶାନ୍ତ ସାହୁଙ୍କ ସମେତ ଜିତେନ୍ଦ୍ରୀୟ ସାହୁ, ଈଶ୍ୱର ସାହୁ, ବାବୁଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୪।୫(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୪ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ଭାରତୀୟ ବ୍ୟବସାୟୀ ସଂଘର ପ୍ରତିଷ୍ଠା ଦିବସ


ଅନୁଗୋଳ,୪।୫(ସମିସ):

କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ଆସୋସିଏସନ (ଭାରତୀୟ ବ୍ୟବସାୟୀ ସଂଘ) ଅନୁଗୋଳ ଜିଲ୍ଲା ଶାଖାର ପଞ୍ଚମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଛି। ଅନୁଗୋଳ ଶାଖା ଅଧ୍ୟକ୍ଷ ରାଜକୁମାର ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟ ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବାର ଆସୋସିଏସନ୍ ସଭାପତି ଦିଲୀପ କୁମାର ସାହୁ ଯୋଗଦେଇଥିଲେ। ସଂସ୍ଥାପନ ଅଧିକାରୀ ତଥା ରାଜ୍ୟ ସଭାପତି ଜିତେନ୍ଦ୍ର ଗୁପ୍ତା ମଞ୍ଚାସୀନ ଥିଲେ। ଏହି




ଅବସରରେ ଜାତୀୟ ଅଧ୍ୟକ୍ଷ ଅଗ୍ରୱାଲ ନୂତନ ସଭାପତି ସତ୍ୟନାରାୟଣ ମାଣ୍ଡୋଠିଆଙ୍କୁ ପଦର ଶପଥପାଠ କରାଇଥିଲେ। ପରେ ପୁରୁଣା କମିଟି ଉପସଭାପତି ରାଜେଶ ଧଳ ନୂତନ ସଭାପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ସଭାପତି ମାଣ୍ଡୋଠିଆ ନବଗଠିତ ଟିମ୍‌ର ଉପସଭାପତି ଆଶିଷ ଅଗ୍ରୱାଲ, ଅନିଲ କୁମାର ଅଗ୍ରୱାଲ, ସମ୍ପାଦକ ରଣଜିତ ମାଣ୍ଡୋଠିଆ, କୋଷାଧ୍ୟକ୍ଷ ବିମଳ କୁମାର ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଅମିତ କୁମାର ଅଗ୍ରୱାଲ, ଲୋକସମ୍ପର୍କ ଅଧିକାରୀ ଜଗନ୍ନାଥ ଅଗ୍ରୱାଲ ଏବଂ ଅନ୍ୟ ସମସ୍ତ ନୂତନ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ବ୍ୟବସାୟୀମାନଙ୍କ ଅଧିକାର ସୁରକ୍ଷା, ସ୍ଥାନୀୟ ବ୍ୟବସାୟର ବିକାଶ ଏବଂ ଛୋଟ ବ୍ୟବସାୟୀଙ୍କ ସଶକ୍ତୀକରଣ ପାଇଁ ସଂଘର ଭୂମିକାକୁ ସମସ୍ତେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବ୍ୟବସାୟୀ, ସମାଜସେବୀ ଏବଂ ବିଭିନ୍ନ ସଂଗଠନର ସଦସ୍ୟ ଯୋଗଦେଇଥିଲେ।

## ଜୟନ୍ତୀ ସାହୁ ବଣ୍ଡାଁରପାଳ ବ୍ଲକ ଟପ୍ପର



ବଣ୍ଡାଁରପାଳ,୪।୫(ସମିସ): ବଣ୍ଡାଁରପାଳ ବ୍ଲକରେ ମେଧାର ପରିଚୟ ଦେଖାଇଛନ୍ତି କଞ୍ଚୁରା ଜିପି ହାଇସ୍କୁଲର ଛାତ୍ରୀ ଜୟନ୍ତୀ ସାହୁ। ଚଳିତ ମାଟ୍ରିକ ପରୀକ୍ଷାରେ ସେ ୫୬୧ ନମ୍ବର ରଖି ବ୍ଲକ ଟପର ହୋଇଛନ୍ତି। ଜୟନ୍ତୀଙ୍କ ଏହି ସଫଳତା ପରେ ବିଦ୍ୟାଳୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କଠିନ ପରିଶ୍ରମ, ନିୟମିତ ଅଧ୍ୟୟନ ଓ ଶିକ୍ଷକମାନଙ୍କ ପ୍ରଚେଷ୍ଟା ଫଳରେ ସେ ଏହି ସଫଳତା ହାସଲ କରିଥିବା କହିଛନ୍ତି। ଭବିଷ୍ୟତରେ ସେ ଆହୁରି ଭଲ ପ୍ରଦର୍ଶନ କରି ବିଦ୍ୟାଳୟ ସହ ଅଞ୍ଚଳର ନାମ ଉଜ୍ଜ୍ୱଳ କରିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

ସକାଳ
THE SAKALA



ପ୍ରଶାସନକୁ ଘାରିଛି ଝାଡ଼ାବାନ୍ତି ଛାନିଆ

# ଯାଜପୁରରେ ଉଠାଦୋକାନୀଙ୍କ ଉପରେ ଚଢ଼ଉ

ଯାଜପୁର,୪।୫(ସମିସ):

ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯାଜପୁରରେ ଝାଡାବାନ୍ତି ଓ ଡାଇରିଆର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ବିଶେଷକରି ଦୂଷିତ ପାନୀୟ ଜଳ ଏବଂ ଖୋଲା ମେଳାରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥରୁ ଏଭଳି ଝାଡାବାନ୍ତି ବ୍ୟାପୁଥିବା ସନ୍ଦେହ କରି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଆଜି ଯାଜପୁର ପୌରପାଳିକାର ବିଭିନ୍ନ ଅଂଚଳରେ ଥିବା ଉଠାଦୋକାନିଙ୍କ ଉପରେ ଚଢ଼ଉ କରାଯାଇଛି। ପୌରପାଳିକାର ସ୍ୱାସ୍ଥ୍ୟ



ଅଧିକାରୀ ଡ. ପ୍ରଦୀପ କୁମାର ଖୁଣ୍ଟିଆଙ୍କ ନେତୃତ୍ୱରେ କୁସୁମା ସମେତ ଯୋଡିକୂଅ ଆଦି ଅଞ୍ଚଳରେ ଥିବା ଉଠାଦୋକାନୀଙ୍କ ଉପରେ ଚଢ଼ଉ କରାଯାଇ ସେମାନଙ୍କୁ ଖାଦ୍ୟ ପଦାର୍ଥ

## ୭ ଦିନ ଧରି ବ୍ୟବସାୟ ବନ୍ଦ ରଖିବାକୁ ନିର୍ଦ୍ଦେଶ

ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବିକ୍ରିବଟା ନ କରିବାକୁ ଚେତାବନୀ ଦିଆଯାଇଛି। ଏହି ଚଢ଼ଉ ସମୟରେ ଯାଜପୁର ପୌରପାଳିକା ଏବଂ ଖାଦ୍ୟ ନିରାପତ୍ତା ବିଭାଗର କର୍ମଚାରୀ ମାନେ ସାମିଲ ଥିଲେ।

# ନାବାଳିକା ଅପହରଣକାରୀ ଗିରଫ

ପାଣିକୋଇଲି,୪।୫(ସମିସ): ପାଣିକୋଇଲି କଲେଜ ପଡିଆ ନିକଟରେ ଭଡ଼ାରେ ରହୁଥିବା ଜଣେ ନାବାଳିକା (୧୧) ଅପହରଣ ହେବା ନେଇ ଶୁକ୍ରବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୁଲିସ ସିସିଟିଭି ଆଧାରରେ ଖୋଳତାଡ କରିବା ପରେ ଉକ୍ତ ନାବାଳିକା ଜଣଙ୍କ ଏକ ସାଇକଲରେ କଲେଜ ପଡିଆରେ ବୁଲୁଥିବା ବେଳେ ଜଣେ ଯୁବକ ତାକୁ ସାଇକଲରେ ବସାଇ ନେଇଯାଇଥିବା ଜଣାଥିଲା। ଏନେଇ ନାବାଳିକାର ବାପା ମା' ଥାନାରେ ଜଣାଇବା ପରେ ପୁଲିସ ସିସିଟିଭି ଓ ବିଭିନ୍ନ ଦିଗକୁ ଅଧାର କରି ତଦନ୍ତ ଆରମ୍ଭ କରିଥିଲା। ବହୁ ଖୋଜାଖୋଜି ପରେ ଉକ୍ତ ନାବାଳିକା ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ ଥିବା ଜଣାପଡିଥିଲା। ଏକ ଦୋକାନ ନିକଟରେ ଛିଡା ହୋଇ କାନ୍ଦୁଥିବା ବେଳେ ତାକୁ ସେଠାକାର ଲୋକ ଦେଖି ତା' ଠାରୁ ସୂଚନା ପାଇ ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରି ସ୍ୱଧାର ଗୃହରେ ଛାଡିଥିଲା। ଏନେଇ ଏକ ମାମଲା ୧୪୮/୨୬ ରୁଜୁ କରିଥିଲା। ଉକ୍ତ ଯୁବକ ଜଣଙ୍କ ନାବାଳିକା ନେଇ ଧାମନଗର ଠାରେ ଛାଡି କେଉଁଆଡେ ଉଭାନ ହୋଇଯାଇଥିଲା। ଫଳରେ ନିରୁପାୟ ହୋଇ ଝିଅଟି କାନ୍ଦୁଥିଲା।



ହେଲେ ନାବାଳିକାକୁ ଉଦ୍ଧାର କରିବା ପରେ ଅପହର୍ତ୍ତା ଟେର ପୁଲିସ ପାଇନଥିଲା। ହେଲେ ତଦନ୍ତକୁ ଅଧିକ କ୍ରିୟାଶିଳ କରି ଥାନାଧିକାରୀ ରଂଜିତ ମହାନ୍ତିଙ୍କ ନିର୍ଦ୍ଦେଶରେ ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଧାମନଗରେ ପହଂଚି ଧାମନଗର ଥାନା ଦିହୁଡି ଆନନ୍ଦପୁର ଉଦେଇପୁର ଗ୍ରାମରୁ ଅଭିଯୁକ୍ତ ବାବାଜି ପରିଡାଙ୍କ ପୁଅ ଧୁଷା ଓରଫ ଭାବଗ୍ରାହୀ ପରିଡା(୩୩)କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

● ଆଧାର କାର୍ଡ ଓ ହାତଲେଖା ଚିଠି ଜବତ

ଦଶରଥପୁର,୪।୫(ସମିସ): ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ଦେଇ ପ୍ରବାହିତ ବୈତରଣୀ ନଦୀ ଅବବାହିକା ସିଦ୍ଧେଶ୍ୱର ଘାଟ ନିକଟରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଯାଜପୁର ଟାଉନ ଥାନା ପୁଲିସ ଉଦ୍ଧାର କରିଛି। ମୃତକ ଦଶରଥପୁର ଥାନା ଜୟନ୍ତରା ପଞ୍ଚାୟତ ପାଟପୁର ଗ୍ରାମ ବଣସାହିର ଦୀପକ ଯେନା ଓରଫ ସୁମନ(୨୩) ବୋଲି ଜଣାଯାଇଛି। ମୃତ ଦୀପକଙ୍କ ଘର ଏବଂ ଘଟଣାସ୍ଥଳ ମଧ୍ୟରେ ଦୂରତା ପାଖାପାଖି ୮ କିଲୋମିଟର ହୋଇଥିବାରୁ ଦୀପକଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦେହ କରିଛନ୍ତି। ସୂଚନା ମୁତାବକ ଦୀପକ କିଛିମାସ ହେବ ଭୁବନେଶ୍ୱରରେ ରହୁଥିବା ବେଳେ ଗତ ୪ଦିନ ପୂର୍ବେ ଘରକୁ ଆସିଥିଲେ। ୨ଦିନ ପୂର୍ବେ ଭୁବନେଶ୍ୱରରୁ କିଛି ଯୁବକ ହଠାତ ତାଙ୍କ ଘରେ ପହଞ୍ଚି ଦୀପକ ୪ଟି ମୋବାଇଲ ଚୋରି କରି ପଳାଇ ଆସିଥିବା ପରିବାର ଲୋକଙ୍କୁ କହିବା ସହିତ ମୋବାଇଲ ନ ଫେରାଇଲେ କିଛି ବି ଅଘଟଣ ଘଟିପାରେ ବୋଲି ଚେତାବନୀ ଦେଇଥିଲେ। ଆଜି ଦୀପକଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ଏହା ହତ୍ୟାକାଣ୍ଡ ହୋଇଥିବା ପରିବାର ଲୋକ କହିଛନ୍ତି। ଅପରପକ୍ଷେ ଘଟଣାସ୍ଥଳରୁ ମିଳିଥିବା ଗୋଟିଏ ହାତ ଲେଖା ଚିଠି, ଏକ ହଳ ଚପଲ, ଏକ ଆଧାର କାର୍ଡ ଓ କିଛି ନିଶାଦ୍ରବ୍ୟ ପୁଲିସ ଜବତ କରିଛି। ଏହି ଆଧାର କାର୍ଡ ଦୀପକଙ୍କ ମୃତ୍ୟୁ ରହସ୍ୟ ଖୋଲିବାରେ ବଡ଼ ପ୍ରମାଣ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଯାଜପୁର ଟାଉନ ଥାନା ପୁଲିସ ଘଟଣାକୁ ନେଇ କେଶ ନଂ. ୩୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସବୁ ଜଣାପଡିବ ବୋଲି ଟାଉନ ଥାନାଧିକାରୀ ଶରତ କୁମାର ନାୟକ ସୂଚନା ଦେଇଛନ୍ତି।

# ବିରଜା ଉଚ୍ଚ ବିଦ୍ୟାଳୟରେ ଜଳଛତ୍ର



ଯାଜପୁର ଟାଉନ,୪।୫(ସମିସ): ପିଏମ୍‌ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡ୍ସ କ୍ଲବ୍ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସବିତା ସାହୁ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ କୁମାର ଜେନା, ବରଦା ଭୂଷଣ ମହାପାତ୍ର, ମନୋଜ କୁମାର ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଅକ୍ଷୟ କୁମାର ପଣ୍ଡା, ଜିଲ୍ଲଶ ସ୍କାଉଟ ସଂଯୋଜକ ଅବିନାଶ ଖୁଣ୍ଟିଆ, ପୂର୍ବତନ କ୍ରିଡ଼ା ଶିକ୍ଷକ ଅଜୟ କୁମାର ଦାସ, ଏସ୍‌ସିଏସ୍‌ଟି କୋଅର୍ଡିନେଟର ଜ୍ୟୋସ୍ନାମୟୀ ଧଳ, ଏସ୍‌ଏମ୍‌ସି ସଭାପତି ଦେବାଶିଷ ମହାନ୍ତି, ସ୍କାଉଟ ମାଷ୍ଟର ସମୀର କୁମାର ମିଶ୍ର, ଗାଇଡ୍ କ୍ୟାପଟେନ୍ ରେଖାରାଣୀ ମଲ୍ଲିକ, ବୁଲ୍‌ବୁଲ୍ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହାକାରୀ ଶିକ୍ଷକ ଅମୀୟ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ପ୍ରଧାନ, ପ୍ରବୀର ରଞ୍ଜନ ସେଠୀ, କୃଷ୍ଣଚନ୍ଦ୍ର ମିଶ୍ର, ଜମିଲୁର ରସିଦ୍ ଖାନ୍, ଗୌତମ କୁମାର ବେହେରା, ଶିକ୍ଷୟିତ୍ରୀ ହାରାମଣୀ ମୁର୍ମୁ, ମନସ୍ମିତା ଭଦ୍ର, ସୁପ୍ରଭା ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି, ସୁଷମା ପଲେଇ, ମନ୍ଦାକିନୀ ବେହେରା, ବିଜୟଲକ୍ଷ୍ମୀ ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ।

# ସୁକିନ୍ଦା ବ୍ଲକର ଏ-୧ ଗ୍ରେଡ୍‌ରେ ୨ ଛାତ୍ର

ସୁକିନ୍ଦା,୪।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ସୁକିନ୍ଦା ବ୍ଲକର ଦୁଇ ଛାତ୍ର ଏ-୧ ଗ୍ରେଡରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ ମହାମାୟୀ ଉଚ୍ଚ ବିଦ୍ୟାଳୟ ମଙ୍ଗଳପୁର ଦାମୋଦରପୁର ଛାତ୍ର ଶିଭମ ନାୟକ ୫୪୯ ନମ୍ବର ରଖିଥିବା ବେଳେ ବୈରିମାଳ ନୋଡାଲ ହାଇସ୍କୁଲର ଛାତ୍ର ଇନ୍ଦ୍ରଜିତ ଦୋରା ୫୪୬ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଉଭୟ ଛାତ୍ରଙ୍କ କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



କୁନ୍ଦଳ,୪।୫(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତସ୍ଥିତ ଟିକାୟତ ଉଚ୍ଚ ବିଦ୍ୟାଳୟର ବିଦାୟୀ ଇଂରାଜୀ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ସହଦେବ ବଳସାମନ୍ତଙ୍କ ସଂଚାଳନ ଓ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ରାୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତଥା ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ନବ କିଶୋର ବଳସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ନାବାଳିକାକୁ ଅସଦାଚରଣ ଉଦ୍ୟମ

# ଯୁବକ ସହ ଶ୍ରମିକ ସର୍ଦ୍ଦାର ଥାନାରେ ଅଟକ

ପାଣିକୋଇଲି,୪।୫(ସମିସ): ନାବଳିକା ଅସଦାଚରଣ ଅଭିଯୋଗରେ ପାଣିକୋଇଲି ପୁଲିସ ଅଭିଯୁକ୍ତ ସହ ଶ୍ରମିକ ସର୍ଦ୍ଦାରକୁ ଅଟକ ରଖି ତଦନ୍ତ ତ୍ୱରାନ୍ୱିତ କରିଛି। ଆଜି ନାବଳିକାର ୧୬୪ ରେକର୍ଡ ବୟାନ ମଧ୍ୟ କରାଯାଇଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମରେ ଜଣେ ଦଳିତ ନାବାଳିକାକୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ଯୁବକକୁ ଥାନାରେ ଅଟକ ରଖିବା ସହ ଶ୍ରମିକ ସର୍ଦ୍ଦାରକୁ ଅଟକ ରଖିଛି। ତାଜପୁର ଆଦିବାସୀ ବସ୍ତି ନିକଟରେ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ନୂତନ ଗୋଦାମ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସେଠାରେ ଭଦ୍ରକ ଅଞ୍ଚଳର କିଛି ଶ୍ରମିକ ରହି ଗୃହ ନିର୍ମାଣ କରୁଛନ୍ତି। ତେବେ ରବିବାର ପୀଡ଼ିତାର ବାପା ମା' ନିଜର କାର୍ଯ୍ୟ ଲାଗି ଯିବା ପରେ ଘରେ ଏକାକି ତାଙ୍କର ନାବାଳିକା (୧୧) ଝିଅଟି ଶୋଇଥିଲା। ଏହି ସମୟରେ ଭଦ୍ରକ ଜିଲ୍ଲାର ସେକ ମନସୁରର ପୁଅ ସେକ ଅନୱର (୫୦) ଘରେ ପଶି ନାବାଳିକାକୁ ବଳାତ୍କାର ଉଦ୍ୟମ କରିବା କରିଥିଲା। ଏ ନେଇ ନାବାଳିକା ଜଣକ ଚିତ୍କାର କରିବାରୁ ଅନୱର ତାର ମୁହଁକୁ ଚାପି ଧରି ଜୀବନରୁ ମାରି ଦେବା ଲାଗି ଉଦ୍ୟମ କରିଥିଲା। ପରେ ମା' ଅପରାହ୍ନରେ ଘରେ ପହଞ୍ଚିବାରୁ ନାବାଳିକା ତାଙ୍କୁ ସମସ୍ତ କଥା ଜଣାଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅନୱରକୁ ଥାନାରେ ଅଟକ ରଖିଛି ପୁଲିସ୍। ପରେ ଏହାର ଶ୍ରମିକ ସର୍ଦ୍ଦାରକୁ ମଧ୍ୟ ଅଟକ ରଖି ତଦନ୍ତ ଜାରି ରଖିଛି। ମଙ୍ଗଳବାର ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।।

● କାଳ ସାଜିଲା କାଳବୈଶାଖୀ

# ଦୁଇ ପରିବାର ବାସହରା

ସୁକିନ୍ଦା/ହାତୀବାର,୪।୫(ସମିସ): ଗତ ଶନିବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତୀବାରି ଗ୍ରାମ ସତ୍ୟଶଙ୍କର ପରିଡ଼ା (ବିପିନ) ଓ ଡୁବୁରୀ ମାଗୁଣି ସେଠୀଙ୍କ ପରିବାର ବାସହରା ହୋଇପଡ଼ିଥିବା ଦେଖିବାକୁ ମିଳିଛି। କାଳବୈଶାଖୀରେ ଏହି ଦୁଇ ପରିବାରଙ୍କ ଘର ଛପର ସମ୍ପୂର୍ଣ୍ଣ ଉଡିଯାଇଥିବା ବେଳେ ସନ୍ଧ୍ୟାରେ ବର୍ଷା ଲାଗିରହିଥିବା କାରଣରୁ ମାଟିକାନ୍ଥ ଭାଙ୍ଗିରୁଜି ଛାରଖାର ହୋଇଯାଇଛି। ଉଭୟ ପରିବାର ଏବେ ସଂପୂର୍ଣ୍ଣ ବାସହରା ହୋଇ ପଡିଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଆର୍‌ଆଇଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ରିସିଭ କରୁନଥିବା ଅଭିଯୋଗ ହୋଇଛି। ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀୟ ଓ ଦିନ ମଜୁରିଆ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଉଭୟ ପରିବାରକୁ ଯଥାଶୀଘ୍ର ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଦାବି ହେଉଛି।

● ନିଯୁକ୍ତି ଅନିୟମିତତା ମାମଲା

# ବଗିରିଆ ପାକ୍ସର ଦାୟିତ୍ୱ ନେଲେ ବରୁଣ୍ଡାଇ ସମ୍ପାଦକ



ପାଣିକୋଇଲି, ୪।୫(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଭାବେ ଆଜି ବରୁଣ୍ଡାଇ ପାକ୍ସର ସମ୍ପାଦକ କାହ୍ନୁଚରଣ ବେହେରା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବଗିରିଆ ପାକ୍ସର ସମ୍ପାଦକ ସୁଦର୍ଶନ ମଲ୍ଲିକ ଗତ ଏପ୍ରିଲ ୩୦ ତାରିଖ ଅବସର ଗ୍ରହଣ କରିଥିଲେ। ତା' ପୂର୍ବରୁ ତଞ୍ଚକତା କରି ଶ୍ରୀ ମଲ୍ଲିକ ତାଙ୍କ ପୁଅକୁ ସହସମ୍ପାଦକ ଭାବେ ନିଯୁକ୍ତି କରିବା ଯୋଜନା କରିଥିଲେ। ହେଲେ ବୋର୍ଡ ସଦସ୍ୟଙ୍କ ଅଭିଯୋଗ ପରେ ତଞ୍ଚକତା କରି ଥଇଥାନ କରିବା ଫସର ଫାଟିଥିଲା। ଏନେଇ ସଦସ୍ୟ ମାନେ ସମବାୟ ସମିତିର ଉପନିବନ୍ଧକଙ୍କ ପାଖରେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ କରାଯାଇଥିବା ବେଳେ ସଭାପତି ଓ ସମ୍ପାଦକ ଅନୁପସ୍ଥିତ ରହିଥିଲେ। ଫଳରେ ବରୁଣ୍ଡାଇ ପାକ୍ସର ସମ୍ପାଦକଙ୍କୁ ଅତିରିକ୍ତ ଭାବେ ବଗିରିଆ ସମ୍ପାଦକ ଭାର ତୁଲାଇବା ପାଇଁ ନିବନ୍ଧକ ଚିଠି କରିଥିଲେ। ତଦନୁଯାଇ ଆଜି ବରୁଣ୍ଡାଇ ସମ୍ପାଦକ ବଗିରିଆ ପାକ୍ସର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଗୟାଧର ସାର୍‌ଙ୍କ ବିୟୋଗରେ ଶୋକ

ଦାନଗଦି,୪।୫(ସମିସ): ଆଜି ସକାଳ ୯ ଘଟିକା ସମୟରେ ପିଏମଶ୍ରୀ ବୁଦ୍ଧରାଜା ସରକାରୀ ବିଦ୍ୟାପୀଠ ପରିସରରେ ପ୍ରଥମ ପ୍ରଧାନ ଶିକ୍ଷକ ଗୟାଧର ବଳଙ୍କ ବିୟୋଗରେ ଏକ ଶୋକ ସଭା ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଲୋକନାଥ ଧୀରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ତଥା ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବାମନ ଚରଣ ପୋଥାଳ, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବେହେରା, ପୁରାତନ ଛାତ୍ର ଡ. ଅବୁ ତାହିର, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ପ୍ରଶାନ୍ତ କୁମାର ରାୟ, ରଂଜନ କୁମାର ଧିର୍, ସୁଧାଂଶୁ ଶେଖର ଭଞ୍ଜ ପ୍ରମୁଖ ସ୍ୱର୍ଗତ ପ୍ରଧାନ ଶିକ୍ଷକ ଗୟାଧର ସାର୍‌ଙ୍କ ବିୟୋଗରେ ଶୋକ ପ୍ରକାଶ କରି ନିଜର ବକ୍ତବ୍ୟ ରଖି ଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ନୟନ ଚାନ୍ଦ ପ୍ରଧାନ, ଚନ୍ଦନ କୁମାର୍ କର, ଅବସରପ୍ରାପ୍ତ ଶିକ୍ଷକ ବେହେରା,



ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ସାହୁଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ଡ.ଚନ୍ଦ୍ରକାନ୍ତି ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ

ଦାନଗଦି,୪।୫(ସମିସ): ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଚନ୍ଦ୍ରକାନ୍ତି ସାହୁଙ୍କର ରବିବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତରେ ୫୪ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ଯାଜପୁର ରୋଡର ନହକା ଠାରେ ନିଜ ଘରେ ଏକାକୀ ରହୁଥିଲେ। ଗତକାଲି ସେ ଶୋଇଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପଡ଼ୋଶୀ ଲୋକଙ୍କୁ ଫୋନ କଲ କରି ଡାକିଥିଲେ। ସେମାନେ ପହଞ୍ଚି ତାଙ୍କୁ ତୁରନ୍ତ ଯାଜପୁର ରୋଡ୍ ଡାକ୍ତରଖାନାକୁ ନେଇଥିଲେ ହେଲେ ସେଠାରେ ପହଞ୍ଚିବା



ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳୁ ତାଙ୍କ ମୃତଦେହକୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ଅଣା ଯାଇଥିଲା। ଖବର ପ୍ରସାରିତ ହେବାପରେ ସମଗ୍ର ଯାଜପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ.ଜ୍ୟୋତିରଞ୍ଜନ ମହାପାତ୍ର,ଦାନଗଦି ବ୍ଲକ ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ସିଡିପିଓ, ଡ.ପ୍ରୟାଗଜିତ ରାଉତରାୟ, ଡ. ସାଇ ସିକନ ଜେନା, ଡ.ବିଭୂ ଜେନା, ଡ.ସତ୍ୟବ୍ରତ ବେହେରା, ଡ.ନିହାର ରଞ୍ଜନ ମହାପାତ୍ର, ଡ. ଅମୂଲ୍ୟ ନାୟକ, ବିପିଏମ ବିକାଶ ମଲ୍ଲିକ, ବ୍ଲକ ଆକାଉଣ୍ଟ ମ୍ୟାନେଜର ରାଜେନ୍ଦ୍ର କୁମାର ରାଉତ, ବହୁଆଶା କର୍ମୀ, ଷ୍ଟାଫଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତିମାନେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ଦୀର୍ଘବର୍ଷ ଧରି ଦାନଗଦି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ହୋମିଓପାଥିକ ଡାକ୍ତର ଭାବେ କାମ କରୁଥିଲେ। ସ୍ୱାମୀ ମୀନକେତନ ସାହୁ ରାଞ୍ଚିରେ ଅଧ୍ୟାପକ ଅଛନ୍ତି। ଏକ ମାତ୍ର ପୁଅ ବାଙ୍ଗାଲୋରରେ ଚାକିରି କରନ୍ତି। ଖବର ପାଇ ସମସ୍ତେ ଆସି ଦାନଗଦି ଡାକ୍ତରଖାନାରେ ପହଞ୍ଚିଥିଲେ। ବନ୍ଧୁ ଓ ପରିବାର ଲୋକେ ମଧ୍ୟ ଉପସ୍ଥିତ ଥିଲେ। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ସୁସଜ୍ଜିତ ସ୍ୱର୍ଗରଥରେ ବାପଘର ବରୀ ଓ ଶାଶୂଘର କୁଆଖିଆର କଳଣ ଗାଁକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୪।୫(ସମିସ): ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ବେଳେ ଗୁହାଳୀ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଦିବ୍ୟାଂଶା ନାୟକ ୫୬୦ ନମ୍ବର ରଖି ଯାଜପୁର ଜିଲ୍ଲାରେ ଚତୁର୍ଥ ଓ ବିଞ୍ଝାରପୁର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ନିଜର ପିତାମତା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ସେ ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ଆଶା ପ୍ରକଟ କରିଛନ୍ତି। ତାଙ୍କ ସହ ଏହି ବିଦ୍ୟାଳୟ ଆଉ ଜଣେ ଏ-୧ ଏବଂ ୪ ଜଣ ଛାତ୍ରଛାତ୍ରୀ ଏ-୨ ଗ୍ରେଡ଼ରେ କୃତକାର୍ଯ୍ୟ ହୋଇଛନ୍ତି।



ଯାହାକୁ ନେଇ ଆଜି ବିଦ୍ୟାଳୟ ପକ୍ଷ୍ୟରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସତ୍ୟବ୍ରତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ସାଗରିକା ଦାସ ସହ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନେ ସମ୍ବୋଦ୍ଧିତ କରିଥିଲେ।

# ଅନ୍ୱେଷଣ ଗ୍ରୁପ ପକ୍ଷରୁ ପଥଚାରୀଙ୍କୁ ଜଳସେବା

ଯାଜପୁର,୪।୫(ସମିସ):

ସାମାଜିକ ଓ ସାଂସ୍କୃତି ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଟାଉନସ୍ଥିତ ଗାନ୍ଧୀଛକ ଠାରେ ପଥଚାରୀଙ୍କୁ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଶାଖ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଗାନ୍ଧୀ ଛକ ଠାରେ ପଥଚାରୀମାନଙ୍କୁ ଅନୁଷ୍ଠାନର ସଦସ୍ୟ ସଦସ୍ୟମାନେ ଏକତ୍ରିତ ହୋଇ ଜଳସେବା କରିଥିଲେ। ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ ଯୋଗଦାନ କରି ଜଳଦାନର ଶୁଭାରମ୍ଭ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋର୍ କମିଟି ଅଧ୍ୟକ୍ଷ ସେକ୍ ଅବ୍‌ଦୁଲ୍ ସାଜିଦ୍, ସାଂସ୍କୃତିକ ସମ୍ପାଦକ ଶଙ୍କର



ସାହୁ, ସହ ସମ୍ପାଦିକ ସକୁନ୍ତଳା ବେହେରା, କୋଷାଧ୍ୟକ୍ଷ ଦିଜେନ୍ଦ୍ରନାଥ ରାଉତ, କୋରକମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ବେହେରା, ଶିଶିର କୁମାର ମହାପାତ୍ର, ଶ୍ୟାମସୁନ୍ଦର ନାୟକ, ଜୟପ୍ରକାଶ ନାୟକ, କିଶୋର କୁମାର ଦାସ, ଉପେନ୍ଦ୍ର କୁମାର ଜେନା, ଜିତେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ନାୟକ, ସୁକାନ୍ତ ଚନ୍ଦ୍ର ରାଉତ, ସଦସ୍ୟା ଟୁନି ବେହେରା, ସଂଯୁକ୍ତା ପଣ୍ଡା, ରଜତ କୁମାର ମିଶ୍ର, ଅବକାଶ ରଥ, ସନ୍ତୋଷ କୁମାର ମିଶ୍ର, ଅଜିତ୍ କୁମାର ସାହୁ, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ଚନ୍ଦନ ଜେନା, ରଞ୍ଜନ କୁମାର ବେହେରା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ଭୁବନେଶ୍ୱର ସିଟି



# ଧାରଣାରେ କର୍ମଚାରୀ; '୧୧୨' ଅଚଳ




- କାଳବୈଶାଖୀ ସମୟରେ ଦେଢ଼ ହଜାର କଲ୍ ଡ୍ରପ୍
- ଆଗକୁ ସାମ୍ଭବ୍ୟ ବାତ୍ୟା, ଭୟଙ୍କର ହୋଇପାରେ ପରିସ୍ଥିତି

ଭୁବନେଶ୍ୱର,୪।୫(ସମିସ)

ବାତ୍ୟା, ବନ୍ୟା, କାଳବୈଶାଖୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜରୁରିକାଳୀନ ପରିସ୍ଥିତର ମୁକାବିଲା ପାଇଁ ଆମ ରାଜ୍ୟ ଓଡ଼ିଶା ସବୁଆଡ଼ୁ ପ୍ରଶଂସା ସାଉଁଟୁଥିଲା। ରାଜ୍ୟ ସରକାରଙ୍କ ଶାସନତନ୍ତ୍ର ଲୋକଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚି ପାରୁଥିଲା। ଅଗ୍ନିଶମ, ଏନ୍‌ଡିଆର୍‌ଏଫ୍, ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଲୋକଙ୍କୁ ସହାୟତାର ହାତ ବଢ଼ାଉଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଶାକୁ ଗୋଟିଏ ପରେ ଗୋଟିଏ ସାର୍ଟିଫିକେଟ୍ ଦେଉଥିଲେ। ହେଲେ ଏବେ ପରିସ୍ଥିତି ଏଭଳି ହୋଇଛି ଯେ ଜରୁରିକାଳୀନ ପରିସ୍ଥିତିରେ ପ୍ରଶାସନକୁ ଖବର ପହଞ୍ଚାଇବା ବି କାଠିକର ପାଠ। ଜାରି କରାଯାଇଥିବା ଜରୁରିକାଳୀନ ସେବା ବା ଟୋଲ୍ ଫ୍ରି ନମ୍ବର '୧୧୨' ଏବେ ରାଜ୍ୟରେ ଏକପ୍ରକାର ଅଚଳ ହୋଇ ଯାଇଛି। ଲୋକେ ୧୧୨କୁ ବାରମ୍ବାର ଫୋନ୍ କରୁଛନ୍ତି। ହେଲେ କଲ୍ ଲାଗୁ ନାହିଁ। ପ୍ରତିନିଧି ବ୍ୟସ୍ତ ଅଛନ୍ତି ବୋଲି ଉତ୍ତର ମିଳୁଛି। ୩୦ ମିନିଟ୍‌ରୁ ୪୦ ପର୍ଯ୍ୟନ୍ତ କଲ୍ ହୋଲ୍ଡ ହୋଇଯାଉଛି। ଯାହାଫଳରେ ରାଜ୍ୟବାସୀଙ୍କ ପାଖରେ ଜରୁରିକାଳୀନ ସେବା ପହଞ୍ଚିବା ଦୂରର କଥା ପ୍ରଶାସନ ପାଖରେ ଖବର ବି ପହଞ୍ଚି ପାରୁନି।

ଗତ ୩୦ ତାରିଖ ଦିନ କାଳବୈଶାଖୀ ପ୍ରଭାବରେ ଉପକୂଳ ଜିଲ୍ଲାଗୁଡ଼ିକରେ ବହୁ ସଂଖ୍ୟାରେ ଗଛଭାଙ୍ଗି ରାସ୍ତାରେ ପଡ଼ିଥିଲା। ଘର ଭାଙ୍ଗିଗଲା। ଲୋକେ ଘରୁ ବାହାରି ପାରିଲେ ନାହିଁ। ଏପରିକି ରାଜଧାନୀରେ ଏକ କାର୍ ଉପରେ ହୋର୍ଡିଂ ପଡ଼ିଗଲା। ପବନ ଥମିଲା ପରେ ଲୋକେମାନେ ନିଜ ଫୋନ୍ ବାହାର କରି ସହାୟତା ପାଇଁ ୧୧୨ ନମ୍ବର ଡାଏଲ କଲେ। ବହୁ ସମୟ ଧରି ଏହି ନମ୍ବର ଲାଗିଲା ନାହିଁ। ଯେଉଁ କେତୋଟି କଲ୍ କନେକ୍ଟ ହେଲା ସେମାନଙ୍କୁ ଫୋନ୍ କେହି ଉଠାଇଲେ ନାହିଁ। ଘଣ୍ଟା ଘଣ୍ଟା ଧରି କଲ୍ କରୁଥିବା ଲୋକଙ୍କୁ ହୋଲ୍ଡ କରିଦିଆଗଲା। ନହେଲେ କଲ୍‌କୁ କାଟି ଦିଆଗଲା। ଗତ ଏପ୍ରିଲ୍ ୩୦ ତାରିଖରୁ ମେ ୧ ତାରିଖ ମଧ୍ୟରେ୧୫୦୦ରୁ ଊର୍ଦ୍ଧ୍ୱ କଲ୍ ଡ୍ରପ୍ ହୋଇଥିବା ନେଇ ସୂଚନା ମିଳିଛି।

ରାଜ୍ୟରେ ୧୧୨ ସେବାରେ ଏଭଳି ଅବ୍ୟବସ୍ଥା ପାଇଁ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣ ଦାୟୀ ନୁହେଁ। ସରକାରୀ ଅବହେଳା ଏବଂ କିଛି ବରିଷ୍ଠ ଅଧିକାରୀଙ୍କ ସ୍ୱାର୍ଥସାଧନା ଏବଂ ଜିଦ୍‌କୁ ସିଧାସଳଖ ଦାୟୀ କରାଯାଇଛି। ଯେଉଁଥି ପାଇଁ ଗତମାସ ୨୬ ତାରିଖରୁ ଜରୁରିକାଳୀନ ଫୋନ୍ କଲ୍ ଉଠାଉଥିବା ପ୍ରାୟ ୨୦୦ କେସ୍ ରେକର୍ଡ ମ୍ୟାନେଜର(ସିଆର୍‌ଏମ୍) ମାନେ ଦରମା ନପାଇ ଆଜି ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ନୂଆ ନୁ୍ୟକ୍ତି ହୋଇପାରୁ ନାହିଁ। ଦୁଇ ଶହ କର୍ମଚାରୀଙ୍କ ପରିବର୍ତ୍ତେ ମାତ୍ର ୧୦ରୁ ୧୨ ଜଣ ପୁଲିସ କର୍ମଚାରୀଙ୍କୁ ନେଇ ରାଜ୍ୟର ଜରୁରିକାଳୀନ ସେବା ୧୧୨ ଅପରେଟ୍ ହେଉଛି। ସମସ୍ୟା ସମାଧାନ ପାଇଁ କାହାର ବି ପ୍ରଚେଷ୍ଟା ନାହିଁ। ନେତାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପ୍ରଶାସନ ୮ଦିନ ହେବ ଜଣେ ବି ଏହାର ସମାଧାନ ପାଇଁ ଆଗକୁ ଆସୁନାହାନ୍ତି।

୧୧୨ ଜରୁରୀ ସେବା କେନ୍ଦ୍ରଟି ଗୃହ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ଏହାର କାର୍ଯ୍ୟାଳୟ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ପରିସରରେ ରହିଛି। ୩ଟି ସିଫ୍ଟରେ ୨ଶହରୁ ଊର୍ଦ୍ଧ୍ୱ ସିଆର୍‌ଏମ୍ କାର୍ଯ୍ୟ କରନ୍ତି। ସାଧାରଣ ଦିନଗୁଡ଼ିକରେ ଏଠାରେ ୨ହଜାର କଲ୍ ରିସିଭ୍ କରାଯାଏ। ଜରୁରିକାଳୀନ ପରିସ୍ଥିତି ବେଳେ କଲ୍ ସଂଖ୍ୟା ୩୫୦୦ରୁ ୪ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଏ। ଯାହାକୁ ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ସହଜରେ ପରିଚାଳନା କରନ୍ତି।

ଦୁର୍ଘଟଣା, ପୁଲିସ ସେବା, ସ୍ୱାସ୍ଥ୍ୟସେବା, ଅଗ୍ନିଶମ, ଚାଇଲ୍ଡଲାଇନ୍, ରେଳ ସେବା, ପାଣି ଘେରରେ ଜଳବନ୍ଦୀ ରହିବା, ମହିଳା ହେଲ୍ପ ଲାଇନ୍, ସିନିୟର ସିଟିଜେନ୍‌ଙ୍କୁ ସେବା ଯୋଗାଇଦେବା, ଆନିମଲ୍ ହେଲ୍ପ ଲାଇନ୍ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଫସିଥିବା ଲୋକଙ୍କୁ ୧୧୨ ସେବା ଯୋଗାଇ ଥାଏ। କର୍ମଚାରୀଙ୍କ ସମସ୍ୟାର ସମାଧାନ ହୋଇ ନପାରିବାରୁ ଲୋକେ ଏଭଳି ସେବାରୁ ବଞ୍ଚିତ ହେଉଛନ୍ତି।

## ମହିଳାଙ୍କ ମୁଣ୍ଡରେ ଚଢ଼ିଗଲା ଟ୍ରକ୍

ଭୁବନେଶ୍ୱର,୪।୫(ସମିସ): ରସୁଲଗଡ଼ ଛକ ଷ୍ଟେଟ୍ ବ୍ୟାଙ୍କ୍ ସାମ୍ନାରେ ଜଣେ ମହିଳାଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ସାରିଆ ଗ୍ରାର ନମିତା ରାଉଳ। ସେ ତାଙ୍କ ସ୍ୱାମୀଙ୍କ ବୁଲେଟ୍ ପଛରେ ବସି ଯାଉଥିଲା ବେଳେ ରାସ୍ତାରେ ଗଳି ପଡ଼ିଥିଲେ। ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢାଇ ଦେଇଥିଲା। ସୂଚନା ଯେ, ନମିତା ରାଉଳ (୪୬) ସ୍ୱାମୀ ହେମନ୍ତ ରାଉଳଙ୍କ ସହ ନିଜ ବୁଲେଟ୍‌ରେ ଓଡି ୨୯ ଏନ୍ ୭୨୧୪ ରେ ପଳାଶୁଣୀରୁ ରସୁଡଗଡ ଅଭିମୁଖେ ଆସୁଥିବା ବେଳେ ଏକ ମାଲବୋଝେଇ ଟ୍ରକ୍ ଓଆର ୦୧ ଟି ୨୪୮୭ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଉଭୟ ଦମ୍ପତ୍ତି ଗାଡିରୁ ତଳେ ପଡି ଯାଇଥିଲେ। ଦୁର୍ଭାଗ୍ୟବଶତଃ ନମିତା ରାଉଳ ଟ୍ରକ୍‌ର ପଛ ଚକାତଳେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରକକୁ ମଞ୍ଚେଶ୍ୱର ଥାନା ପୁଲିସ ଜବତ କରିବା ସହ ଟ୍ରକ୍‌ର ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ଚାପ ଉତ୍ତେଜନା ହୋଇଥିଲା। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥଲା।

## ହାତ କାମୁଡ଼ି ମୋବାଇଲ ଲୁଟ୍

### ନିସ୍ତୁକ ପିଟି ପୁଲିସରେ ଦେଲେ ଲୋକେ



ଭୁବନେଶ୍ୱର, ୪।୫ (ସମିସ): ହାତକୁ କାମୁଡ଼ି ମୋବାଇଲ ଲୁଟ୍ କରିବା ବେଳେ ଲୋକଙ୍କ ହାବୁଡ଼ରେ ପଡ଼ିଛି ଲୁଟେରା। ଲୋକମାନେ ଅଭିଯୁକ୍ତକୁ ନିସ୍ତୁକ ପିଟିବା ସହ ପୁଲିସରେ ଦେଇଛନ୍ତି। ୟୁନିଟ୍ ୧ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର ଜଗା ଓରଫ୍ ସନ୍ତୋଷ ନାୟକ (୩୦)। ପୁଲିସ ସୂଚନାନୁସାରେ, ଅଟୋ ଚାଳକ ବୈକୁଣ୍ଠନାଥ ପ୍ରଧାନ ରବିବାର ସନ୍ଧ୍ୟାରେ ୟୁନିଟ୍-୧ ମାର୍କେଟ୍ ପେଟ୍ରୋଲ ପମ୍ପ ନିକଟରେ ଯାତ୍ରୀମାନଙ୍କୁ ଅପେକ୍ଷା କରୁଥିଲେ। ସେହି ସମୟରେ ଜଗା ହଠାତ୍ ତାଙ୍କ ହାତକୁ କାମୁଡ଼ି ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲା। ବୈକୁଣ୍ଠ ଚିତ୍କାର କରିବାରୁ ଲୋକମାନେ ଘଟଣାସ୍ଥଳରେ ଏକାଠି ହୋଇ ଜଗାକୁ କାବୁ କରିବା ସହ ମାଡ଼ ମାରିଥିଲେ। ବୈକୁଣ୍ଠଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଜଗାକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଥିଲା। ଜଗା ନାମରେ ପୂର୍ବରୁ କ୍ୟାପିଟାଲ ଓ ଏୟାରପୋର୍ଟ ଥାନାରେ ୮ଟି ଅପରାଧିକ ମାମଲା ରହିଛି।

## ଥାର୍‌ରେ ବୁଲି ବିକୁଥିଲା ଗଞ୍ଜେଇ




ଭୁବନେଶ୍ୱର, ୪।୫ (ସମିସ): ଥାର୍ ଗାଡ଼ିରେ ବୁଲି ବୁଲି ଗଞ୍ଜେଇ ବିକୁଥିବା ବେଳେ ଧରାପଡ଼ିଛି ବେପାରୀ। ଗ୍ରାହକକୁ ଗଞ୍ଜେଇ ଦେବା ପୂର୍ବରୁ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯଦୁପୁର ଟାଙ୍ଗୀ ସାହିର ଏସକେ ଜାବିର୍ ଓରଫ୍ ଏସକେ ରାଜା (୩୧)। ପୁଲିସ ସୂଚନାନୁସାରେ, ସୋମବାର ସକାଳେ ରଘୁନାଥ ନଗର ଅଞ୍ଚଳରେ ଗଞ୍ଜେଇ ଡିଲ୍ ଚାଲିଥିବା ନେଇ ଖଣ୍ଡଗିରି ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଅଟୋ ଷ୍ଟାଣ୍ଡରେ ଚଢ଼ଉ କରି ରାଜାକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ଥାର୍ ଭିତରୁ ୨୧ କିଲୋ ଗଞ୍ଜେଇ ଜବତ କରିଥିଲା। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଏଠାରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ପୁଲିସ ଗଞ୍ଜେଇ ଓ ବ୍ୟବହୃତ ଗାଡ଼ିକୁ ଜବତ କରିଥିଲା। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ରାଜାକୁ କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ଖଣ୍ଡଗିରି, ଲକ୍ଷ୍ମୀସାଗର ଓ ଭରତପୁର ଥାନାରେ ମୋଟ ୬ଟି ଏନଡିପିଏସ୍ ଓ ଅନ୍ୟାନ୍ୟ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବନ୍ଦଘରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୪।୫(ସମିସ): ଆଚାର୍ଯ୍ୟ ବିହାର ନିକଟ ବିସେଶ୍ୱରୀ ଆଦର୍ଶ କଲୋନୀରେ ଏକ ବନ୍ଦ ଘରୁ ଏକ ଗଳିତ ମୃତଦେହ ମିଳିଛି। ମୃତ ବ୍ୟକ୍ତିଙ୍କ ନାମ ପୂର୍ଣ୍ଣଚନ୍ଦ୍ର ନାୟକ। ତାଙ୍କ ବୟସ ୫୫ ବୋଲି ଜଣା ପଡ଼ିଛି। ସନ୍ଦେହ ଜନକ ଭାବେ ମୃତଦେହ ଠାବ ହୋଇଥିବା ବେଳେ ଘର କବାଟ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। କିଛି ପିଲା ବାହାରେ ଖେଳୁଥିବା ସମୟରେ ବଲଟି ଏହି ଘରେ ପଡିଥିଲା। ବଲଟିକୁ ଆଣିବା ସମୟରେ ସେମାନେ ଏହି ମୃତଦେହଟି ଏକ ରଶିରେ ବନ୍ଧା ହୋଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସହିଦନଗର ଥାନା ପୁଲିସ୍ ପହଞ୍ଚି ମୃତ ଦେହକୁ ଜବତ କରିଥିଲା। ମୃତଦେହଟି ସଂମ୍ପୁର୍ଣ ନଷ୍ଟ ହୋଇଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ବାହାରୁ ଥିବାରୁ ୩ ରୁ ୪ ଦିନ ହେବ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତ ବ୍ୟକ୍ତି ଜଣକ ଏକା ରହୁଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ତଦନ୍ତ କରିବା ନେଇ ଅଭିଯୋଗ କରିଛନ୍ତି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରମାଣ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ତଦନ୍ତ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କୁ ପୁଲିସ୍ ପଚରାଉଚରା କରୁଛି।

## ସରକଣା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ବାଲିଅନ୍ତା,୪।୫(ସମିସ): ବାଲିଅନ୍ତା ବ୍ଲକ ସରକଣ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଜନିତ "ପଲ୍ଲୀରେ ପ୍ରଶାସନ" ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ରଶ୍ମିତା ନାଥ, ସାଂସଦ ପ୍ରତିନିଧି ବିଜୟ ମହାରଣା, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୨ଟି, ରାସନ କାର୍ଡ ସମ୍ବନ୍ଧୀୟ ୨ଟି, ଭତ୍ତା ସମ୍ବନ୍ଧୀୟ ୧ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

## ଅର୍ଥ ଆଗରେ ବନ୍ଧା ପଡ଼ିଛି ସ୍ୱପ୍ନ

- ଆର୍ଥିକ ସମସ୍ୟାରୁ ଅଟକିଯିବ ବି ଡାକ୍ତରୀ ସ୍ୱପ୍ନ
- ସରକାରଙ୍କ ସହାୟତା ଲୋଡ଼ିଲେ ମେଧାବୀ ଛାତ୍ରୀ

ଭୁବନେଶ୍ୱର,୪।୫(ସମିସ)



ମୁଁ ପାଠ ପଢ଼ି ଡାକ୍ତର ହେବାକୁ ଚାହେଁ। ଗରିବ ଅସହାୟମାନଙ୍କ ସେବା କରିବାକୁ ଚାହେଁ। ଏଥିପାଇଁ ମୋତେ ଯେତେ ପରିଶ୍ରମ କରିବାକୁ ପଡ଼ିଲେ ମଧ ମୁଁ କରିବି। ପାଠ ପଢ଼ି ନିଜର ସ୍ୱପ୍ନ ସାକାର କରିବାକୁ ମନରେ ରହିଛି ଅଜସ୍ର ଆଗ୍ରହ ଏବଂ ଇଚ୍ଛାଶକ୍ତି। କିନ୍ତୁ ଆର୍ଥିକ ସମସ୍ୟା ଆଗରେ ସବୁକିଛି ଅଟକି ଯାଉଛି। ଆଗକୁ ପଢ଼ିବାକୁ ସାମର୍ଥ୍ୟ ନାହିଁ। ଡାକ୍ତର ପଢ଼ିବାକୁ ମନ ଚାହୁଁଥିଲେ ବି ପରିସ୍ଥିତି ଅଲଗା ବାଟକୁ ଟାଣି ନେଉଛି। ଯେଉଁଥିପାଇଁ ଚଳିତ ମାଟ୍ରିକ ପରୀକ୍ଷାରେ ୯୧ ପ୍ରତିଶତ ମାର୍କ ରଖି ମଧ ଆଗକୁ ପଢ଼ିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି ସୁଶ୍ରୀ ସଙ୍ଗୀତା ନାୟକ। ନିଜର ପାଠପଢ଼ା ପାଇଁ ସେ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ସରକାର ଚାହିଁଲେ ତାଙ୍କ ଇଚ୍ଛା ପୂରଣ ହେବ ବୋଲି ସେ କହିଛନ୍ତି। ଏଥିପାଇଁ ସେ ଭୁବନେଶ୍ୱରରେ ଯଶୋଦା ମା' ଫାଉଣ୍ଡେସନ୍‌ର ପ୍ରତିଷ୍ଠାତ୍ରୀ ନିବେଦିତା ଲେଙ୍କାଙ୍କୁ ଭେଟି ସହଯୋଗ ଲୋଡିଛନ୍ତି।

ସୁଶ୍ରୀ ସଙ୍ଗୀତା ପରିବାର ସହ ନୟାଗଡ଼ରେ ରହୁନ୍ତି। ସେ ସ୍ଥାନୀୟ ଶ୍ରୀଅରବିନ୍ଦ ସ୍କୁଲରେ ପାଠ ପଢ଼ିବା ସହ ଜଣେ ମେଧାବୀ ହୋଇଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରିୟ ଥିଲେ। ତେବେ ସେ କୌଣସି ଟିଉସନ୍ କିମ୍ବା କୋଚିଂ ବିନା ମାଟ୍ରିକରେ ୯୧ ପ୍ରତିଶତ ମାର୍କ ରଖି ଥିବାରୁ ସମସ୍ତେ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ହେଲେ ପରିବାରରେ ସୁଶ୍ରୀ ସଙ୍ଗୀତାଙ୍କ ବାପାଙ୍କ ସ୍ୱଳ୍ପ ରୋଜଗାରକୁ ୪ପ୍ରାଣୀ ଭରସା କରୁଥିବା ବେଳେ ଝିଅ ପାଠପଢ଼ା ଖର୍ଚ୍ଚ ତୁଲାଇବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ସୁଶ୍ରୀ ସଙ୍ଗୀତା ରାଜଧାନୀରେ ଭଲ କଲେଜରେ ପାଠପଢ଼ି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱରରେ ରହିବାକୁ ହେଲେ ମାସିକ ଖର୍ଚ୍ଚ ବି ଯୋଗାଇବା ତାଙ୍କ ପକ୍ଷେ କଷ୍ଟକର। ଏନେଇ ସୁଶ୍ରୀସଙ୍ଗୀତା କହିଛନ୍ତି, ସରକାର ଯଦି ସହଯୋଗ କରନ୍ତେ ତେବେ ମୋର ଡାକ୍ତରୀ ହେବାର ସ୍ୱପ୍ନ ପୂରଣ ହୋଇପାରନ୍ତା।

## ସପ୍ତରଥ ଶୈଳୀରେ ନିର୍ମିତ ଶୁକଶାରୀ ମନ୍ଦିର

ଆମ ରାଜଧାନୀ ଆମ ଐତିହ୍ୟ

ଭୁବନେଶ୍ୱର,୪।୫(ସମିସ)



ଓଡିଶାର ଐତିହ୍ୟ ଓ ଗୌରବର ଗାଥା ଇତିହାସ ପୃଷ୍ଠାରେ ହିଁ ସାଇତି ହୋଇ ରହିଥାଏ। ଯାହାକୁ ଦେଖି ମନେ ପଡିଯାଏ ଓଡିଶାର ପୁରାତନ କିର୍ତ୍ତିରାଜି। ଏପରି ଅନେକ ଐତିହ୍ୟ ମନ୍ଦିର ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ଅଷ୍ଟାଦଶ ଶତାବ୍ଦୀର ଶୁକଶାରୀ ମନ୍ଦିର।

ପୁରୁଣା ଭୁବନେଶ୍ୱରର ରଥ ରୋଡ୍ ଦେଇ ଗଲାବେଳେ ବାମ ପାଶ୍ୱର୍ରେ ରହିଛି ଶୁକଶାରୀ ମନ୍ଦିର। ଦୁଇଟିଯାକ ମନ୍ଦିରକୁ ଏକତ୍ର କୁହାଯାଉଥିଲେ ମଧ ଦୁଟି ଭିନ୍ନ ଭିନ୍ନ ଅଟନ୍ତି। ମନ୍ଦିରର ପରିସରରେ ପ୍ରଥମେ ପଶିଲେ ରହିଛି ଶାରୀ ମନ୍ଦିର ଓ ଟିକେ ଆଗକୁ ରହିଛି ଶୁକ ମନ୍ଦିର। ପ୍ରଥମେ ଶାରୀ ମନ୍ଦିର ଇତିହାସ କହିଲେ ଭଗବାନ ଶିବଙ୍କୁ ସମର୍ପିତ ଏହି ପଶ୍ଚିମାଭିମୁଖୀ ମନ୍ଦିର ଐତିହାସିକ ବିନ୍ଦୁସାଗରର ଦକ୍ଷିଣ ପାଶ୍ୱର୍ରେ ଅବସ୍ଥିତ। ନିର୍ମାଣ ଶୈଳୀର ଆଧାରରେ ମନ୍ଦିରଟି ତ୍ରୟଦଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ। ସେହିପରି ଏହାକୁ ଲାଗି ରହିଥିବା ଶୁକ ମନ୍ଦିର ମଧ ସେହି ସମାନ ସମୟରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ଯାହା ଗଙ୍ଗ ବଂଶ ସମୟରେ ନିର୍ମିତ। ଏଠାରେ ମଧ ଶିବଙ୍କୁ ପୂଜା କରାଯାଇଥାଏ। ଅନ୍ୟ ଶିବ ମନ୍ଦିର ପରି ଏହି ମନ୍ଦିରରେ ମଧ ଜାଗର, ଶ୍ରାବଣ ଆଦି ପ୍ରମୁଖ ପର୍ବ। ହେଲେ ଅନେକ ବର୍ଷ ଧରି ଏହି ମନ୍ଦିରଟି ବନ୍ଦ ହୋଇ ରହିଥିବାରୁ କୈଣସି ପୂଜା ହେଉନାହିଁ। ଅନନ୍ତ ବାସୁଦେବ ଓ ଜମେଶ୍ୱର ମନ୍ଦିର ଭଳି ଶାରୀ ମନ୍ଦିର ମଧ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଦେଉଳଟି କଳିଙ୍ଗ ମନ୍ଦିର ସ୍ଥାପତ୍ୟକଳାର ବିକଶିତ ପର୍ଯ୍ୟାୟର ଲକ୍ଷଣଗୁଡିକ ଦର୍ଶାଏ ଏବଂ ଏହା ସପ୍ତରଥ ଶୈଳୀରେ ନିର୍ମିତ। ମନ୍ଦିରର କାନ୍ଥମାନଙ୍କରେ ଲତା, ଫୁଲ, ପଶୁ-ପକ୍ଷୀ, ଆଦି କାରୁକାର୍ଯ୍ୟ ରହିଛି। ସେହିପରି ଶୁକ ମନ୍ଦିର ମଧ ସପ୍ତରଥ ଶୈଳୀରେ ନିର୍ମିତ।

### ଏବେ କେମିତି ରହିଛି

ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ମାଟି ତଳେ ଅନେକ ମନ୍ଦିର ପୋତି ହୋଇ ରହିଥିବା ଐତିହାସିକମାନେ ଦାବି କରି ଆସୁଥିଲେ। ଦୀର୍ଘ ଦିନର ଦାବି ପରେ ୨୦୨୦ ମସିହାରେ ଏଏସ୍ଆଇ ପକ୍ଷରୁ ଶୁକଶାରୀ ମନ୍ଦିର ଆଖପାଖ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରର ଚାରି ପାଖରେ ପ୍ରାୟ ୧୨ ଫୁଟ ଖୋଳାଯିବା ପରେ ମାଟି ତଳେ ପୋତି ହୋଇଥିବା ମନ୍ଦିର ସାମ୍ନାକୁ ଆସିଥିଲା। ମନ୍ଦିର ଉପରିଭାଗ ସହ ମୂଳରେ ହୋଇଥିବା ସୂକ୍ଷ୍ମ କାରୁକାର୍ଯ୍ୟ ସମସ୍ତଙ୍କୁ ବିସ୍ମିତ କରିଥିଲା। ଏଠି ମାଟି ତଳୁ ଅନେକ ପ୍ରାଚୀନ ଭାସ୍କର୍ଯ୍ୟର ସନ୍ଧାନ ମିଳିଥିଲା। ଶୁକଶାରୀ ମନ୍ଦିରର ରକ୍ଷଣାବେକ୍ଷଣ ହେଉନଥିବାରୁ ମନ୍ଦିରରେ ଥିବା ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହୋଇଗଲାଣି। ବର୍ତ୍ତମାନ ସମୟରେ ମନ୍ଦିରର ଚାରି ପାଖରେ ତାର ଜାଲି ବୁଲା ଯାଇ ମନ୍ଦିରର ପୁନଃଦ୍ଧାର କାର୍ଯ୍ୟ ଜାରି ରହିଛି।

## ସାମାନ୍ୟ ଦୁର୍ଘଟଣାରୁ ବନ୍ଧୁକ-ଭୁଜାଲି ଦେଖାଇଲା ଅଟୋ ଚାଳକ

ଭୁବନେଶ୍ୱର, ୪।୫(ସମିସ): ସୋମବାର ସନ୍ଧ୍ୟାରେ ରସୁଲଗଡ଼ ଛକରେ ଏକ ସାମାନ୍ୟ ଦୁର୍ଘଟଣା ହିଂସାତ୍ମକ ରୂପ ନେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭିଏସ୍‌ଏସ୍ ନଗର ଆଡ଼କୁ ଯାଉଥିବା ଏକ ବାଇକ୍ ସହିତ ରସୁଲଗଡ଼ ଫ୍ଲାଏଓଭର ତଳେ ଏକ ଅଟୋର ହାଲୁକା ଧକ୍କା ହୋଇଥିଲା। କାହାର କିଛି କ୍ଷତି ହୋଇ ନ ଥିଲେ ମଧ କଥା କଟାକଟି ଆରମ୍ଭ ହୋଇଯାଇଥିଲା। କଥା ବଢ଼ିବାରୁ ଅଟୋ ଚାଳକ ଜଣକ ହଠାତ୍ ଉତ୍ତ୍ୟକ୍ତ ହୋଇ ସିଟ୍ ତଳୁ ଏକ ଦେଶୀ ବନ୍ଧୁକ ଓ ଭୁଜାଲି କାଢ଼ି ବାଇକ୍ ଆରୋହୀଙ୍କୁ ଦେଖାଇ ଧମକ ଦେଇଥିଲା।



ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୁଲିସ ଅଟୋରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିଛି। ମଞ୍ଚେଶ୍ୱର ଥାନା କହିବା ଅନୁଯାୟୀ, ଆମେ ଅଟୋ ଟିକୁ ଜବତ କରିଛୁ, ବନ୍ଧୁକ ଏବଂ ଭୁଜାଲି ବି ଜବତ କରିଛୁ। ଅଭିଯୁକ୍ତ ନାମ ଜଣା ପଡ଼ିଯାଇଛି। ତା' ନାଁରେ ପୂର୍ବରୁ ମଧ ଦୁଇଟି ମାମଲା ରହିଛି। ଅଟୋଟିକୁ ଜବତ କରାଯାଇଛି ଓ ଅସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅସ୍ତ୍ର ସେ କେଉଁଠୁ ଆଣିଲା ତା'ର ତଦନ୍ତ ଚାଲିଛି। ବାଇକ୍ ଆରୋହୀ ଜଣକ ସୁରକ୍ଷିତ ଥିବା ବେଳେ ପୁଲିସ ତାଙ୍କ ବୟାନ ରେକର୍ଡ କରିଛି। ରସୁଲଗଡ଼ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଅସ୍ତ୍ର ଦେଖାଇବା ଘଟଣା ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଛି। ବେଆଇନ ଅସ୍ତ୍ର କାରବାର ବଢୁଥିବା ନେଇ ପୁଲିସ ଅଧିକ ଚଢ଼ାଉ କରିବ ବୋଲି ସୂଚନା ମିଳିଛି।

## 'ବିତର୍କିତ ଅପରାହ୍ଣ' ମଞ୍ଚସ୍ଥ

ଭୁବନେଶ୍ୱର, ୪।୫(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଶନିବାର ଭଞ୍ଜକଳା ମଣ୍ଡପରେ ନାଟକ ମଞ୍ଚସ୍ଥ ହୋଇଯାଇଛି ନାଟକ 'ବିତର୍କିତ ଅପରାହ୍ଣ'। ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ରଚିତ ଏବଂ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକକୁ କ୍ୟାନ୍‌ମାସ୍ ପାରାଦ୍ୱୀପ ପରିବେଷଣ କରିଥିଲେ। ଏହି ନାଟ୍ୟ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ ଯୋଗଦେଇଥିଲେ। ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସଂପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନାଟକର ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।









# ଭୁବନେଶ୍ୱର ସିଟି

## ଏକାମ୍ର କ୍ଷେତ୍ରରେ ମହିଳା ଚନ୍ଦନ ଉତ୍ସବ

ଭୁବନେଶ୍ୱର, ୪।୫(ସମିସ): ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ଅବସରରେ ପୁରୁଣା ଭୁବନେଶ୍ୱର ତଥା ଏକାମ୍ର କ୍ଷେତ୍ରରେ ମହିଳା ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ଭୁବନେଶ୍ୱରସ୍ଥିତ ସିଦ୍ଧି ମଣ୍ଡପଠାରେ ଆୟୋଜିତ ଏହି ଉତ୍ସବରେ ମହଳାମାନେ ଚନ୍ଦନ ବୋଲାବୋଲି ହୋଇଥିଲେ। ଏହି ଅବସରରେ ମୁରୁଜରେ ଝୋଟି, ଚିତ୍ରାଙ୍କନ ଓ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷା ରଶ୍ମି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଇପିଏ ସମ୍ପାଦିକା ଅଞ୍ଜଳି ମିଶ୍ର, ଆଇନଜୀବୀ ସୁଜାତା ପଣ୍ଡା, ଜ୍ୟୋତି ପଣ୍ଡା, ସଂଯୁକ୍ତା ଆଚାର୍ଯ୍ୟ, ସୁଦେଶା ପଣ୍ଡା, ସିପ୍ରା ମିଶ୍ରଙ୍କୁ ମହିଳା ଚନ୍ଦନ ସମ୍ମାନ ଦିଆଯାଇଥିଲା।

## 'ଓଡ଼ିଆ ନାରୀ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦ' ଆଲୋଚନା

ଭୁବନେଶ୍ୱର,୪।୫(ସମିସ)



କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ 'ଓଡିଆ ନାରୀ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡିଆ ଲେଖିକା ପଦ୍ମଭୂଷଣ ପ୍ରତିଭା ରାୟ ଉଦ୍‌ଘାଟନ କରିଥିବା ବେଳେ ସାହିତ୍ୟ ଏକାଡେମୀର ସଭାପତି ଡ. ମାଧବ କୌଶିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସାହିତ୍ୟ ଏକାଡେମୀର ଓଡିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ସ୍ତମ୍ଭକାର ଦାଶ ବେନହୁର ପ୍ରମୁଖ ଯୋଗ ଦେଇ ଗଡ଼ଜାତ ଅଞ୍ଚଳର ସଂଗ୍ରାମୀ ନାରୀମାନଙ୍କ ସମ୍ପର୍କରେ ଅଧିକ ଗବେଷଣା ଜରୁରୀ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ସାହିତ୍ୟ ଅକାଦେମି କୋଲକାତା କାର୍ଯ୍ୟାଳୟ ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତଭାଷଣ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ପ୍ର. ଯତୀନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ବୈଷ୍ଣବ ଚରଣ ମହାନ୍ତି, ପ୍ର. ବିଜୟ କୁମାର ଶତପଥୀ ଏବଂ ପ୍ର. ସଂଘମିତ୍ରା ମିଶ୍ର।।

ଦ୍ୱିତୀୟ ଅଧିବେଶନରେ ଡ. ବାସନ୍ତୀ ମହାନ୍ତି, ଡ. ବାସୁଦେବ ସୁନାନୀ ଏବଂ ଡ. ସଂଘମିତ୍ରା ଭଞ୍ଜ ପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ। ଡ. ପୁଷ୍ପିତା ଶୁକ୍ଳା ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୁଲତା ସାହୁ।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୪।୫(ସମିସ): ସମୟ ସହ ଓଡିଆ ସିନେମା ଜଗତରେ ଅନେକ ଉନ୍ନତି ଘଟିଲାଣି। ପରିବର୍ତ୍ତନ ବି ଆସିଛି, ନୂଆ ସୁଯୋଗ ସୃଷ୍ଟି ହୋଇଛି। ହେଲେ ଏପରି ଏକ ଧାରା ବଜାୟ ରଖିବାରେ ଓଡିଆ ସିନେ ଜଗତ ଅନେକ ସଂଘର୍ଷ ଦେଖିଛି ଓ କରିଛି ମଧ୍ୟ। ଯେଉଁଥିରେ କଳାକାର, ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଆଦି ସମସ୍ତଙ୍କ ଭୂମିକା ରହିଆସିଛି। ହେଲେ କଳା ଧଳା ପରଦାରୁ ରଙ୍ଗୀନ ପରଦାର ଯାତ୍ରା ଅନେକଙ୍କ ସ୍ମୃତି ସହ ଜଡିତ। ପୂର୍ବରୁ ଗୋଟିଏ ସିନେମା ପରଦାକୁ ଆସିବା ଯାଏଁ ଲୋକ ଚାତକପରି ଚାହିଁ ବସୁଥିଲେ। ପାଖରେ ନା ଥିଲା ସ୍ମାର୍ଟ ଫୋନ ନା ବଡ ବଡ ଟିଭି। ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟରେ ଯେପରି ଏକ ମୋହ ଲୋକଙ୍କୁ ନିଜ ସହ ବାନ୍ଧି ରଖୁଥିଲା। ସେହିପରି ସମୟକୁ ମନେ ପକାଉଛି ଆଜିର ଏହି ଉପସ୍ଥାପନା। ସାମାଜିକ ଗଣମାଧ୍ୟମରେ ଅନେକ ବର୍ଷ ପୁରୁଣା ଏକ ଫଟୋ ଯେଉଁଥିରେ ଭକ୍ତ ସାଲବେଗ ଫିଲ୍ମର କଳାକାର ଓ ସହାୟକ ଟିମ୍‌ଙ୍କୁ ଦେଖିବାକୁ ମିଳିଛି। ୧୯୮୩ ମସିହାରେ ମୁକ୍ତିଲାଭ କରିଥିବା ଓଡିଆ ଚଳଚ୍ଚିତ୍ର ଭକ୍ତ 'ସାଲବେଗ' ଓଡିଆ ସିନେମା ଜଗତର ଏକ ମାଇଲଖୁଣ୍ଟ। ଏହି ଫଟୋଟି ମଧ୍ୟ ସେହି ସମୟର। ଏଥିରେ ସ୍ୱର୍ଗତ ରାଧା ପଣ୍ଡା ଏବଂ ବ୍ୟୋମକେଶ ତ୍ରିପାଠୀଙ୍କ ସମେତ ମହମ୍ମଦ ମହସୀନ ମଧ୍ୟ ଚେକ ସାର୍ଟ ପିନ୍ଧି ଛିଡା ହୋଇଛନ୍ତି। ଓଲିଉଡର ପୁରୁଣା ଦିନର ଏହି କଳାଧଳା ଦୁନିଆର ରଙ୍ଗୀନ ଫଟୋଟି ସେହି ସମୟର କଳାକାରମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ କାମ ପ୍ରତି ସମର୍ପଣକୁ ବୁଝାଉଛି।

## ପାତ୍ରପଡ଼ା ଭଗବାନପୁର ଉଚ୍ଚ ବିଦ୍ୟାଳୟର ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୪।୫(ସମିସ): ପାତ୍ରପଡ଼ା ଭଗବାନ ପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ





ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟ ତରଫରୁ କ୍ରିତମ୍ ଜିତ୍ ଦାସ ସର୍ବୋଚ୍ଚ ୫୪୦ ନମ୍ବର, ଲୋପାମୁଦ୍ରା ପଣ୍ଡା ୫୦୪, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ୪୯୦ ଓ ଲିପିନା ବେହେରା ୪୮୦ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟ ତରଫରୁ ସେମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟସାଣୀ, ସମ୍ମାନୀୟ ଅତିଥି ଭାବେ ସଭାପତି ରବିନ୍ଦ୍ର ନାଥ ସାହୁ, ବରିଷ୍ଠ ସଭ୍ୟ ଅତିସ୍ କୁମାର ମାର୍ଥା, ବିଜୟ କୁମାର ରାଉତରାୟ ଓ ପରିଚାଳନା କମିଟିର ସଭାପତି ଜ୍ୟୋତିର୍ମୟୀ ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ଥିଲେ। ଏହା ସହିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଓ କମିଟି କର୍ମକର୍ତ୍ତା ମାନଙ୍କ ମିଳିତ ସହଯୋଗରେ ଏହି ବିଦ୍ୟାଳୟ ତାର ଗୌରବ ଗରିମାକୁ ଅକ୍ଷୁର୍ଣ୍ଣ ରଖିପାରିବ ବୋଲି ମତ ପ୍ରକାଶ ପାଇଥିଲା। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ସେମାନଙ୍କ କଠୋର ପରିଶ୍ରମ, ଆପ୍ରାଣ ଚେଷ୍ଟା ଓ ଉଦ୍ୟମ ଜାରିରଖିବାକୁ ବକ୍ତା ମାନେ ମତ ପ୍ରକାଶ କରିଥିଲେ।

## ନେହରୁ ଯୁବ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ





ଭୁବନେଶ୍ୱର,୪।୫(ସମିସ): ଯୁବ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଅନୁଷ୍ଠାନ ପରିସରରେ ପ୍ରତିଷ୍ଠାନର ସଭାପତି ସହଦେବ ଜୟସିଂହ ଅଧ୍ୟକ୍ଷତା ଓ ବରିଷ୍ଠ ସଂଯୋଜକ ଆଶିଷ ବେବର୍ତ୍ତାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନୁଷ୍ଠାନର ସମ୍ପାଦିକା ସୁମିତ୍ରା ତ୍ରିପାଠୀ ଅନୁଷ୍ଠାନର ଜନହିତକାରି କାର୍ଯ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ। ବରିଷ୍ଠ ସଂଯୋଜକ ସୁରେନ୍ଦ୍ର ସାହୁ ଉନ୍ନତୀ ମୂଳକ କାର୍ଯ୍ୟ ବିଷୟରେ ବିବରଣୀ ରଖିବା ପରେ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶଶୀପ୍ରଭା ଦାସଙ୍କ ଦ୍ୱାରା ପ୍ରସ୍ତୁତ କେକ୍‌କୁ ଶିଶୁ ନୃତ୍ୟ ଶିଳ୍ପୀମାନେ କାଟିଥିଲେ। ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ। ଓଡ଼ିଶା ବିଧାନସଭାର ଟ୍ରେଜେରୀ ଅଫିସର ଦାମୋଦର ପାତ୍ର ଓ ଶୋଭା ପରିଡ଼ା, ଉପସଭାପତି ସଞ୍ଜୀବ ସାହୁ, ସଙ୍ଗଠନ ସମ୍ପାଦକ ରଜତ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ସମାଜସେବୀ ଜଗତ ମୋହନ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜୟ ଓଡ଼ିଶା ଓ କମିସନରେଟ୍ ପୁଲିସ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୪।୫(ସମିସ): ଓଡ଼ିଶାର ଅଗ୍ରଣୀ ସମାଜସେବା ସଂଗଠନ ଜୟ ଓଡ଼ିଶା ଓ କମିଶନରେଟ୍ ପୁଲିସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ୟୁନିଟ୍ ୪ ସ୍ଥିତ ରେଡକ୍ରସ ଭାବରେ ଅନୁଷ୍ଠିତ ହୋଇଛି। ରୋଟାରୀ କ୍ଲବ ଅଫ ଆଇକନ ସହଯୋଗରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡନାୟକ ଓ ରୋଟାରୀ କ୍ଲବ ଅଫ ଆଇକନର ସଭାପତି ଚିଦାମ୍ଭିକା ଖଟୁଆ ଯୋଗଦେଇ ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଗ୍ରୀଷ୍ମ ସମୟରେ ବିଭିନ୍ନ ଡାକ୍ତରଖାନାରେ ରକ୍ତର ଅଭାବ ଦେଖାଯାଇଥାଏ। ଏଣୁ ରକ୍ତଦାନ ଶିବିର ଜରିଆରେ ଏହାକୁ ଭରଣା କରିବାକୁ ଆୟୋଜକମାନେ ପ୍ରୟାସ କରିଛନ୍ତି। ସୁସ୍ଥ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରି ଛୋଟ ଛୋଟ ରକ୍ତଦାନ ଶିବିର ଆୟୋଜନ କଲେ ଅତ୍ୟନ୍ତ ପକ୍ଷେ ୩୦-୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିବ ଏବଂ ଏହା ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ମତବ୍ୟକ୍ତ କରିଛନ୍ତି।

## 'ତୁ ସେହି ନୀଳନୟନା'ର ପାଠକାର୍ପଣ



ଭୁବନେଶ୍ୱର ୪।୫ (ସମିସ): ବର୍ଷା ପ୍ରକାଶନୀ ଦ୍ୱାରା ଡ. ରଜନୀ ରଞ୍ଜନଙ୍କ ଲିଖିତ ପୁସ୍ତକ 'ତୁ ସେହି ନୀଳନୟନା'ର ଚିତ୍ରନାଟ୍ୟ ପୁସ୍ତକ ପ୍ରକାଶ ପାଇଛି। ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ପ୍ରେକ୍ଷାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଟ୍ୟକାର ବିଜୟ ଦାଶଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ସୂଚନା କମିଶନର ଶ୍ରୀ ଦିଲ୍ଲୀପ ବିଶୋଇ, ଚଳଚ୍ଚିତ୍ରଟି ପ୍ରଯୋଜକ ସାର୍ତ୍ତିକାନ୍ତ ଜେନା, ପ୍ରଯୋଜକ ବିନୀ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର କଳାକାର ଜୀବନ ପଣ୍ଡା, ପ୍ରତିଭା ପଣ୍ଡା, ନିର୍ଦ୍ଦେଶକ ତ୍ରିପତି ସାହୁ ଏବଂ ଲେଖିକା ସସ୍ମିତା ଦାସ, ଶ୍ରୁତକିର୍ତ୍ତୀ ତ୍ରିପାଠୀ, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶେଷରେ ବୋଉ ଫାଉଣ୍ଡେସନର ଅଧ୍ୟକ୍ଷ ଅସିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହ-୨୦୨୬



ଭୁବନେଶ୍ୱର,୪।୫(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାରୁତି ମିଡିଆ ପକ୍ଷରୁ ଆଇଆରସି ଭିଲେଜସ୍ଥିତ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ ପରିସରରେ ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ 'ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁସିସିଆଇଏଲ୍ ସଭାପତି ଡ. ପ୍ରବୋଧ ମହାନ୍ତି ଉଦ୍‌ଘାଟକ, ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ମୁଖ୍ୟଅତିଥି ଏବଂ କବି ଅଖିଳ କୁମାର ମିଶ୍ର ସମ୍ମାନିତ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମାରୁତି ମିଡିଆ ନିର୍ଦ୍ଦେଶକ ମନୋଜ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମାରୁତି ମିଡିଆ ସମ୍ପାଦକ ଦିଲୀପ ମିଶ୍ର ପତ୍ରିକା ଓ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବି ସୂର୍ଯ୍ୟ ମିଶ୍ର, ପ୍ରାବନ୍ଧିକ ଭାସ୍କର ପରଚ୍ଛା, ଗାଳ୍ପିକା ହିରଣ୍ମୟୀ ମିଶ୍ର ଓ ମୌସୁମୀ ଦାସ୍, କବି ଡ. ଗଣେଶ୍ୱର ଜେନା, ଔପନ୍ୟାସିକା ମନୋରମା ସାହୁ ଏବଂ ପ୍ରାବନ୍ଧିକା ପ୍ରୀତିଛନ୍ଦା ଧଳଙ୍କୁ 'ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ପତ୍ରିକାର ନିୟମିତ ଲେଖକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ, ପ୍ରଦୀପ ପ୍ରମାଣିକ, ଅରୁଣ କୁମାର ନାୟକ, ଡ. ଦ୍ୱିତୀ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ -୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିଳ୍ପପତି ସୁନୀଲ ରାଉତ ଓ ପବିତ୍ର ରାଉତରାୟଙ୍କୁ 'ଗେଟ୍‌ୱେ ଓଡ଼ିଶା ପ୍ରିୟ ବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଥିଲା।

## କିମ୍ସ ଡାକ୍ତରଙ୍କ ସଫଳତା: ଏକାସଙ୍ଗେ ହୃତ୍‌ପିଣ୍ଡର ମହାଧମନୀ ସହ ୩ ଭାଲଭ୍ ଅସ୍ତ୍ରୋପଚାର



ଭୁବନେଶ୍ୱର,୪।୫(ସମିସ): କିମସ ହସ୍ପିଟାଲରେ ଜଣେ ରୋଗୀଙ୍କଠାରେ ଥିବା ପାଞ୍ଚଟି ହୃଦ୍‌ରୋଗ ସମସ୍ୟାର ବେଣ୍ଟାଲ୍ ଅସ୍ତ୍ରୋପଚାର, ମିଟ୍ରାଲ୍ ଭାଲଭ୍ ଅସ୍ତ୍ରୋପଚାର, ଟ୍ରାଇକସ୍ପିଡ୍ ଭାଲଭ୍ ଅସ୍ତ୍ରୋପଚାର ଓ ଏଏସ୍‌ଡି କ୍ଲୋଜର୍‌ର ସଫଳ ହୋଇଛି। ଦୀର୍ଘଦିନ ଧରି ହୃଦରୋଗରେ ପୀଡିତ ଯୁବକ ଆର୍ଥିକ ସଙ୍କଟ ଯୋଗୁଁ ଚିକିତ୍ସା ହୋଇପାରୁ ନଥିଲେ। ସେ କିମ୍ସ ହୃଦରୋଗ ସର୍ଜନ ଡ. ନିମାଇଁ ଚରଣ ବେହେରାଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ଯୁବକଙ୍କଠାରେ ମାରଫାନ୍ ସିଣ୍ଡ୍ରୋମ୍ ବ୍ୟତୀତ ସେ ତିନୋଟି ହୃଦରୋଗ ଭାଲଭରେ ଗୁରୁତର ଲିକେଜ୍ ଓ ଏକ ଆଓର୍ଟିକ ରୁଟ୍ ଆନିଉରିଜମ୍ ଭଳି ଅନେକ ଜୀବନ-ବିପର୍ଯ୍ୟୟ ହୃଦରୋଗରେ ପୀଡିତ ଥିବା ଡ. ବେହେରା କହିଥିଲେ। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଜଟିଳ ମାମଲାର ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ଚନ୍ଦକା ହାଇସ୍କୁଲ୍‌ର ସଫଳତା



ଭୁବନେଶ୍ୱର, ୪।୫ (ସମିସ): ଓଡ଼ିଶା ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଚନ୍ଦକା ହାଇସ୍କୁଲର ମୋନାଲିସା ମହାରଣା ବିଦ୍ୟାଳୟରେ ୫୫୭ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ବିଷ୍ଣୁପ୍ରିୟା ଜେନା, ସ୍ୱାଗତିକା ବେହେରା ଓ ଶୁଭ୍ରାଂଶୁ ଶେଖର ଜେନା ଏ-୨ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ଚେଷ୍ଟାରେ ବିଦ୍ୟାଳୟ ଏହି ଫଳାଫଳ ପ୍ରାପ୍ତ ହୋଇ କୃତିତ୍ୱ ଅର୍ଜନ କରିଛି। ଏଥିପାଇଁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ବ୍ରଜମୋହନ ଜେନା ଓ ପରିଚାଳନା ସମିତିର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ଚେମୀ ଓ ଡାକ୍ତର ସ୍ୱାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ଓ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୪।୫(ସମିସ)





ପ୍ରାଥମିକ ଚିକିତ୍ସା ଏବଂ ସଡ଼କ ସୁରକ୍ଷାକୁ ନେଇ ସୋଆ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ଓ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ୩ ଦିନିଆ ସଚେତନତା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଏନଏସଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସୋଆ ବିଶ୍ୱବିଦ୍ୟାଳୟର ଏନଏସଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡ. କମଳ ଲୋଚନ ମହନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସତ୍ୟ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚାରିଜଣ ଜାତୀୟ ସ୍ତରର ପ୍ରଶିକ୍ଷକ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

## ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୪।୫(ସମିସ): ଡେନିମ ଆଣ୍ଡ ବ୍ଲୁସ ପକ୍ଷରୁ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ସ୍ଥାନୀୟ ବୁଲନ ଭାଇ ସେବା ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରିୟାଂଶୁ ପ୍ରିୟଦେବ ଓ ସାମ୍ବାଦିକ ସତ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ଆରକ୍ଷୀ ଅତିରିକ୍ତ ନିର୍ଦ୍ଦେଶକ ଶୁଭକାନ୍ତ ଦାସ, ବିଶ୍ୱବାଣୀ ସମ୍ପାଦକ ଅର୍ଜୁନ ମୁଦୁଲି, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ସୁବୁଦ୍ଧି, ଉତ୍କଳ ବୁଲେଟିନ ସମ୍ପାଦକ ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକତା ସମେତ ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## ଉଦୟନାଥ ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଭୁବନେଶ୍ୱର,୪।୫(ସମିସ): ଚିଲିକାଗାନ୍ଧି ଉଦୟନାଥ ଜେନାଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ଚିଲିକାଗାନ୍ଧୀ ଉଦୟନାଥ ଜେନା ଫାଉଣ୍ଡେସନ୍ ଟ୍ରଷ୍ଟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟ ପ୍ରମୁଖ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଚୁଡ଼ାମଣିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଦାମୋଦର ବିଶ୍ୱାଳ, ସମ୍ମାନୀୟ ବକ୍ତାଭାବେ ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ, ବରେଣ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଂପାଦକ ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତଥା ଗାନ୍ଧୀବାଦୀ ଶତାୟୁ ପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଯୋଗ ଦେଇଥିଲେ। ଚିଲିକାଗାନ୍ଧି ଉଦୟନାଥ ଜେନାଙ୍କ ଉପଲକ୍ଷେ ଏକ ବିଶେଷ ସ୍ମୃତିଲିପି ଉନ୍ମୋଚନ ହୋଇଥିଲା। ମୁଖ୍ୟ ସଂଯୋଜକ ତଥା ପାଇକଗୁରୁ କେଦାର ନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପାଞ୍ଚଜଣ ପ୍ରତିଭାଙ୍କୁ ଚିଲିକାଗାନ୍ଧି ଉଦୟନାଥ ଜେନା ସମ୍ମାନ-୨୦୨୬ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେସନ ଟ୍ରଷ୍ଟ ସଂପାଦକ ମଳୟ କେତନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା।

## ଏଆଇଟିୟୁସି ପକ୍ଷରୁ ମଇ ଦିବସରେ ସାଧାରଣ ସଭା

ଭୁବନେଶ୍ୱର, ୪।୫(ସମିସ): ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଏଆଇଟିୟୁସି ପକ୍ଷରୁ ମଇ ଦିବସ ପାଳିତ ହୋଇଯାଇଛି। ଏଆଇଟିୟୁସର ରାଜ୍ୟ କାର୍ଯ୍ୟାଳୟ, ରେଲଷ୍ଟେସନ ନିକଟସ୍ଥ ଇଷ୍ଟକୋଷ୍ଟ ରେଲୱେ ପୋର୍ଟସ ୟୁନିୟନ କାର୍ଯ୍ୟାଳୟ ଓ ରାଜଧାନୀ ଅଟୋଚାଳକ ସଂଘ, ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶ୍ରମିକ ନେତା ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ସୁର ଜେନା ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏହାପରେ ବିଭିନ୍ନ ଶ୍ରମିକ ସଙ୍ଗଠନ, ଏଆଇଟିୟୁସି ଓ ସିପିଆଇର ଶତାଧିକ ସଦସ୍ୟ ଶୋଭାଯାତ୍ରା ଭଗବତୀ ଭବନଠାରୁ ବାହାରି ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ ଛକ ପରିକ୍ରମା କରି ଅଶୋକନଗରସ୍ଥିତ ଓମ୍‌ଫେଡ଼ ଛକଠାରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ୪ ଶ୍ରମକୋଡ୍‌କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏହି ସଭାରେ ଭୁବନେଶ୍ୱର ସିପିଆଇ ଜୋନ ସମ୍ପାଦକ କୈଳାସ ପୁହାଣ, ରାଜ୍ୟ ପରିଷଦ ସଭ୍ୟ ନମିତା ସାହୁ, ଜୋନ ସହସମ୍ପାଦକ ଶଙ୍କର୍ଷଣ ବାରିକ, ରାକେଶ ପାତ୍ର, ବିଶ୍ୱଜିତ୍ ନାୟକ, ଶରତ ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ଶ୍ରମିକ ମାରଣ ନୀତିର ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଲୱେ ପୋର୍ଟସ ୟୁନିୟନର ନେତା କୁନା ଜାଲି, ରାଜଧାନୀ ଅଟୋ ଚାଳକ ସଂଘ ନେତା ଅଭୟ ବାରିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ

ଭୁବନେଶ୍ୱର, ୪।୫(ସମିସ)





ଶ୍ରୁତି ପକ୍ଷରୁ ୨୧ତମ ଓଡ଼ିଶୀ ସଂଗୀତ ଓ ଲଘୁ ସଙ୍ଗୀତ ସମାରୋହ ଶନିବାର ରବିନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକେ ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଗୁରୁ ପ୍ରଫେସର୍ ରାମହରି ଦାସ, ଓଡ଼ିଶୀ ଗାୟକ ଗୁରୁ ବିଜୟ କୁମାର ଜେନା, ହରପ୍ରିୟା ସ୍ୱାଇଁ ଏବଂ ରଶ୍ମୀ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସନ୍ଧ୍ୟାର ପ୍ରଥମ ସଂଗୀତ ଗୁରୁ ରାମହରି ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଗୁରୁ ସଂଗୀତା ଗୋସାଇଁ ମୋହନ ମାଧୁରୀ ଓ ଗୀତ ଗୋବିନ୍ଦରୁ ରାଗ ପାହାଡିରେ ସଖି ହେ.., ଡ. ଗୀତା ମଞ୍ଜରୀ ବେହେରା କହିବୁ ଯାଇ ଶ୍ୟାମ ବନ୍ଧୁଙ୍କୁ... ପରିବେଷଣ କରିଥିଲେ। ଯୁବ ମର୍ଦ୍ଦଳବାଦକ ସୌମ୍ୟକାନ୍ତ ମଲ୍ଲିକ ମର୍ଦ୍ଦଳବାଦନ କରିଥିଲେ। ଶେଷରେ ଗୁରୁ ଡ଼. ହିଂମାଶୁ ଶେଖର ସ୍ୱାଇଁ ରାଗ ବସନ୍ତରେ ମଧୁ ମଳୟ ମନ୍ଦ ବହିଲାରେ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲେ। ଡ଼. ଶ୍ରୀନିବସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ ଗାୟତ୍ରୀ ଯୁବ ପ୍ରକୋଷ୍ଠର ଯୋଗ ମହୋତ୍ସବ

# ଯୋଗଦେଲେ ୧୬ ସଂସ୍ଥାର ଯୋଗ ସାଧକ

**ରାଉରକେଲା, ୪।୫(ସମିସ):** ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଯୋଗ ସାଧକମାନଙ୍କୁ ଏକତ୍ର କରିବା ଓ ସଚେତନ କରିବା ଉଦ୍ଦେଶ୍ୟରେ ଗାୟତ୍ରୀ ଶକ୍ତିପୀଠ ଯୁବ ପ୍ରକୋଷ୍ଠ ପକ୍ଷରୁ ଯୋଗ ମହୋତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ରଘୁନାଥପାଲୀ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ତନ୍ତୀ ଦେହ ଓ ମନ ସୁସ୍ଥ ରଖିବା ପାଇଁ ଯୋଗକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସହରର ୧୬ଟି ସଂସ୍ଥାର ୩୦୦ରୁ ଅଧିକ ସାଧକଙ୍କ ସହ ବିଧାୟକ ମଧ୍ୟ ଯୋଗାଭ୍ୟାସ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ନାୟକ, କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମଙ୍କ ମହାନଗରନିଗମ ପ୍ରତିନିଧି ପ୍ରକାଶ ପାସୱାନ, ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ବାଳମୁକୁନ୍ଦ କାଦମାୱାଲା, ବରିଷ୍ଠ ଟ୍ରଷ୍ଟି ପ୍ରମୋଦ ଅଗ୍ରୱାଲ, ପ୍ରଦୀପ୍ତ ରାୟ ଓ ଲିଙ୍ଗରାଜ ପ୍ରଧାନ ସହିତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସକାଳୁ ଯୋଗ ପ୍ରୋଟୋକଲ୍ ଅନୁସାରେ ଆୟୋଜନ ସମିତିର ସଂଯୋଜକ ସୁଶାନ୍ତ କୁମାର ଶତପଥୀଙ୍କ ନିର୍ଦ୍ଦେଶନାରେ ସାମୂହିକ ଯୋଗାଭ୍ୟାସ ହୋଇଥିଲା। ଏଥିରେ ଗାୟତ୍ରୀ ପରିବାର, ପତଞ୍ଜଳି ଯୋଗ ସମିତି, ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଓମ୍ ଯୋଗା ସେଣ୍ଟର, ସାଇ ପରିବାର ଆଦି ସଂସ୍ଥାର ସାଧକମାନେ ଯୋଗଦେଇ 'କର ଯୋଗ, ରହ ନିରୋଗ' ବାର୍ତ୍ତା ପ୍ରଚାର କରିଥିଲେ। ଏମ୍‌କେ. ମହାତୋ, ପ୍ରଶାନ୍ତ କୁମାର ନାୟକ, ରମେଶ ଜେନା, ନାରାୟଣ ପଣ୍ଡା, ଲାଲ ସାଗର ଚୌହାନ, ସନ୍ଧ୍ୟାରାଣୀ ସାହୁ, ନବ କିଶୋର ଧବଳ, ହୃଦୟରଞ୍ଜନ ନାୟକ, ରାଧାକାନ୍ତ ତ୍ରିପାଠୀ, ଅକ୍ରୂର ମାର୍ଥା, ମିତମ୍ୱିନୀ ସ୍ୱାଇ, ଦେବବ୍ରତ ଜେନା ଓ ଜଗନ୍ନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ।





ଏନ୍‌ଆଇଟି ବିଶେଷଜ୍ଞ ଦଳର ନୂତନ ଉଦ୍‌ଭାବନ

# ବିମାନ ଅବତରଣ ପାଇଁ ଦୀର୍ଘସ୍ଥାୟୀ ଗିୟର ବିକଶିତ

**ରାଉରକେଲା, ୪।୫(ସମିସ)**

ରାଉରକେଲା ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନଆଇଟି)ର ଏକ ଗବେଷକ ଦଳ ଏକ ଦୀର୍ଘସ୍ଥାୟୀ ଗିୟର ବିକଶିତ କରିଛନ୍ତି। ଯାହା ଉଚ୍ଚ ସ୍ଥାୟୀତ୍ୱ ସହିତ ବିମାନ ଅବତରଣ କରିବାରେ ବିଶେଷ ସହାୟକ ହେବ। ସୂଚନାନୁଯାୟୀ, ବିମାନ ଅବତରଣ ଏବଂ ଟ୍ୟାକ୍‌ଅଫ୍ କରିବା ସମୟରେ ଘଷା ଏବଂ ଛିଣ୍ଡିବା ସହ୍ୟ କରିବା ପାଇଁ ବିମାନ ଅବତରଣ ଗିଅର ସ୍ଥାୟୀତ୍ୱ ରହିବା ଆବଶ୍ୟକ। ତେଣୁ ଆଲୁମିନିୟମ ଏବଂ ଆଲୁମିନିୟମ ମିଶ୍ରଧାତୁରେ ତିଆରି ବିମାନ ଅବତରଣ ଗିଅର ବିମାନର ଓଜନ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଥାଏ। ତେବେ ଏହାକୁ ନେଇ ଏନଟିଆଇ ରାଉରକେଲାର ଧାତୁ ଏବଂ ସାମଗ୍ରୀ ଇଞ୍ଜିନିୟରିଂ ବିଭାଗର ସହଯୋଗୀ ପ୍ରଫେସର ସୟଦ ନସିମୁଲ ଆଲାମ ତାଙ୍କର ଗବେଷକ ଦଳ ଡ. ଆର୍କା ଘୋଷ, ଡ. ଆଶୁତୋଷ ଦାସ, ଡ. ପଙ୍କଜ ଶ୍ରୀବାସ୍ତବ, ନିତ୍ୟାନନ୍ଦ ସାହୁ, ପାର୍ଥ ପଟେଲ ଏବଂ ଦକ୍ଷିଣ ଆଫ୍ରିକା ବିଶ୍ୱବିଦ୍ୟାଳୟର ଡ. ଭେଲାଫି ମସୋମିଙ୍କୁ ନେଇ ଏକ ନୂତନ ନାନୋକମ୍ପୋଜିଟ୍ ସାମଗ୍ରୀ ବିକଶିତ କରିଛନ୍ତି, ଯାହାକୁ ବିମାନ ଅବତରଣ ଗିଅର୍ ପାଇଁ ବ୍ୟବହାର କରାଯାଇପାରିବ। ବିକଶିତ ନାନୋକମ୍ପୋଜିଟ୍ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଫେସର ସୟଦ ନସିମୁଲ ଆଲାମ କହିଛନ୍ତି, ସ୍ପାର୍କ ପ୍ଲାଜ୍ମା ସିଣ୍ଟରିଂ ଦ୍ୱାରା ବିକଶିତ ଆଲ-ଆଧାରିତ ହାଇବ୍ରିଡ୍ ନାନୋକମ୍ପୋଜିଟ୍ ଆଲ ମ୍ୟାଟ୍ରିକ୍ସରେ ନାନୋଫିଲରର ଏକ ସମାନ ବିଚ୍ଛିନ୍ନତା ଏବଂ ସିନର୍ଜିଷ୍ଟିକ୍ ଲୋଡ୍-ବ୍ୟାରିଂ ମେକାନିଜିମ୍ ଯୋଗୁଁ ଏକ ଉତ୍କୃଷ୍ଟ ପରିଧାନ ପ୍ରତିରୋଧ ଦେଖାଏ। ସୂଚନାଯୋଗ୍ୟ, ବିମାନ ଅବତରଣ ଗିଅର୍ ବିକାଶ ପାଇଁ ବ୍ୟବହୃତ ଅତ୍ୟଧିକ-ଉଚ୍ଚ-ଶକ୍ତି ଷ୍ଟିଲ୍, ଟାଇଟାନିୟମ୍ ମିଶ୍ର ଏବଂ ଉଚ୍ଚ-ଶକ୍ତି ଆଲୁମିନିୟମ୍ ମିଶ୍ର ତୁଳନାରେ, ବିକଶିତ ନାନୋକମ୍ପୋଜିଟ୍ ପ୍ରାୟ ୪୦ରୁ ୬୦ ପ୍ରତିଶତ ଅଧିକ ସାମଗ୍ରିକ ମୂଲ୍ୟ-ପ୍ରଭାବଶାଳୀ ପ୍ରଦାନ କରିପାରିବ। ଗବେଷଣା ଦଳ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ, ବିକଶିତ ସାମଗ୍ରୀର ହାଲୁକା ଗୁଣ ଏବଂ ପରିଧାନ ପ୍ରତିରୋଧର ମିଶ୍ରଣ ଲ୍ୟାଣ୍ଡିଂ ଗିଅର୍‌କୁ ଅଧିକ ସ୍ଥାୟୀ ଏବଂ ସୁରକ୍ଷିତ କରିବ। ହ୍ରାସିତ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଉନ୍ନତ ବିଶ୍ୱସନୀୟତା ଭଳି ପ୍ରମୁଖ ଲାଭ ସହିତ ବିକଶିତ ନାନୋକମ୍ପୋଜିଟ୍ ଆଜିର ଶକ୍ତି-ପ୍ରତିବନ୍ଧିତ ବିଶ୍ୱରେ ଏକ ପରିବର୍ତ୍ତନକାରୀ ପ୍ରଭାବର ସମ୍ଭାବନାକୁ ଉଜ୍ଜ୍ୱଳ କରିବ। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ସହିତ ସମନ୍ୱୟ ରଖି, ଏନଆଇଟି ରାଉରକେଲାର ଏହି ଉଦ୍ଭାବନ ଦେଶକୁ ପରବର୍ତ୍ତୀ ପିଢ଼ିର ମହାକାଶ ସାମଗ୍ରୀ ପାଇଁ ଏକ ସମ୍ଭାବ୍ୟ ଯୋଗଦାନକାରୀ ଭାବରେ ସ୍ଥାନିତ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।




# ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ

**ରାଉରକେଲା, ୪।୫ (ସମିସ):** ରାଉରକେଲାର ଅଗ୍ରଣୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସେକ୍ଟର-୮ସ୍ଥିତ ପରିଷଦର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ସଭାପତି ସ୍ୱରୂପ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିବା ସହ ପରିଷଦର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଏହି ସମାରୋହରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ ଡ. ଅଶ୍ୱିନୀ ରାୟ ଯୋଗଦେଇ ସନ୍ଥ କବିଙ୍କ ସାହିତ୍ୟ କୃତୀଗୁଡ଼ିକରେ ପ୍ରତିଫଳିତ ତାଙ୍କ ଜୀବନାଦର୍ଶ ସହ ମହିମାଧର୍ମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ପରିଷଦର ବରିଷ୍ଠ ସଦସ୍ୟ ପୀତବାସ ପ୍ରଧାନ ଓ ବିମଳ ବିଶି ମଞ୍ଚାସୀନ ଥିଲେ। ଡ. କିଶୋରୀ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ କବି ଭୀମଭୋଇଙ୍କ ରଚିତ ଦୁଇଟି କବିତାକୁ ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ଷଡ଼ଙ୍ଗୀ, ସତ୍ୟବ୍ରତ ନାଏକ ଓ ତାଙ୍କ ସାଥି ଖଞ୍ଜଣୀ ବାଦନ ଓ କାଠିର ବ୍ୟବହାର ସହ ସୁନ୍ଦର ଉପସ୍ଥାପନ କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ୀ, ମଦନ ବେହେରା, ଏରିଅଲ ଜାଲ, ଅଙ୍ଗରୋଜ ଛନ୍ଦା, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ପରିଷଦର ବରିଷ୍ଠ ସଦସ୍ୟ ଭଗବାନ ପତି, ଡାକ୍ତର ବିଜୟ ସାହୁ, ନରେନ୍ଦ୍ର ତ୍ରିପାଠୀ, ଦେବେଶ ପୁରୋହିତ, ଚନ୍ଦ୍ରଶେଖର ଶତପଥି, ଡା. ସୁବୋଧ ମେହେର, ଡା. ସୌଭାଗ୍ୟ ଦାଶ, ଡ. ଚନ୍ଦ୍ରକାନ୍ତି ନାଏକ, ସଂଯୁକ୍ତା ପଲେଇ, ମୀନକେତନ ପଶାୟତ, ପ୍ରବୀର ମିଶ୍ର, ଶରତ ଦାଶ, ଉମେଶ ବେହେରା, ସୈରେନ୍ଦ୍ରି ମେହେର, ବୀଣା ଜାଲ, ରବି ପୁରୋହିତ, ଶିବ ପ୍ରସାଦ ସାହୁ, ରାଜକିଶୋର ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ।

ଜଳିଗଲା ଗୋରୁ ବୋଝେଇ ପିକ୍‌ଅପ୍

# ଅଳ୍ପକେ ବର୍ତ୍ତିଲେ ଗୋରୁ ସହ ଚାଳକ, ହେଲ୍ପର



**ଲହୁଣୀପଡ଼ା, ୪।୫(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଟୋଲ ପ୍ଲାଜା ନିକଟ ପୋଲ ଉପରେ ସର୍ଟସର୍କିଟ ଯୋଗୁଁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭେନରେ ନିଆଁ ଲାଗି ଗାଡିଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଅଳ୍ପକେ ଜିବନ୍ତ ଦଗ୍ଧ ହେବାରୁ ବର୍ତ୍ତି ଯାଇଛନ୍ତି ଗାଡ଼ି ଚାଳକ, ହେଲ୍‌ପର ସହ ଗାଡ଼ିରେ ବୋଝେଇ ହୋଇଥିବା ୯ ରୁ ୧୦ ଟି ଗୋରୁ। ମିଳିଥିବା ସୂଚନା ମୁତାବକ, ୧୪୩ ନମ୍ବର ଜାତୀୟ ରାଜପଥରେ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍(ଓଡି୧୪ ଏ ଏ ୩୧୯୧) ରାଜା ମୁଣ୍ଡା ପଟରୁ ରାଉରକେଲା ପଟକୁ ଦ୍ରୁତ ଗତିରେ ଯାଉଥିବା ବେଳେ ଦର୍ଜଂ ଟୋଲ ପ୍ଲାଜା ନିକଟସ୍ଥ ପୋଲ ନିକଟରେ ଗାଡ଼ିର ସମ୍ମୁଖ ଭାଗରେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡିକୁ ସାଇଡ କରି ଉଭୟ ଚାଳକ ଓ ହେଲ୍‌ପର ଗାଡିରୁ ଡେଇଁ ପଡ଼ିଥିବା ବେଳେ ଗାଡ଼ିରେ ଲଦା ହୋଇଥିବା ୯ ରୁ ୧୦ଟି ଗୋରୁ ମଧ୍ୟ ଗାଡିରୁ ଡେଇଁପଡ଼ିବାରୁ ସମସ୍ତେ ଅଳ୍ପକେ ବର୍ତ୍ତିଯାଇଥିଲେ। ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଥିବା ବେଳେ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ରୋଟାରୀ କ୍ଲବ୍ ରିଭରସାଇଡ୍ ତରଫରୁ ପ୍ରୌଢ଼ ଶିକ୍ଷା ସମାବର୍ତ୍ତନ ଉତ୍ସବ

**ରାଉରକେଲା, ୪।୫(ସମିସ):** ଛେଣ୍ଡ କଲୋନୀରେ ପରିଚାଳିତ ରୋଟାରୀ କ୍ଲବ୍ ରିଭରସାଇଡ୍ ଆନୁକୂଲ୍ୟରେ ବିଗତ ଏକ ବର୍ଷ ଧରି ଶିକ୍ଷା ନେଉଥିବା କିଷାନ ଟୋଲା ବସ୍ତିର ୨୫ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୦ ଜଣ ଆଦିବାସୀ ମହିଳା ଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ସହ ଗୋଟିଏ ଲେଖାଏଁ ଛତା ଏବଂ ମିଷ୍ଟାନ୍ନ ପ୍ୟାକେଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ସଭାଗୃହରେ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆଲମ୍ ସିଂହ ରୁପ୍ରା ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣ ପତ୍ର ସହ ଉପହାର ପ୍ରଦାନ କରିଥିଲେ। ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମର ଚେୟାରମେନ ନବଘନ ସାହୁ କାର୍ଯ୍ୟକ୍ରମର ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଶିକ୍ଷୟିତ୍ରୀ କବିତା ଡେଲିଟି ଶିକ୍ଷାର୍ଥୀମାନଙ୍କର ସଂଯୋଜିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ସଭାପତି ଭଗବାନ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଶରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍‌ର ଜିଲ୍ଲା ସମ୍ପାଦିକ ଅଜୟ ଅଗ୍ରୱାଲ, ଏଜି ବ୍ରଜେଶ ଗୁପ୍ତା, ଦୀଲିପ କୁମାର ବେହେରା, ଡା. ଏସକେ ମେହେର, ହରପାଲ ରୁପ୍ରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରୀ ରିଭର ସାଇଡ ସଦସ୍ୟ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଦୀପକ ଦାସ, ସୁଖବିନ୍ଦର ସେଖୋଁ, ଅଜୟ କୁମାର ସାହୁ, ପ୍ରମିଳା ମିଶ୍ର, ସନ୍ତୋଷ କୁମାର ମିଶ୍ର, ଘନଶ୍ୟାମ ମିର୍, ଡା. ସୁଧାରାଣୀ ପ୍ରଧାନ, ସୁପ୍ରିୟା ମହାନ୍ତି, ଅପୂର୍ବା ପାଣ୍ଡେ ଏବଂ ମଞ୍ଜୁଳା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ପାଠାଗାରର ସଦସ୍ୟ ଲକ୍ଷ୍ମଣ ନାଥ ଦାସ, ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ନାୟକ ଏବଂ ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏମ୍‌ସିରେ ଯୁଗ୍ମ ଜନଶୁଣାଣି



**ରାଉରକେଲା, ୪।୫(ସମିସ) :** ଆଜି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ମୋଟ ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ରହିଥିଲା। ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଯେଉଁଥିରେ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିବା ବେଳେ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅଧିକ ଚିକିତ୍ସା ନିମନ୍ତେ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ କମିଶନର ଦୀନା ଦସ୍ତଗୀର, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ମାଟ୍ରିକ୍‌ରେ ଦୀପିକା ଇସ୍ପାତ ଶିକ୍ଷା ସଦନର ରେକର୍ଡ

# କେଶବାନନ୍ଦ ବିଦ୍ୟାଳୟ ଟପ୍ପର

**ରାଉରକେଲା, ୪।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇସ୍ପାତ ସହରର ଅବହେଳିତ ପିଲାମାନଙ୍କ ନିମନ୍ତେ ପ୍ରତିଷ୍ଠିତ ଦେୟମୁକ୍ତ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନ, ଓଡ଼ିଶାର ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା

**୧୧ ବର୍ଷ ଧରି ଶତ ପ୍ରତିଶତ ପାସ୍‌ହାର**

ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କ୍ରମାଗତ ୧୧ତମ ବର୍ଷ ପାଇଁ ଶତ ପ୍ରତିଶତ ପାସ୍ ହାର ରେକର୍ଡ କରିଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ଇସ୍ପାତ ସହରର ଏକ ଅଗ୍ରଣୀ ସମାଜସେବୀ ସଂଗଠନ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ୮୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫ ଜଣ ପ୍ରଥମ, ୪୦ ଜଣ ଦ୍ୱିତୀୟ ଏବଂ ବାକି ୨୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଦଶମ ପରୀକ୍ଷାରେ କେଶବାନନ୍ଦ ସ୍ୱାଇଁ ୫୪୦ ତଥା ୯୦ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଆଦିତ୍ୟ କୁମାର ସାହୁ ୪୮୨ ନମ୍ବର ସହିତ ୮୦ ପ୍ରତିଶତ ପାଇ ଦ୍ୱିତୀୟ ସ୍ଥାନ ଏବଂ ସୁଶ୍ରୀ ସୌମ୍ୟଶ୍ରୀ ବେହେରା ୪୬୮ ନମ୍ବର ସହିତ ୭୮ ପ୍ରତିଶତ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୦୭ ମସିହାରେ ପ୍ରତିଷ୍ଠିତ ଦୀପିକା ଇସ୍ପାତ ଶିକ୍ଷା ସଦନରୁ ପ୍ରଥମ ବ୍ୟାଚ୍ ୨୦୧୬ରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲାବେଳେ ପାସ୍ ହାର ୧୦୦ ପ୍ରତିଶତ ଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ସୁବିଧା ରାଉରକେଲାର ଯେକୌଣସି ମାନକ ବିଦ୍ୟାଳୟ ସହିତ ସମତୁଲ। ଏଠାରେ ପଢୁଥିବା ପିଲାମାନଙ୍କୁ ମାଗଣା ଶିକ୍ଷା ସହିତ ପୋଷାକ, ଶୀତବସ୍ତ୍ର, ସ୍କୁଲ ଜୋତା, ବ୍ୟାଗ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସହିତ ସ୍ୱଚ୍ଛ ପାନୀୟ ଜଳ ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଇଛି। ଆନ୍ତର୍ଜାତୀୟସ୍ତରର ଏନ୍‌ଜିଓ ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଦ୍ୱାରା ପ୍ରସ୍ତୁତ ସୁସ୍ଥ ମଧ୍ୟାହ୍ନ ଭୋଜନ ମଧ୍ୟ ପିଲାମାନଙ୍କୁ ଦିଆଯାଉଛି। ଏଥିସହ ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ଏବଂ ଶିକ୍ଷାର ଗୁଣାରକ ମାନ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ନୂତନ ସୁବିଧା ଯୋଡାଯାଉଛି।



# ରାଜ୍ୟ କରାଟେ ଚାମ୍ପିଅନସିପ୍‌ରେ ରାଉରକେଲାକୁ ୧୫ ପଦକ

**ରାଉରକେଲା, ୪।୫(ସମିସ):** ଓଡ଼ିଶା ରାଜ୍ୟ କରାଟେ-ଡୋ ଆସୋସିଏସନ (ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ୩୮ତମ ସବ୍‌ଜୁନିଅର ଓ ୩୭ତମ କ୍ୟାଡେଟ, ଜୁନିଅର ରାଜ୍ୟ କରାଟେ ଚାମ୍ପିଅନସିପରେ ରାଉରକେଲା ଦଳ ୧୫ଟି ପଦକ ହାସଲ କରିଛି। ଗତ ମାସ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ଓସ୍କା ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଜିଲ୍ଲା କରାଟେ ସଂଘ ମାଧ୍ୟମରେ ପ୍ରାୟ ୬୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓସ୍କା ଦ୍ୱାରା ସ୍ୱୀକୃତି ପ୍ରାପ୍ତ ରାଉରକେଲା କରାଟେ ସଂଘ ପକ୍ଷରୁ ଏକ ୨୨ ଜଣିଆ କରାଟେ ଦଳ ଏହି ଚାମ୍ପିଅନସିପ୍‌ରେ ରାଉରକେଲାକୁ ପ୍ରତିନିଧିତ୍ୱ କରିଥିବା ବେଳେ ଆଦିତ୍ୟ ସଡଙ୍ଗୀ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ପ୍ରିୟାଂଶି ଦାସ ଗୋଟିଏ କାଂସ୍ୟ, ସାଚି ମିଶ୍ର ଗୋଟିଏ ରୌପ୍ୟ, ଅସୀମି ଅଦିତି ମିଶ୍ର ଗୋଟିଏ କାଂସ୍ୟ, ଶୁଭଶ୍ରୀ ଏସ୍ ନାଥ ଗୋଟିଏ କାଂସ୍ୟ, ରିହାଂଶୀ ପ୍ରଧାନ ଗୋଟିଏ ରୌପ୍ୟ, ଅଙ୍କୁଶ ଦୁଆରୀ ଗୋଟିଏ କାଂସ୍ୟ, ରେୟାଂଶ ଚୌଧୁରୀ ୧ଟି କାଂସ୍ୟ, ଡି. ଧନୁଶ ୧ଟି କାଂସ୍ୟ, ଆର୍ଣ୍ଣଦିତ୍ୟ ସ୍ୱାଇଁ ଗୋଟିଏ କାଂସ୍ୟ, ରୋହନ ଖାଡ଼ିଆ ଗୋଟିଏ କାଂସ୍ୟ, ପି. ରୁଦ୍ରାଂଶ ଗୋଟିଏ କାଂସ୍ୟ, କାବ୍ୟା ଆକାଂକ୍ଷା ଗୋଟିଏ ରୌପ୍ୟ ଓ ନିଧାନ ସିଂମାନ ଗୋଟିଏ ରୌପ୍ୟ ସହ ମୋଟ ୧୫ଟି ପଦକ ହାସଲ କରିଥିଲେ। ରାଉରକେଲା କରାଟେ ଆସୋସିଏସନର ସମ୍ପାଦକ ରାଜୀବ କୁମାର ସିଂଙ୍କ ନେତୃତ୍ୱରେ ଯାଇଥିବା ଏହି ଦଳରେ ସେନସାଇ ରଞ୍ଜନ ପାତ୍ର କୋଚ ଓ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ରାଉରକେଲା କରାଟେ ସଂଘର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ, ରାଉରକେଲା ସହର ସେବା ସମିତିର କର୍ମକର୍ତ୍ତା ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




୫ମ ଓଡ଼ିଶା ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତା

# ଆର୍‌ଏସ୍‌ପି ସବ୍-ଜୁନିୟର ହକି ଦଳ ଚାମ୍ପିଅନ




**ରାଉରକେଲା, ୪।୫(ସମିସ)**

ଗତ ଏପ୍ରିଲ୍ ୨୮ ତାରିଖରେରୁ ମଇ ୩ ତାରିଖ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ୫ମ ହକି ଆସୋସିଏସନ୍ ଅଫ୍ ଓଡ଼ିଶା ଆନ୍ତଃ ଜିଲ୍ଲା ହକି ଚାମ୍ପିଅନସିପ୍‌ରେ ରାଉରକେଲା ଇସ୍ପାତ କାରଖାନାର ସବ-ଜୁନିୟର ହକି ଦଳ ଚାମ୍ପିଅନ୍ ହୋଇଛି। ଏହି ଦଳ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଚାମ୍ପିଅନସିପ୍ ଟ୍ରଫି ସହିତ ୩୦, ୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଆରଏସପି ପ୍ରାରମ୍ଭିକ ମ୍ୟାଚ୍‌ରେ କେଉଁଝରର ୫-୦, ପ୍ରି-କ୍ୱାର୍ଟର ଫାଇନାଲରେ ହକି ଆସୋସିଏସନ୍ ଭୁବନେଶ୍ୱର ୪-୦, କ୍ୱାର୍ଟର ଫାଇନାଲରେ କଟକ ୩-୦, ସେମିଫାଇନାଲ୍‌ରେ ଗାଙ୍ଗପୁର ହକି ଆସୋସିଏସନ୍ ୪-୨ ଏବଂ ଫାଇନାଲ୍‌ରେ ସୁନ୍ଦରଗଡ଼ ୨-୦ କୁ ପରାସ୍ତ କରି ଏକ ପ୍ରଭାବଶାଳୀ ପ୍ରଦର୍ଶନ କରିଛି। ଏହି ଚାମ୍ପିଅନସିପ୍‌ରେ ଆରଏସପି ଦଳ ଅନେକ ବ୍ୟକ୍ତିଗତ ପୁରସ୍କାର ମଧ୍ୟ ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟରେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ଲଜାରସ୍ ଧନୱାର୍‌ଙ୍କୁ ଟ୍ରଫି ସହିତ ୧୦, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସୁମନ କିଣ୍ଡୋଙ୍କୁ ଶ୍ରେଷ୍ଠ ଫରୱାର୍ଡ ଘୋଷଣା କରାଯାଇଥିଲା ବେଳେ ତାଙ୍କୁ ୫, ୦୦୦ ଟଙ୍କା ସହିତ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଆଦିତ୍ୟ ଗୌଡାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ବିବେଚିତ କରାଯାଇ ତାଙ୍କୁ ୫, ୦୦୦ ଟଙ୍କା ସହିତ ଏକ ଟ୍ରଫି ପ୍ରଦାନ କରାଯାଇଥିଲ। ଏହି ପରିପ୍ରେକ୍ଷୀରେ ମଇ ୪ ତାରିଖ ଦିନ ସହର ସେବା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସମାରୋହରେ ସହରସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ କାରଖାନା ପାଇଁ ଗୌରବ ଆଣିବାଥିବା ଚାମ୍ପିଅନମାନଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହର ସେବା (କ୍ରୀଡ଼ା) ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।




ମହମ୍ମଦପୁର ଛାତ୍ରୀ କେଜିବିଭି ବିଦ୍ୟାଳୟସ୍ତରରେ ରାଜ୍ୟ ପ୍ରଥମ

# ଦିନମଜୁରିଆଙ୍କ ଝିଅ ଶୁଭଶ୍ରୀ ପାଇଲେ 'ଏ୧'

**ସମ୍ବଲପୁର, ୪।୫ (ସମିସ)**

ଆର୍ଥିକ ଅନାଟନ, ଦାରିଦ୍ର୍ୟର କଷାଘାତ କାହାରିକୁ ଲକ୍ଷ୍ୟରୁ ବିଚ୍ୟୁତ କରିପାରେ ନାହିଁ। ଜୀବନରେ ବହୁ ବାଧାବିଘ୍ନ ଆସେ। ତେବେ, ଏକନିଷ୍ଠ ଉଦ୍ୟମ ଏବଂ ଲକ୍ଷ୍ୟ ସାଧନ କରିବାର ନିଶା ସଫଳତା ଆଣିଦିଏ। ସେହିଭଳି ଗୋଟିଏ ପରିବାରରୁ ଆସିଛନ୍ତି ଦଶମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ। ତାଙ୍କ ବାପା ଜଣେ ଦିନମଜୁରିଆ। ଗରିବ ଶ୍ରେଣୀର ଝିଅ ହେଲେ ବି ସେ ହାର ମାନିନାହାନ୍ତି। ତାଙ୍କ କଠିନ ପରିଶ୍ରମ ଓ ପାଠପଢ଼ାରେ ଧ୍ୟାନ ତାଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରି ପାରିନାହିଁ। ଅସହାୟ, ଦୁସ୍ଥ, ଜଣେ ଅଭିଭାବକ, ପାଠ ଛାଡ଼ିଦେଇଥିବା ଝିଅ ମାନଙ୍କ ସକାଶେ ରହିଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି), ମହମ୍ମଦପୁରର ଛାତ୍ରୀ ଶୁଭଶ୍ରୀ ଡାକୁଆ ସାରା ରାଜ୍ୟରେ କେଜିଭିପି ବିଦ୍ୟାଳୟସ୍ତରରେ ପ୍ରଥମସ୍ଥାନ ହାସଲ କରିବାସହ ରାଜ୍ୟରେ ଜଣେ ମାତ୍ର 'ଏ୧' ଗ୍ରେଡ୍ ପାଇଛନ୍ତି। ଏହାଦ୍ୱାରା ସେ



ରାଜ୍ୟରେ ସମ୍ବଲପୁର ଜିଲ୍ଲା ସହ କେଜିଭିପି, ମହମ୍ମଦପୁରକୁ ଗୌରବ ଆଣିଛନ୍ତି। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କେଜିବିଭି ମହମ୍ମଦପୁରର ଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟରୁ ୨୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ପରୀକ୍ଷାଫଳ ହୋଇଛି। ଏହାର ଅନ୍ତେବାସୀଙ୍କ ମଧ୍ୟରୁ ଶୁଭଶ୍ରୀ ଡାକୁଆ ୫୫୯ ନମ୍ବର ରଖି 'ଏ୧' ଗ୍ରେଡ୍ ହାସଲ କରିଛନ୍ତି। ଏହାଛଡ଼ା ଛାତ୍ରୀ ଇତିଶ୍ରୀ ମିର୍ଦ୍ଧା 'ଏ୨' ଗ୍ରେଡ୍ ପାଇଛନ୍ତି। ଚଳିତବର୍ଷ ସମଗ୍ର ଓଡ଼ିଶାର କେଜିବିଭି ବର୍ଗ ବିଦ୍ୟାଳୟରେ ଏକମାତ୍ର ଛାତ୍ରୀ ହିସାବରେ ଶୁଭଶ୍ରୀ 'ଏ୧' ଗ୍ରେଡ୍ ହାସଲ କରି ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ଏହି ସଫଳତାକୁ ଛାତ୍ରୀମାନଙ୍କର ଅକ୍ଲାନ୍ତ ପରିଶ୍ରମ, ଶିକ୍ଷକମାନଙ୍କ ନିଷ୍ଠା ଏବଂ ଅଭିଭାବକମାନଙ୍କ ସହଯୋଗର ଫଳ ବୋଲି କହିଛନ୍ତି। ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାର ୪ଟି କେଜିବିଭିରେ ୭୦୦ ଜଣ ଦୁସ୍ଥ, ଅବହେଳିତ, ଅନାଥ, ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀ ରହିଛନ୍ତି। ସେମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ସର୍ବବିଧ ଆବାସିକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି।

### ଡାକ୍ତର ହୋଇ ଲୋକଙ୍କ ସେବା କରିବି : ଶୁଭଶ୍ରୀ

ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ସାଧାରଣ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସ୍କୁଲରେ ପାଠପଢ଼ା ସହିତ ସେ ଦୈନିକ ୬-୭ ଘଣ୍ଟା ପାଠ ପଢୁଥିଲେ। ପାଠପଢ଼ା ସମୟରେ ତାଙ୍କ ସମଗ୍ର ଧ୍ୟାନ ଓ ଫୋକସ୍ ବିଷୟ ଉପରେ ରହିଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ହଷ୍ଟେଲର ପାର୍ଟଟାଇମ୍ ଶିକ୍ଷୟିତ୍ରୀ ତାଙ୍କୁ ମାର୍ଗଦର୍ଶନ କରିଛନ୍ତି ବୋଲି ଶୁଭଶ୍ରୀ କହିଛନ୍ତି। ସ୍କୁଲ ଓ ହଷ୍ଟେଲରେ ଏକ୍ସଟ୍ରା କ୍ଲାସ ତାଙ୍କୁ ସଫଳ କରିବାରେ ସାହାଯ୍ୟ କରିଛି। ତାଙ୍କ ବାପା କମ୍ପାନୀରେ ଦିନମଜୁରିଆ କାମ କରୁଥିବାବେଳେ ମା' ଜଣେ ଗୃହିଣୀ।

## ବେଆଇନ ବାଲି ଚିପ୍ସ ଚାଲାଣକୁ ବିଧାୟକଙ୍କ ବିରୋଧ

**ସମ୍ବଲପୁର, ୪।୫ (ସମିସ) :** ବେଆଇନ ଭାବେ ବାଲି ଓ ଚିପ୍ସ ପରିବହନ କରାଯାଉଛି। ରାତିଅଧିଆ ଅନ୍ୟ ଜିଲ୍ଲାରୁ ସମ୍ବଲପୁର ଜିଲ୍ଲାକୁ ଆସୁଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ସୂଚନା ଅନୁସାରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ବରଗଡ଼ରୁ ଶହ ଶହ ଟ୍ରିପ୍ ବାଲି ଓ ଚିପ୍ସ ଆସୁଛି। ବିଶେଷ ଭାବେ ଏହି କାର୍ଯ୍ୟ ରାତିରେ ହେଉଛି। ଯାହାର ପ୍ରଭାବରେ ବ୍ୟାପକ ରାଜସ୍ୱହାନୀ ହେଉଛି। ଲଘୁ ଖଣିଜ ପଦାର୍ଥ ଲୁଟ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ଖଣି ବିଭାଗର ନିଘା ରହିନାହିଁ, ବୋଲି ବିଧାୟକ ଶ୍ରୀ ହରିପାଲ କହିଛନ୍ତି। ଖଣି ବିଭାଗର ଏଭଳି ଆଭିମୁଖ୍ୟ ଲୁଟ୍ ମାଫିଆଙ୍କୁ ପ୍ରୋତ୍ସାହନ ଦେଉଛି। ବିନା କାଗଜପତ୍ରରେ ବାଲି ଓ ଚିପ୍ସ ପରିବହନ ହେଉଥିବା ଗାଡ଼ି ସମସ୍ତ ଯାଞ୍ଚ କରାଯାଉ, ନହେଲେ ଆଗାମୀ ଦିନରେ ବିନା କାଗଜପତ୍ରରେ ବାଲି ଚିପ୍ସ ପରିବହନ ଗାଡ଼ିକୁ ଅଟକ ରଖାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଧାୟକ ସ୍ୱର ଉଠାଉଛନ୍ତି। କିନ୍ତୁ ବିରୋଧୀ ଦଳ ବିଧାୟକ ହୋଇଥିବାରୁ ତାଙ୍କ ପ୍ରସଙ୍ଗ ଓ ଦାବିକୁ ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ସହଯୋଗ କଲେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀକୁ ଏକ ମଡେଲ ଅଞ୍ଚଳ ଭାବେ ଗଢ଼ିବେ ବୋଲି ସେ ପ୍ରକାଶ କରିଛନ୍ତି।

## ବୁଲା ଗୋରୁଗାଈଙ୍କ ପାଇଁ ପାଣିକୁଣ୍ଡ ବ୍ୟବସ୍ଥା




**ସମ୍ବଲପୁର, ୪।୫ (ସମିସ) :** ଗ୍ରୀଷ୍ମ ପ୍ରବାହ ପ୍ରବଳ ବଢ଼ିଯାଇଛି। ପ୍ରତ୍ୟେକ ବର୍ଷ ଭୋଜନ ତରଫରୁ ବୁଲା ଗାଈ ଗୋରୁ ମାନଙ୍କ ପାଇଁ ପାଣିକୁଣ୍ଡର ବ୍ୟବସ୍ଥା କରଯାଇଥାଏ। ଚଳିତବର୍ଷ ମଧ୍ୟ ଭୋଜନର ସଂସ୍ଥାପକ ରାମଦାସ ପଣ୍ଡାଙ୍କ ନେତୃତ୍ୱରେ ୨୦ଟି ପାଣିକୁଣ୍ଡ ସହରର ବିଭିନ୍ନ ଜାଗାରେ ଦିଆଯାଇଛି। ଏହି ୨୦ କୁଣ୍ଡରୁ ୮ଟି କୁଣ୍ଡ ଶ୍ରୀଗୋପାଳ ଗୋସେବକ ମାନଙ୍କୁ ଦିଆଯାଇଛି, ସେମାନେ ହୀରାକୁଦରେ ବ୍ୟବସ୍ଥା କରିବେ। ସମ୍ବଲପୁରର ମୁଦିପଡ଼ା, ଗୁଜରାତି କଲୋନୀ, ଧନୁପାଲି ଏବଂ ଅନ୍ୟାନ୍ୟ ସ୍ଥାନରେ କୁଣ୍ଡ ଦିଆଯିବା ସହିତ ସ୍ଥାନୀୟ ଲୋକଙ୍କୁ ପାଣି ଭରିବା ପାଇଁ ଅନୁରୋଧ କରାଯାଇଛି। ଏଥିରେ ସୁବ୍ରତ ପଣ୍ଡା, ବିପିନ ବିହାରୀ ପଣ୍ଡା, ଆନନ୍ଦ ଅଜାଡ଼ିୱାଲ, ଅନିଲ ଦେହୁରୀ, ମଧୁ ଛତ୍ରିଆ, ଗୁର୍ଜିତ ସିଂ ରାଇନା, ସୋମଦତ୍ତ ଦାସ, ସୁମିତ ସାହୁ, ଟି. ପ୍ରିୟାଂଶୁ ପାତ୍ର, ବିଷ୍ଣୁ ମେହେର, ଶିବ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦେଖାଦେଲାଣି ଡିଜେଲ ଅଭାବ

**ସମ୍ବଲପୁର, ୪।୫ (ସମିସ):** ସମ୍ବଲପୁର କଡ଼ ଦେଇ ଯାଇଥିବା ଜାତୀୟ ରାଜପଥରେ ଯାତାୟାତ କରୁଥିବା ଗାଡ଼ି ଗୁଡ଼ିକ ସକାଶେ ପଡ଼ିଆବାହାଲଠାରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ଦେବଗଡ଼ ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ମାନଙ୍କରେ ଡିଜେଲ ମିଳୁ ନ ଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ବହୁ ଟ୍ରାକ୍ଟର ଓ ଟ୍ରକ୍ ମାଲିକ ଡିଜେଲ ପାଇଁ ଗୋଟିଏ ଡିପୋରୁ ଅନ୍ୟ ଡିପୋକୁ ଯାଉଥିବା ଦେଖାଯାଇଛି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାପରେ ସାରା ଦେଶରେ ପେଟ୍ରୋଲ ଡିଜେଲ ସଂକଟ ଆରମ୍ଭ ହୋଇଛି। କେତୋଟି ରାଜ୍ୟରେ ନିର୍ବାଚନ ଫଳାଫଳ ବାହାରିବା ପରେ ତୈଳଦର ବୃଦ୍ଧି ପାଇବା ଆଶଙ୍କା ରହିଛି। ଏପରିକି ତୈଳ ଦର ବଢ଼ିବ ବୋଲି କିଛି ପମ୍ପ ମାଲିକ ଡିଜେଲ ଗଚ୍ଛିତ କରି ରଖିଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି।

## କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୪।୫ (ସମିସ) :** ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ବୁର୍ଲା ପୁଲିସ ଚଢ଼ଉ କରି ବୁର୍ଲା ଥାନା ଅଟାଚକିପଡ଼ାର ବିରାଜ ରାଜ (୩୫)ଙ୍କଠାରୁ ୨୭ ବୋତଲ କଫସିରପ୍, ଖୋଲା କଫସିରପ୍, ଗୋଟିଏ ଷ୍ଟ୍ରିପ୍ ନିଶାବଟିକା ଓ ୨୯ ବୋତଲ ମଦ ଜବତ କରିଛି। ବୁର୍ଲା ଥାନା କେସ ନଂ. ୧୯୬/୨୦୨୬ ଦଫା ୨୭୬/୨୭୭ ବିଏନଏସ ଏବଂ ସେକ୍ସନ ୫୨(କ) ଅବକାରୀ ଆକ୍ଟରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ସମଲେଶ୍ୱରୀ ସ୍ପୋର୍ଟିଂର ତୃତୀୟ ମ୍ୟାଚ୍‌ରେ ବିଜୟ

**ସମ୍ବଲପୁର, ୪।୫ (ସମିସ) :** ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ ପକ୍ଷରୁ ଆୟୋଜିତ ସର୍ବଭାରତୀୟସ୍ତରର ୨୧ଟି ଟିମ୍‌କୁ ନେଇ ଥାର୍ଡ ଡିଭିଜନ ଇଣ୍ଡିଆନ୍ ପ୍ରିମିୟମ ଲିଗ୍ ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହେଉଛି। ସମୁଦାୟ ୪ଟି ଗ୍ରୁପ୍‌ରେ ମ୍ୟାଚ୍ ର ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶାର ୨ଟି ଦଳ - ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ ଏବଂ କଟକର ସନ୍‌ରାଇଜ୍ କ୍ଲବ୍ ଭାଗ ନେଇଛନ୍ତି। ଏହାର ଦୁଇଟି ଗ୍ରୁପ୍‌ର ମ୍ୟାଚ୍ ମଣିପୁରଠାରେ ଆୟୋଜିତ ହେଉଛି। ଓଡ଼ିଶାର ଦୁଇଟିଯାକ ଦଳ ମଣିପୁରରେ ହେଉଥିବା ଦୁଇଟି ଗ୍ରୁପ୍‌ରେ ଅଲଗା ଅଲଗା ଭାଗ ନେଉଛନ୍ତି। ଆଜି ମଣିପୁରର ଇମ୍ଫାଲଠାରେ ସମଲେଶ୍ୱରୀ ସ୍ପୋର୍ଟିଂ ତା'ର ତୃତୀୟ ମ୍ୟାଚ୍‌ରେ ମୁମ୍ବାଇର ଆକ୍ଟିଭ ଟିମ୍‌କୁ ୪-୦ ଗୋଲରେ ପରାଜିତ କରି ବିଜୟ ଲାଭ କରିଛି। ସମଲେଶ୍ୱରୀ ସ୍ପୋର୍ଟିଂ ଆଗକୁ ଚତୁର୍ଥ ମ୍ୟାଚ୍‌ରେ ମଣିପୁରର ଟ୍ରାଓ ଟିମ୍ ସହିତ ଖେଳିବ।

## ଅମ୍ବରୀଶ ପାଣିଗ୍ରାହୀଙ୍କ ପରଲୋକ

**ସମ୍ବଲପୁର, ୪।୫ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ଗୋବିନ୍ଦଟୋଲା ନିବାସୀ ଅମ୍ବରୀଶ ପାଣିଗ୍ରାହୀ (୭୩)ଙ୍କ ସୋମବାର ଭୋର୍ ସମୟରେ ପରଲୋକ ହୋଇଯାଇଛି। ସେ କିଛି ମାସ ହେଲା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଚିକିତ୍ସାଧୀନ ଥିଲେ। ଶେଷଶଯ୍ୟା ନିକଟରେ



ପତ୍ନୀ ଶୋଭାଗିନୀ, ବଡ଼ପୁଅ ନିହାର ରଞ୍ଜନ, ସାନପୁଅ ତୁଷାର ରଞ୍ଜନ, ସାନ ପୁତ୍ରବଧୂ ଜରିନା ଦିକ୍ଷୀତ, ନାତୁଣୀଦ୍ୱୟ ଅପୂର୍ବା ଓ ଅଲିଭାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ନିହାର ମୁଖାଗ୍ନି ଦେଇଥିଲେ। ଖବର ପାଇବା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସହକର୍ମୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଦକ୍ଷ ଫୁଟବଲ ଖେଳାଳୀ ଥିଲେ। ସେ ଜଣେ ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ। ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ, ଉତ୍ସର୍ଗ, ଗୋବିନ୍ଦଟୋଲା ସ୍ପୋର୍ଟିଂ ୟୁନିୟନ୍, ଗୋବିନ୍ଦଟୋଲା ଦୁର୍ଗାପୂଜା କମିଟି, ଫୋର୍-ସି କ୍ରିକେଟ୍ କ୍ଲବ୍, ଧନୁପାଲି ଦୁର୍ଗାପୂଜା କମିଟି ପକ୍ଷରୁ ତାଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଛି।

## 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିର

**ସମ୍ବଲପୁର, ୪।୫ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ଆୟୋଜିତ 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ତୃତୀୟ ରବିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରାର୍ଥନା ସଭାପରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ପ୍ରଥମ ଅଧିବେଶନରେ ସିନାପାଲି ମହାବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାକ୍ତନ ମୁଖ୍ୟ ଡଃ ଅଶୋକ ହୋତା ବିଭିନ୍ନ ଉଦାହରଣ ମାଧ୍ୟମରେ, ଜୀବନରେ 'ଅନୁଶାସନ ଓ ସମୟାନୁବର୍ତ୍ତିତା'ର ଗୁରୁତ୍ୱ



ସମ୍ପର୍କରେ ଆଲୋଚନା କରିଥିଲେ। ସମୟାନୁବର୍ତ୍ତୀତା-ବିହୀନ ମଣିଷ ସମାଜରେ ନିଜର ଗୁରୁତ୍ୱ ହରାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ମୋବାଇଲ ପ୍ରଯୁକ୍ତିବିଦ୍ୟା ତଥା ଏହାର ସୁବ୍ୟବହାର' ସମ୍ପର୍କରେ ସହକାରୀ ପ୍ରଫେସର ଡଃ ସାଗରିକା ମିଶ୍ର ବୁଝାଇ ଥିଲେ। ମୋବାଇଲ ବ୍ୟବହାରର ବିଭିନ୍ନ ଦିଗ ଓ ବ୍ୟବହାର ସମୟରେ ବିଭିନ୍ନ ସତର୍କତା ସମ୍ପର୍କରେ ଡ. ମିଶ୍ର ବିଶଦ ଭାବରେ ଆଲୋଚନା କରିଥିଲେ। ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ଅର୍ଜୁନ ରଞ୍ଜନ ପଣ୍ଡା, ଡଃ ନିରୁପମା ବଡ଼ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଇଂ.ସୁଶାନ୍ତ ଗୁରୁ, ହେମନ୍ତ ମହାପାତ୍ର, ପଦ୍ମନାଭ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଶିବଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ହରି ନାରାୟଣ ପଣ୍ଡା, ଡଃ ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପଟ୍ଟଯୋଶୀ ତଥା ଲାଇବ୍ରେରୀର ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ସହଯୋଗ କରିଥିଲେ।

## ୧୩ରେ ସିନିୟର ଆଥଲେଟିକ୍ ପ୍ରତିଯୋଗିତା ଦଳ ଚୟନ

**ସମ୍ବଲପୁର, ୪।୫ (ସମିସ) :** ଓଡ଼ିଶା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ଜୁନ ୫ ରୁ ୭ ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ପୋଲିସ ପଡ଼ିଆଠାରେ ୭୨ତମ ରାଜ୍ୟ ସିନିୟର ଆଥଲେଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବା ନିମନ୍ତେ ସମ୍ବଲପୁର ଜିଲ୍ଲା ଆଥଲେଟିକ ଦଳର ଚୟନ ଚଳିତ ମାସ ୧୩ ତାରିଖ ଦିନ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଜଣାଇଛନ୍ତି। ଉକ୍ତ ଚୟନ ଶିବିରରେ ଭାଗ ନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀ ଆସନ୍ତା ୯ ତାରିଖ ସୁଦ୍ଧା ନିଜ ନିଜ ନାମ ପଞ୍ଜିକରଣ କରାଇନେବା ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୦ ତାରିଖ ପରେ କୌଣସି ପଞ୍ଜିକରଣ ଗ୍ରହଣ କରାଯିବ ନାହିଁ। ଚୟନ ଶିବିରରେ ଭାଗ ନେବା ନିମନ୍ତେ ବୟସଗତ ଯୋଗ୍ୟତା ୨୦ ବର୍ଷରୁ କମ ବାଳକ/ବାଳିକା (୨୮/୦୬/୨୦୦୬ ରୁ ୨୭/୦୭/୨୦୦୮ ମଧ୍ୟରେ ଜନ୍ମ); ୨୩ ବର୍ଷରୁ କମ ବାଳକ/ବାଳିକା (୨୮/୦୬/୨୦୦୩ ରୁ ୨୭/୦୬/୨୦୦୬ ମଧ୍ୟରେ ଜନ୍ମ) ଏବଂ ପୁରୁଷ/ମହିଳା (୨୭/୦୬/୨୦୦୩ ପୂର୍ବରୁ ଜନ୍ମ)। ୨୮/୬/୨୦୦୮ ତାରିଖ ପରେ ଜନ୍ମିତ ପ୍ରାର୍ଥୀ/ପ୍ରାର୍ଥୀନୀ ଏହି ଶିବିରରେ ଭାଗ ନେଇ ପାରିବେ ନାହିଁ। ଡିଜିଟାଲ ଜନ୍ମ ପ୍ରମାଣପତ୍ର ଓ ଆଧାରକାର୍ଡ ନେଇ ପଞ୍ଜିକରଣ କରି ପାରିବେ। ଶିବିର ବାବଦରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ା ସଂଘର ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର (ମୋ. ୯୮୬୧୨୪୪୨୨୨/ ୭୦୦୮୫୦୯୩୬୭)ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଭାରତୀ ସମାଜର ସଞ୍ଚାଳନ ସମିତି ପୁନର୍ଗଠିତ

**ସମ୍ବଲପୁର, ୪।୫ (ସମିସ) :** ସାମାଜିକ ସଂଗଠନ ଭାରତୀ ସମାଜର କେନ୍ଦ୍ରିୟ ସଞ୍ଚାଳନ ସମିତି ପୁନଃର୍ଗଠନ କରାଯାଇଛି। ଭବାନୀଶଙ୍କର ଭୋଇଙ୍କ ସଭାପତିତ୍ୱରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ବୈଠକରେ ଭାରତୀ ସମାଜ ୨୦୦୧ ମସିହାରୁ କରି ଆସିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ମହାସଚିବ ଦେବୀ ପ୍ରସାଦ ଭୋଇ ବିଗତ ୨୬ ବର୍ଷର ତଥ୍ୟ ସମ୍ମିଳିତ କରି ସ୍ମରଣିକା ଆକାରରେ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ବିଗତ ଏପ୍ରିଲ ୧ ତାରିଖରେ ଆୟୋଜିତ ଭାରତୀ ଉତ୍ସବର ସଫଳତା ଉପରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏହାସହ ଭାରତୀ ସମାଜର କେନ୍ଦ୍ରୀୟ ସଞ୍ଚାଳନ ସମିତି ପୁନର୍ଗଠନ କରାଯାଇଥିଲା। ଏଥିରେ ଭବାନୀ ଶଙ୍କର ଭୋଇଙ୍କୁ ସଞ୍ଚାଳକ, ଡଃ ସ୍ୱୟଂ ପ୍ରକାଶ ପଣ୍ଡା, ଅଶୋକ ତ୍ରିପାଠୀ, ଜୟପାଲ ବାଗ ଏବଂ ଗୋପବନ୍ଧୁ ସେନାପତିଙ୍କୁ ସହ-ସଞ୍ଚାଳକ, ଦେବୀ ପ୍ରସାଦ ଭୋଇ ମହାସଚିବ (ସଙ୍ଗଠନ), ଗଦାଧର ନିଆଲ ମହାସଚିବ (କାର୍ଯ୍ୟକ୍ରମ), ସୁବୋଧ ଦୋରା କୋଷାଧ୍ୟକ୍ଷ, ରଞ୍ଜିତ ସାହୁ ଭାରତୀ ଶିକ୍ଷା ସଂସ୍କୃତି ପ୍ରମୁଖ, ଲଳିତା ଭୋଇ ସେବା କାର୍ଯ୍ୟକ୍ରମ ପ୍ରମୁଖ ଏବଂ ମାନସ ରଞ୍ଜନ ବକ୍ସିଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ସୁବ୍ରତ ପ୍ରଧାନ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶ୍ରମିକ ଦିବସ

**ସମ୍ବଲପୁର, ୪।୫ (ସମିସ) :** ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସମସ୍ତ ଅଂଶୀଦାର ସଂଗଠନର ପ୍ରତିନିଧିମାନଙ୍କ ଉପସ୍ଥିତିରେ ବରିଷ୍ଠ ଶ୍ରମିକ ନେତା ଗଦାଧର କୁଅଁର ପତାକା ଉତ୍ତୋଳନ କରିଥିଲେ। ପରେ ସହିଦ ବେଦୀରେ ଶ୍ରମିକ ସହିଦମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟା ସମୟରେ ହୀରାଖଣ୍ଡ କାଳିବାଡ଼ିଠାରୁ




ଶତାଧିକ ଶ୍ରମିକ ଓ କର୍ମଚାରୀଙ୍କ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଏଆଇଟିୟୁସି, ଏଚ୍‌ଏମଏସ୍, ସିଟୁ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ବ୍ୟାଙ୍କ, ବୀମା, ପୋଷ୍ଟାଲ, ବିଏସ୍‌ଏନ୍‌ଏଲ, ଓୟୁଏଟି, ଏସଡିଏଲଆଇଇଏ, ଏଓଏଲଆଇସିପିଏ, ବିଦ୍ୟୁତ ଓ ଅସଂଗଠିତ ଶ୍ରମିକ ସଂଗଠନ, ଏମସିଏଲ ଆଦିର ଶତାଧିକ ସଦସ୍ୟ ଯୋଗଦେଇଥିଲେ। ପରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ଶ୍ରମିକ ନେତା ନଟ୍ଟୁ ଗୋପାଳ, ଲଳିତ ପଟ୍ଟନାୟକ, ରବୀନ୍ଦ୍ର ମହାନ୍ତି ଓ ଗଦାଧର କୁଅଁରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ପ୍ରାରମ୍ଭିକ ସ୍ୱାଗତ ଭାଷଣ ପରେ ସଞ୍ଜିତ ମହାନ୍ତି କେନ୍ଦୁପତ୍ରରେ ଘରୋଇକରଣ, ତୋଳାଳୀ କର୍ମଚାରୀଙ୍କୁ ଶୋଷଣ, ଶ୍ରମିକ ଆଇନ୍ ବଦଳରେ ଶ୍ରମିକ କୋଡ୍‌ର ପ୍ରତିବାଦ କରିଥିଲେ। ଗଦାଧର କୁଅଁର, ଲଳିତ ପଟ୍ଟନାୟକ, ରବୀନ୍ଦ୍ର ମହାନ୍ତି, ବୀରକିଶୋର ନାଏକ, ନଟ୍ଟୁ ଗୋପାଳ, ଅକ୍ଷୟ ମହାପାତ୍ର, ବ୍ୟାଙ୍କ ଫ୍ରଣ୍ଟର ବିଶ୍ୱଜିତ ଓ ସମୀର, ତ୍ରିନାଥ ଦୋରା, ପ୍ରଣୟ ନାୟକ ଓ ଅରୁଣ ଖୁଣ୍ଟିଆ, ରୂପେଶ ବାଗ, ମଧୁ ସୂଦନ ପ୍ରଧାନ, ରମେଶ ସାହୁ, ସଚ୍ଚିଦାନନ୍ଦ ସୋହେଲା, ସୁଶୀଳ କୁମାର ସେଠ, ଅକ୍ଷୟ ମହାପାତ୍ର, ଦେବ ପଟ୍ଟନାୟକ, ଚୁମନ ପ୍ରଧାନ ପ୍ରମୁଖ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ଦାବି ସମ୍ବଳିତ ଏକ ସଂକଳ୍ପ ପତ୍ର ଉପସ୍ଥାପନ କରିଥିଲେ। ଏଥିରେ ଶ୍ରମିକ ଅଧିକାର ସୁରକ୍ଷା, ସର୍ବନିମ୍ନ ମଜୁରୀ, ସାମାଜିକ ସୁରକ୍ଷା, ସରକାରୀ କ୍ଷେତ୍ରର ଘରୋଇକରଣ ବନ୍ଦ, ଖାଲି ପଦବୀ ପୂରଣ, କୃଷକ ହିତ ସୁରକ୍ଷା, ବିଜୁଳି ସଂଶୋଧନ ବିଲ୍ ୨୦୨୫ ପ୍ରତ୍ୟାହାର, ମହିଳା ଶ୍ରେଣୀଙ୍କ ସୁରକ୍ଷା ଇତ୍ୟାଦି ଦାବି ରହିଥିଲା। ବକ୍ତାମାନେ ପୁଞ୍ଜି ଓ ଶ୍ରମ ମଧ୍ୟରେ ବଢୁଥିବା ସଂଘର୍ଷ, ଦେଶବ୍ୟାପୀ ଠିକା ଓ ନିବାରଣ ଡୋମେଷ୍ଟିକ ଶ୍ରମିକ ଧର୍ମଘଟ, ବିଜୁଳି କ୍ଷେତ୍ରର ସମସ୍ୟା ଓ ବିଭିନ୍ନ ସଂଗଠନର ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ।

## ଚୋରି ଘଟଣାରେ ୨ ଗିରଫ

**ସମ୍ବଲପୁର, ୪।୫ (ସମିସ):** ଚୋରି ଅଭିଯୋଗର ତଦନ୍ତ କରି ଅଇଁଠାପାଲି ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ସୂଚନାନୁଯାୟୀ, ମହାନଦୀ ବିହାରର ଏକ ଘରେ ରଙ୍ଗକାମ କରୁଥିବା ଜଣେ ବ୍ୟକ୍ତି ରାତିରେ ଶୋଇଥିବାବେଳେ ଦୁଇଜଣ ପଶି ମୋବାଇଲ ଚୋରି କରିବା ସହ, ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଅଭିଯୋଗ ପରେ ଅଇଁଠାପାଲି ପୁଲିସ ତଦନ୍ତ କରି ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ - କରମଟୋଲୀ, କେନାଲପଡା ଅଞ୍ଚଳର ମୁକେଶ ମୁଣ୍ଡା (୨୦) ଓ ସିଂହପାଲି ଅଞ୍ଚଳର ଏନ ଲୋକନାଥ ଓରଫ ସାହିଲ (୨୩)। ସେମାନଙ୍କଠାରୁ ପୁଲିସ ଏକ ଆଇଫୋନ୍, ଏକ ଲାପଟପ୍ ଏବଂ ଚୋରିରେ ବ୍ୟବହୃତ ସ୍କୁଟି ଜବତ କରିଛି। ପୁଲିସ ଆଜି ସେମାନଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ଅନ୍ୟ ଚୋରି ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡିଛି।

## ରକ୍ତଦାନ ଶିବିର; ୪୮ ୟୁନିଟ୍ ସଂଗ୍ରହ



**ସମ୍ବଲପୁର, ୪।୫ (ସମିସ) :** ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତର ଘୋର ଅଭାବ ଦେଖାଦେଇଛି। ଏହାକୁ ଦୂର କରିବା ପାଇଁ ଆଦିତ୍ୟ ରୟାଲ ପେଲେସ, ଲିଡ୍‌ଭିଜନ ପ୍ରାଇଭେଟ ଲିମିଟେଡ ଏବଂ 'ସମ୍ବଲ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଆଦିତ୍ୟ ରୟାଲ ପେଲେସ କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଡଃ ଶ୍ୟାମ ସୁନ୍ଦର ଧର ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଶିବିରରେ ୪୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ ମାନେ ଶିବର ପରିଚାଳନା କରିଥିଲେ। 'ସମ୍ବଲ'ର ସଂଯୋଜକ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଆନନ୍ଦ ଅଜାଡ଼ିୱାଲ, ବାଲାଜୀ ମେହେର, ଅଙ୍କିତ ଷଡ଼ଙ୍ଗୀ, ଜୟଦେବ ବନଛୋର ପ୍ରମୁଖ ସହଯୋଗ କରିଥିଲେ।

## ଖରାଦିନରେ ବିଜୁଳି ଓ ପାଣି ପ୍ରତାରଣା: ରୋହିତ ପୂଜାରୀ

**ସମ୍ବଲପୁର, ୪।୫ (ସମିସ)**

ଖରାଦିନରେ ବିଜୁଳି ଏବଂ ପାଣି ପ୍ରତାରଣା ଜନସାଧାରଣଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ କରୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଏକ ପ୍ରେସ୍ ବିବୃତିରେ ଇଂ. ପୂଜାରୀ କହିଛନ୍ତି ଯେ, ଏବେ ଖରାର ପ୍ରଖର ଯେତେ ଯେତେ ବଢ଼ି ଚାଲିଛି ଠିକ୍ ସେହିପରି ଭାବରେ ଅଘୋଷିତ ବିଦ୍ୟୁତ୍‌କାଟ ଜନସାଧାରଣଙ୍କୁ ସେତିକି କଲବଲ ମଧ୍ୟ କରୁଛି। ବିଗତ କିଛିମାସ ତଳେ ବିଜୁ ଜନତା ଦଳ ପକ୍ଷରୁ ଭୂତାପଡ଼ା ଛକସ୍ଥିତ ଅଫିସ ଘେରଉ କରିବା ସହିତ ଅଘୋଷିତ ବିଦ୍ୟୁତ୍‌କାଟ୍ ଏବଂ ସ୍ମାର୍ଟ ମିଟର ସମେତ ଅନେକ ଦାବି ନେଇ ଦାବିପତ୍ର ଦିଆଯାଇଥିଲା, କିନ୍ତୁ ବର୍ତ୍ତମାନ ମଧ୍ୟ ଏହି ସଂସ୍ଥା ଚିରାଚରିତ ଢଙ୍ଗରେ ଜନସାଧାରଣଙ୍କୁ ହଇରାଣ କରିବା ନୀତି ଚଳେଇଛି। ଅନ୍ୟପଟେ କର୍ତ୍ତୃପକ୍ଷ ରକ୍ଷଣାବେକ୍ଷଣ ନାମରେ ବିଭିନ୍ନ ସମୟରେ ବିଦ୍ୟୁତ୍‌କାଟ କରୁଥିବାବେଳେ ସହରର ବିଭିନ୍ନ ଜନବହୁଳ ଅଞ୍ଚଳ ଗୁଡ଼ିକରେ ବିଦ୍ୟୁତ୍ ତାର ଗୁଡ଼ିକ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଘରର ଛାତ ଉପରେ ଛନ୍ଦାଛନ୍ଦି ହୋଇ ଝୁଲି ରହିଥିବା ବିଭିନ୍ନ ସମ୍ବାଦପତ୍ରରେ ଫଟୋ ସହିତ ପ୍ରକାଶିତ ହେଉଛି।

ଅପରପକ୍ଷରେ ସମ୍ବଲପୁର ସହରକୁ ଜଳ ଯୋଗାଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ହେଲା ୱାଟକୋ, ଯାହାର ସେବା ବର୍ତ୍ତମାନ ସହରକୁ ଜଣ୍ଡିସ ଫେରାଇ ଆଣିବାର ଆଶଙ୍କା ସୃଷ୍ଟି କରିଛି। ଦୁଇ ତିନିଦିନ ହେବ ବିଶୁଦ୍ଧ ପାନୀୟ ଜଳ ବଦଳରେ ଗୋଳିଆ ପାଣି ଯୋଗାଣ ହେଉଛି। ଏହାସହ ପାନୀୟ ଜଳଯୋଗାଣ ମଧ୍ୟ ଠିକ୍ ଭାବରେ ହେଉନାହିଁ। ସହରର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳଯୋଗାଣରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ଖରା ଦିନରେ ହୀରାକୁଦ ଜଳଭଣ୍ଡାର ନିକଟରେ ଥାଇ ସମ୍ବଲପୁରବାସୀ ପାଣି ପାଇଁ ଡହଳବିକଳ ହେବା ଅସ୍ୱାଭାବିକ। ବିଗତ ଦିନରେ ସମ୍ବଲପୁରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆରମ୍ଭ କରାଗଲା, କିନ୍ତୁ ଏଠି ବାସ୍ତବ ଚିତ୍ର ଭିନ୍ନ ରହିଛି, ଜନସାଧାରଣ ଏବେ ମଧ୍ୟ ପାନୀୟ ଜଳ ସମସ୍ୟାରେ ଅତିଷ୍ଠ ହୋଇକି ଅଛନ୍ତି, ପର୍ଯ୍ୟାପ୍ତ ପରିମାଣର ଜଳଯୋଗାଣ କରାଯାଉନାହିଁ। ଅନ୍ୟପଟେ ଅନିୟମିତ ଜଳଯୋଗାଣ ସମ୍ପର୍କରେ କର୍ତ୍ତୃପକ୍ଷ ନିଜର ସ୍ପଷ୍ଟୀକରଣ ଦେଉଛନ୍ତି ଯେ, ବିଦ୍ୟୁତ୍‌କାଟ ଯୋଗୁଁ ସମ୍ପ ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଜଳରାଶି ଗଚ୍ଛିତ ହୋଇପାରୁନଥିବାରୁ, ଜନସାଧାରଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଜଳଯୋଗାଣ ହୋଇପାରୁନାହିଁ। ଗୋଳିଆ ପାଣି ଆସିବା ସମ୍ପର୍କରେ ପ୍ରଶ୍ନ କଲେ ୱାଟକୋ କର୍ତ୍ତୃପକ୍ଷ ଏନ୍ ଗୁହା ଲେନ୍‌ରେ ମୁଖ୍ୟ ଯୋଗାଣ ପାଇପ ସାତ ଆଠ ଫୁଟ୍ ତଳେ ରହିଯାଇଥିବା ଯୋଗୁଁ କେବଳ ସାକ୍ଷୀପଡ଼ାରେ ଗୋଳିଆ ପାଣି ଆସୁଛି ବୋଲି ପ୍ରତ୍ୟୁତ୍ତର ରଖୁଛନ୍ତି। ସମ୍ବଲପୁର ସହରର ପାନୀୟ ଜଳ ପ୍ରକଳ୍ପ ପାଇଁ ଅର୍ଥ ରାଶି ମଞ୍ଜୁର ହୋଇ କାର୍ଯ୍ୟ ଶେଷ ହେବାକୁ ଯାଉଛି। ଯେଉଁ ଅଞ୍ଚଳ ଗୁଡିକରେ ପାଇପ ବିଛାସରିଛି, ସେହି ଅଞ୍ଚଳ ଗୁଡ଼ିକୁ ନୂତନ ପାଇପ ଯୋଗେ ଜଳଯୋଗାଣ କରାଯାଇ ସମ୍ବଲପୁର ସହରକୁ ଜଣ୍ଡିସମୁକ୍ତ କରାଯାଉ ବୋଲି ଇଂ ପୂଜାରୀ ଦାବି କରିଛନ୍ତି।

# ନିଜ ଶିକ୍ଷାନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ମେଧାବୀ









## ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ପଦ୍ମପୁର, ୪।୫(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଶ୍ମିରେଖା ଗଡ଼ତିଆ, ସିଦ୍ଧାର୍ଥ ଶେଖର ସାହୁ, ଆଲୋକ ରଞ୍ଜନ ସାହୁ, ସେଫାଳି ପଧାନ ପ୍ରମୁଖ ପ୍ରମୁଖ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ନିଜ ଅନୁଷ୍ଠାନ ସହ ନିଜ ଅଞ୍ଚଳର ନାଁ ରଖିଛନ୍ତି। ଏମାନେ ସମସ୍ତ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ପକ୍ଷରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷେ ସ୍କୁଲରେ ଚାଲିଥିବା ସଂକୁଳସ୍ତରୀୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷଣ ଶିବିରରେ ସଂକୁଳ ଅଧୀନ ୯ଟି ଶିଶୁ ମନ୍ଦିରରୁ ୧୭୦ ଜଣ ଗୁରୁଜୀ, ଗୁରୁମା ଯୋଗ ଦେଇ ପଞ୍ଚପଦୀ ଶିକ୍ଷଣ ପଦ୍ଧତି ଉପରେ ତାଲିମ ନେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଖଗେଶ୍ୱର ଦାଶ, ପ୍ରାନ୍ତ ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା, ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର, ସଂକୁଳ ପ୍ରମୁଖ ଡ. ଦ୍ୱାଦଶ ପଧାନ, ସଭାପତି ପୃଥ୍ୱିରାଜ ସାହୁ, ସମ୍ପାଦକ ଜନକଲାଲ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଦେଇଥିଲେ। ମିନତୀ ପଟ୍ଟନାୟକ ସଂଯୋଜନା କରିଥିଲେ। ସମ୍ପାଦକ ଜନକ ଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉପ ସଭାପତି ଗୋପାଳକୃଷ୍ଣ ମିଶ୍ର, ପରିଚାଳନା କମିଟି ସଦସ୍ୟ ଭକ୍ତଚରଣ ସାହୁ, ଜୟନାରାୟଣ ତ୍ରିପାଠୀ ପ୍ରମୁଖ, ଗୋବିନ୍ଦ ପାଣିଗ୍ରାହୀ, ଗୁଣମଣୀ ପଟେଲ, ପ୍ରିତେଶ ବହିଦାର, ସୁରେଶ ରାମଚନ୍ଦାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ

**ବରପାଲି, ୪।୫ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପଦ୍ମିନୀ ଦାଶ ଅଧକ୍ଷତା କରିଥିଲେ। ଓଡ଼ିଆ ବିଭାଗ ଅଧାପକ ଯତୀନ୍ଦ୍ର ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗରେ ଯାଜ୍ଞସେନୀ ମହାକୁର ୮.୯୦ ସିଜିପିଏ ରଖି ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ପ୍ରଥମ ହୋଇଛନ୍ତି। ହିନ୍ଦୀ ବିଭାଗର ପାୟଲ ମେହେର ୮.୯୧ ସିଜିପିଏ ରଖି ଦ୍ୱତୀୟ ସ୍ଥାନରେ ଅଛନ୍ତି। ଶିକ୍ଷା ବିଭାଗରୁ ସ୍ନେହାରାଣୀ ସାହୁ ୯.୦୩ ସିଜିପିଏ ତୃତୀୟ ସ୍ଥାନରେ ଅଛନ୍ତି। ଇତିହାସ ବିଭାଗର ନନ୍ଦିନୀ ଗହୀର ୮.୯୮ ସିଜିପିଏ(ଚତୁର୍ଥ), ହିନ୍ଦୀ ବିଭାଗରୁ ଶ୍ରାବଣୀ ମେହେର ୮.୭୭ ସିଜିପିଏ (ଚତୁର୍ଥ), ହରିପ୍ରିୟା ସାହୁ ୮.୭୦ ସିଜିପିଏ ( ଷଷ୍ଠ), ସ୍ମୃତି ସ୍ନିଗ୍ଧା ପାଣିଗ୍ରାହୀ ୮.୬୯ ସିଜିପିଏ (ସପ୍ତମ), ଓଡ଼ିଆ ବିଭାଗରୁ ସ୍ୱିଟି ବାରିକ ୮.୬୪ ସିଜିପିଏ ରଖି ଦଶମ ସ୍ଥାନରେ ଅଛନ୍ତି। ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ରୁଚିଦା ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ, ଦ୍ୱାରୀ ହାଇସ୍କୁଲ

**ଅମ୍ବାଭୋନା, ୪। ୫(ସମିସ):** ରୁଚିଦା ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲିଲି ପଧାନ ଓ ଦ୍ୱାରିର ଦ୍ୱାରୀକାଧୀଶ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରତୀକ୍ଷା ପ୍ରଧାନ ୫୪୦ ମାର୍କ ହାସଲ କରି ଏ-୧ ଗ୍ରେଡ୍ ପାଇଛନ୍ତି। ଏହି ଅବସରରେ ରୁଚିଦା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଅଜୟ ମେହେରଙ୍କ ନେତୃତ୍ୱରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଲିଲି ପଧାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଦ୍ୱାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦୁଲାର ସିଂ ନାୟକ ଓ ଶିକ୍ଷକମାନେ ପ୍ରତୀକ୍ଷା ପ୍ରଧାନଙ୍କୁ ସମ୍ମାନିତ କରିଥିଲେ। ଉଭୟ ଛାତ୍ରୀଙ୍କୁ ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଲଳିତ ବାଗ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବିଇଓ ଭାବନା ସାହୁ ମଧ ସମ୍ବର୍ଦ୍ଧନା ଜଣାଇଛନ୍ତି।



## ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ

**ଝାରବନ୍ଧ, ୪।୫ (ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର କ୍ଷେମେଶ୍ୱର ଭୋଇ (ଇଂରାଜୀ ବିଭାଗ) ଓ କବୀର ସିଦାର (ଶିକ୍ଷା ବିଭାଗ) ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକ ଶେଷବର୍ଷ ପରୀକ୍ଷାରେ ଟପ୍-୧୦ ତାଲିକାରେ ସ୍ଥାନ ପାଇଛନ୍ତି। କ୍ଷେମେଶ୍ୱର ସମଗ୍ର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ନବମ ସ୍ଥାନ ଅଧିକାର କରିଛନ୍ତି। କବୀର ଶିକ୍ଷା ବିଭାଗରେ ୧୦ମ ସ୍ଥାନ ହାସଲ କରିଛନ୍ତି। ମହାବିଦ୍ୟାଳୟ ପରିସରର ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ବୀର ଦୈତ୍ୟ ସାହୁ ଏବଂ ନନ୍ଦଲାଲ ମହାପାତ୍ର, ଜମିଦାତା ଜଗଦୀଶ ସାହୁ, ଅଭିଭାବକ ହରିହର ସାହୁ ଓ ଜର୍ଣ୍ଣାଲିଷ୍ଟ ଏସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗ ଯୋଗ ଦେଇଥିଲେ। ଉଭୟ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅଧାପକ ଗଗନ ବିହାରୀ ଡନସନା, ଡକ୍ଟର ଖ୍ୟାତିମୟ ତ୍ରିପାଠୀ, ସାତ୍ତ୍ୱିକ ସାହୁ, ମୁକେଶ ବାଘ, ଚନ୍ଦ୍ରମଣି ବାଘ ଓ ଅଧାପିକା ଯାଜ୍ଞସେନି ନାୟକ, ରଶ୍ମି ମହାଲିଙ୍ଗ, ରୀତାଞ୍ଜଳି ଗୁରୁ, ମୀନପ୍ରଭା ପ୍ରଧାନ, କୁନି ସାହା, ମନୀଷା ଭୋଇ, ଅଶୋକ ହାତୀ, କିରାଣୀ ବଂଶୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲ ପାଣି ବନ୍ଦ ନ କରିବାକୁ ଚାଷୀଙ୍କ ବୈଠକ

**ଭେଡେନ, ୪। ୫(ସମିସ):** ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଉଦେପୁର, ସାଲନା, ଦେଶ ପଥରଲା, ଦେଶ ଭଟଲି, ଦେଶ କୁମ୍ଭାରୀ ଆଦି ଗ୍ରାମର ଚାଷ ଜମିକୁ ଠିକ୍ ଭାବେ କେନାଲ ପାଣି ପହଞ୍ଚୁନି। ଏଣୁ ମରୁଡ଼ିର ସମ୍ମୁଖୀନ ହେବାକୁ ବସିଲାଣି। ଜଳ ସମ୍ପଦ ବିଭାଗ ୧୦ତାରିଖରେ କେନାଲ ପାଣି ବନ୍ଦ କରିବାକୁ ସୂଚନା ଦେଇଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡ଼ିଛି। ଏ ନେଇ ଚାଷୀ ଦେଶଭଟଲି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ କରିଛନ୍ତି। କେନାଲ ପାଣି ୨୦ତାରିଖ ପର୍ଯ୍ୟନ୍ତ ଛାଡିବାକୁ ଦାବି କରିଛନ୍ତି। ସରପଞ୍ଚ ତୋଷବନ୍ତ ସାହୁ, ଯୋଗେଶ ଦାଶ, ନାରାୟଣ ଦାଶ, ଗେଥଲ ସାହୁ, ଜାମିନି ଭୋଇ, ସୁଦର୍ଶନ ଭୁଏଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଡାକ୍ତରଖାନା ନେଲେ ବିଡ଼ିଓ

**ଝାରବନ୍ଧ, ୪। ୫(ସମିସ):** ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡା ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। ସେ ପାଇକମାଲରୁ ଝାରବନ୍ଧ ବ୍ଲକକୁ ଆସୁଥିଲେ। ବୈତାଳି ସ୍କୁଲ ନିକଟ ରାସ୍ତା ପାର୍ଶ୍ୱରେ ଦୁର୍ଘଟଣାରେ ଗୁରୁତର ଜଣେ ମହିଳା ପଡ଼ିଥିବା ଦେଖି ଅଟକିଥିଲେ। କାହାକୁ ଅପେକ୍ଷା ନ କରି ନିଜ ଗାଡ଼ିରେ ସମ୍ପୃକ୍ତ ମହିଳାଙ୍କୁ ବସାଇ ଝାରବନ୍ଧ ଡାକ୍ତରଖାନାକୁ ନେଇଥିଲେ। ମହିଳା ଜଣକ ଛତିଶଗଡ଼ ତୁରେସିଂହାର ରମଳା ନାଏକ।

## କୁମ୍ଭାରୀ ଧାନମଣ୍ଡିରେ ଚାଷୀ ସଚେତନତା ଶିବିର

**ବରପାଲି, ୪।୫(ସମିସ):** ବରପାଲି ବ୍ଲକ କୁମ୍ଭାରୀ ଧାନ ମଣ୍ଡିରେ ଚାଷୀ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୁଣନିଧି ପଧାନ ସଭାପତିତ୍ୱ କରିଥିଲେ। ମଣ୍ଡିର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହି ସଭାରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, ବରପାଲି କୃଷକ ସଂଗଠନ ସଭାପତି କାରଣ ସାହୁ, ତୁଳଣ୍ଡି ମଣ୍ଡିର ସଭାପତି ବନବାସ ପଧାନ, ତେଜରାଜ ବେହେରା, କୃଷ୍ଣଚନ୍ଦ୍ର ଭୋଇ, ଜୟପ୍ରତାବ ସାହୁ, ଡମ୍ବରୁଧର ପଧାନ, ମାଖନୁ ସାହୁ, ହୃଷିକେଶ ବାରିକ, ନିରଞ୍ଜନ ସାହୁ, ବିଦ୍ୟାଧର ସାହୁ, ଆହ୍ଲାଦିନୀ ମାଝୀ, ସୋମନାଥ ପଧାନ, ଘନ ସାହୁ, ଡୋଳାମଣି ସାହୁ ଏବଂ ରାଧେଶ୍ୟାମ ନାୟକ ପ୍ରମୁଖ ଚାଷୀ ବୈଠକରେ ଯୋଗ ଦେଇଥିଲେ।

## ଖୁଣ୍ଟଲିପାଲି ମାର୍କେଟ ୟାର୍ଡ଼ରେ ଚାଷୀ ସଚେତନତା ଶିବିର

**ଥୁଆପାଲି, ୪।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଖୁଣ୍ଟୁଲିପାଲି ମାର୍କେଟ ୟାର୍ଡ଼ ଠାରେ ଚାଷୀମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାଲବ ପଞ୍ଚାୟତ ସରପଞ୍ଚ ରାଧେଶ୍ୟାମ ପୋଢ ଓ ଦେଶଭଟଲି ପଞ୍ଚାୟତ ସରପଞ୍ଚ ତୋଷବନ୍ତ ସାହୁଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ଏଥିରେ ଖୁଣ୍ଟୁଲିପାଲି ମାର୍କେଟ ଇନ୍‌ଚାର୍ଜ ଚିତ୍ତରଞ୍ଜନ ଆଚାର୍ଯ୍ୟ ପରିଚାଳନା କରି ଥିବାବେଳେ ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ସୁବାଷ ଚନ୍ଦ୍ର ପୁରୋହିତ, ଝରାପାଲି ମାର୍କେଟ ଇନ୍‌ଚାର୍ଜ ଜାମିନୀ ଦାସ, ଅର୍ଜୁଡା ମାର୍କେଟ ଇନ୍‌ଚାର୍ଜ ପ୍ରମୋଦ ଆଚାର୍ଯ୍ୟ ଓ ଗଣେଶ ମାଝି ଉପସ୍ଥିତ ଥିଲେ।

## ଜାମସେଠ ଷ୍ଟେଟ ବ୍ୟାଙ୍କ ଶାଖାର ନୂତନ କୋଠା ଉଦ୍‌ଘାଟିତ

**ପାଇକମାଲ, ୪।୫(ସମିସ):** ପାଇକମାଳ ବ୍ଲକର ଜାମସେଠ ବସଷ୍ଟାଣ୍ଡ ନିକଟରେ ଥିବା ଜାମସେଠ ଷ୍ଟେଟ ବ୍ୟାଙ୍କ ଶାଖାର ନୂତନ କୋଠା ଉଦ୍‌ଘାଟିତ ହୋଇଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ବଲପୁର ଡିଜିଏମ ସଞ୍ଜୟ ଝା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ଆରବିଓ ମଧୁସୂଦନ ରଥ, ହରିଲାଲ ନାୟକ ଏବଂ ଜାମସେଠ ବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରୀତମ ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋହନ ବେରିହା, ପ୍ରତାପ ଆଦିତ୍ୟ ଦାସ, କିଶୋର କୁଜର ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିନାଥ ପାଣ୍ଡେ, ଯୋଗେନ୍ଦ୍ର ହଂସ, ପ୍ରଦୀପ ହଂସ ଓ ଅନୁସୂୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶାଖା ପ୍ରବନ୍ଧକ ପ୍ରୀତମ ନାୟକ ଧନ୍ୟବାଦ ଜଣାଇଥିଲେ।

## ବୁବୁଡ଼ାରେ 'ଗାଁ ସଫା ତ ଆମେ ସଫା' କାର୍ଯ୍ୟକ୍ରମ

**ପଦ୍ମପୁର, ୪।୫(ସମିସ):** ପଦ୍ମପୁର ବ୍ଲକ ଅଧୀନ ବୁବୁଡା ଗ୍ରାମରେ ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗାଁ ସଫା ତ ଆମେ ସଫା ଶୀର୍ଷକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଓ ପ୍ରତିଷ୍ଠାତା ପ୍ରଶାନ୍ତ ମେହେର ଗ୍ରାମର ଯୁବକମାନଙ୍କୁ ସଫେଇ କାର୍ଯ୍ୟରେ ଭାଗନେବା ପାଇଁ ଆହ୍ୱାନ ଜଣାଇଥିଲେ। ଆଶାକର୍ମୀ ବୈଜୟନ୍ତୀ ଡନସନାଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଗ ଦେଇଥିଲେ। ସେହିପରି ପ୍ରକାଶ ବୁଡେକଙ୍କ ନେତୃତ୍ୱରେ ଯୁବକମାନେ ଯୋଗ ଦେଇଥିଲେ। ଏହି ଅବସରରେ ସୁରେନ୍ଦ୍ର ମେହେରଙ୍କ ସଂଯୋଜନାରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଞ୍ଚ କଳାକାର ସହଦେବ ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବୟିତ୍ରୀ ସ୍ୱର୍ଣ୍ଣକାନ୍ତୀ ପତି ଯୋଗଦେି ଗୁରୁ ଭଗବାନ ସାହୁଙ୍କ ନାଟକରେ ଦେଶଭକ୍ତିର ପ୍ରସଙ୍ଗ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମର ଗୌନ୍ତିଆ ଡିଲେ ବରିହା, ସମାଜସେବୀ ଟୁନୁ ବେହେରା, ପରମେଶ୍ୱର ଦାଶ, ଝଙ୍କର କ୍ଷୀରନ୍ଧର ବରିହା, ଦିନ ବୁଡେକ ପ୍ରମୁଖ ଯୋଗ ଦେଇଥିଲେ। ଗୋଲ୍ ଶଟ୍ ବଲ୍ କ୍ରୀଡାରେ ସ୍ୱର୍ଣ୍ଣ ପଦକ ବିଜେତା କୁଡାସିଂହା ଗ୍ରାମର ରାଜ୍ ମେହେର ଓ ପରୀ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। କୁନି ଝିଅ ଶୁଭଶ୍ରୀ ସୁନା ସଚେତନତାମୂଳକ ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକୁଳିବା ପରେ ଜେଲ୍ ଗୁମର ଖୋଲିଲେ କଏଦୀ

**ପଦ୍ମପୁର, ୪।୫ (ସମିସ):** ବରଗଡ଼ ଜିଲ୍ଲା ବୁଢ଼େନ ଥାନା ବୁଢ଼ାମାଲର ଯୁଧିଷ୍ଠିର ବାରିକ ଜେଲରୁ ମୁକୁଳିବା ପରେ କାରାଗାର କର୍ମଚାରୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁଯାୟୀ, ଜେଲ ମଧ୍ୟରେ କଏଦୀଙ୍କୁ ଅମାନୁଷିକ ବ୍ୟବହାର କରାଯିବା ସହ ଅତି ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଛି। ଖାଦ୍ୟ କିମ୍ବା ଅନ୍ୟ ସୁବିଧା ପାଇଁ ସ୍ୱର ଉଠାଇଲେ କର୍ମଚାରୀ କଏଦୀଙ୍କୁ ମାଡ଼ ମାରିବା ସହ ଧମକ ଚମକ ଦେଉଛନ୍ତି। ଜେଲରେ ଧନୀ ବର୍ଗ କଏଦୀଙ୍କୁ ସ୍ୱତନ୍ତ୍ର ସୁବିଧା ମିଳୁଥିବା ବେଳେ ଗରିବଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଛି। ଜେଲ ଭିତରକୁ ବେଆଇନ ଭାବେ ଗଞ୍ଜେଇ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି। ଯୁଧିଷ୍ଠିରଙ୍କୁ ବିନା ପାରିଶ୍ରମିକରେ ବନ୍ଦୀମାନଙ୍କ ବାଳ-ଦାଢ଼ି କାଟିବାକୁ ବାଧ କରାଯାଇଥିଲା। ଏହି ସମସ୍ତ ବେଆଇନ କାର୍ଯ୍ୟର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାରାଗାର ମହାନିର୍ଦ୍ଦେଶକଙ୍କୁ ସେ ଲିଖିତ ଦାବି କରିଛନ୍ତି।

## ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

**ଘେଁସ, ୪।୫(ସମିସ):** ବଡ଼ଜୋର ପେଟୁପାଲି ମଧ୍ୟସ୍ଥ ବରଗଛ ଛକ ଭାଗବତ ଗାଦିରେ ଆଞ୍ଚଳିକ ସତସଙ୍ଗ ଗୋଷ୍ଠୀ ତଥା ଶ୍ରୀ କ୍ରିଷ୍ଣା ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନରେ ତିଲେଇମାଲ ନିବାସୀ କୈଳାସ ସାହୁ ଏବଂ ତାଙ୍କ ପତ୍ନୀ ଉମା ସାହୁ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ଅଶ୍ୱିନୀ ସାବତ, ଟିକେଶ୍ୱର ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଝାଲପାଲି ଗ୍ରାମର ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ର ଗାୟିକା ଦୃପତି ଭୁଏ ଭାଗବତ ପାରାୟଣ କରିଥିଲେ। ବାଦ୍ୟଯନ୍ତ୍ରରେ ଏମସିର୍ଗିଡା ର ଭଗିରଥ ମେହେର, ନୀଳମଣି ଭୁଏ ସହଯୋଗ କରି ଥିଲେ। ଗଜରାଜ ମେହେର ସଭାପତିତ୍ୱ କରିଥିଲେ। ରମେଶ ବାରିକ, ଦିବ୍ୟ ତୁଳସୀ ରାମ ପଧାନ ମଞ୍ଚାସୀନ ଥିଲେ। ଦେଶବନ୍ଧୁ ବାରିକ (କେରମେଲୀ), ବଳରାମ ମେହେର (ବାତେର୍ମା) ବକ୍ତବ୍ୟ ଦେଇଥିଲେ। କମିଟି ସଭାପତି କମଳାକାନ୍ତ ଜାଲ, ସମ୍ପାଦକ ରକ୍ଷାକାରୀ ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା ପ୍ରମୁଖ ସହଯୋଗ କରିଥିଲେ।

## ସାମ୍ବାଦିକ ସୁରକ୍ଷା ନେଇ ଦାବିପତ୍ର

**ଭେଡେନ, ୪। ୫(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିୟନ ଭେଡେନ ଶାଖା ପକ୍ଷରୁ ସାମ୍ବାଦିକଙ୍କୁ ସମ୍ମାନ ସୁରକ୍ଷା ଏବଂ ପେନସନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭେଡେନ ଶାଖା ପକ୍ଷରୁ ମୁକୁନ୍ଦ ଷଡଙ୍ଗୀ, ଜ୍ୟୋତିରଞ୍ଜନ ମହାପାତ୍ର, ହୀରା ମହାକୁର ପ୍ରମୁଖ ଭେଡେନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ।



ଶୋଭାଯାତ୍ରାରେ ଭେଡେନ ଥାନାକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ସାମ୍ବାଦିକଙ୍କ ବୀମା ରାଶି ୫ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି କରିବା, ପେନସନ ବାବଦରେ ମାସକୁ ୨୫ହଜାର ପ୍ରଦାନ କରିବା, ସାମ୍ବାଦିକଙ୍କୁ ଆଶାଳୀନ ବ୍ୟବହାର କରୁଥିବା ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ଉପରେ ଦାବିପତ୍ର ପ୍ରଦାନ କରିଥିଲେ।

## ଅଗ୍ନିଶମ କର୍ମଚାରୀଙ୍କୁ ସମ୍ମାନ ଜଣାଇଲା ବରଗଡ଼ ମହିଳା ସମିତି

**ବରଗଡ଼, ୪। ୫(ସମିସ):** ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ ଅବସରରେ ବରଗଡ଼ ମହିଳା ସମିତି ଆଗ୍ନିକମାନଙ୍କୁ ସମ୍ମାନ ଜଣାଇଛି। ସମିତିର ସଦସ୍ୟା ବରଗଡ଼ ଅଗ୍ନିଶମ କେନ୍ଦ୍ରର ଯବାନମାନଙ୍କୁ ବନ୍ଦାପନା କରିବା ସହ ଫୁଲତୋଡା ଦେଇ ଓ ମିଷ୍ଟାନ୍ନ ଖୁଆଇ ଅଭିନନ୍ଦନ ଜଣାଇଥିଲେ। ସଭାନେତ୍ରୀ ମନ୍ଦାକିନୀ ପତି, ବରିଷ୍ଠ ସଦସ୍ୟା ମମତା ମିଶ୍ର, ଅତିରିକ୍ତ କେନ୍ଦ୍ର ଅଧିକାରୀ ରାମ କୁଜୁର, ଫାୟାର ଫାଇଟର ଅମରେଶ ପଢ଼ାନ, ମୋତିଲାଲ ଦାଶ, ବଶିଷ୍ଟ ଦଣ୍ଡସେନା, ମହିଳା ସମିତିର ସମ୍ପାଦିକା ରିନୁ ପତି, କୋଷାଧକ୍ଷା ତନୀମା ଦାଶ, ସଦସ୍ୟା ଅଞ୍ଜନା ଦାସ, ସୁଧାଂଶୁବାଳା ଦାଶ, ସରିତା ଦାଶ, ସବିତା ଗୁରୁ, ଦିବ୍ୟକାନ୍ତୀ ଭୋଇ, ମୀନା ପଣ୍ଡା, ବୀଣାପାଣି ଦାଶ, ମଞ୍ଜୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଭେଡେନ ମଧପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ହର୍ଟ ଇଲେଭେନ ବିକାଶ ବିଜୟୀ

**ଭେଡେନ, ୪।୫(ସମିସ)**

ଭେଡେନସ୍ଥିତ ବଜାର ପ୍ରାଙ୍ଗଣ ଖେଳପଡ଼ିଆରେ ଭେଡେନସ୍ଥିତ ମଧପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ଅକ୍ଷୟ ନାଏକ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ହର୍ଟ ଇଲେଭେନ ବିକାଶ ଓ ଏସଜି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏସଜି ୱାରିୟର ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦



ଓଭରରେ ସମସ୍ତ ଉଇକେଟ ହରାଇ ୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ହର୍ଟ ଇଲେଭେନ ବିକାଶ ୫ ଓଭରରେ ୩ ଉଇକେଟ ହରାଇ ୬୧ ରନ୍ କରି ବିଜୟୀ ହୋଇଥିଲା। ହର୍ଟ ଇଲେଭେନର ରମେଶ ବାଗ ମ୍ୟାନ ଅପ ଦ ମ୍ୟାଚ ବିବେଚିତ ହୋଇଥିଲେ। ପ୍ରସନ୍ନ ଦାଶ ଓ ଗୋବିନ୍ଦ ମେହେର ପରିଚାଳନା କରିଥିଲେ। ସ୍କୋରର ଭାବରେ ସଚ୍ଚିଦାନନ୍ଦ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।

## ୩୫ୟୁନିଟ ରକ୍ତ ସଂଗ୍ରହ

**ବରଗଡ଼, ୪।୫(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଗର୍ଭଣା ଗ୍ରାମର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ଭୋଇ, ଗୌରଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ପଧାନ ଫିତା କାଟି ଶୁଭାରମ୍ଭ କରିଥିଲେ। ୩୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଭଟଲିରେ ଅଭିଯୋଗ ଶୁଣାଣି ଶିବିର

**ଭଟଲି, ୪।୫(ସମିସ):** ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ, ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପଧାନ ଏବଂ ତହସିଲଦାର ରାମକୃଷ୍ଣ ମିଶ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ୪୦ଟି ବ୍ୟକ୍ତିଗତ, ୧୯ଟି ସାମୂହିକ ଅଭିଯୋଗ ଆସିଥିଲା।

## ସଂସ୍କୃତ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ

**ବରଗଡ଼, ୪। ୫(ସମିସ):** ବରଗଡ଼ରେ ସଂସ୍କୃତ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। କପିଳେଶ୍ୱର ବାଗ ଅଧକ୍ଷତା କରିଥିଲେ। ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧକ୍ଷ ଗୁରୁ ଡ. ପ୍ରମୋଦ ଦାଶ, ବିଶିଷ୍ଟ ସଂସ୍କୃତଜ୍ଞ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।

## ବରଗଡ଼ର ସମାଜସେବୀ ସମ୍ମାନିତ

ବରଗଡ଼, ୪। ୫(ସମିସ): ହରିଶଙ୍କର ପୀଠରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ଅବସରରେ ଭୁଲିଆ ସମାଜ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଅନ୍ନସେବା କେନ୍ଦ୍ରର ଅନ୍ତିମ ଦିବସରେ ବରଗଡ଼ର ବିଶିଷ୍ଟ ମହିଳା ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ସମ୍ମାନିତ କରାଯାଇଛି। ନରେଶ ମେହେର, ସାରଥୀ ମେହେର, ଅନୁପମା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗଜରାଜ ମେହେର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବରପାଲି ଶୀତଳଷଷ୍ଠୀ ପାଇଁ କଳାକାର ବରଣ

**ବରପାଲି, ୪। ୫(ସମିସ):** ବରପାଲି ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଜୋରଦାର ହେବାରେ ଲାଗିଛି। ଚଳିତ ବର୍ଷର ୧୪୯ତମ ଶୀତଳଷଷ୍ଠୀ ମହୋତ୍ସବରେ ତାଡ଼କାସୁର ଭୂମିକାରେ ଅଭିନୟ କରିବା ପାଇଁ ବରିଷ୍ଠ କଳାକାର ଜଗଦାନନ୍ଦ ମିଶ୍ରଙ୍କୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୀତଳଷଷ୍ଠୀ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଶ୍ରୀ ମିଶ୍ରଙ୍କ ଜନ୍ମମାଟି ଦେଓଗାଁ ଗସ୍ତ କରି ପାରମ୍ପରିକ ରୀତିନୀତି ଅନୁଯାୟୀ ତାଙ୍କୁ ବରଣ କରିଛନ୍ତି। ଶୀତଳଷଷ୍ଠୀ କମିଟିର ସଭାପତି ଆନନ୍ଦ ବାବୁଙ୍କ ସମେତ ପିନାକୀ ଦାଶ, ବାଳକୃଷ୍ଣ ପୂଝାରି, ରାଜିନ୍ଦ୍ର ପୂଝାରି, ପ୍ରଶାନ୍ତ ସାହୁ, ବିନୋଦାନନ୍ଦ ସାହୁ, ବୃଷଭାନୁ ସାହୁ, ସତ୍ୟନାରାୟଣ ପ୍ରଧାନ ଏବଂ ଫିରୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ଦାବିପତ୍ର

**ଝାରବନ୍ଧ, ୪।୫(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଲି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ବୈତାଲି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଏକ ଦାବିପତ୍ର ଦେଇଛନ୍ତି। ସଂକ୍ରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ବାରିକ ଏବଂ ତୁମୁରିପାଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରଣା, ବୈତାଲି ସ୍କୁଲର ପ୍ରଧାନ ଶିକ୍ଷକ ଜଗନ୍ନାଥ ପଧାନ ପ୍ରମୁଖ ଝାରବନ୍ଧ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଏବିଇଓ ଦୟାନିଧି କୈବର୍ତ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏବିଇଓ ବିଶିକେଶନ ଶତପଥୀ, ସିଆରସିସି ଗୋପାଳ ଚନ୍ଦ୍ର ହରିଜନ, ବିଷ୍ଣୁଚରଣ ସାହୁ, ଅକ୍ରୁର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୃସିଂହନାଥ ଗୋଣ୍ଡ ସମାଜର ସାଧାରଣ ବୈଠକ

**ପାଇକମାଳ, ୪।୫(ସମିସ):** ନୃସିଂହନାଥ ଗୋଣ୍ଡ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜରାଜ ସିଂ ପୁଟା ସଭାପତିତ୍ୱ କରିଥିଲେ। ଝାରବନ୍ଧ, ପଦ୍ମପୁର, ପାଇକମାଳ ବ୍ଲକରେ ଥିବା ସମାଜର ବିଭିନ୍ନ ସର୍କଲର ସଭାପତି, ସମ୍ପାଦକ, ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଭାଗବତିଆ ସିଂ ଦାଉ, ଭୋଳାନାଥ ଜଗତ, ରଞ୍ଜନ ମାଝୀ, ସତାରମାଝୀ, ଜୟ ସିଂ ଦାଉ, ବାବୁଲାଲ ଧରୁଆ, ନରସିଂହ ଧରୁଆ, ବସନ୍ତ ଧରୁଆ, ଶୁକଲାଲ ଦାଉ, ରୁକ୍ମଣ ଧରୁଆ, ବିଜୟ ସିଂ ଭୋଇ, ସଫେତ ସିଦାର, ଲକ୍ଷ୍ମୀଚନ ସିଦାର, କମାଲ ଲୋଚନ ଭୋଇ, ଜାଗଦେବ ଧରୁଆ, ଆନନ୍ଦ ଧରୁଆ, ଚଇତୁ ସିଂ ଦେଓ, ଦୀପାଞ୍ଜଳି ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଦେଇଥିଲେ।

**ଏମ୍‌କେସିଜି ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣା**

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ: ତଦନ୍ତ କରିବ ଯୁଗ୍ମ କମିଟି

ବ୍ରହ୍ମପୁର,୪।୫(ସମିସ)




ଏମ୍‌କେସିଜି ମେଡ଼ିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାରେ ଆଭ୍ୟନ୍ତରୀଣ ତଦନ୍ତ ଶେଷ ହୋଇ ଅଧୀକ୍ଷକଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ଏହି ଚୋରି ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲାପାଳ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଘଟଣାର ସଠିକ ତଦନ୍ତ କରିବାକୁ ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଚୋରି ଘଟଣାର ଯୁଗ୍ମ ତଦନ୍ତ ନିମନ୍ତେ ୫ଜଣିଆ କମିଟି କରାଯାଇଛି। କମିଟିରେ ରେଜିଷ୍ଟ୍ରାରଙ୍କ ସମେତ ସର୍ଜରୀ, ମେଡିସିନ ବିଭାଗର ମୁଖ୍ୟ, ଡ୍ରଗ୍ସ ଇନସପେକ୍ଟର ଗଞ୍ଜାମ-୧ ରହିଥିବା ଜଣାପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ କରି ୫ଦିନ ମଧ୍ୟରେ ରପୋର୍ଟ ପ୍ରସ୍ତୁତି କରାଯିବ। ଏହା ପରେ ଉକ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ କହିଛନ୍ତି। ଅନ୍ୟପକ୍ଷରେ ଗତ ମାସ ୨୨ତାରିଖରେ ଏମକେସିଜି ମେଡ଼ିକାଲର ମେଡ଼ିକାଲ ଷ୍ଟୋରରୁ ଚୋରି ହୋଇଥିବା ୨୧ଟି 'ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଡଷ୍ଟବିନରେ ପଡ଼ି ରହିବା ସହ ପ୍ରତିକୂଳ ପ୍ରଭାବ(ଅଧିକ ଟେମ୍ପରେଚର)ରୁ ସମସ୍ତ ଇଞ୍ଜେକ୍ସନ୍' ନଷ୍ଟ ହୋଇଛି। ତାହା ବର୍ତ୍ତମାନ ରୋଗୀଙ୍କ ଚିକିତ୍ସାରେ ଆଉ ବ୍ୟବହାର ହୋଇପାରିବ ନାହିଁ ବୋଲି ମେଡ଼ିକାଲ ଷ୍ଟୋର ଅଫିସର (ଏସଏମଓ) ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା କହିଛନ୍ତି। ଏପ୍ରିଲ ମାସ ୬ତାରିଖରେ ମେଡ଼ିସିନ ବିଭାଗର ରୋଗୀଙ୍କ ନିମନ୍ତେ ୟୁନିଟ୍‌ର ଦାୟିତ୍ୱରେ ଥିବା ନର୍ସିଂ ଅଫିସର ଜଣଙ୍କ ୩୦ଟି ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଇଣ୍ଡେନ୍ କରିଥିଲେ। ବିଭାଗରେ ଚିକିତ୍ସିତ ୫ଜଣ ରୋଗୀଙ୍କ ଚିକିତ୍ସାରେ ମୋଟ ୯ଟି ଇନସୁଲିନ ଇଞ୍ଜେକ୍ସନକୁ ବ୍ୟବହାର ହୋଇଥିବା ବେଳେ ରୋଗୀ ମେଡ଼ିକାଲରୁ ଡିସଚାର୍ଜ ପରେ ଏପ୍ରିଲ ୧୨ତାରିଖରେ ଅବଶିଷ୍ଟ ୨୧ ଇନସୁଲିନ ଇଞ୍ଜେକ୍ସନକୁ ଷ୍ଟୋରକୁ ଫେରସ୍ତ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ଇନସୁଲିନ ଇଞ୍ଜେକ୍ସନ ଗୁଡ଼ିକ ବ୍ୟବହାର ହୋଇ ଯାଇଥିବା ଭାବି ଏହାକୁ ଡଷ୍ଟବିନରେ ଫୋପାଡ଼ି ଦିଆଯାଇଥିବା ଫାର୍ମାସୀ ପକ୍ଷରୁ କୁହାଯାଇଥିଲା। ସୂଚନାଯୋଗ୍ୟ ଯେ, ଚଳିତମାସ ୨୨ତାରିଖରେ ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋର ଏକ ଡଷ୍ଟବିନରେ ମୋଟ ୨୧ଟି ଇଞ୍ଜେକ୍ସନ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଇଞ୍ଜେକ୍ସନ୍ ମୂଲ୍ୟ ୭୬୯ଟଙ୍କା ରହିଥିବା ଦେଖିବାକୁ ମିଳିଥିଲା। ମେଡ଼ିକାଲ ପକ୍ଷରୁ ପକ୍ଷରୁ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ୧୦୦ଏମଏଲ ଲୋକାଲ ପର୍ଚେଜ କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମରେ ଟାଇପ୍-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାମାନଙ୍କୁ ଏବଂ ଟାଇପ୍-୨ ମଧୁମେହରେ ପୀଡିତ ବୟସ୍କମାନଙ୍କୁ ଚିକିତ୍ସାରେ ବ୍ୟବହାର କରାଯାଏ।

**ଚିକିତ୍ସାରେ ଲାଗିବନି, ନଷ୍ଟ ହେଲା ସବୁ ଇଞ୍ଜେକ୍ସନ: ଏସ୍ଏମ୍ଓ**

**ଏମ୍‌କେସିଜିର ବିଭିନ୍ନ ୱାର୍ଡ ବୁଲିଲେ ରେଜିଷ୍ଟ୍ରାର**

# ଅନୁପସ୍ଥିତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି



ବ୍ରହ୍ମପୁର,୪।୫(ସମିସ): ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କିଛି ଦିନ ପୂର୍ବେ ରେଜିଷ୍ଟ୍ରାର ଭାବେ ଯୋଗ ଦେଇଥିବା ଡ଼. ଶ୍ୱେତ କୁମାର ଦାଶ ସୋମବାର ସକାଳୁ ମେଡ଼ିକାଲର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ମେଡ଼ିକାଲର ସର୍ଜରୀ, ମେଡ଼ିସିନ ଏବଂ ପ୍ରସୂତୀ ଓ ସ୍ତ୍ରୀ ରୋଗୀ ବିଭାଗର ବିଭିନ୍ନ ୟୁନିଟ ବିଲିବା ସହ ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟ ମେଡ଼ିକାଲର ବିଭିନ୍ନ ଅବ୍ୟବସ୍ଥା ଦେଖି ବହୁ କର୍ମଚାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ନିଜ ଭୁଲ ସୁଧାରିବା ସହ ଚିକିତ୍ସିତ ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ କରିବାକୁ ତାଗିଦ କରିଥିଲେ। ଡ଼. ଦାଶ ବିଭିନ୍ନ ୱାଡର୍ ବୁଲିବା ମଧ୍ୟରେ ରୋଗୀଙ୍କୁ ନିୟମିତ ବେଡ଼ସିଟ ପ୍ରଦାନ କରାଯାଉନଥିବା ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ତାହା କିଭଳି ଆଗାମୀ ଦିନରେ ସମାଧାନ ହେବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହା ସହ ପ୍ରସୂତୀ ଓ ସ୍ତ୍ରୀ ରୋଗୀ ବିଭାଗର ଜଣେ ଇନଚାର୍ଜି ନର୍ସିଂ ଅଫିସର କାର୍ଯ୍ୟ ସମୟରେ ଅନୁପସ୍ଥିତ ଥିବା ବେଳେ ଅନୁପସ୍ଥିତ କାରଣକୁ ନେଇ ରେଜିଷ୍ଟ୍ରାର ଉକ୍ତ ନର୍ସିଂ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ରେଜିଷ୍ଟ୍ରାର ଡ଼. ଦାଶ କେବଳ ମେଡ଼ିକାଲର ୱାଡର୍ ନୁହେଁ, ଜଣେ ସାଧାରଣ ଲୋକ ପରି ମେଡ଼ିକାଲ ପରିସରରେ ମଧ ଦୀର୍ଘ ସମୟ ବୁଲିଥିଲେ। ପରିସରରେ ଥିବା ଚା' ଖଟିରେ ଚା' ପିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚାନା କରିବା ସହ ସେମାନଙ୍କ ମତାମତ ସଂଗ୍ରହ କରିଥିବା ଜଣାପଡ଼ିଛି। ରେଜିଷ୍ଟ୍ରାରଙ୍କ ଏଭଳି କାର୍ଯ୍ୟକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଶଂସା କରାଯାଇଛି।

## ହାତୁଡ଼ିରେ ଆକ୍ରମଣ: ଜଣେ ଗିରଫ

ବ୍ରହ୍ମପୁର,୪।୫(ସମିସ): ବ୍ରହ୍ମପୁର ସହରର କାମ୍ପ ସାହି ଅଞ୍ଚଳରେ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ହାତୁଡ଼ିରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଟାଉନ ପୁଲିସ ଜଣେ ଦୁର୍ଦ୍ଦାନ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଜଣକ ହେଲେ କାମ୍ପ ସାହି ପ୍ରଥମ ଗଳିର ବି. ହରି ପ୍ରସାଦ (୪୯)। ସୂଚନାପ୍ରକାରେ, ୨ ତାରିଖ ଅପରାହ୍ନ ପ୍ରାୟ ୨ଟାରୁ ୩ଟା ମଧ୍ୟରେ କାମ୍ପ ସାହିର ବି. ଅନିଲ କୁମାର ସେହି ଅଞ୍ଚଳର ମନୋଜ ସାହୁଙ୍କ ଦୋକାନ ନିକଟରେ ଛିଡ଼ା ହୋଇଥିଲେ। ସେହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ବି. ହରି ପ୍ରସାଦ ଏକ ହାତୁଡ଼ି ଧରି ସେଠାରେ ପହଞ୍ଚିଥିଲେ । ସେ ଅନିଲଙ୍କୁ ଅଟକାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡ ଓ ଗୋଡ଼କୁ ହାତୁଡ଼ିରେ ପ୍ରହାର କରିଥିଲେ। ଏହି ଆକ୍ରମଣରେ ଅନିଲ ଗୁରୁତର ଭାବେ ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଯାଇଥିଲେ। ଘଟଣାକୁ ନେଇ ଅନିଲ ଅଭିଯୋଗ କରିବା ପରେ ଟାଉନ ଥାନାରେ ଏକ ମାମଲା( ୧୬୫/୨୬) ରୁଜୁ ହୋଇଥିଲା। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନରୁ ପାରିବାରିକ ବିବାଦ ଲାଗି ରହିଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା। ଆଜି ଅଭିଯୁକ୍ତ ହରିପ୍ରସାଦଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଘଟଣାରେ ବ୍ୟବହୃତ ହାତୁଡ଼ିଟିକୁ ପୁଲିସ ଜବତ କରିଛି। ଗିରଫ ହରି ପ୍ରସାଦ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ନାମରେ ପୂର୍ବରୁ ବ୍ରହ୍ମପୁର ଟାଉନ ଥାନାରେ ୩ଟି ଗୁରୁତର ମାମଲା ରହିଛି।

## ଅଜଣା କାର୍ ଧକ୍କାରେ ଜଣେ ମୃତ

ବ୍ରହ୍ମପୁର,୪।୫(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ ରବିବାର ରାତ୍ର ପ୍ରାୟ ୮ ଟା ସମୟରେ ଅଜଣା କାର ଧକ୍କାରେ ଜଣକ ମୃତ୍ୟୁ ହୋଇଛି। ମୃତକ ଜଣକ ବ୍ରହ୍ମପୁର ଆଙ୍କୁଲି ଅଂଚଳର ଅମରେନ୍ଦ୍ର ମହାନ୍ତି ବୟସ ପ୍ରାୟ ୬୫ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ ବ୍ରହ୍ମପୁର ଆଙ୍କୁଲି ଅଂଚଳର ଅମରେନ୍ଦ୍ର ମହାନ୍ତି ଓ ସମ୍ପର୍କୀୟ ସହିତ ରବିବାର ରାତ୍ର ପ୍ରାୟ ୮ ଟା ସମୟରେ ବାଇକ ନମ୍ବର ଓଡ଼ି ୦୫ ଏ ୩୦୯୭ରେ ପଛପଟ ବସି ପୋକଡିବନ୍ଧ ଛକ ଠାରୁ ଘରକୁ ଫେରୁଥିବା ବେଳେ ଡୁରା ଓଭରବ୍ରିଜ ନିକଟରେ ଥିବା ଏକ ଢ଼ାବା ନିକଟରେ ଏକ ଅଜଣା କାର ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ବାଇକ ଚାଳକ ଚାଳକ ସହ ଅମରେନ୍ଦ୍ର ତଳେ ପଡି ଯାଇ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲ ନେଉଥିବା ବେଳେ ଅମରେନ୍ଦ୍ରଙ୍କ ମୃତ ହୋଇଥିବା ବେଳେ ବାଇକ ଚାଳକ ମେଡିକାଲରେ ଚିକିତ୍ସାଧିନ ଥିବା ପୁଅ ଶିବ ଶଙ୍କର ମହାନ୍ତି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୪୫/୨୬ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣା ସ୍ଥଳକୁ ଯାଇ ସିସି ଫୁଟେଜ ଯାଞ୍ଚ କରିଥିବା ପୁଲିସ କହିଛି।

**ସାମନ୍ତରାୟ ଏକାଡେମୀର ସଫଳତା**

# ଜାତୀୟ ଟେରିଟୋରିଅଲ୍ ଆର୍ମି ଅଫିସର ଚୟନରେ ପ୍ରଥମ ୧୪ ଭିତରେ ଓଡ଼ିଆ ପୁଅ




ବ୍ରହ୍ମପୁର,୪।୫(ସମିସ): ସର୍ବଭାରତୀୟ ସ୍ତରରେ ଆୟୋଜିତ ଟେରିଟୋରିଆଲ ଆର୍ମି ଅଫିସର ଚୟନ ପ୍ରକ୍ରିୟାରେ ଓଡିଶାର ଯୁବ ପ୍ରତିଭା ସାଗର ଧଳ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ସେ ପ୍ରଥମ ୧୪ଜଣ କୃତି ପରୀକ୍ଷାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ଚୟନ ପ୍ରକ୍ରିୟା ଦେଶର ସବୁଠୁ କଠିନ। ଏହାର ଲିଖିତ ପରୀକ୍ଷା, ଇଣ୍ଟରଭ୍ୟୁ ଓ ଶାରୀରିକ ପରୀକ୍ଷା ଭଳି ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରି ସାଗର ଧଳ ଏହି ଗୌରବମୟ ସଫଳତା ହାସଲ କରିଛନ୍ତି। ସାଗରଙ୍କ ଏହି ଉପଲବ୍ଧି କେବଳ ତାଙ୍କର ପରିବାର ପାଇଁ ନୁହେଁ, ସମଗ୍ର ଓଡିଶା ପାଇଁ ଗର୍ବର କଥା। ତାଙ୍କର ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଙ୍କଳ୍ପ ଯୁବପିଢ଼ି ପାଇଁ ଏକ ପ୍ରେରଣା ହିସାବରେ ପ୍ରତିଷ୍ଠିତ ହୋଇଛି। ସାଗର ଧଳଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଉଛି। ଆଗାମୀ ଦିନରେ ସେ ଦେଶସେବାରେ ଆହୁରି ଉଚ୍ଚ ସିଖର ସ୍ପର୍ଶ କରିବେ ବୋଲି ଆଶା ପ୍ରକାଶ ପାଇଛି। ସାଗର ବ୍ରହ୍ମପୁର ସ୍ଥିତ ସାମନ୍ତରାୟ ଏକାଡେମୀର ଛାତ୍ର। ଏକାଡେମୀରେ ପ୍ରଶିକ୍ଷଣ ନେବା ବେଳେ ଅନେକ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଇ ଉଭୟ ସଫଳତା, ଅସଫଳତାର ମିଶ୍ରିତ ଫଳ ଓ କଠିର ପରିଶ୍ରମକୁ ପାଥେୟ କରି ଏକାଡେମୀରେ ମିଳୁଥିବା ଉଚିତ ପ୍ରଶିକ୍ଷଣ ଓ ପ୍ରେରଣା ହିଁ ତାଙ୍କ ସଫଳତାର ରହସ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ସମ୍ୟକ ଅସଫଳତାରେ ବିବ୍ରତ ନ ହୋଇ ଏକାଡେମୀର ମାର୍ଗଦର୍ଶନରେ ଧର୍ଯ୍ୟର ସହ ପ୍ରସ୍ତୁତି ଜାରି ରଖି ସଫଳତା ହାସଲ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଏହି ପରିପେକ୍ଷୀରେ ଏକାଡେମୀରେ ଏକ ସମ୍ବର୍ଦ୍ଧନା ସଭାରେ ସାଗରଙ୍କୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ଫଳାଫଳ ଭାରତୀୟ ସେନାରେ ଅଫିସର ପଦ ପାଇଁ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ।

# ଏମ୍‌କେସିଜି ରେଡିଓଲୋଜି ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର,୪।୫(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରେଡିଓଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଏମ. ଭି. କେ. ରାଓଙ୍କ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ବିଭାଗ ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରେଡିଓଗ୍ରାଫର ଗଣେଶ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଡା. ରାଓ ଦୀର୍ଘ ୨୩ ବର୍ଷ ଧରି ଏମକେସିଜି ମେଡ଼ିକାଲରେ କାର୍ଯ୍ୟ କରିଥିବା ବେଳେ ମେଡ଼ିକାଲ ଓ ରୋଗୀଙ୍କ ପ୍ରତି ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଫେସର ରାଓ ଏପ୍ରିଲ ୩୦ ତାରିଖରେ ୬୫ବର୍ଷ ବୟସରେ ଅବସର ନେଇଥିଲେ। ଡାକ୍ତର ରାଓଙ୍କ ଅବସର ପରେ ଏମକେସିଜି ମେଡ଼ିକାଲ ସର୍ଜରୀ ବିଭାଗର ପ୍ରଫେସର ଡା. ମନୋଜ କୁମାର ସେଠୀଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ସଭାରେ ବିଭାଗର ସହକାରୀ ପ୍ରଫେସର ଡା. ସୁନୀଲ ପ୍ରଧାନ, ଡା. ଦିନେଶ ଶାସମଲ, ଡା. ରୂପକ ପଣ୍ଡା, ଡା. ଚିନ୍ମୟୀ ଆପଟ, ଡା. ଲିପିପୁଷ୍ପା ମହାପାତ୍ର, ଡା. ଫାଗୁନ ହାଁସଦା, ଡା. ଶିବଦତ୍ତ, ବରିଷ୍ଠ ରେଡିଓଗ୍ରାଫର ରଶ୍ମିତା ପାଣିଗ୍ରାହୀ, ଶୁଭ୍ରା ପଣ୍ଡା, ଶିବରାମ ପ୍ରଧାନ, ଭଜରାମ ପ୍ରଧାନ, ସ୍ମରଣ ପଣ୍ଡା, ସୋମନାଥ ବାରଦା, ଅନିଲ କୁମାର ସେଠୀ ଓ ମହେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତି ରହି ପ୍ରଫେସର ରାଓଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସୁସ୍ଥ ଅବସର ଜୀବନ କାମନା କରାଯାଇଥିଲା।

## ବୃଦ୍ଧାଙ୍କୁ ଆକ୍ରମଣ ଓ ଘର ଭଙ୍ଗାରୁଜା; ୨ ଭାଇ ଗିରଫ

ବ୍ରହ୍ମପୁର,୪।୫(ସମିସ): ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଘରେ ଭଙ୍ଗାରୁଜା କରିବା ଅଭିଯୋଗରେ ପୁଲିସ ଦୁଇଜଣ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢାମଣା ସାହିର କେ. ସୁନୀଲ ପାତ୍ର (୧୯) ଏବଂ କେ. ଦଣ୍ଡ ପାତ୍ର (୨୪) । ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଢାମଣା ସାହିର ବୃଦ୍ଧା ମହିଳା କେ. ମାଙ୍ଗାମା ପାତ୍ରଙ୍କ ଦୁଇ ପୁଅ ଘରେ ନଥିବା ବେଳେ ତାଙ୍କ ପଡ଼ୋଶୀ କେ. ଦଣ୍ଡ ପାତ୍ର, କେ. ସୁନୀଲ ପାତ୍ର, କେ. ଜାନକୀ ପାତ୍ର ଓ କେ. କଳ୍ପନା ପାତ୍ର ଜୋରଜବରଦସ୍ତ ତାଙ୍କ ଘରେ ପଶିଥିଲେ। ମାଙ୍ଗାମା ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ତାଙ୍କ ବେକ ଚିପି ଧରିବାରୁ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ । ସେହି ସମୟରେ ତାଙ୍କୁ ବଞ୍ଚାଇବାକୁ ଆସିଥିବା ଡି. ଶିବ ଶଙ୍କର ପାତ୍ରଙ୍କୁ ମଧ ଅଭିଯୁକ୍ତମାନେ ଆକ୍ରମଣ କରି ଆହତ କରିଥିଲେ। ଘଟଣାକୁ ନେଇ ମାଙ୍ଗମା ଲିଖିତ ଅଭିଯୋଗ କରିବା ପରେ ଥାନାରେ ମାମଲା(୧୫୯/୨୬) ରୁଜୁ ହୋଇଥିଲା। ଆଜି ଅଭିଯୁକ୍ତ ସୁନୀଲ ଓ ଦଣ୍ଡଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଗୋଷାଣୀନୂଆଗାଁ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି ।

## ଷ୍ଟାର୍ ଲାଇଟ୍ସ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା




ବ୍ରହ୍ମପୁର,୪।୫(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଷ୍ଟାର୍ ଲାଇଟ୍ସ ଡ୍ୟାନ୍ ଷ୍ଟଡିଓ ପକ୍ଷରୁ ହୁନୋର୍ କିଡ୍ସ ସିଜନ୍-୪ ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗୀତା ସମେତ ହୁନୋର୍ ଶିଶୁ କଳାକାର ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଛି। ନୃତ୍ୟ ଗୁରୁ କେ .ଦିଲ୍ଲୀପ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଅତିଥି ଭାବେ ଅଧ୍ୟକ୍ଷା ସମଲେଇ ମହାରଣା, ନୃତ୍ୟଗୁରୁ କ୍ରିଷ୍ଣା ରେଡ୍ଡୀ ଓ ସାମ୍ବାଦିକ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ବିଚାରକ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ ଉପସ୍ଥିତ ଥିବା ବେଳେ ଶିବାନନ୍ଦ ଓ ସୁନନ୍ଦା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶେଷରେ ନୃତ୍ୟ ଓ କୌତୁକ ପୋଷାକର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଯୌତୁକ ନିର୍ଯାତନା ମାମଲା**

# ସ୍ୱାମୀକୁ ଜେଲ୍ ଦଣ୍ଡ

ବ୍ରହ୍ମପୁର,୪।୫(ସମିସ): ବ୍ରହ୍ମପୁର ଆସିଷ୍ଟାଣ୍ଟ ସେସନ ଜଜ(ସ୍ୱତନ୍ତ୍ର ଟ୍ରାକ କୋର୍ଟ) ସୌଦାମିନୀ ସିଂ ଏକ ଯୌତୁକ ଜନିତ ନିର୍ଯାତନା ମାମଲାର ପ୍ରମାଣ ଆଧାରରେ ଅଭିଯୁକ୍ତ ଆସିକା ଖମ୍ବେଶ୍ୱରୀ ପାଟଣାର ତୁଫାନ ଗୌଡ଼ (୫୩)ଙ୍କୁ ୩ବର୍ଷ ୬ମାସ ଜେଲ ଦଣ୍ଡିତ କରିଛନ୍ତି। ସେହିପରି ଜରିମାନା ବାବଦକୁ ୧୦ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ଅତିରିକ୍ତ ୪ମାସ ଜେଲ ଦଣ୍ଡ ଭୋଗ କରିବେ ବୋଲି ମଧ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ତୁଫାନ ଗୌଡ଼ ୨୦୧୧ ମସିହାରେ ସୁଚିତ୍ରା ଗୌଡ଼ଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବି କରି ସେ ତାଙ୍କ ସ୍ତ୍ରୀ 'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବାପା ଘର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ସେ ତାଙ୍କ ବାପାଙ୍କୁ ଶଶୁର ଘର ଦାବି ମୁତାବକ ଅଧିକ ଟଙ୍କା ମାଗି ପାରୁନଥିଲେ। ସେ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକଙ୍କ ନିର୍ଯାତନା ସହ୍ୟ କରୁଥିଲେ। ଗତ ୨୦୧୯ ମସିହା ମଇ ମାସ ସାବିତ୍ରୀ ଅମାବାସ୍ୟାରେ ସୁଚିତ୍ରାଙ୍କୁ ତାଙ୍କ ସ୍ୱାମୀ ଜୀବନରେ ମାରିଦେବା ଉଦ୍ଦେଶରେ ଏକ ହାତୁଡ଼ିରେ ଆକ୍ରମଣ କରିଥିଲେ। ମହିଳାଙ୍କ ମୁଣ୍ଡ ଫାଟି ଯାଇ ସେ ଗୁରୁତର ହୋଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକ ସୁଚିତ୍ରାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକଲରେ ଭର୍ତ୍ତି କରିଥିଲେ। ପରେ ପରିବାର ଲୋକ ଏନେଇ ୨୦୧୯ ଜୁନ ୧ ତାରିଖରେ ବ୍ରହ୍ମପୁରରେ ଥିବା ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୩୫/୧୯ ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଅଞ୍ଜଳି ବିଶ୍ୱାଳ ଅଭିଯୁକ୍ତ ତୁଫାନ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୫ମାସ ପରେ ସେ ଜାମିନରେ ମୁକୁଳିଥିଲେ। ଉକ୍ତ ମାମଲାର ବିଚାରଣା ବେଳେ ଅଭିଯୁକ୍ତ ତୁଫାନ କୋର୍ଟରେ ହାଜର ନହେବାରୁ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ପୁଲିସ ତାଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାର ବିଚାରଣା ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପିପି ମମତା ରାଣୀ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

**ସିଂହଦ୍ୱାର ମୁଖଶାଳା ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ**

# ପ୍ରଥମ ଦିବସରେ ୫ ହଜାର ଭକ୍ତଙ୍କ ସମାଗମ

ବ୍ରହ୍ମପୁର,୪।୫(ସମିସ)



ସ୍ଥାନୀୟ ଗଜପତିନଗର ଓ ବାସୁଦେବନଗର ହନୁମାନ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ଦିରର ସିଂହଦ୍ୱାର ମୁଖଶାଳା ଓ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପ୍ରଥମ ଦିବସ। ଦୀର୍ଘ ୪ଦିନ ଧରି ଆୟୋଜିତ ହେବାକୁ ଥିବା ଉତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କ ସମେତ ତାଙ୍କର ପ୍ରତିନିଧି ପ୍ରଦୀପ ନାୟକ ଓ ଶିବ ଦାଶ ଉପସ୍ଥିତ ଥିଲେ।

**ଉତ୍ସବରେ ବିଧାୟକ ଅନୀଲ କୁମାରଙ୍କ ଯୋଗଦାନ, ମନ୍ଦିରର ଉନ୍ନତି ପାଇଁ ଦେଲେ ପ୍ରତିଶ୍ରୁତି**

ମନ୍ଦିର ପରିଦର୍ଶନ ସହିତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ବିଧାୟକ ଅନୀଲ କୁମାର ସନ୍ତୋଷ ପ୍ରକାଶ କରିଥିଲେ। ଉନ୍ନୟନ କାର୍ଯ୍ୟ ପାଇଁ ବିଧାୟକ ନିଜ ହାତ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ବେଳେ ଆଗକୁ ଆବଶ୍ୟକତା ଅନୁଯାୟୀ ଅଧିକ ଆର୍ଥିକ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଥମ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ଘୃତ ଯଜ୍ଞ, ନାମ ଯଜ୍ଞ ଓ ଅନ୍ନଯଜ୍ଞର ମଧ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରାୟ ୫ହଜାରରୁ ଉଦ୍ଧ୍ୱର୍ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଯାହା ଆଗାମୀ ଦୁଇଦିନ ଧରି ଜାରି ରହିବ ବୋଲି ଉତ୍ସବ ଆୟୋଜନ କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ୱାର୍ଡ ନମ୍ବର ୩୫ ତଥା ସ୍ଥାନୀୟ କର୍ପୋରେଟର ସମୀର ମିଶ୍ର ଓ କମିଟିର ଆବାହକ ରାଜେନ୍ଦ୍ର କୁମାର ପଣ୍ଡା ସଂଯୋଜନା କରୁଥିବା ବେଳେ ଏଥିରେ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବର୍ତ୍ତମାନର ସଭାପତି ବିନୋଦ ମହାପାତ୍ର, ସମ୍ପାଦକ ଶରତ ମହାପାତ୍ର, କୋଷାଧ୍ୟକ୍ଷ ଅନନ୍ତ ପଣ୍ଡା, ପୂର୍ବତନ ସମ୍ପାଦକ ନିରଞ୍ଜନ ଦାଶ ଓ ରାମ ମୋହନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ କମିଟିର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ସକ୍ରିୟ ସାମିଲ ହୋଇଥିଲେ। ଆସନ୍ତା ୬ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ମହାଯଜ୍ଞରେ ଘୃତଯଜ୍ଞ ସହ ଗୀତାଯଜ୍ଞ ଓ ନାମଯଜ୍ଞର ଆୟୋଜନ କରାଯାଉଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମର ସଫଳତା ପାଇଁ ସମଗ୍ର ସହରବାସୀ ଓ ଆଖପାଖର ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ଶ୍ରୀକ୍ଷେତ୍ର ସିଟି

୪/୫/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୮,୩୦୧/- ସୁନା:୦୦.୯୫୦ ଗ୍ରାମ୍ ରୁପା: ୭୨.୯୦୦ ଗ୍ରାମ୍



● ପାଞ୍ଜି ସମୀକ୍ଷକଙ୍କ ଅଭିଯୋଗ

## ମୁକ୍ତିମଣ୍ଡପ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ତ୍ରୁଟି

ପୁରୀ,୪ା୫(ସମିସ): ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ତ୍ରୁଟିଶୂନ୍ୟ ବୋଲି ବିବେଚନା କରାଯାଏ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସକ ଏକାଧିକଥର ପଞ୍ଜିକା ସମୀକରଣ ବୈଠକ ଡାକିଥାଏ। ତିଥି ବାରରେ ଯେପରି କୌଣସି ପ୍ରକାର ଅମେଳ ହେବ ନାହିଁ ତାହା ଉପରେ ଜୋର୍ ଦିଆଯାଏ। ହେଲେ କ୍ରମାଗତ ଭାବେ ଗାଣିତ୍ୟିକ ଓ ବ୍ୟବସ୍ଥାଗତ ତ୍ରୁଟି ଏହାକୁ ଅନୁସରଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ଧାର୍ମିକ ସଂକଟରେ ପକାଉଛି ବୋଲି ଅଭିଯୋଗ କରିଛନ୍ତି ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର। ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ସାଂଘାତିକ ତ୍ରୁଟି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର କହିଛନ୍ତି, ପ୍ରଥମତଃ ମୁକ୍ତିମଣ୍ଡପ ପଣ୍ଡିତ ସଭା ୪ଟି ପଞ୍ଜିକାକୁ ସ୍ୱୀକୃତି ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ଅନେକ ତଥ୍ୟଗତ ଅମେଳ ରହୁଛି। ବିଷ୍ଣୁ ପୁରାଣରେ ସୂର୍ଯ୍ୟଙ୍କ ଶୀର୍ଷ ରେଖା ଦର୍ଶନ ଓ ଅପସାରଣକୁ ଯଥାକ୍ରମେ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ସମୟ ନିର୍ଦ୍ଧାରଣକୁ ଏଡ଼ାଇ ଉକ୍ତ ପଞ୍ଜିକାମାନଙ୍କରେ ମଧ୍ୟବିନ୍ଦୁ ଦର୍ଶନ ଓ ଅପସାରଣକୁ ତାହା ନିର୍ଣ୍ଣୟ ହେବା ଜନ୍ମ ଜାତକ ଓ ପୁଷ୍କର ଦୋଷକୁ ତ୍ରୁଟିଯୁକ୍ତ କରାଉଛି। ପୁନଶ୍ଚ ବିବାହ ବ୍ରତାଦି ମାଙ୍ଗଳିକ କାର୍ଯ୍ୟଦିବସ ନିର୍ଣ୍ଣୟରେ ପାରସ୍ପରିକ ତ୍ରୁଟି ଲୋକଙ୍କୁ ବିଭ୍ରାନ୍ତ କରାଉଛି। ଉଦାହରଣ ସ୍ୱରୂପ ଗତ ୩ ତାରିଖ ରବିବାର ଯୋଗୁଁ ପଣ୍ଡିତ ସର୍ବସ୍ୱର ୨୭୧ ପୃଷ୍ଠାର ନିର୍ଣ୍ଣୟ ମତେ କୌଣସି ପଞ୍ଜିକାରେ ଗୃହ ପ୍ରବେଶ ତିଥି ନିର୍ଦ୍ଧାରିତ ହୋଇ ନ ଥିଲା। କିନ୍ତୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଏହା ରହିଥିବାରୁ ଅନେକେ ତାହାକୁ ବିଶ୍ୱାସ କରି ଗୃହ ପ୍ରବେଶ କରିଛନ୍ତି, ଯାହାକି ଧାର୍ମିକ ଦୃଷ୍ଟିରୁ ଠିକ୍ ନୁହେଁ। ଏଭଳି ଅନେକ ତ୍ରୁଟି ସହ ତିଥି ବ୍ୟାପ୍ତିରେ ଅମେଳ ଯୋଗୁଁ ଲୋକଙ୍କୁ ଧାର୍ମିକ ନିର୍ଣ୍ଣୟ ଦେବାରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ମୁକ୍ତିମଣ୍ଡପ ପଣ୍ଡିତ ସଭା ପଞ୍ଜିକା ସ୍ୱୀକୃତି ଦେବା ପାଇଁ କୌଣସି ବାଧ୍ୟବାଧକତା ନ ଥିବାବେଳେ କିଛି ଲୋକଙ୍କ ସ୍ୱାର୍ଥ ସାଧନ ନିମନ୍ତେ ସାମଗ୍ରିକ ଭାବେ ପଣ୍ଡିତସଭା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ନିନ୍ଦିତ ହେଉଛନ୍ତି ବୋଲି ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର କହିଛନ୍ତି। ତେବେ ଏହି ଅଭିଯୋଗ ସଂକ୍ରାନ୍ତରେ ମୁକ୍ତିମଣ୍ଡପ ପଣ୍ଡିତସଭା ସଭାପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

କଣାସରେ ଦୁର୍ବୃତ୍ତଙ୍କ ବର୍ବରକାଣ୍ଡ

# ପୁଲିସ ବ୍ୟବସ୍ଥାକୁ ଶକ୍ତ ଚାପୁଡ଼ା

ପୁରୀ,୪ା୫(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାର ଆଉ ଏକ ଲୋମଟାଙ୍କୁରା ଚିତ୍ର ସାମ୍ନାକୁ ଆସିଛି। ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଜଣେ ଯୁବକଙ୍କୁ ଦିନ ଦ୍ୱିପ୍ରହରରେ ରାସ୍ତା ଉପରେ ମାଛକଟା ପନିକିରେ ହାଣିବା ପରେ ମଧ୍ୟ ଦୁର୍ବୃତ୍ତଙ୍କ ରାଗ ଶାନ୍ତ ପଡ଼ି ନ ଥିଲା। ୩ ଜଣ ଦୁର୍ବୃତ୍ତ ବୁଲେଟ୍ ଗାଡ଼ିରେ ବସି ଗୁରୁତର ଆହତ ଯୁବକଙ୍କ ବେକ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏହି ବର୍ବର କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳୁଛି, ଜଣେ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ି ଛଟପଟ ହେଉଛନ୍ତି। ତାଙ୍କ ଦେହରେ ଏକାଧିକ ସ୍ଥାନରେ ପନିକି ଚୋଟର ଚିହ୍ନ। ଠିକ୍ ସେତିକିବେଳେ ପ୍ରଥମେ ଦୁଇଜଣ ଯୁବକ ଏକ ସ୍କୁଟିରେ ଆସିଥିଲେ। ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଯୁବକଙ୍କ ମୁହଁକୁ ଗୋଇଠା ମାରୁଛନ୍ତି। ଏହାପରେ ୩ ଜଣ ଯୁବକ ଗୋଟିଏ ବୁଲେଟ୍‌ରେ ଆସି ତାଙ୍କ ବେକ ଉପରେ ଗାଡ଼ି ଚଢ଼ାଇ ଦେଉଛନ୍ତି। ଆଖପାଖରେ କିଛି ଲୋକ ଠିଆ ହୋଇ ଦେଖୁଥିଲେ ମଧ୍ୟ ଭୟରେ କେହି ଅଟକାଇବାକୁ ସାହସ କରୁନାହାନ୍ତି। ଘଟଣା ପରେ ଦୁର୍ବୃତ୍ତ ବୁଲେଟ୍ ଧରି ଫେରାର୍ ହୋଇ ଯାଉଛନ୍ତି। ଗଲାବେଳେ ଘଟଣା ସମ୍ପର୍କରେ କେହି ସାକ୍ଷୀଦେଲେ ସେ ହଣା ଖାଇବ ବୋଲି ଧମକ ମଧ୍ୟ ଦେଇଥିଲେ। ମରଣାନ୍ତକ ଆକ୍ରମଣର ଶିକାର ଯୁବକ ହେଉଛନ୍ତି ଦୋକନ୍ଦା ଗାଁର ମୃତ୍ୟୁଞ୍ଜୟ ଭାରିମଲ। ସେ ଶନିବାର ସକାଳ ସାଢ଼େ ୮ଟାରେ କଣାସ ଗୋଲାବଜାର ମାଛ ମାର୍କେଟକୁ ମାଛ କିଣିବାକୁ



ଆସିଥିଲେ। ପୂର୍ବରୁ ଛକି ରହିଥିବା ୫ ଅଭିଯୁକ୍ତ ମାଛ ପନିକି ଆଣି ତାଙ୍କୁ ହାଣିଥିଲେ। ଅଧଘଣ୍ଟାଏ ଧରି ବିଚ୍ ରାସ୍ତାରେ ଆତଙ୍କ ଖେଳାଇ ମୃତ୍ୟୁଞ୍ଜୟଙ୍କୁ କଲବଲ କରି ଗାଡ଼ି ଚଢ଼ାଇ ନିଜ ଦାଦାଗିରିକୁ ଜାହିର୍ କରିଥିଲେ। ବହୁ ସଂଖ୍ୟାରେ ଲୋକ ଏହା ଦେଖୁଥିଲେ ମଧ୍ୟ କେହି ହସ୍ତକ୍ଷେପ କରିବାକୁ ସାହସ କରି ନ ଥିଲେ। କଣାସ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଏଭଳି ଆତଙ୍କ ଖେଳାଇଥିଲେ ଦୁର୍ବୃତ୍ତ। ମୃତ୍ୟୁଞ୍ଜୟଙ୍କ ଡାହାଣ ହାତ ଏବଂ ଡାହାଣ ଗୋଡ଼ ଆଣ୍ଠୁ ତଳକୁ କଟିଯାଇଛି। ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

କଣାସ ଘଟଣା କେବଳ ପୁରୀ ପୁଲିସ ନୁହେଁ ରାଜ୍ୟ ପୁଲିସ ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି। ଦିନ ଦ୍ୱିପ୍ରହରରେ ଅପରାଧ ଘଟାଇବାକୁ ଡରୁନାହାନ୍ତି

### ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

ଦୁର୍ବୃତ୍ତ। କେବଳ ପୁରୀ ଜିଲ୍ଲାରେ ନୁହେଁ, ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାରେ ପ୍ରତିଦିନ ଲୋମଟାଙ୍କୁରା ଅପରାଧର ଚିତ୍ର ସାମ୍ନାକୁ ଆସୁଛି। ପୁରୀ ଭଳି ତୀର୍ଥ ଓ ପର୍ଯ୍ୟଟନ ସହରରେ ରଥଯାତ୍ରା ପୂର୍ବରୁ ଏଭଳି ଘଟଣା ପୁଲିସର ଗୁଇନ୍ଦା ବିଫଳତା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ପଦାରେ ପକାଇଛି। ଦିନରେ ଭିଡ଼ ଭିତରେ ଯଦି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇ ଖସିଯାଇପାରୁଛନ୍ତି, ତେବେ ସାଧାରଣ ଲୋକଙ୍କ ସୁରକ୍ଷା କେଉଁଠି?

ବୁଦ୍ଧିଜୀବୀ ସନ୍ତୋଷ ପରିଡ଼ାଙ୍କ ମତରେ ଭିଡିଓରେ ଯେଉଁ ନୃଶଂସତା ଦେଖାଯାଉଛି ତାହା ଆଫଗାନିସ୍ତାନ-ସିରିଆର ଦୃଶ୍ୟକୁ ମନେ ପକାଉଛି। ଅପରାଧୀଙ୍କ ମନରେ ପୁଲିସର ଭୟ ନାହିଁ। ଥାନାରେ ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତେଣୁ ଦୁର୍ବୃତ୍ତମାନେ ବେଫିକର। ଅନ୍ୟଜଣେ ବୁଦ୍ଧିଜୀବୀ ପ୍ରଭାତ ସାହୁ କହିଛନ୍ତି, ରାଜ୍ୟରେ ପୁଲିସ ଏବେ ଶାସକ ଦଳର କର୍ମୀ ଭଳି କାମ କରୁଛି। ଅପରାଧ ରୋକିବା ବଦଳରେ ରାଜନୈତିକ ବିରୋଧୀଙ୍କୁ ଦମନ କରିବାରେ ବ୍ୟସ୍ତ। କଣାସ ଘଟଣା ତା'ର ଉଦାହରଣ। ସବୁଠୁ ବଡ଼ କଥା ହେଉଛି ଗଣମାଧ୍ୟମ ସମ୍ମୁଖରେ ସ୍ଥାନୀୟ ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଛନ୍ତି, ଉଭୟ ହେଉଛନ୍ତି ପେସାଦାର ଅପରାଧୀ। ଉଭୟପକ୍ଷଙ୍କ ମଧ୍ୟରେ ଜେଲ୍‌ରେ ବିବାଦ ଥିଲା। ସେହି ରାଗ ରଖି ଏହି ଘଟଣା ଘଟିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜେଲ୍‌ରେ ଯଦି ଉଭୟଙ୍କ ମଧ୍ୟରେ ବିବାଦ ଥିଲା ପୁଲିସ ନିଶ୍ଚିତ ଅବଗତ ଥିବ। ତେଣୁ ସେମାନଙ୍କ ଉପରେ ପୁଲିସର ନଜର ନ ଥିଲା କିପରି? ରଥଯାତ୍ରା ପାଇଁ ସାରା ବିଶ୍ୱର ନଜର ଏବେ ପୁରୀ ଉପରେ। ଏଭଳି ସମୟରେ ଆଇନ ଶୃଙ୍ଖଳାର ଏହି ଚିତ୍ର କେବଳ ପୁରୀ ନୁହେଁ, ସମଗ୍ର ଓଡ଼ିଶାର ଛବିକୁ ମଳିନ କରୁଛି। ରାଜ୍ୟରେ 'ଆଇନ ଶୃଙ୍ଖଳା ରସାତଳଗାମୀ' ବୋଲି ବିରୋଧୀ ଯେଉଁ ଅଭିଯୋଗ କରୁଛନ୍ତି ଏହି ଘଟଣା ତାକୁ ଅଧିକ ସ୍ପଷ୍ଟ କରୁଛି। ଅନ୍ୟପକ୍ଷରେ କଣାସ ଅମାନବିକ ଘଟଣାରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରିଛନ୍ତି ବିଶ୍ୱରଞ୍ଜନ ବିଶ୍ୱାଳ।

## ଚଢ଼ଉ ବେଳେ ପୁଲିସକୁ ହତ୍ୟା ଉଦ୍ୟମ; ୩ ଗିରଫ

ପୁରୀ,୪ା୫(ସମିସ): ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗ୍ ଉପରେ ଚନ୍ଦନପୁର ପୁଲିସ ଚଢ଼ଉ କରି ବଡ଼ ସଫଳତା ପାଇଛି। ଚଢ଼ଉ ସମୟରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୨ ଜଣ ଖସି ପଳାଇଛନ୍ତି। ଗିରଫବେଳେ ଜଣେ ଅପରାଧୀ ଜଣେ ପୁଲିସ କର୍ମଚାରୀଙ୍କୁ ଛାତ ଉପରୁ ଠେଲି ହତ୍ୟା କରିବାକୁ ଉଦ୍ୟମ କରିଛି। ରବିବାର ରାତିରେ ଚନ୍ଦନପୁର ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଏକ ଗ୍ୟାଙ୍ଗ୍ ଡକାୟତି ପାଇଁ ପ୍ରସ୍ତୁତି କରୁଛି। ସୂଚନା ଆଧାରରେ ପୁଲିସ ତୁରନ୍ତ ଦାମୋଦରପୁର ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ୨ ଅଭିଯୁକ୍ତ ଅନ୍ଧାରର





ସୁଯୋଗ ନେଇ ଖସି ପଳାଇଥିବାବେଳେ ୩ ଜଣଙ୍କୁ ପୁଲିସ କାବୁ କରିଥିଲା। ସେମାନେ ହେଲେ ଦୁର୍ଦ୍ଦାନ୍ତ ଅପରାଧୀ ଦାମୋଦରପୁରର ନିଲୁ ବରାଳ, କାଳିଆ ଓରଫ କଳାନ୍ଦି ଦେଓ ଏବଂ ବାଉନ୍ ଓରଫ ସନ୍ତୋଷ ସାହୁ। ନିଲୁ ବରାଳ ଜଣେ ପୁଲିସ କର୍ମଚାରୀଙ୍କୁ ଛାତ ଉପରୁ ଠେଲି ଦେଇ ହତ୍ୟା କରିବାକୁ ଉଦ୍ୟମ କରିଥିଲା। ଧସ୍ତାଧସ୍ତିରେ ନିଲୁ ମଧ୍ୟ ଆହତ ହୋଇଛି ଓ ବର୍ତ୍ତମାନ ଚିକିତ୍ସାଧୀନ ଅଛି। ଆହତ ପୁଲିସ କର୍ମଚାରୀଙ୍କ ଚିକିତ୍ସା ଚାଲିଛି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୪ଟି ହାତ ତିଆରି ଦେଶୀ ବୋମା, ୧ଟି ଛୁରି, ୧ଟି ଲୁହା ରଡ୍, ୧ଟି ଦିଆସିଲି ବାକ୍ସ, ୧ଟି ଖାଲି ମଦ ବୋତଲ, ୫ଟି ଗ୍ଲାସ୍, ୪ଟି ଅଧା ଜଳା ସିଗାରେଟ୍ ଓ ଦଉଡ଼ି ଜବତ କରିଛି। ଫେରାର୍ ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଚନ୍ଦନପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି। ଏହି ଗ୍ୟାଙ୍ଗ୍ ପୂର୍ବରୁ କେଉଁ କେଉଁ ଅପରାଧରେ ସମ୍ପୃକ୍ତ ଥିଲା ଓ କେଉଁଠି ଡକାୟତି ଯୋଜନା କରୁଥିଲା, ସେନେଇ ତଦନ୍ତ ଚାଲିଛି।

ମୌଳିକ ସମସ୍ୟାର ସମାଧାନ ଦାବି

## ଜିଲ୍ଲାପାଳଙ୍କୁ ସିଦ୍ଧମହାବୀର ଆଞ୍ଚଳିକ ପରିଷଦର ଦାବିପତ୍ର

ପୁରୀ,୪ା୫(ସମିସ): ସିଦ୍ଧମହାବୀର ବାସୀଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ସୋମବାର ସିଦ୍ଧମହାବୀର ଆଞ୍ଚଳିକ ପରିଷଦ ତରଫରୁ ୮ ଦଫା ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପ୍ରଦାନ କରାଯାଇଛି। ପରିଷଦର ସଭାପତି ଅମରେନ୍ଦ୍ର ପାଇକରାୟ, ସମ୍ପାଦକ ଦିଲ୍ଲୀପ ତ୍ରିପାଠୀଙ୍କ ସମେତ ନୃସିଂହ ଚରଣ ପ୍ରଧାନ, ସ୍ୱାଧୀନ ପଣ୍ଡା, ଜନ୍ମେଜୟ ମିଶ୍ର, ଧନଞ୍ଜୟ ଦାସ ଓ ଆଇନଜୀବୀ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡ଼ିକ ମଧ୍ୟରେ ସିଦ୍ଧମହାବୀର ମନ୍ଦିର ସମ୍ମୁଖ ପୁଷ୍କରିଣୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା, ସିଦ୍ଧମହାବୀର ମନ୍ଦିର ସମ୍ମୁଖ ରାସ୍ତା ମରାମତି, ବିଭିନ୍ନ ସାହିରେ ଡ୍ରେନେଜ୍ ଓ ସ୍ୱେରେଜ୍ ବ୍ୟବସ୍ଥା



କରିବା, ସିଦ୍ଧମହାବୀର ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ସଦର ଗ୍ରାମାଞ୍ଚଳଠାରୁ ଅଲଗା କରିବା, ସର୍ବସାଧାରଣଙ୍କ ଯାତାୟାତକୁ ସୁଗମ କରିବା ପାଇଁ ବିଭିନ୍ନ ରାସ୍ତାର ପ୍ରଶସ୍ତୀକରଣ ଓ ଜବରଦଖଲକାରୀଙ୍କୁ ଉଚ୍ଛେଦ, ରାସ୍ତାକଡ଼ରେ ଥିବା ୩୩ କେଭି ଓଭରହେଡ୍ ଲାଇନ୍ ବିଦ୍ୟୁତ୍ ଖୁଣ୍ଟ ଉଚ୍ଛେଦ କରି ଭୂତଳ ପାଇପ୍ ଲାଇନ୍ କାର୍ଯ୍ୟ କରିବା, କେନ୍ଦ୍ରୀୟ ବିଦ୍ୟାଳୟ ମୁଖ୍ୟ ଫାଟକଠାରୁ ଭୂଦାନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ଏବଂ ଉକ୍ତ ରାସ୍ତାର ନିର୍ମାଣ ଓ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା ଆଦି ଦାବି ସାମିଲ ରହିଛି।

ରଥଖଳାରୁ...

## ତିନିରଥର ୩ଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ

ପୁରୀ,୪ା୫(ସମିସ): ଆସନ୍ତା ୯ ତାରିଖରେ ଭଉଁରୀ। ପରମ୍ପରା ଅନୁଯାୟୀ ଏହିଦିନ ଚକ ଡେରା ନୀତି ଅନୁଷ୍ଠିତ ହେବ। ପ୍ରତ୍ୟେକ ରଥରେ ୨ଟି ଲେଖାଏଁ ଚକ ଗୋଟିଏ ଅଖ ସହ ସଂଯୋଗ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଚଳଚଞ୍ଚଳ ଏବେ ରଥଖଳା। ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ରଥ ନିର୍ମାଣ କାମ ଆଗେଇ ଚାଲିଛି। ସୋମବାର ତିନିରଥର ୩ଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନି ରଥର ଚତୁର୍ଥ ଚକ ପଇ ବିନ୍ଧ କାର୍ଯ୍ୟ ସରିଛି। ଚତୁର୍ଥ ଏବଂ ପଞ୍ଚମ ଚକ ତୁମ୍ବ ଅରର ବଳକା ଅଂଶ କଟାଯାଇ ସିଙ୍ଗଡ଼ା କଳସା ଜାରି ରହିଛି। ଏଥିସହ ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ୧୨ ଫୁଟିଆ ଅସନ କାଠର ପ୍ରଭା ଅପସରା ଏବଂ ଗୋଟିଏ ଲେଖାଏଁ ସିଂହାସନ ରାଏ ଚଉପଟ କାର୍ଯ୍ୟ ଚାଲିଛି। ଅପରାହ୍ଣରେ ତିନିରଥର ନାହାକା ଅଖର ନିର୍ମାଣ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଏହାପରେ ସାଥୀ ମହାରଣା ସେବକମାନେ ନାହାକା ଅଖ ତ୍ରୟର ଦୁଇମୁଖକୁ ବାରିସୀରେ ହାଣି ସାଲ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ରୂପକାର ସେବକମାନେ ତିନି ରଥର କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ସହ ପଦାରି ଏବଂ ତୁମ୍ବ ବାହ୍ୟ ବଳା ରଥ ଖଳାକୁ ଯୋଗାଇଛନ୍ତି। ବାକି ଚକଗୁଡ଼ିକ ପାଇଁ ପଦାରି, ତୁମ୍ବ ବଳା ଏବଂ ଅର କଣ୍ଟା ତିଆରି କରୁଛନ୍ତି।



● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

## ୪୫ ଅଭିଯୋଗରୁ ୩୭ ବ୍ୟକ୍ତିଗତ

ପୁରୀ,୪ା୫(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୪୫ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୭ଟି ବ୍ୟକ୍ତିଗତ, ୬ଟି ଗ୍ରାମ ସମ୍ବନ୍ଧୀୟ, ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୧୧ ତାରିଖ ସକାଳ ୭ଟାରୁ ପୂର୍ବାହ୍ଣ ୧୦ ପର୍ଯ୍ୟନ୍ତ କୃଷ୍ଣପ୍ରସାଦ ବ୍ଲକ୍ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ସେହିପରି ବ୍ରହ୍ମଗିରି ବ୍ଲକ୍‌ରେ ୧୮ ତାରିଖରେ, ସତ୍ୟବାଦୀ ବ୍ଲକ୍‌ରେ ୨୫ ତାରିଖ ସକାଳ ୭ରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ପଞ୍ଚସଖା ଶିକ୍ଷା ସେତୁ ସଚେତନତା କାର୍ଯ୍ୟକ୍ରମ



ପୁରୀ,୪ା୫(ସମିସ): ରାଜ୍ୟ ସରକାରଙ୍କ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଭକ୍ତ ସାଲବେଗ ସମାଧି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଉନ୍ନତି, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁସମନ୍ୱୟ ଏବଂ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସହଯୋଗ ଓ ଭାଇଚାରା ସୃଷ୍ଟି ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମ୍‌ନି ବୁଦ୍ଧଦେବ ମହାପାତ୍ର, ବିପିନ ବିହାରୀ ଦଳାଇ, ଶ୍ୟାମ ପ୍ରକାଶ ସେନାପତି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜାତା ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମତ ରଖିଥିଲେ। ସରକାରଙ୍କ ଏତାଦୃଶ ଯୋଜନା ଏକ ଅଭିନବ ଯୋଜନା, ଯଦ୍ୱାରା ଗୋଟିଏ ବିଦ୍ୟାଳୟର ସାମଗ୍ରିକ ଶ୍ରୀ ବୃଦ୍ଧି ସାଧିତ ହୋଇପାରିବ। ପ୍ରସିଦ୍ଧ ସନ୍ଥ ପଞ୍ଚସଖାଙ୍କ ଜ୍ଞାନ, ନୀତି, ସଂସ୍କୃତି ଓ ଆଦର୍ଶକୁ ଆଧାର କରି ଏହି ଯୋଜନା ହିଁ ଶିକ୍ଷାକୁ ଅଧିକ ସାରଗର୍ଭକ ଓ ଆକର୍ଷଣୀୟ କରିବ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି ସ୍ୱାଗତ କରିଥିବାବେଳେ ଆଲୁମ୍‌ନି ପ୍ରମିଳା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମ୍‌ନି, ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଅଭିଭାବକ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ବିକାଶରେ ତାଲା

# ନଷ୍ଟ ହେଉଛି ଜଗନ୍ନାଥବଲ୍ଲଭ ମଠର ପବିତ୍ରତା

ପୁରୀ,୪ା୫(ସମିସ): ଶ୍ରୀମନ୍ଦିର ସହ ଜଡ଼ିତ ଓ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରମୋଦ ଉଦ୍ୟାନ ଭାବେ ପରିଚିତ ଐତିହାସିକ ଜଗନ୍ନାଥବଲ୍ଲଭ ମଠର ପବିତ୍ରତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହାର ବିକାଶ ଘରେ ତାଲା ପଡ଼ିଥିବାବେଳେ ଏହାର ପବିତ୍ରତାକୁ ଜାଣିଶୁଣି ନଷ୍ଟ କରାଯାଉଛି। ମଠ ପରିସରକୁ ଭୋଜିଭାତ ଓ ବାହାଘର ଆୟୋଜନସ୍ଥଳୀ ଭାବେ ବ୍ୟବହାର କରାଯାଉଥିବାରୁ ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୋମବାର ଏକ ବିବାହ କାର୍ଯ୍ୟକ୍ରମ ପାଇଁ ସାଜସଜ୍ଜା ଚାଲିଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ପାଖରେ ଏହି ଖବର ପହଞ୍ଚିବା ପରେ ସବୁ ସରଞ୍ଜାମ ଖୋଲି ନିଆଯାଇଥିଲା। କାହିଁକି ଜଗନ୍ନାଥ ବଲ୍ଲଭ ମଠ ପ୍ରତି ପ୍ରଶାସନ ଅଣଦେଖା କରୁଛି ସେ ନେଇ ଉଦ୍‌ବେଗ ପ୍ରକାଶ କରିଛି ଆମ୍ ଆଦ୍‌ମୀ ପାର୍ଟି।

କିଛିଦିନ ହେବ ଧର୍ମଶାଳା ବିଧାୟକ ତାଙ୍କ ନିର୍ବାଚନମଣ୍ଡଳୀରୁ ଶହ ଶହ ଲୋକଙ୍କୁ ବସ୍ ଯୋଗେ ଆଣି ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ଦର୍ଶନ ପରେ ସେମାନଙ୍କ ପାଇଁ ଜଗନ୍ନାଥବଲ୍ଲଭ ମଠ ପରିସରରେ ବଡ଼ଧରଣର ଭୋଜିଭାତର ଆୟୋଜନ କରାଯାଉଛି। ଶହ ଶହ ଲୋକ ଏକାଠି ଖାଇବା ପରେ ଅଇଁଠାପତ୍ର, ପଲିଥିନ୍, ପ୍ଲାଷ୍ଟିକ୍ ଗ୍ଲାସ୍ ମଠ ପରିସରରେ ଏଠିସେଠି ପକାଉଛନ୍ତି। ଏହି ଭୋଜିଭାତ ପରେ ଏବେ ମଠ ପରିସରରେ ବାହାଘର ପାଇଁ ଆୟୋଜନ ଚାଲିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଯେଉଁଠାରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଲୋକଙ୍କ ପାଇଁ ଖାଦ୍ୟପେୟ ପ୍ରସ୍ତୁତ କରାଯାଉଛି ସେହି ଶେଡ୍‌ରେ ଏକ ବାହାଘର ଲାଗି ସୋମବାର ସାଜସଜ୍ଜା କରାଯାଉଥିଲା। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଖରେ ଖବର ପହଞ୍ଚିବା ପରେ ଏଥିପାଇଁ କିଏ ଅନୁମତି ଦେଇଛି? ମଠ ପରିସରରେ କିପରି ଏଭଳି ଆୟୋଜନ

### ଭୋଜିଭାତ ପରେ ଏବେ ବିବାହ ଆସର; ବୁଦ୍ଧିଜୀବୀଙ୍କ କ୍ଷୋଭ

ହେଉଛି ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଫଳରେ ଆୟୋଜକମାନେ ବାହାଘର ପାଇଁ ଯେଉଁ ସାଜସଜ୍ଜା ଚାଲିଥିଲା ତାହାକୁ ସବୁ ଖୋଲି ନେଇଯାଇଥିଲେ। ତେବେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ଧାର୍ମିକ ଅନୁଷ୍ଠାନ ପରିସରକୁ ରାଜନୈତିକ କାର୍ଯ୍ୟକ୍ରମ ଓ ବ୍ୟକ୍ତିଗତ ଉତ୍ସବ ପାଇଁ ବ୍ୟବହାର କରିବା କେତେଦୂର ଠିକ୍? ଯଦି ଜଗନ୍ନାଥ ବଲ୍ଲଭ ମଠରେ ଅନୁମତି ମିଳିଲା ଆଗକୁ ଅନ୍ୟ ମଠଗୁଡ଼ିକରେ ବାହାଘର, ଭୋଜିଭାତ ହେବ ନାହିଁ ବୋଲି କିଏ କହିବ? ରଥଯାତ୍ରା ପୂର୍ବରୁ ଶ୍ରୀକ୍ଷେତ୍ରର ପ୍ରତିଟି ମଠ, ମନ୍ଦିରର ପବିତ୍ରତା ରକ୍ଷା ପାଇଁ ପ୍ରଶାସନର ସ୍ପଷ୍ଟ ଗାଇଡ୍‌ଲାଇନ୍ କାହିଁକି ନାହିଁ? ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ମର୍ଯ୍ୟାଦା ରକ୍ଷା କରିବା ସମସ୍ତ ଜଗନ୍ନାଥପ୍ରେମୀଙ୍କ ଦାୟିତ୍ୱ। ପ୍ରଶାସନ ଓ ମଠ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଏହି ପରମ୍ପରା ବିରୋଧୀ କାର୍ଯ୍ୟକୁ ବନ୍ଦ ନ କଲେ ଆଗାମୀ ଦିନରେ ଏହା ଏକ ଖରାପ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ଜଗନ୍ନାଥ ବଲ୍ଲଭ ମଠର ନୂଆ ମଧ୍ୟବର୍ତ୍ତୀକାଳୀନ ପରିଚାଳନା ବୋର୍ଡ ଗଠନ କରାଯାଇଛି। ଦାୟିତ୍ୱରେ ଅଧିକାରୀ ଅଛନ୍ତି। ଜମିର ମାଲିକାନା ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ଏହାସତ୍ତ୍ୱେ ଏଠାରେ ଭିନ୍ନ କାର୍ଯ୍ୟକ୍ରମ ଚାଲୁଛି। ସବୁଠୁ ବଡ଼ କଥା ହେଉଛି ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ବିକାଶ ନିମନ୍ତେ ବିଜେଡି ସରକାର ୮୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରିଥିଲେ। ହେଲେ ରାଜ୍ୟରେ ନୂଆ ସରକାର ଆସିବା ପରେ ଏହାର ସବୁ ଟେଣ୍ଡର ବାତିଲ୍ କରିଦେଲେ। ଏବେ ଏହାର ବିକାଶ ଘରେ ଏକପ୍ରକାର ତାଲା ପଡ଼ିଯାଇଛି। କୌଣସି କାମ ହେଉ ନ ଥିବାବେଳେ ଭୋଜିଭାତର ଆସର ଜମି ଏହାର ପବିତ୍ରତା ନଷ୍ଟ କରାଯାଉଛି। ଜଗନ୍ନାଥ ବଲ୍ଲଭ ମଠ କେବଳ ଏକ ମଠ ନୁହେଁ। ଏହା ମହାପ୍ରଭୁଙ୍କର 'ପ୍ରମୋଦ ଉଦ୍ୟାନ'। ପୂର୍ବରୁ ଏଠାରେ ବିଭିନ୍ନ ପ୍ରକାର ଫୁଲ, ତୁଳସୀ ବଗିଚା ଆଦି ରହିଥିଲା। ଏହା ପରିସର ପୁଷ୍କରିଣୀ, ବଗିଚା ସବୁ ମହାପ୍ରଭୁଙ୍କ ଲୀଳାଖେଳା ସହ ଜଡ଼ିତ। ଏତେ ପବିତ୍ର ସ୍ଥାନକୁ ଭୋଜି ଓ ବାହାଘର ପାଇଁ ବ୍ୟବହାର କରିବା ଶାସ୍ତ୍ର ଓ ପରମ୍ପରା ବିରୋଧୀ। ଏଠାରେ ଅଇଁଠା ପକାଇବା ମହାପ୍ରଭୁଙ୍କ ପ୍ରତି ଅପମାନ। ରାଜନେତା ହୁଅନ୍ତୁ ବା ସାଧାରଣ ଲୋକ, କାହାକୁ ବି ଏହି ଅଧିକାର ନାହିଁ। ଭକ୍ତଙ୍କୁ ଖୁଆଇବା ପୁଣ୍ୟ କାମ। କିନ୍ତୁ ତାହା ଆନନ୍ଦବଜାରରେ ବା ନର୍ଦ୍ଦିଷ୍ଟ ଜାଗାରେ କରାଯାଉ। ମହାପ୍ରଭୁଙ୍କ ବଗିଚାକୁ ପିକ୍‌ନିକ୍ ସ୍ପଟ୍ କରିଦେଲେ ଆସନ୍ତାକାଲି ଲୋକେ ଶ୍ରୀମନ୍ଦିର ଭିତରେ ବି ଭୋଜି କରିବେ। ଜିଲ୍ଲା ପ୍ରଶାସନ ଓ ମଠ କର୍ତ୍ତୃପକ୍ଷ ତୁରନ୍ତ ଏହା ବନ୍ଦ କରିବା ଦରକାର ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।




ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପଞ୍ଚଦଶ ଅଧ୍ୟାୟ

# କନ୍ତାରେଶ୍ୱର ମନ୍ଦିରରେ ଦଶମ ଶତାବ୍ଦୀର ତ୍ରିମୂର୍ତ୍ତି ପରିଦର୍ଶନ

ଜଗତସିଂହପୁର,୪।୫(ସମିସ)

ଜଗତସିଂହପୁର ଜିଲ୍ଲାର ଲୁକ୍କାୟିତ କୀର୍ତ୍ତିରାଜିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ଚାଲିଥିବା 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପଞ୍ଚଦଶତମ ଅଧ୍ୟାୟ ଅନୁଷ୍ଠିତ ହୋଇଯାଇଛି। ମୁଦୁପୁର ଗ୍ରାମପଞ୍ଚାୟତ ସ୍ଥିତ କନ୍ତାର ଗ୍ରାମର ପ୍ରାଚୀନ କନ୍ତାରେଶ୍ୱର ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।




ପ୍ରସିଦ୍ଧ ସିଦ୍ଧଳ ବଳଦେବଜୀଉ ମନ୍ଦିରଠାରୁ ଅନତି ଦୂରରେ ଅବସ୍ଥିତ ଏହି କନ୍ତାରେଶ୍ୱର ମନ୍ଦିର ପରିସରରେ ଦଶମ-ଏକାଦଶ ଶତାବ୍ଦୀର ଦୁର୍ଲଭ ତ୍ରିମୂର୍ତ୍ତି ଦେଖିବାକୁ ମିଳିଥିଲା। ଭୁବନେଶ୍ୱରର ପ୍ରସିଦ୍ଧ ଅନନ୍ତ ବାସୁଦେବ ମନ୍ଦିର ଶୈଳୀରେ ଏଠାରେ ଶଙ୍କର୍ଷଣ (ବଳରାମ), ବାସୁଦେବ (କୃଷ୍ଣ) ଓ ଏକାଂଶା (ସୁଭଦ୍ରା)ଙ୍କ ବିଗ୍ରହ ପୂଜା ପାଉଛନ୍ତି। ବିଶେଷତ୍ୱ ହେଉଛି, ଏହି ମୂର୍ତ୍ତିଗୁଡ଼ିକର ଆକାର ଅନନ୍ତ ବାସୁଦେବଙ୍କ ମୂର୍ତ୍ତିଠାରୁ ମଧ୍ୟ ବୃହତ। ଏହା ବ୍ୟତୀତ ମନ୍ଦିର ପ୍ରାଙ୍ଗଣରେ ନବମ ଶତାବ୍ଦୀର ପ୍ରାଚୀନ ଭୈରବ, ଗଣେଶ, କାର୍ତ୍ତିକ ଓ ଆସ୍ତିକ ଜରତକାରୁଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ମୂର୍ତ୍ତିଗୁଡ଼ିକ ପୂର୍ବରୁ 'ବାମ କର ମଠ' ନାମକ ଏକ ଉଚ୍ଚା ଢିପରେ ଥିଲା। ପ୍ରାୟ ୨୦୦ ବର୍ଷ ପୂର୍ବେ ବାମ କର ନାମକ ଜଣେ ବ୍ରାହ୍ମଣ ସେଠାରେ ଏହି ମୂର୍ତ୍ତିଗୁଡ଼ିକୁ ପୂଜା କରୁଥିଲେ। ତାଙ୍କ ପରଲୋକ ପରେ ଗ୍ରାମବାସୀ ଏହି ଦୁର୍ଲଭ ବିଗ୍ରହଗୁଡ଼ିକୁ ଆଣି କନ୍ତାରେଶ୍ୱର ଶିବ ମନ୍ଦିର ବେଢ଼ାରେ ସ୍ଥାପନ କରିଛନ୍ତି।

ପ୍ରସିଦ୍ଧ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ତ୍ରିପାଠୀ ଏହି ଅବସରରେ ମନ୍ଦିରର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ସଂଯୋଜକ ଶ୍ରୀକାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ବସନ୍ତ ମଞ୍ଜରୀ ଦାସ, ହେମନ୍ତ ନାୟକ, ଯୁବ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ଦେବାଶିଷ ପାତ୍ର, ସମ୍ବିତ ସିଂହ, ସୌର୍ଯ୍ୟପ୍ରକାଶ ନାୟକ, ରୁଦ୍ର ମାଧବ ଦାସ, ଜିନୋଦ ମହାନ୍ତି ଓ ରୋହନ ମହାରଣା ସହଯୋଗ କରିଥିଲେ। ପଦଯାତ୍ରୀମାନେ ପରିଶେଷରେ ସିଦ୍ଧଳ ବଳଦେବଜୀଉ ମନ୍ଦିର ପରିଦର୍ଶନ କରିଥିଲେ। ଜଗତସିଂହପୁରର ଏପରି ଅନେକ ବିରଳ କୀର୍ତ୍ତିରାଜି ଆଜିବି ପୁସ୍ତକ ବା ପୋଥିର ପୃଷ୍ଠାରେ ସ୍ଥାନ ପାଇନାହିଁ, ଯାହାକୁ ଲୋକଲୋଚନକୁ ଆଣିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର/ରଘୁନାଥପୁର, ୪।୫(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥପୁର ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରଘୁନାଥପୁର ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣିରେ ସହଯୋଗକରିଥିଲେ।

# ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର,୪।୫(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ଅଞ୍ଚଳରେ ଏକ କାରଖାନା ସ୍ଥାପନା ହେବାକୁ ଯାଉଛି। ତେବେ ଏହା ସ୍ଥାପନା ଦ୍ୱାରା ସ୍ଥାନୀୟ ଅଞ୍ଚଳ ବାସୀ ଜଳ, ଜମି, ଜଙ୍ଗଲ, ଧାନ, ପାନ ଏବଂ ମୀନ ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ଅଞ୍ଚଳର ଅଧିବାସୀଙ୍କୁ ସାମାଜିକ ନ୍ୟାୟ ଦେବା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ନାମରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି ଶୋଭାଯାତ୍ରା ଆସନ୍ତା ୬ ତାରିଖରେ ଡିଙ୍କିଆଠାରୁ ଆରମ୍ଭ ହୋଇ ୧୪ ତାରିଖ ସୁଦ୍ଧା ଭୁବନେଶ୍ୱର ରାଜଭବନ ନିକଟରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ କିପରି ଜିଲ୍ଲାରେ ସଫଳ କରାଯିବ ସେଥି ନିମନ୍ତେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଜଗତସିଂହପୁର ସର୍କିଟ ହାଉସ ଠାରେ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯାତ୍ରାଟି ୬ ତାରିଖ ସକାଳ ୭ ଘଟିକାରେ ଡିଙ୍କିଆଠାରୁ ଆରମ୍ଭ ହୋଇ ଏରସମା, ମଣିଜଙ୍ଗା, ରଘୁନାଥପୁର, ସୋମପୁର ଦେଇ ଭୁବନେଶ୍ୱର ଅଭିମୁଖେ ଅଗ୍ରସର ହେବ। ବିଭିନ୍ନ ଛକ ବଜାରରେ କଂଗ୍ରେସ କର୍ମୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ କିପରି ଅଧିକରୁ ଅଧିକ ଯୋଗଦେଇ ସଫଳ କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ମହମ୍ମଦ ଅବଦୁଲ ୱାହିଦ, ଅଶ୍ୱିନୀ କୁମାର ସ୍ୱାଇଁ, ମୁଖପାତ୍ର ହେମନ୍ତ କୁମାର ରଥ, ସର୍ବେଶ୍ୱର ପଣ୍ଡା, ଅଭିଜିତ ସାହୁ, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଧନଞ୍ଜୟ ସୂତାର, ଆର୍ତ୍ତବନ୍ଧୁ ବିଶ୍ୱାଳ, ସମ୍ପାଦକ ଦିଲ୍ଲୀପ କୁମାର ମାହାର, ବୃନ୍ଦାବନ ପ୍ରଧାନ, ଅଞ୍ଜନ କୁମାର ଜେନା, ବସନ୍ତ ନାୟକ, ପବିତ୍ର କୁମାର ମନ୍ତ୍ରୀ, ଜିତୁ ନାରାୟଣ ସାହୁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ ସଭାପତି ସଫି ଆଜମ, ନାଉଗାଁ ବ୍ଲକ ସଭାପତି ବିଚିତ୍ର ନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମହିଳା କଂଗ୍ରେସ ନେତ୍ରୀ ଦିପ୍ତିରାଣୀ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜାତି ବିଭାଗ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ଜିଲ୍ଲା ସୋସିଆଲ ମିଡିଆ ବିଭାଗ ସଭାପତି ଦେବବ୍ରତ ତ୍ରିପାଠୀ, ମହନି ଚରଣ ରାଉତ, ନିହାର ଦାସ, ନାରାୟଣ ନାୟକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

ପୂର୍ତ୍ତବିଭାଗକୁ ଚିଠି ଲେଖିଲେ ବିଧାୟକ

# 'ଏନ୍ଏଚ୍-୫୫ ପ୍ରକଳ୍ପର ସଂପ୍ରସାରଣ ନୂଆଗାଁରୁ ପାରାଦୀପକୁ ହେଉ'

ପାରାଦୀପ,୪।୫(ସମିସ): କେନ୍ଦ୍ରସରକାର ବାଲିକୁଦା-ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଜଗତସିଂହପୁରର ନୂଆଗାଁକୁ ଏନ୍ଏଚ୍-୫୫ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଅନୁମୋଦନ କରିଛନ୍ତି। ଏହି ଏନ୍ଏଚ-୫୫ ଭାୟା କଟକ ଓଏମ୍ପି ଦେଇଯାଇଛି। କିନ୍ତୁ ଏହି କ୍ଷେତ୍ରରେ ଦେଖାଯାଉଛି ଯେ ଯଦି ଉକ୍ତ ଏନ୍ଏଚ୍ ପ୍ରକଳ୍ପକୁ ପାରାଦୀପ ପର୍ଯ୍ୟନ୍ତ ବିସ୍ତାର କରାଯାଏ, ଯାହା ଦ୍ୱାରା ବାଲିକୁଦା-ଏରସମା ବିଧାନସଭା ମଣ୍ଡଳୀ ଏବଂ ଜଗତସିଂହପୁର ଜିଲ୍ଲାର ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରନ୍ତେ। ନୂଆଗାଁର ଲୋକମାନେ ଏବଂ ନିକଟସ୍ଥ ଗ୍ରାମବାସୀମାନେ ନିୟମିତ ଭାବରେ ନୂଆଗାଁରୁ ପାରାଦୀପକୁ ଏହି ଏନ୍ଏଚ୍-୫୫ ପ୍ରକଳ୍ପର ସଂପ୍ରସାରଣ ହେଲେ ଯାତାୟାତରେ ସୁବିଧା ହେବା ନେଇ ନୂଆଗାଁର ବାସିନ୍ଦା ବିଧାୟକଙ୍କୁ ଦାବି କରିଛନ୍ତି। ନୂଆଗାଁରୁ ପାରାଦୀପକୁ ଯାଇଥିବା ଆରଡି ରାସ୍ତା ଏବଂ ଜଳସେଚନ ବିଭାଗ ରାସ୍ତା ମଧ୍ୟ ରହିଛି। ଯେଉଁ ରାସ୍ତା ଭଲ ଅବସ୍ଥାରେ ନାହିଁ। ସେହି ରାସ୍ତାରେ ଭାରୀଯାନ ଚଳାଚଳ ପାଇଁ ଅନୁମତି ମଧ୍ୟ ମିଳିଛି। ତେଣୁ ସ୍ଥାନୀୟ ବ୍ୟବସାୟୀ ମାନେ ନୂଆଗାଁରୁ ପାରାଦୀପକୁ ଜଳଜୀବ ଯଥା ମାଛ କଙ୍କଡ଼ା ନେଇ ବ୍ୟବସାୟ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଏରସମା ଏବଂ ଜଗତସିଂହପୁର ଜିଲ୍ଲାର ସ୍ଥାନୀୟ ବାସିନ୍ଦାକୁ ଉତ୍ତମ ଯୋଗାଯୋଗ ସୁବିଧା ଯୋଗାଇ ଦେବା ପାଇଁ ନୂଆଗାଁରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ଉନ୍ନତି କରଣ ଆବଶ୍ୟକ। ତେଣୁ ନୂଆଗାଁରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ଶୀଘ୍ର ଉନ୍ନତୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପୂର୍ତ୍ତ ବିଭାଗର ସଚିବଙ୍କୁ ଚିଠି ଦ୍ୱାରା ଲିଖିତ ଅଭିଯୋଗ କରିଛନ୍ତି।

# ସଦର ବ୍ଲକ୍ ବିଜୁ ଜନତା ଦଳର ବୈଠକ



ଜଗତସିଂହପୁର,୪।୫(ସମିସ): ଜଗତସିଂହପୁର ସଦର ବ୍ଲକ ବିଜେଡି ପକ୍ଷରୁ ୪ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ବିବେକାନନ୍ଦ ସ୍ୱାଇଁଙ୍କ ଡିହସାହି ସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ ଏବଂ ଦଳୀୟ କର୍ମୀ ମାନେ ଯୋଗ ଦେଇଥିଲେ। ସଦର ବ୍ଲକ ବିଜେଡି ସଭାପତି କାଳନ୍ଦି ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା, ଉପାଧକ୍ଷ ରତିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ଅବସରପ୍ରାପ୍ତ ଅଧିକାରୀ ଭାଗୀରଥି ରାଉତରାୟ ଏବଂ ଅଦ୍ୱୈତ ଜେନା ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠନକୁ ଅଧିକ ମଜବୁତ୍ କରିବା ସଂପର୍କରେ ପରାମର୍ଶ ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜଗତସିଂହପୁର ବ୍ଲକ ପ୍ରଶାସନ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ କଥାକୁ ପ୍ରାଥମିକତା ଦେଉଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ବ୍ଲକ ପ୍ରଶାସନର ମନମାନି ବିରୋଧରେ ଆଗାମୀ ଦିନରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯିବ। ଯଦି ଏଥିରେ ସୁଫଳ ନମିଳେ ତେବେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଳିପିଙ୍ଗଳ ପଞ୍ଚାୟତ ସମିତି ସଭ୍ୟ ରାଜିବ ବେହେରା, ଖଏରଙ୍ଗ ପଞ୍ଚାୟତ ସରପଞ୍ଚ ଲିପକ ସାହୁ,ଯୁବ ବିଜେଡି ନେତା ସମ୍ବିତ ମହାନ୍ତି, ଅଜୟ ସ୍ୱାଇଁ, ନାରାୟଣ କାନୁନଗୋ, ମମତା ସାମନ୍ତରାୟ, ପ୍ରଭାତୀ ସ୍ୱାଇଁ, ପ୍ରତାପ ସାହୁ, ପ୍ରଭାତି ମହାନ୍ତି, ମିନତି ସ୍ୱାଇଁ, ବାବୁଲି ସାହୁ, ଗୁଣନିଧି ସାମଲ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ଜଗତସିଂହପୁର,୪।୫(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଟିଆଁର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଶିଷ୍ଟ ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଦୀପକ କୁମାର ବିଶ୍ୱାଳ। ମୁଖ୍ୟବକ୍ତା ଭାବରେ ନବକାକଳିର ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଝୁଲରାମ ଦାସ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମହାନ୍ତି, ପ୍ରୀତିପ୍ରଭା ଦାଶ, ଗୌରାଙ୍ଗ ଚରଣ ଦାଶ, ମନୋରମା ଦାଶ, ଶାରଦା ପ୍ରସାଦ ଚଇନି, ଧୀରେନ୍ଦ୍ର ନାଥ ବିଶ୍ୱାଳ, ବସନ୍ତ କୁମାର ବଳ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କର ବହୁବିଧ ଗୁଣର ଉଦାହରଣ ଦେଇଥିଲେ। ଏଥିରେ ପ୍ରଶାନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ବିଶ୍ୱାଳ, ନରେଶ କୁମାର ଜେନା, ସୁଶାନ୍ତ ପ୍ରସାଦ କର, ରଶ୍ମିରେଖା ଶତପଥୀ, କାଳନ୍ଦୀ ଚରଣ ସ୍ୱାଇଁ, ତମସା ସ୍ୱାଇଁ, ତୃପ୍ତିମୟୀ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ଦୀପକ କୁମାର ମହାନ୍ତି, ଅଞ୍ଜନା ସ୍ୱାଇଁ, ରଞ୍ଜନପ୍ରଭା ସ୍ୱାଇଁ, ଗଣେଶ ସ୍ୱାଇଁ, ପ୍ରାକ୍ତନ ଛାତ୍ରୀ ଶ୍ରାବଣୀ ଜେନା ଓ ୫ମ ଶ୍ରେଣୀର ଛାତ୍ର ଓମ୍ପ୍ରକାଶ ନାୟକ ବକ୍ତବ୍ୟ ରଖିଥିଲେ। ମଣି ଭୂଷଣ ତ୍ରିପାଠୀ, ଡା. ବୈରାଗୀ ଚରଣ ଆଚାର୍ଯ୍ୟ, କୋଟିଆଁ ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କଲାପରେ ସଭା ସାଙ୍ଗ ହୋଇଥିଲା।

# ଜନାପାଳ କପ୍ ଉଦ୍ଯାପିତ ନୂଆପୋଖରୀ ଚାମ୍ପିଅନ୍

କୁଜଙ୍ଗ,୪।୫(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଜନାପାଳ ଛକରେ ପଞ୍ଚମ ଦିବାରାତ୍ରି ଜନାପାଳ ପ୍ରିମିୟର ଲିଗ୍ କପ୍ ଉଦ୍ଯାପିତ ହୋଇଯାଇଛି। ଏହି ମେଗା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଶ୍ରୀଗଣେଶ ଏକାଦଶ ନୂଆପୋଖରୀ ୧୨ ରନ୍‌ରେ ଏମ୍‌କେସିସି ମଣିଜଙ୍ଗାକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ନୂଆ ପୋଖରୀ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ୫୨ ରନ୍ କରିବାକୁ ସମର୍ଥ ହୋଇ ଥିଲା। ଜବାବରେ ମଣିଜଙ୍ଗା ମାତ୍ର ୪୪ ରନ୍ କରିବାକୁ ସମର୍ଥ ହୋଇ ପରାଜୟ ବରଣ ସହ ରନ୍‌ର୍ସଅପ ହୋଇଥିଲା। ଏହି ମେଗା କ୍ରୀଡ଼ାକୁ ସାଇଲୋ ସେବା ସମବାୟ ସମିତିର ସଭାପତି ପ୍ରଦୀପ କୁମାର ବେଉରା ଉଦଘାଟନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଦେବାଶିଷ୍ କଣ୍ଡ, ପଙ୍କପାଳ ବଣିକ ସଂଘର ସଭାପତି ଫକୀର ଦାସ, ନୀକୁଞ୍ଜ କିଶୋର ଚୌଧୁରୀ, ପ୍ରଦୀପ୍ତ କୁମାର ପ୍ରଧାନ, କ୍ରୀଡ଼ାବିତ୍ ଉତ୍ତମ ସାହାଣୀ, ସମାଜସେବୀ କୃତିବାସ ଷଡ଼ଙ୍ଗୀ, ସଞ୍ଜୟ କୁମାର ସାହୁ, ସାମ୍ବାଦିକ ମାନସ କୁମାର ମହାନ୍ତି, ଗାଁ ମୁରବୀ ସନ୍ତୋଷ କୁମାର ଦାସ ଓ ସଞ୍ଜୟ କୁମାର ସାହୁ ପ୍ରମୁଖ ଅତିଥି ଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ସୂର୍ଯ୍ୟକାନ୍ତ ଦାସ ରୂପେ ପୁରସ୍କୃତ ହୋଇଥିଲେ। ମୋଟ ଆଠଟି ଦଳ ଭାଗ ନେଇଥିଲେ। ରମାକାନ୍ତ ମଲିକ୍ ଓ ଏସକେ ଅଲି କ୍ରୀଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। ଜନାପାଳର ବାବା ତ୍ରିନାଥ ୟୁଥ୍ କ୍ଲବ ସମସ୍ତ ସଦସ୍ୟ ଏହି ମେଗା ଦିବା ରାତ୍ରୀ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ କୁ ପରି ଚାଳନା କରିଥିଲେ।



■ ବଟଶ୍ରୀକ୍ଷେତ୍ରର ବର୍ଷିକ ଉତ୍ସବ ଉଦଯାପିତ

# 'ବଟଶ୍ରୀକ୍ଷେତ୍ର ଜିଲ୍ଲାର ଏକ ପ୍ରମୁଖ ଆଧ୍ୟାତ୍ମିକ ଅନୁଷ୍ଠାନ'



ଜଗତସିଂହପୁର,୪।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ରର ଊନବିଂଶ ବାର୍ଷିକ ଉତ୍ସବ ଭାବ ଭକ୍ତିମୟ ପରିବେଶ ମଧ୍ୟରେ ରାଜ୍ୟରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ସଭାପତିତ୍ୱ କରିଥିଲେ ନିର୍ମାଲ୍ୟ ପତ୍ରିକାର ମୁଖ୍ୟ ସଂପାଦକ ରବୀନ୍ଦ୍ର ନାଥ ନାୟକ। ଏଥିରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଲେ ଯେ ବଟଶ୍ରୀକ୍ଷେତ୍ର ଜଗତସିଂହପୁର ଜିଲ୍ଲାର ଏକ ପ୍ରମୁଖ ଆଧ୍ୟାତ୍ମିକ ପୀଠ ଏବଂ ବର୍ଷ ବ୍ୟାପି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ଭିତରେ ଭକ୍ତି ଭାବନା ସୃଷ୍ଟି କରି ଆସୁଛି। ମହାପ୍ରଭୁଙ୍କ ପ୍ରତି ସମର୍ପିତ ହେଲେ ମାନବ ଜୀବନ ଧନ୍ୟହେବ ଏବଂ ମଣିଷ ଦିବ୍ୟଜୀବନର ଅଧିକାରୀ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ମନ୍ଦିର ପରିସରରେ ବିଧାୟକ ପାଣ୍ଠିରୁ ସ୍ଥାପିତ ହୋଇଥିବା ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାକୁ ସେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ ବିଶିଷ୍ଟ ଔପନାସିକ ଭାଗୀରଥି ଦାସ ଏବଂ ପ୍ରାଧାପିକା ମଧୁସ୍ମିତା ସ୍ୱାଇଁ। ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବଟଶ୍ରୀକ୍ଷେତ୍ରର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର। ଶେଷରେ ଧନ୍ୟବାଦ ଦେଇଥିଲେ ସମୀର ସ୍ୱାଇଁ। ଯଜ୍ଞ କାର୍ଯ୍ୟକ୍ରମରେ ପଣ୍ଡିତ ସଂଜୟ ରଥଙ୍କ ଦ୍ୱାରା ପରିଚାଳିତ ଗୀତାହୁତି ଏବଂ ପୂର୍ଣ୍ଣାହୁତି ଅଗଣିତ ଜନତାଙ୍କ ଭିତରେ ଏକ ଭାବ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସନ୍ଧ୍ୟାରେ କୁନି ପ୍ରବଚକ ରୁଦ୍ରପ୍ରତାପ ଥାଟୋଇ ମହାପ୍ରଭୁଙ୍କ ତତ୍ତ୍ୱ ଓ ଦର୍ଶନ ଉପରେ ପ୍ରବଚନ ଦେଇଥିଲେ। ୭ ଦିନ ବ୍ୟାପୀ ଏହି ଭବ୍ୟ ସମାରୋହରେ ଯେଉଁମାନେ ସହଯୋଗର ହାତ ବଢାଇଥିଲେ ସେମାନେ ହେଲେ ଉମେଶ ନାୟକ, ନରେନ୍ଦ୍ର ନାୟକ, ସମୀର ସ୍ୱାଇଁ, ଦିବ୍ୟଜିତ ସ୍ୱାଇଁ, ଅକ୍ଷୟ ନାୟକ, ପରମାନନ୍ଦ ନାୟକ, ସୁଶାନ୍ତ ସ୍ୱାଇଁ, ମହେଶ୍ୱର ନାୟକ ଏବଂ ଉମାକାନ୍ତ ଗୋଛାୟତ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା

# ସାଙ୍ଗଠନିକ ବୈଠକ ଓ ପରିଚାଳନା କମିଟି ଗଠିତ

ବାଲିକୁଦା,୪।୫(ସମିସ)

ଉତ୍କଳ ଯାଦବ ମହାସଭା ଓଡ଼ିଶା ଦ୍ୱାରା ସହବନ୍ଧିତ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସାଙ୍ଗଠନିକ ବୈଠକ ଓ ପରିଚାଳନା କମିଟିର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ଏକ ସାଂଗଠନିକ ବୈଠକ ଗରାମ ପଞ୍ଚାୟତର ଚଉଁରପୁର ନିକଟ ବାବା ମାଧୁରୀ ଆଶ୍ରମ ଚମ୍ପାବାଲି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଂଗଠନିକ ବୈଠକରେ ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ସଂଗଠକ ମାନେ ଯୋଗଦେଇ ଯାଦବ ମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିକୁଦା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଯାଦବ ସଂଗଠନକୁ ସୁଦୃଢ଼ କରିବା ପାଇଁ ବ୍ଲକ୍‌ସ୍ତରୀୟ ସମସ୍ତ ପଞ୍ଚାୟତର ଯୁବକ ମାନଙ୍କୁ ନେଇ ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ପରିଚାଳନା କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ହେମନ୍ତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ସମ୍ପାଦକ ବିଶ୍ୱନାଥ ପରିଡ଼ା, କୋଷାଧକ୍ଷ ଦୋଳ ଗୋବିନ୍ଦ ପରିଡ଼ା, ଉପସଭାପତି ବିକାଶ କୁମାର ପରିଡ଼ା, ଗୋପାଳ ଦାସ, ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାସ, ଗାନ୍ଧୀ ଜେନା, ସୋମନାଥ ମାହାର, ସଂଗଠନିକ ଜୋନ୍ ର ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ଦାସ, ବବୁଲ କୁମାର ଦାସ, ବିକାଶ ଦାସ, ଆଦିକନ୍ଦ ଦାସ ରହିଥିବା ବେଳେ, ପରାମର୍ଶ ଦାତା କମିଟିରେ ନିରଞ୍ଜନ ଦାସ, ମନୋଜ କୁମାର ଦାସ, ନରୋତ୍ତମ ଦାସ, ଶଙ୍କର ବହିରା, ଶ୍ରୀକାନ୍ତ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ସଭାପତି ଇଁ ପ୍ରଦୀପ କୁମାର ବେହେରା ଓ ଉତ୍କଳ ଯାଦବ ମହାସଭାର ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତିର୍ଥବାସୀ ବେହେରାଙ୍କ ତତ୍ତ୍ୱାବଧାନରେ ବାଲିକୁଦା ବ୍ଲକସ୍ତରରେ ଯୁବ ଯାଦବ ମାନଙ୍କୁ ନେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ଏକ କର୍ମଶାଳା ଆଗାମୀ ଦିନରେ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଆଗାମୀ ଦିନରେ ୩୦ଟି ପଞ୍ଚାୟତରେ ଯାଦବ ଭାଇ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଯାଦବ ମହାସଭା ତରଫରୁ ପ୍ରତି ମାସର ଶେଷ ରବିବାର ଦିନ ତିନୋଟି ଲେଖାଏଁ ପଞ୍ଚାୟତ କୁ ନେଇ ପ୍ରତି ମାସର ମାସିକ ସଂଗଠନିକ ବୈଠକ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଗଲା।



### ନିଧଡ଼କ ଚାଲିଛି ବାଲିମାଫିଆଙ୍କ ରାଜୁତି

# ଗେଙ୍ଗୁଟି ନଦୀ ଶଯ୍ୟାରୁ ପ୍ରାକୃତିକ ସମ୍ପଦ ଲୁଟ୍

ଅସୁରାଳି,୪।୫(ସମିସ)



ପ୍ରଶାସନ ଆଖିରେ ଧୂଳି ଦେଇ ତଥା ପ୍ରଶାସନର ନାକ ତଳେ ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ। ଧୂଷୁରୀ ଥାନା ଅନ୍ତର୍ଗତ ନରସିଂହପୁର ମୌଜାରେ ଏବେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି। ଧୂଷୁରୀ ପଞ୍ଚାୟତ ଓ ଭଟସାହି ପଞ୍ଚାୟତର ମଧ୍ୟସ୍ଥଳ ତଥା ବ୍ରାହ୍ମଣପାଳ କାଳୀମନ୍ଦିର ପଛପଟ ଗେଙ୍ଗୁଟି ଶାଖା ନଦୀରୁ ଦିନ ଦ୍ୱିପ୍ରହରରେ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ନଦୀର ଅସ୍ତିତ୍ୱ ଏବେ ସଙ୍କଟରେ। ସୂଚନାନୁଯାୟୀ, ନରସିଂହପୁର ମୌଜାର ଖାତା ନଂ ୮୧୦ ଏବଂ ପ୍ଲଟ୍ ନଂ ୧୨ (ଏରିଆ ୬୭୨) ବିଶିଷ୍ଟ ଗେଙ୍ଗୁଟି ଶାଖା ନଦୀରୁ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ ଭାବେ ବାଲି ଖୋଳା ଚାଲିଛି। କେବଳ ସେତିକି ନୁହେଁ, ଏହି ବାଲିକୁ ସୁରକ୍ଷିତ ଭାବେ ରଖିବା ପାଇଁ ମାଫିଆମାନେ ନିକଟସ୍ଥ ଖାତା ନଂ ୮୩୩, ପ୍ଲଟ୍ ନଂ ୪୩୮୩ ଉପରେ ବାଲିର ଏକ ବିରାଟ ପାହାଡ଼ ଠିଆ କରିଛନ୍ତି। ନଦୀ ଶଯ୍ୟାରୁ ବେଆଇନ ଭାବେ ବାଲି ଉଠାଯାଉଥିବାରୁ ଜଳ ସଂରକ୍ଷଣ ଓ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ପ୍ଲଟ୍ ନଂ ୪୩୮୩ ଉପରେ ପ୍ରାୟ ୧୦୦୦ ଟ୍ରିପ୍‌ରୁ ଅଧିକ ବାଲି ଗଚ୍ଛିତ କରି ରଖାଯାଇଛି, ଯାହାକି ମାଫିଆଙ୍କ ଦସ୍ତକୁ ସ୍ପଷ୍ଟ କରୁଛି। ଏବେ ବଡ଼ ଦୁର୍ନୀତି ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ କାହିଁକି ଚୁପ୍ ରହିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଯୋଗୁଁ ନଦୀ ପଠା ଧସିବା ସହ ଆଗାମୀ ଦିନରେ ବନ୍ୟା ଭୟ ବଢ଼ିବାର ଆଶଙ୍କା ଦେଖାଦେଇଛି। ରାଜ୍ୟ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କଡ଼ା ନିୟମ କରିଥିବାବେଳେ, ଏଠି କେଉଁ ଆଧାରରେ ଏହି କାରବାର ଚାଲିଛି ତା'ର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ତୁରନ୍ତ ଏହି ବେଆଇନ ବାଲି ଜବତ କରାଯିବା ସହ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସୂଚନା ଥାଉ କି, ନଦୀ ପଠାରେ ଏକ ପାହାଚ ନିର୍ମାଣ ପାଇଁ ସରକାରୀ ଅନୁଦାନ ଥିଲାବେଳେ ତାହାକୁ ଆଳ କରି ସେଠାରୁ ଜେସିବି ଲଗାଇ ଟ୍ରକ୍ ଓ ଟ୍ରାକ୍ଟରରେ ନଦୀ ଗର୍ଭରୁ ଦିନ ଦ୍ୱିପ୍ରହରରେ ଏପରି ମାଫିଆମାନେ ମାଟି ଓ ବାଲି ଚୋରି କରୁଛନ୍ତି। ଏ ଦିଗରେ ଦେଉଳଡିହ ଆର୍‌ଆଇଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ତେବେ ଭଦ୍ରକ ଜିଲ୍ଲାପାଳଙ୍କୁ ମଧ୍ୟ ଏନେଇ ଅଭିଯୋଗ କରାଯାଇଛି।

### ● 'ଲକ୍ଷ୍ମୀ' ବସ୍‌କୁ ଅପେକ୍ଷା

# ପ୍ରଶାସନର ଉଦାସିନତା ପ୍ରତିବାଦରେ ଆଜି ରାସ୍ତାରୋକ



ତୋବଲ,୪।୫(ସମିସ): ସରକାରୀ ଯୋଜନା କେବଳ ପ୍ରଚାର ସର୍ବସ୍ୱ, କିନ୍ତୁ ତୃଣମୂଳସ୍ତରରେ ଏହାର ବାସ୍ତବତା ଶୂନ୍ୟ। ଧାମନଗର ବ୍ଲକ୍‌ର ଆନନ୍ଦପୁର ପଞ୍ଚାୟତବାସୀଙ୍କ ବହୁଦିନର ଦାବି ପ୍ରତି ଜିଲ୍ଲା ପ୍ରଶାସନର ଚରମ ଅବହେଳା ପ୍ରତିବାଦରେ ମଙ୍ଗଳବାର ଖଡ଼ିପଦା ଛକଠାରେ ବିଶାଳ ରାସ୍ତାରୋକ ଆନ୍ଦୋଳନ କରାଯିବ। ଦଳମତ ନିର୍ବିଶେଷରେ ହଜାର ହଜାର ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ବସ୍ ସେବା (ଲକ୍ଷ୍ମୀ ବସ୍) ଆରମ୍ଭ ପାଇଁ ପଞ୍ଚାୟତବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୩ ବର୍ଷ ଭିତରେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ୍ ୨୭ରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ମେ' ୫ ତାରିଖ ସୁଦ୍ଧା ବସ୍ ଚଳାଚଳ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ମାତ୍ର ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିବାରୁ ସୋମବାର ଗ୍ରାମବାସୀ ଧାମନଗର ବିଡିଓ ଓ ଥାନା ଅଧିକାରୀଙ୍କୁ ଭେଟି ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳ ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ 'ଲକ୍ଷ୍ମୀ' ବସ୍ ଯୋଜନା ଆରମ୍ଭ କରିଥିଲେ। ମାତ୍ର ୫ ଟଙ୍କାରେ ପଞ୍ଚାୟତରୁ ବ୍ଲକ୍ ଓ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା। ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା। ଏହି ରୁଟ୍ ଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗ୍ରାମର ହଜାର ହଜାର ଜନସାଧାରଣ ଉପକୃତ ହୋଇଥାନ୍ତେ। କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏଠାରେ ବସ୍‌ର ଚକା ଗଡ଼ିଲା ନାହିଁ। ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଛି।

### ଯୋଜନା ୫ ଟଙ୍କାର; କଷ୍ଟ କୋଟିଏ ଟଙ୍କାର

ଖଡ଼ିପଦା ପଞ୍ଚାୟତ ଅଫିସ ସମ୍ମୁଖ ଓ ଆନନ୍ଦପୁରର ହାତିଡ଼ିଆଠାରେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବସଷ୍ଟପ୍‌ଗୁଡ଼ିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ବସ୍ ଚଳାଚଳ କରୁନଥିବାରୁ ଏହି ଗୃହଗୁଡ଼ିକ ଏବେ ନିଶାଖୋର୍‌ଙ୍କ ସୁରକ୍ଷିତ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରୁଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି



ଭଦ୍ରକ,୪।୫(ସମିସ):ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୮୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ୍ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୨୨ ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ ଓ ରବି ନାରାୟଣ ସାହୁ, ଏସ୍‌ପି ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରକୁ ଆକ୍ୱାଗାର୍ଡ ବଣ୍ଟନ କେବେ ?



ଭଣ୍ଡାରିପୋଖରୀ,୪।୫(ସମିସ): ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଆସିଥିବା ଆକ୍ୱାଗାର୍ଡ ପୁରୁଣା ଶିଶୁ ବିକାଶ କାର୍ଯ୍ୟାଳୟରେ ପଡ଼ିରହିଛି। ୨୪ହଜାର ଟଙ୍କା ପ୍ରିଣ୍ଟ ମୂଲ୍ୟ ଥିବା ଏହି ଶୁଦ୍ଧ ପାନୀୟ ଜଳ ଯୋଗାଣ ଯନ୍ତ୍ର ଜିଲ୍ଲାସ୍ତରୀୟ ଠିକା ସଂସ୍ଥା ଦ୍ୱାରା କିଣାଯାଇ ଯୋଗାଇ ଦିଆଯାଇଛି। ବ୍ଲକ୍ ମହିଳା ଓ ଶିଶୁ ବିକାଶ ବିଭାଗ ପାଖରେ ଏନେଇ କୌଣସି ସୂଚନା ନ ଥିବାବେଳେ ପ୍ରଚଣ୍ଡ ଖରା ଆରମ୍ଭ ହୋଇଥିବାବେଳେ ଏଗୁଡ଼ିକୁ ଗଚ୍ଛିତ ନ କରି ବଣ୍ଟନ କରାଇବାକୁ ଦାବି ହୋଇଛି।

# କନସେପ୍ଟ ଏକାଡେମୀର ୪ ଛାତ୍ରଛାତ୍ରୀଙ୍କୁ ଏ-୧ ଗ୍ରେଡ୍

ଅସୁରାଳି,୪।୫(ସମିସ): ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଧାମନଗର ବ୍ଲକ୍‌ରେ ଉଲ୍ଲେଖନୀୟ ସଫଳତା ଦେଖିବାକୁ ମିଳିଛି। ବିଶେଷ କରି ବେତାଳିଗାଁସ୍ଥିତ "କନ୍‌ସେପ୍ଟ ଏକାଡେମୀ'ର ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବ୍ଲକ୍‌ର ମୋଟ ୧୨ଜଣ ଏ-୧ ଗ୍ରେଡ୍ ହାସଲକାରୀଙ୍କ ମଧ୍ୟରୁ କେବଳ ଏହି ଅନୁଷ୍ଠାନରୁ ୪ ଜଣ ଛାତ୍ରଛାତ୍ରୀ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ବାଜିମାତ୍ କରିଛନ୍ତି। ଏକାଡେମୀର ମୋଟ୍ ୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପ୍ରଶଂସନୀୟ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଏ-୧ ଗ୍ରେଡ୍ (୯୦%ରୁ ଊର୍ଦ୍ଧ୍ୱ)ରେ ୪ ଜଣ, ୮୫%ରୁ ଊର୍ଦ୍ଧ୍ୱରେ ୫ ଜଣ, ୮୦%ରୁ ଊର୍ଦ୍ଧ୍ୱରେ ୧୦ ଜଣ, ୭୦%ରୁ ଉଦ୍ଧ୍ୱରେ ୧୫ ଜଣ। ବାପୁଜୀ ହାଇସ୍କୁଲ, ମହତାବ ନଗରର ଛାତ୍ର ହିତାଂଶୁ ଶେଖର ସାହୁ ୫୪୬ ନମ୍ବର ରଖି ଅନୁଷ୍ଠାନର ଟପ୍ପର ହୋଇଥିବାବେଳେ ଶମ୍ଭୁନାଥ ରାଉତ ୫୪୧, ସ୍ମୃତି ରଞ୍ଜନ ଦାସ ୫୪୦ ଏବଂ ନାରାୟଣୀ ହାଇସ୍କୁଲ ପଙ୍ଗଟାର ଛାତ୍ରୀ ପ୍ରାର୍ଥନା ନାୟକ ୫୪୦ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଏକାଡେମୀ ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୌଭାଗ୍ୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଚୌଧୁରୀ ରାଉତ, ଅଜୟ ହୋତା, ଦିବ୍ୟରଞ୍ଜନ ମଲ୍ଲିକ, ସୁଜିତ୍ ବେହେରା, ଶିକ୍ଷୟିତ୍ରୀ ସରୋଜିନୀ ବେହେରା, ରାଜଶ୍ରୀ ରାଏ, ତୃପ୍ତିମୟୀ ପାତ୍ର, ଶ୍ରେୟା ସଞ୍ଜୀବନୀ ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା

ବନ୍ତ/ଆଗରପଡ଼ା,୪।୫(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ପଳସା ଗ୍ରାମର ପ୍ରାକ୍ତନ ପ୍ରଧାନଶିକ୍ଷକ ଶଙ୍କର୍ଷଣ ଦାସ ଜଣେ ଆଦର୍ଶ ଶିକ୍ଷକ ଓ ଛାତ୍ରବତ୍ସଳ ଥିଲେ। ଏହା ସହିତ କଠିନରୁ କଠିନ ଗଣିତ ସେ ସହଜରେ ପିଲାଙ୍କୁ ବୁଝାଇପାରୁଥିଲେ ବୋଲି ତାଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ସ୍ମୃତିଚାରଣ ସଭାରେ ଅତିଥିମାନେ କହିଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷାପ୍ରଶାସକ ଚତୁର୍ଭୁଜ ପହି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ଶିକ୍ଷାବିତ୍ ଅନାମ ଚରଣ ଜେନା, ଅଲୋଷ୍ଟା ଜିଲ୍ଲା ସଭାପତି ଗୟାଧର ଦାଶ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢ଼ୀ, ଅଲେଖ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ବାରିକ୍, ଧ୍ରୁବ ଚରଣ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ସହଯୋଗ କରିଥିଲେ।

# ପ୍ରାକ୍ତନ ପ୍ରାଧ୍ୟାପକଙ୍କ ପରଲୋକ

ଖଇରା,୪।୫(ସମିସ): ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ କାକୁଡିଆ ଗ୍ରାମର ପ୍ରାକ୍ତନ ପ୍ରାଧ୍ୟାପକ ଡ. ମାନସ ରଞ୍ଜନ ଲେଙ୍କା(୭୪)ଙ୍କ ପରଲୋକ ଘଟିଛି। ହୃଦ୍‌ଘାତ ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସା ଚାଲିଥିବାବେଳେ ପରଲୋକ ଘଟିଥିଲା। ସେ ଭଦ୍ରକ କଲେଜରୁ ପ୍ରାଣୀବିଜ୍ଞାନ ମୁଖ୍ୟଭାବେ ଛାତ୍ରୀଛାତ୍ରଙ୍କ ପ୍ରିୟଭାଜନ ହୋଇଥିଲେ। ମୃତ୍ୟୁ ଖବର ପାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସରୋଜ କୁମାର ଲେଙ୍କାଙ୍କ ସମେତ ବହୁ ଛତ୍ରୀଛାତ୍ର, ଶୁଭେଚ୍ଛୁ, ସହପାଠୀ ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମହିଳା ସଂରକ୍ଷଣକୁ ନେଇ ବିଜେପି ବିରୋଧରେ କଂଗ୍ରେସର ବିକ୍ଷୋଭ




ବାଲେଶ୍ୱର,୪।୫(ସମିସ): ମହିଳା ସଂରକ୍ଷଣକୁ ନେଇ କେନ୍ଦ୍ରର ଶାସକ ବିଜେପି ସରକାର ଦେଶବାସୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ କରି ଆଜି ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଶତାଧିକ ମହିଳା କର୍ମୀ ସାମିଲ ହୋଇଥିଲେ। ସନ୍ଧ୍ୟା ସମୟରେ ବାଲେଶ୍ୱର ଷ୍ଟେସନ ଛକଠାରୁ ଏହି ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ମାର୍ଗ ଦେଇ ଫକୀର ମୋହନ ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ହାତରେ ମଶାଲ ଧରି ମହିଳା କଂଗ୍ରେସ କର୍ମୀମାନେ ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ମହିଳାଙ୍କ ପ୍ରତି ହେଉଥିବା ବୈମାତୃକ ମନୋଭାବକୁ ନିନ୍ଦା କରିଥିଲେ। ଏହି ଅବସରରେ ସଭାନେତ୍ରୀ ଶ୍ରୀମତୀ ମାଝୀ କହିଛନ୍ତି ଯେ, ମହିଳା ସଂରକ୍ଷଣ ନାମରେ ବିଜେପି କେବଳ ରାଜନୈତିକ ଫାଇଦା ପାଇଁ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଛି। ପ୍ରକୃତ ସଂରକ୍ଷଣ ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି ଏବଂ ଦେଶର ମହିଳାମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ଏହାର ପ୍ରତିବାଦରେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସର ଅନ୍ୟାନ୍ୟ ପ୍ରମୁଖ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶାସକ ଦଳର ମହିଳା ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଏଥିରେ ବହୁ କଂଗ୍ରେସ ନେତ୍ରୀ ଉପସ୍ଥିତ ଥିଲେ।

### ● ନରେନ୍ଦ୍ର ପ୍ରସାଦ ହାଇସ୍କୁଲର ଛାତ୍ରୀଙ୍କ ସଫଳତା

# ଇଚ୍ଛାଶକ୍ତି ଆଗରେ ଦାରିଦ୍ର୍ୟ ପ୍ରତିବନ୍ଧକ ନୁହେଁ



ବାସୁଦେବପୁର,୪।୫(ସମିସ): ପ୍ରକାଶ ପାଇଛି ମାଟ୍ରିକ୍ ପରୀକ୍ଷାର ଫଳାଫଳ। ସବୁଠି ଖୁସି ଓ ଆନନ୍ଦର ମାହୋଲ ଖେଳିଯାଇଛି। ଝିଅର ସଫଳତା କେବଳ ପରିବାର ପାଇଁ ନୁହେଁ, ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ଏନ୍‌ପି ହାଇସ୍କୁଲର ପ୍ରଥମ କରି ଜଣେ ଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାସୁଦେବପୁର ବ୍ଲକ୍‌ର ବିଦେଇପୁର ଗ୍ରାମର ପଞ୍ଚାନନ ପଲାଇ ଓ ଅବନ୍ତୀ ପଲାଇଙ୍କ ଏକମାତ୍ର କନ୍ୟା ଶୁଭଲକ୍ଷ୍ମୀ ପଲାଇ। ବିଦେଇପୁର ନରେନ୍ଦ୍ର ପ୍ରସାଦ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ। ଘରେ ପାଠପଢ଼ାରେ ଉତ୍ସାହିତ କରିବାକୁ କେହି ନାହିଁ। ପାଠରେ ଡାଉଟ୍ ରହିଲେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭରସା। ତଥାପି ଭାଙ୍ଗି ଯାଇନାହିଁ ମନୋବଳ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ସଫଳତାର ନିକଟତର କରିଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ନରେନ୍ଦ୍ର ପ୍ରସାଦ ହାଇସ୍କୁଲରେ ୯୩ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ଶୁଭଲକ୍ଷ୍ମୀ ପଲାଇ ଏ-୧ ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ଘରୋଇ ଶିକ୍ଷକଙ୍କ ଗାଇଡ୍ ସଫଳତା ଆଣିଦେଇଛି ବୋଲି କହିଛନ୍ତି ଶୁଭଲକ୍ଷ୍ମୀ। ଯାହା ବିଦେଇପୁର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଶିକ୍ଷକଙ୍କ ମହଲରେ ଖୁସିର ମାହୋଲ ଖେଳିଯାଇଛି। ଶୁଭଲକ୍ଷ୍ମୀ ପଲାଇ ନରେନ୍ଦ୍ର ପ୍ରସାଦ ହାଇସ୍କୁଲର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ସାଜିବେ ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି। ସଫଳତା ପାଇବାକୁ ହେଲେ ଗରିବୀ ପ୍ରତିବନ୍ଧକ ନୁହେଁ। ଦୃଢ଼ ମନୋବଳ ଆବଶ୍ୟକ।

# ଏ-୧ ପ୍ରାପ୍ତ ସଂସ୍କୃତି ଜେନାଙ୍କୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୪।୫(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସଂସ୍କୃତି ଜେନା ଚଳିତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ହାଇସ୍କୁଲ ପକ୍ଷରୁ ଆୟୋଜିତ ସଭାରେ ସଂସ୍କୃତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଭବିଷ୍ୟତ ଉଜ୍ଜ୍ୱଳ କାମନା କରାଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ବନଜିନୀ ନାୟକ, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ବିଦ୍ୟୁତ୍‌ଲତା ଦାଶ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ସାବିତ୍ରୀ ଦାଶ, ଭୀମସେନ ପାଳ, କୈଳାସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ରାମନାରାୟଣ ଉଚ୍ଚ ବିଦ୍ୟାଳୟ ଟପ୍ପର ଓମ୍ ପ୍ରକାଶଙ୍କୁ ସମ୍ବର୍ଦ୍ଧନା



ଦୋଳସାହି,୪।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ନେଇ ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଖୁସି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ୧୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏ-୧ ଜଣେ, ପ୍ରଥମ ଶ୍ରେଣୀରେ ୬୫, ଦ୍ୱିତୀୟ ଶ୍ରେଣୀରେ ୬୮ ଓ ତୃତୀୟ ଶ୍ରେଣୀରେ ୧୪ ଜଣ ସର୍ବମୋଟ ୧୪୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ବିଦ୍ୟାଳୟ ବିଗତ ୨ବର୍ଷ ହେଲା ଏ-୧ ପାଇ ନ ଥିବାବେଳେ ଚଳିତବର୍ଷ ଏହି ସଫଳତା ଲାଗି ଯାହାକି ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସର ଛାୟା ଖେଳିଯାଇଛି। ଏହି ସଫଳତାରେ ପ୍ରଧାନଶିକ୍ଷକ ଅଧୀର ତରାଇ ଆନନ୍ଦିତ ହେବା ସହ ଆସନ୍ତା ମାଟ୍ରିକ୍ ପରୀକ୍ଷା ଫଳାଫଳ ଅଧିକ ସଫଳତା ଆଣିବ ବୋଲି କହିଛନ୍ତି। ସେହିପରି ଏହି ବିଦ୍ୟାଳୟ ପକ୍ଷରୁ ସ୍କୁଲ ଟପ୍ପର ହୋଇଥିବା ଓମ୍ ପ୍ରକାଶ ଦୀକ୍ଷିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଖାଦ୍ୟ ଥାଳିରେ ଯୁଦ୍ଧର ପ୍ରଭାବ

ବନ୍ତ/ଆଗରପଡ଼ା,୪।୫(ସମିସ): ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ଇତିମଧ୍ୟରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦର ୯୯୩ ଟଙ୍କା ବଢ଼ି ୩ହଜାର ଟଙ୍କାରେ ପହଞ୍ଚିଲାଣି। ଯାହାର ଅଧିକ ପ୍ରଭାବ ଦେଖିବାକୁ ମିଳିଛି ହୋଟେଲ ଓ ଜଳଖିଆ ଦୋକାନରେ। ଗ୍ୟାସ୍ ଦର ବୃଦ୍ଧି ଯୋଗୁଁ ଖାଦ୍ୟ ଥାଳିର ଦର ମଧ୍ୟ ବୃଦ୍ଧି ପାଇଛି। ଆଗରପଡ଼ାରେ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟମାନ ରହିଛି। କର୍ମଚାରୀମାନେ ବର୍ତ୍ତମାନ ଖାଇବାକୁ ନେଇ ତ୍ରାହିତ୍ରାହି ଡାକିଲେଣି। ଅଫିସରେ ୭/୮ ଘଣ୍ଟା କାର୍ଯ୍ୟ କରି ନିଜେ ରୋଷେଇ କରି ଖାଦ୍ୟ ଖାଉଥିବାର ଦେଖିବାକୁ ମିଳୁଛି। ଯଦ୍ୱାରା ମଧ୍ୟ ହୋଟେଲ ଓ ଜଳଖିଆ ଦୋକାନଗୁଡ଼ିକରେ ପୂର୍ବପରି ଆଉ ଲୋକ ଭିଡ଼ ହେଉନାହିଁ।

# ସ୍ମୃତି ସାଉଁଟୁଛି ବ୍ରିଟିଶ୍ ଅମଳର ଚେକ୍‌ଡ୍ୟାମ୍

ବନ୍ତ/ଆଗରପଡ଼ା,୪।୫(ସମିସ)



ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କୃଷି ଉପରେ ୮୦ଭାଗ ଲୋକ ନିର୍ଭର କରିଥା'ନ୍ତି। ଏକାଦଶ ଯୋଜନାରେ ୪ପ୍ରତିଶତ କୃଷିର ଅଭିବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ଯୋଜନା କରିଛନ୍ତି। କୃଷିର ଉନ୍ନତି ପାଇଁ ଜଳସେଚନ ମୁଖ୍ୟ ସମସ୍ୟା ହୋଇଥିବାରୁ ବିଟ୍ରିଶ୍ ଅମଳରେ ବନ୍ତ ବ୍ଲକ୍ ଗଣିଜାଙ୍ଗ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ 'ଦେଶ ବନ୍ଧ' ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଉକ୍ତ ଡ୍ୟାମ୍ ଦ୍ୱାରା ଅଞ୍ଚଳର ଜଳସେଚନ କାର୍ଯ୍ୟ ସମ୍ପାଦିତ ହେଉଥିଲା। ଏବେ ସରକାର ଜଳସେଚନ ପାଇଁ କେନାଲ, କାଡ଼ାନାଳ, ଲିଫ୍ଟ ପଏଣ୍ଟମାନ ନିର୍ମାଣ କରୁଛନ୍ତି। ହେଲେ ଯେଉଁ ଡ୍ୟାମ୍ ଦିନେ ଜଳସେଚନର ମାଧ୍ୟମ ପାଲଟିଥିଲା, ଆଜି ତାହା ଅଲୋଡ଼ା ହୋଇପଡ଼ିଥିବାର ଦେଖାଯାଇଛି।

ବନ୍ତ ବ୍ଲକ୍‌ର ୫୩ନଂ ରାଜପଥ ଗଣିଜାଙ୍ଗ ବଜାରଠାରୁ ମାତ୍ର ୧୦୦ ମିଟର ଦୂରରେ ସରୁସାଗର ନଦୀ ଉପରେ ଆଖପାଖ ଅଞ୍ଚଳର ଥିବା ଶହଶହ ଏକର ପରିମିତ ଚାଷ ଜମିକୁ ଜଳସେଚିତ କରିବା ଲକ୍ଷ୍ୟରେ ବ୍ରିଟିଶ୍ ଅମଳରୁ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଥିଲା। ସେ ସମୟରେ ଜଳସେଚନର ସୁବିଧା ନ ଥିବାରୁ ଓ ଉକ୍ତ ଡ୍ୟାମ୍‌ର ଜଳ ଚାଷ କାର୍ଯ୍ୟରେ ବହୁ ଉପକାର ସାଧିତ ହୋଇଥିବାରୁ ଉକ୍ତ ଡ୍ୟାମ୍ 'ଦେଶ ବନ୍ଧ' ନାମରେ ପରିଚିତ ହୋଇଥିଲା। ଏହି ବନ୍ଧରେ ୩ଟି ଫୁକାର(ସ୍ଲୁଇସ୍ ଗେଟ୍) ଥିବାବେଳେ ଏହାକୁ ସଟର ମାଧ୍ୟମରେ ବନ୍ଦ କରାଯାଇ ନଦୀର ବାମପାଶ୍ୱର୍ (ପୂର୍ବ ଦିଗ)ରେ ଅବସ୍ଥିତ ୨ଟି ଫୁକାର(ସ୍ଲୁଇସ୍ ଗେଟ୍)ରେ ଗଚ୍ଛିତ ପାଣିକୁ ଚାଷ ଜମିକୁ ଛଡ଼ାଯାଇଥାଏ। ଏହି ବନ୍ଧ ନିର୍ମାଣ ଫଳରେ ଗଣିଜାଙ୍ଗ ପଞ୍ଚାୟତର ବିନାୟକପୁର, ସେଠୀ ସାହି, ମଳିକ ସାହି, ଗଣିଜାଙ୍ଗ, ହାସିନପୁର, ଭଦ୍ରକ ବ୍ଲକ୍‌ର ବରପଦା, ଅବ୍‌ଦୁଲାପୁର, କୋର, ଓଲଙ୍ଗ, ମୁଣ୍ଡିମରା ଏବଂ ଓଡ଼ଙ୍ଗ ସହ ଅନ୍ୟାନ୍ୟ ମୌଜାର ଶହଶହ ଏକର ଚାଷ ଜମି ଜଳସେଚିତ ହେବା ଦ୍ୱାରା ଚାଷୀମାନେ ଧାନ ଚାଷ ସହ ବିଭିନ୍ନ ପରିବା ଚାଷ କରି ବହୁ ଉପକୃତ ହୋଇପାରୁଥିଲେ। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳ ପରିବା ବ୍ୟବସାୟର ପେଣ୍ଠସ୍ଥଳ ଥିବାବେଳେ ଗଣିଜାଙ୍ଗ, ଛୟାଳସିଂହ, ଓଡ଼ଙ୍ଗ ଆଦି ପଞ୍ଚାୟତର ୫ଶହରୁ ଅଧିକ ଗ୍ରାମର ଚାଷୀମାନେ ପରିବା ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନକୁ ଜଳସେଚନର ସୁବିଧା ପାଇଁ ଏବେ କେନାଲ, ଅଣ ଜଳସେଚିତ ମୌଜାରେ ଜଳସେଚନର ସୁବିଧା ପାଇଁ ଲିଫ୍ଟ ପଏଣ୍ଟମାନ ନିର୍ମାଣ କରିଛନ୍ତି। ଉକ୍ତ ଚେକ୍‌ଡ୍ୟାମ୍ ପାଖରେ ସରୁସାଗର ନଦୀ ପ୍ରବାହିତ ହୋଇଥିବାବେଳେ ଏହାର ଜଳକୁ ଆନିକଟ ମାଧ୍ୟମରେ ଅଟକ ରଖି ଉକ୍ତ ଜଳକୁ ବିଭିନ୍ନ ଅଞ୍ଚଳକୁ ଛଡ଼ାଯାଉଥିଲା। ଏହାଦ୍ୱାରା ବିଭିନ୍ନ ଜଳସେଚିତ ଓ ଅଣ ଜଳସେଚିତ ଅଞ୍ଚଳରେ ଚାଷ କାର୍ଯ୍ୟରେ ଏହାର ଜଳ ସୁଚାରୁରୂପେ ବ୍ୟବହାର ହେଉଥିଲା। ହେଲେ ଉକ୍ତ ଡ୍ୟାମ୍ ଦୀର୍ଘ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇ ନ ପାରି ଅଲୋଡ଼ା ହୋଇ ନିଜ ସ୍ମୃତି ସାଉଁଟୁଛି। ସରକାର କେନାଲ ଖନନ କରି କୋଟି କୋଟି ଅର୍ଥ ବ୍ୟୟ କରୁଥିବାବେଳେ ଏହାକୁ କାର୍ଯ୍ୟକ୍ଷମ କଲେ ଅଞ୍ଚଳରେ ଆବଶ୍ୟକ ପରିମାଣରେ ଜଳସେଚନର ସୁବିଧା ହୋଇପାରନ୍ତା ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଉଛି। ସେତେବେଳେ ଉକ୍ତ ଅଞ୍ଚଳରେ କେନାଲର

### ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଗଲାଣି ସଟର୍

ବ୍ୟବସ୍ଥା ନ ଥିବାରୁ ଏହି ଚ୍ୟାକ୍‌ଡ୍ୟାମ୍ ଉକ୍ତ ଅଞ୍ଚଳ ପାଇଁ ବହୁ ଉପକାର ସାଧିତ ହେଉଥିବାବେଳେ ବର୍ତ୍ତମାନ ବନ୍ଧର ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଲୋଡ଼ା ହୋଇ ପଡ଼ିଛି। ଏହାର ଫୁକାରରେ ଥିବା ସଟରଗୁଡ଼ିକ ନଷ୍ଟ ହୋଇଯିବା ଫଳରେ ଚାଷ ଜମିକୁ ଆଉ ପାଣି ମାଡ଼ିପାରୁନାହିଁ। ବ୍ରିଟିଶ୍ ଅମଳରୁ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମ୍ ସ୍ମୃତି ହୋଇ ରହିଯିବା ଆଗରୁ ବିଭାଗ ତରଫରୁ ଏହାର ପୁନରୁଦ୍ଧାର କରାଯାଇପାରିଲେ ଉକ୍ତ ଅଞ୍ଚଳର ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।

## କାଉପୁର ସ୍କୁଲ ମାଟ୍ରିକ୍ ଟପ୍ପରକୁ ସମ୍ବର୍ଦ୍ଧନା



ଭଦ୍ରକ,୪।୫(ସମିସ): ଚଳିତ ୨୦୨୫-୨୬ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଭଦ୍ରକ ବ୍ଲକ୍ ଅଧୀନ କାଉପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଫଳତା ମିଳିଛି। ଏହି ବିଦ୍ୟାଳୟର ୧୨୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦେବାଶିଷ ନାୟକ ୫୪୦ ସର୍ବୋଚ୍ଚ ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବିଦ୍ୟାଳୟ କମିଟି ଓ ଏ ଅଞ୍ଚଳର ଅଭିଭାବକ ଅଭିଭାବିକା ଖୁସିବ୍ୟକ୍ତ କରିଥିବାବେଳେ ଦେବାଶିଷ ବଡ଼ ହେଲେ ଜଣେ ଭଲ ମଣିଷ ହୋଇ ଆଇଟି କ୍ଷେତ୍ରରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମେଧାବୀ ଛାତ୍ର ଦେବାଶିଷଙ୍କୁ ବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦାସ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଅମଲା ଅଧିକାରୀ ସମ୍ବର୍ଦ୍ଧିତ

ବାରିକପୁର,୪।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହରେ ୨ଜଣ ଅମଲା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ କୋଷାଧକ୍ଷ ସୁରେନ୍ଦ୍ର କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ ଦାଶ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ୨ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକ ଓ ବିକ୍ରମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୩ ଦିନିଆ ମଞ୍ଚ ନାଟକ ଉଦ୍‌ଯାପିତ

ବାରିକପୁର,୪।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋଠାରେ ୩ଦିନ ଧରି ଚାଲିଥିବା ମଞ୍ଚ ନାଟକ ଉଦ୍‌ଯାପିତ ହୋଇଯାଇଛି। ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବଟକୃଷ୍ଣ ରାଉତ, ବରିଷ୍ଠ ଯାତ୍ରା କଳାକାର କୀର୍ତ୍ତନ ଧଳ, ଶିକ୍ଷକ ପ୍ରଭାସ ରାଉତ, ପୟୋଧର ରାଉତ, ଅଜୟ ରାଉତ, ପର୍ଶୁରାମ ନାୟକ ପ୍ରମୁଖ ଯୋଗଦେଇ ଗାଁରେ ନାଟକ ଉତ୍ସବ ଭାଇଚାରା ସୃଷ୍ଟି କରୁଥିବା ମତବ୍ୟକ୍ତ କରିଥିଲେ। ଆୟୋଜକ କମିଟି ସଭାପତି ରଞ୍ଜିତ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ ଥିଲେ।

## ବିଧାୟକଙ୍କ ଦ୍ୱାରା ଉଦ୍ୟୋଗ ଉଦ୍‌ଘାଟନ



ବାରିକପୁର,୪।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରଣଜିତଠାରେ ଏକ ଘରୋଇ ଉଦ୍ୟୋଗ ତଥା ବୃହତ୍ ଲେୟାର ଚିକେନ ତଥା ଅଣ୍ଡା ଉତ୍ପାଦନ କେନ୍ଦ୍ରକୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ବ୍ଲକ୍ ଅଞ୍ଚଳର ଏହା ସର୍ବ ପ୍ରଥମ ଶୀତତାପ ନିୟନ୍ତ୍ରିତ ସ୍ୱୟଂଚାଳିତ ଫାର୍ମ ହୋଇଥିବାବେଳେ ଏଥିରୁ ଦୈନିକ ୨୦ ହଜାର ଅଣ୍ଡା ଉତ୍ପାଦନ ହେବ ବୋଲି ଜଣାପଡ଼ିଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜିଲ୍ଲା ପଶୁ ସମ୍ପଦ ବିଭାଗ ମୁଖ୍ୟ ଅଧିକାରୀ ହୃଷୀକେଶ ବେହେରା, ଉପନିର୍ଦ୍ଦେଶକ ଭକ୍ତ ଚରଣ ମଲ୍ଲିକ, ପଶୁ ଚିକିତ୍ସା ଅଧିକାରୀ ଦେବ ପ୍ରକାଶ ସାହୁ, ଫାର୍ମ ପରିଚାଳିକା ଅମିୟବାଳା ସେଠୀ, ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ



ତିହିଡ଼ି,୪।୫(ସମିସ): ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ୍ ରାଜନଗର ପଞ୍ଚାୟତ ଚାରିତରଫପୁରଠାରେ କଂଗ୍ରେସ ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିତେନ ବଳଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ପରିତ୍ୟାଗ କରି ସାମିଲ୍ ହୋଇଛନ୍ତି। ଯୁବ ନେତା ସତ୍ୟାନନ୍ଦ ରାଉତଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ସେମାନେ ସାମିଲ୍ ହୋଇଥିବା ପ୍ରକାଶ କରିଛନ୍ତି। କଂଗ୍ରେସ ବ୍ଲକ୍ ସଭାପତି ସରୋଜ ଦାସ, ସୁଦର୍ଶନ ସ୍ୱାଇଁ, ବସନ୍ତ ନାୟକ, ରବୀନ୍ଦ୍ର ମାହୁନ୍ତ, ବଟକୃଷ୍ଣ ନାୟକ ପ୍ରମୁଖ କଂଗ୍ରେସ ନେତା ଉପସ୍ଥିତ ଥିବାବେଳେ ଚୈତନ୍ୟ ସେଠୀ, ସୁଶାନ୍ତ ସ୍ୱାଇଁ, ଶଶିକାନ୍ତ ସାହୁ, ନବକୃଷ୍ଣ ବିଶ୍ୱାଳ, ହରିହର ସାହୁ, ପୀତବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭଦ୍ରକ ବ୍ଲକ୍ ବିଜେଡିର ବୈଶାଖୀ ବନ୍ଧୁ ମିଳନ

# ପୂର୍ବଭଳି ପଞ୍ଚାୟତ ସମିତି ଦଖଲ ନେଇ ରଣକୌଶଳ

ଭଦ୍ରକ,୪।୫(ସମିସ)




ଭଦ୍ରକ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସୋମବାର ବୈଶାଖୀ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ ଅବସରରେ ଭଦ୍ରକ ବ୍ଲକ୍‌ର ୩୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଆଗଧାଡ଼ିର ନେତା, ମହିଳା ନେତ୍ରୀ ଓ ଯୁବ ତଥା ପ୍ରମୁଖ ସଂଗଠକମାନେ ଯୋଗଦେଇଥିଲେ। ଭଦ୍ରକ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ଏବେ ନେତୃତ୍ୱ ସଂକଟରେ ଦେଇ ଗତି କରୁଛି। ବିଶେଷ କରି ନିର୍ବାଚନମଣ୍ଡଳୀରେ ଦାୟିତ୍ୱରେ ଥିବା ନେତାଙ୍କ କାର୍ଯ୍ୟପନ୍ଥାକୁ ନାପସନ୍ଦ କରିବା ସହ ତାଙ୍କ ନେତୃତ୍ୱ ବିରୋଧରେ ସମବେତ ବିକ୍ଷୋଦ୍‌ଗାର କରିଥିଲେ। ତେଣୁ ସବୁ କର୍ମୀ ସଂଗଠିତ ହୋଇ ଲଢ଼ିବା। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଲୋକପ୍ରିୟତା ଓ ବିକାଶମୂଳକ କାର୍ଯ୍ୟ ଯୋଗୁଁ ଆଜି ତୃଣମୂଳସ୍ତରରେ ତାଙ୍କ ଲୋକପ୍ରିୟତା ଅତୁଟ ରହିଛି। ତେଣୁ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସବୁ କର୍ମୀମାନେ ଏକଜୁଟ ହୋଇ ଲୋକଙ୍କ ପାଖକୁ ଯାଇ କାର୍ଯ୍ୟ କରିବା ଓ ଏବେର ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମକୁ ଲୋକଙ୍କୁ ଅବଗତ କରାଇ ପୂର୍ବବତ୍ ପଞ୍ଚାୟତ ସମିତି ଦଖଲ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ପଞ୍ଚାୟତସ୍ତରରେ ଏବେଠାରୁ ସକ୍ରିୟ ହୋଇ ଲୋକଙ୍କ ସହ ସମ୍ପର୍କ ରଖିବାକୁ ପରାମର୍ଶ ଦିଆଯାଇଥିଲା।

ପୂର୍ବ ପଞ୍ଚାୟତ ନିର୍ବାଚନରେ ବିଜେଡି ଜିଲ୍ଲା ପରିଷଦ ଓ ସବୁ ବ୍ଲକ୍ ଦଖଲ କରିବା ଭଳି ଆସନ୍ତା ନିର୍ବାଚନରେ ବି ଦଳ ଯେଉଁଭଳି ସଫଳତା ହାସଲ କରି ୧ ନମ୍ବର ଦଳ ହୋଇ ଛିଡ଼ା ହେବ ଓ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସବୁ କର୍ମୀ ଓ ନେତୃତ୍ୱ ସଂକଳ୍ପ ନେଇଥିଲେ। ଭଦ୍ରକ ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲଙ୍କ ଆବାହକତ୍ୱରେ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଶାଖୀ ବନ୍ଧୁ ମିଳନରେ ବିବିସିସି ବ୍ୟାଙ୍କ ନିର୍ଦ୍ଦେଶକ ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ଘଡ଼େଇ, ହରିପୁର ସମିତିସଭ୍ୟ ଦିଲ୍ଲୀପ ନାୟକ, ଶିକ୍ଷକ ନେତା ବାବୁଲା ରାଉତ, ସରପଞ୍ଚ ନିରୋଧ ଚନ୍ଦ୍ର ରାଉତ, ସରପଞ୍ଚ କ୍ଷୀରୋଦ ଦାସ, ସରପଞ୍ଚ ଅକ୍ଷୟ ମହାନ୍ତି, ସରପଞ୍ଚ ମୀନାରାଣୀ ମହାଳିକ, ସରପଞ୍ଚ ସୁଚିସ୍ମିତା ସାହୁ, ସରପଞ୍ଚ ସରୋଜ ଲେଙ୍କା, ସରପଞ୍ଚ ମାଧବାନନ୍ଦ ଦାସ, ସରପଞ୍ଚ ଉର୍ମିଳା ଜେନା, ସରପଞ୍ଚ କାହ୍ନୁଚରଣ ମଲ୍ଲିକ, ଦାଶରଥୀ ସେଠୀ, ସରୋଜ ଦାଶ, ଆଶୀଷ ମହାନ୍ତି, ଅନନ୍ତ ପଣ୍ଡା, ନଳିନୀକାନ୍ତ ପଣ୍ଡା, ମୁକ୍ତିକାନ୍ତ ସାହୁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀଦତା ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ପଣ୍ଡା ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାସ୍କର ମହାଳିକଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ସମବେତ ପଖାଳ ସେବନ କାର୍ଯ୍ୟକ୍ରମ ହୋଇଥିଲା।

## ଧାମନଗରର ବିକାଶ ପାଇଁ ସୂର୍ଯ୍ୟବଂଶୀ ସୂରଜଙ୍କ ସମୀକ୍ଷା



ଧାମନଗର,୪।୫(ସମିସ): ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଧାମନଗରରେ ଏକ ନିଆରା ଢଙ୍ଗରେ ସମୀକ୍ଷା କରିଛନ୍ତି। ସକାଳୁ ସକାଳୁ ଧାମନଗର ଏନ୍‌ଏସି ଅଞ୍ଚଳରେ ପ୍ରାତଃଭ୍ରମଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ନେଇ ସମୀକ୍ଷା କରିଛନ୍ତି। ବିକାଶମୂଳକ କାର୍ଯ୍ୟର ମାନ ଏବଂ ସମୟସୀମାକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନୂଆ ସରକାର ପରେ ଧାମନଗରରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ପରଖିବା ପାଇଁ ମନ୍ତ୍ରୀ ପ୍ରଥମେ ସହରାଞ୍ଚଳରେ ନିର୍ମାଣାଧୀନ ଗୋ-ଶାଳା ପରିଦର୍ଶନ କରିଥିଲେ। ଗୋ-ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ସେ ନେଇ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଏହାପରେ ସେ ପ୍ରାୟ ୯.୫୦ କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ଐତିହାସିକ ଜଗୁ ସାଗର ପୋଖରୀ ନିକଟରେ ପହଞ୍ଚିଥିଲେ। ବର୍ତ୍ତମାନ ଏଠାରେ ମାଟି ଖନନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ, ବର୍ଷା ପୂର୍ବରୁ ପୋଖରୀର ସମସ୍ତ ମୁଖ୍ୟ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗରର ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ପ୍ରସ୍ତାବିତ ଦୈନିକ ମାର୍କେଟ କୋଠା ନିର୍ମାଣ ଓ ବ୍ଲକ୍ ଛକରେ ଚାଲିଥିବା ମାଛ ମାର୍କେଟର ସ୍ଥାୟୀ ସମାଧାନ ପାଇଁ ସରକାରୀ ଯୋଜନାର ସେ ସମୀକ୍ଷା କରିଥିଲେ। ମାଛ ମାର୍କେଟ ପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଅନୁମତି ମିଳିସାରିଥିବା ବେଳେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ଧାମନଗରକୁ ଆଗୁଆ କରିବା ଲକ୍ଷ୍ୟରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଦର୍ଶ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ସେଠାରେ ନିର୍ମିତ ଛାତ୍ରଛାତ୍ରୀ ନିବାସର କାର୍ଯ୍ୟ ଶେଷ ହୋଇଥିବାରୁ, ଏହାକୁ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ଶେଷରେ ମନ୍ତ୍ରୀ ଶ୍ରୀ ସୂରଜ ଏକ ନିଆରା ଢଙ୍ଗରେ ସ୍ଥାନୀୟ ଲୋକଙ୍କ ସହ ଯୋଡ଼ି ହୋଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ସାଧାରଣ ଜଳଖିଆ ଦୋକାନରେ ବସି ସେ ସ୍ଥାନୀୟ କର୍ମୀ ଓ ଜନସାଧାରଣଙ୍କ ସହ ଜଳଖିଆ ଖାଇଥିଲେ। ସେଠାରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ତାହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ଏହି ସରଳ ଜୀବନଶୈଳୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ସାଧାରଣ ମଣିଷ ଭାବେ ମିଳାମିଶା କରିବାର ପ୍ରକୃତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଧାମନଗରର ବିକାଶ ଚକକୁ ଆଗକୁ ନେବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପୁଣି ଥରେ ଦୋହରାଇଛନ୍ତି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ବେଳେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଧାମନଗର ଅତିରିକ୍ତ ତହସିଲଦାର ସାଇସିଲୋନା, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, ଜଳସେଚନ ବିଭାଗର ଏସ୍‌ଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ମନ୍ତ୍ରୀଙ୍କ ଓଏସ୍‌ଡି ସମ୍ପଦ ଦଳେଇ ଓ ନୀତିଶ ତ୍ରିପାଠୀଙ୍କ ସହିତ ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ଗୋରୁ ବୋଝେଇ ଗାଡ଼ି

**ଗୋଟିଏ ମୃତ, ୮ ଗୋରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର; ଥାନାରେ ୨ ବ୍ୟକ୍ତି ଅଟକ**

ତିହିଡ଼ି,୪।୫(ସମିସ): ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ ତୁଳସୀପୁର ଛକରେ ରବିବାର ରାତିରେ ଦ୍ରୁତଗତିରେ ଅତିକ୍ରମ କରୁଥିବା ଟାଟା ମ୍ୟାଜିକ୍ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଅତି ଅମାନୁଷିକ ଭାବେ ବୋଝେଇ ହୋଇଥିବା ୯ ଗୋରୁ ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ସମସ୍ତ ଗୋରୁ ଆହତ ହୋଇଥିଲେ। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଥାନାକୁ ନେଇଛି। ତେବେ ଘଟଣାସ୍ଥଳରୁ ଜଣେ ଫେରାର୍ ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋଟିଏ ଗୋରୁକୁ ଗୋଶାଳାକୁ ଅଣାଯାଇଛି। ଅନ୍ୟ ୨ଟି ଉଦ୍ଧାର ସମୟରେ କୁଆଡ଼େ ଚାଲିଯାଇଥିବା ବେଳେ ଅବଶିଷ୍ଟ ୫ ଗୋରୁ ଚାଲିପାରିବା ଅବସ୍ଥାରେ ନ ଥିବାରୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଘଟଣାସ୍ଥଳରେ ଚିକିତ୍ସା କରାଯାଉଛି। ରିପୋର୍ଟ ଲେଖା ହେବା ବେଳକୁ ସେମାନଙ୍କୁ ଗୋଶାଳାକୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାଯାଇଛି।



## ଧାମନଗରର ନୂତନ ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କ କାର୍ଯ୍ୟଭାର ଗ୍ରହଣ



ଧାମନଗର,୪।୫(ସମିସ): ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ଆଦେଶ ନଂ ୧୮୫୪୮/ ତାରିଖ ୩୦.୪.୨୦୨୬ରେ ୨୯ ଜଣଙ୍କ ବିଭିନ୍ନ ବର୍ଗର ଅଧିକାରୀଙ୍କର ବଦଳି ନିର୍ଦ୍ଦେଶ ପ୍ରକାଶ ପାଇଥିଲା। ସେଥିରେ ଏହି ନିର୍ଦ୍ଦେଶ କ୍ରମେ ଜ୍ଞାନରଞ୍ଜନ ସାହୁଙ୍କୁ ଧାମନଗର ନୂତନ ତହସିଲ୍‌ଦାର ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସୋମବାର ସକାଳ ସମୟରେ ଶ୍ରୀ ସାହୁ ଧାମନଗର ତହସିଲ୍ କାର୍ଯ୍ୟାଳୟରେ ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଯୋଗଦେବା ପରେ ପ୍ରାକ୍ତନ ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଅତିରିକ୍ତ ତହସିଲ୍‌ଦାର ସାଇସିଲୋନା ଏବଂ ପଲ୍ଲୀଭାରତ ମାହାଳିକ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ବରିଷ୍ଠ କିରାଣି ଅଭିରାମ ବେଉରିଆ, ରାଜସ୍ୱ ପରିଦର୍ଶକ ଗିରିଶ ଚନ୍ଦ୍ର ନାୟକ, ଧର୍ମପଦ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ରାଜେଶ କୁମାର ମାଝୀ, ଚିତ୍ତରଞ୍ଜନ ମଲ୍ଲିକ ଓ ବାସୁଦେବ ପଣ୍ଡା, ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମଲ୍ଲିକ, କିଶୋର ଚନ୍ଦ୍ର ମଲ୍ଲିକ, ସୁବ୍ରତ ସାହୁ, ଦେବାଶିଷ ମହାପାତ୍ର, ମାନସ କର, ସରୋଜ ସାହୁ, ଦେବାଶିଷ ସାହୁ, ଭକ୍ତିଲତା ପତି, ଅର୍ଚ୍ଚନା ନାୟକ, ସ୍ମୃତିପ୍ରଭା ମଲ୍ଲ, ପୁଷ୍ପାଞ୍ଜଳି ସାହୁ, ସଂଯୁକ୍ତା ନାୟକ, ବିଜୟ ପଣ୍ଡା, ରବୀନ୍ଦ୍ର ଜେନା, ଦିପେନ୍ଦ୍ର ଖଟୁଆଙ୍କ ସମେତ ସମସ୍ତ ଆର୍‌ଆଇ, ଅମିନ ଓ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପ୍ରାକ୍ତନ ଓ ନୂତନ ତହସିଲ୍‌ଦାରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସହ ଅଭିନନ୍ଦନ ଜଣାଇଥିଲେ। ଧାମନଗର ଅଞ୍ଚଳର ଜନସାଧାରଣ କିପରି ସହଜରେ ସେବା ପାଇପାରିବେ ସେ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଉକ୍ତ ଆଦେଶରେ ପୂର୍ବତନ ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ନିଯୁକ୍ତ କରାଯାଇଛି।

## ଗୁଆମାଳରେ ସ୍ୱାସ୍ଥ୍ୟ ସେବା ବିଫଳ

ଦୋଳସାହି,୪।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଗୁଆମାଳ ସମେତ ଆଖପାଖ ୫ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସେବା ଦେବାରେ ବିଫଳ ବୋଲି ଗୁଆମାଳ ପଞ୍ଚାୟତର ଜନପ୍ରତିନିଧି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ ପଦ ପଦବୀ ଅଭାବ ଥିବା ନେଇ ବାରମ୍ବାର ଦୈନିକ "ସକାଳ"ରେ ଖବର ପ୍ରକାଶିତ ହେବା ପରେ ଗତ ୩ ମାସ ତଳେ ସମସ୍ତ ପଦପଦବୀ ପୂରଣ ହୋଇଥିଲା। ତେବେ ପରେ ପରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ରାଜନୈତିକ ଆକ୍ରୋଶରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ନେଇ ସାଧାରଣରେ ଆଲୋଚନା ହେଉଥିଲାବେଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ ପଦପଦବୀ ଅଭାବ ଥିବା ଯୋଗୁଁ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀଙ୍କ ସେବା ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବାବେଳେ ଏହି ଆମ୍ବୁଲାନ୍ସ ରଖିବାର ସ୍ଥାନ ନିର୍ମାଣ କରାଯାଇନାହିଁ।

## ଶିଶୁ ସାହିତ୍ୟିକ ରମାକାନ୍ତ ସମ୍ମାନିତ

ବାରିକପୁର,୪।୫(ସମିସ): ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀର ନବମ ବାର୍ଷିକ ସମାରୋହରେ ବ୍ଲକ୍ ଅଞ୍ଚଳର ବିଶିଷ୍ଟ ଶିଶୁ ସାହିତ୍ୟିକ ରମାକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ଅନୁଷ୍ଠାନର ମୁଖ୍ୟ ଅଧାପକ ଭରତ ଚନ୍ଦ୍ର କରଣ, ଯାତ୍ରା ଅଭିନେତା ଲୋକନାଥ ଲେଙ୍କା ପ୍ରମୁଖ ଶ୍ରୀ ବେହେରାଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତୀତରେ ସାହିତ୍ୟକୃତି ପାଇଁ ବିଭିନ୍ନ ଅନୁଷ୍ଠାନରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

ପୂର୍ବଭଳି ପଞ୍ଚାୟତ ସମିତି ଦଖଲ ନେଇ ରଣକୌଶଳ

# 'ଭଦ୍ରକ ମୃତ୍ତିକାର ଗୁଣବତ୍ତା ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିଛି'

ଭଦ୍ରକ,୪।୫(ସମିସ)




ଭଦ୍ରକର ମୃତ୍ତିକା ଓ କୃଷି ସମ୍ପଦର ସୁପରିଚାଳନା କେବଳ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାର ବିକାଶ ରଥକୁ ଆଗକୁ ନେଇଯିବାର ଶକ୍ତି ରଖେ। କୃଷି ଖାଦ୍ୟ ଯୋଗାଏ, ମୃତ୍ତିକା ଉତ୍ପାଦନର ଆଧାର ସାଜେ ଏବଂ ମତ୍ସ୍ୟ ସମ୍ପଦ ରପ୍ତାନି ଓ ବାଣିଜ୍ୟକୁ ସୁଦୃଢ଼ କରେ। ଏହି ତିନୋଟି ସ୍ତମ୍ଭର ସମନ୍ୱିତ ବିକାଶ ହିଁ ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବାରେ ସକ୍ଷମ ହୋଇଛି। ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚାଲିଥିବା 'ବୈଶାଖୀ ମେଳା-୨୦୨୬'ର ଅଷ୍ଟମ ସନ୍ଧ୍ୟାରେ ମାଟି ଓ ମଣିଷର ସମ୍ପର୍କକୁ 'ଭଦ୍ରକର କୃଷି, ମୃତ୍ତିକା ଓ ମତ୍ସ୍ୟଜୀବୀ' ବିଷୟରେ ଭାବଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଭଦ୍ରକର ଚାଷୀ ଓ ମତ୍ସ୍ୟଜୀବୀମାନେ ହେଉଛନ୍ତି ଆମର ପ୍ରକୃତ ସମ୍ପଦ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରୀସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି, ଯାହାର ସୁଫଳ ପ୍ରତିଟି ପରିବାର ପାଖରେ ପହଞ୍ଚିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ବୈଶାଖ ମେଳା ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଭଦ୍ରକ ମୃତ୍ତିକାର ବିବିଧତା ହିଁ ଏ ଅଞ୍ଚଳର ଉଦ୍ୟାନ ଓ କୃଷିର ବିକାଶ କରିଛି ଏବଂ ଏହା ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିଛି ବୋଲି କହିଥିଲେ।

ବରେଣ୍ୟ ଅତିଥି ଭାବେ କୃଷି କବି ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଓ କୃଷି କବି ଇଂ. ଅରୁଣ କୁମାର ପାତ୍ର ଯୋଗଦେଇ ମାଟିର ସ୍ୱାସ୍ଥ୍ୟ ରକ୍ଷା କଲେ ହିଁ ସୁସ୍ଥ ଶସ୍ୟ ଉତ୍ପାଦନ ସମ୍ଭବ। କୃଷିକୁ କେବଳ ଜୀବିକା ନୁହେଁ, ବରଂ ଏକ ସେବା ଭାବେ ଗ୍ରହଣ କରିବା ବାଞ୍ଛନୀୟ ବୋଲି କହିଥିଲେ। ବିଧାୟକ ଶ୍ରୀ ମହାପାତ୍ର ଓ ଜିଲ୍ଲାପାଳଙ୍କୁ ଏହି ଅବସରରେ ସଭାପତି ଅଜୟ ନାୟକ, ବୈଶାଖୀ ମେଳା ସମ୍ପାଦକ ରୂପକ ରାୟ, ତ୍ୟାଗଭୂମି ସମ୍ପାଦକ ଗଦାଧର ବଳ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଅଖିଳ ପାଢ଼ୀ, ପଦ୍ମାନ ରାୟ, ସୁଧାକର ରାଉତ, ରବିନାରାୟଣ ପଣ୍ଡା, କବି ରମେଶ ଦାସ, ବାବୁଲାଲ ଦାସ, ବରିଷ୍ଠ ନାଗରିକ ସଂଘର ଜିଲ୍ଲା ସଭାପତି କୈଳାସ ପଣ୍ଡା, ନାରାୟଣ ପାଢ଼ୀ, ମନୋରଞ୍ଜନ ଦାସ, ମଦନ ନାୟକ, ଉମାକାନ୍ତ ପାଲ, ଗୌରାଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମେଳା କମିଟି ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ଆହ୍ୱାନ କରିଥିଲେ ଓ ସମ୍ପାଦକ ରୂପକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣ ଅଧିବେଶନ କବି ଗୌରାଙ୍ଗ ବାରିକ, ସଭାପତିତ୍ୱରେ ମା' ଓ ମାଟିକୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ କବି ଯୋଗଦେଇଥିଲେ। ଶେଷରେ 'ଉତ୍ସବ ନୃତ୍ୟ ଏକାଡେମୀ' ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା।

## ପ୍ରବୀଣ ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକସଭା




ଭଦ୍ରକ,୪।୫(ସମିସ): ଭଦ୍ରକର ଦୁଇ ପ୍ରବୀଣ ଅବସରପ୍ରାପ୍ତ ଶିକ୍ଷାବିତ୍, ସୁସାହିତିକା ଡ. ପ୍ରଭାତ ନଳିନୀ ମହାପାତ୍ର ଓ ପ୍ର. ଡ. ମାନସ ରଞ୍ଜନ ଲେଙ୍କାଙ୍କ ଅକାଳ ବିୟୋଗରେ ଭଦ୍ରକ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମ୍ଭାବନା ସାହିତ୍ୟ ସଂସଦ ଓ ସାହିତ୍ୟ ସଂସ୍କୃତି ସଂଗଠନ ଆମେର ମିଳିତ ସହଯୋଗରେ ସକାଳ ୮ଟାରେ ପ୍ର. ଡ. ଅଟଳବିହାରୀ ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉଭୟ ଅନୁଷ୍ଠାନର ସଦସ୍ୟମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ଦୁଇ ଦିବଂଗତ ଶିକ୍ଷାବିତ୍‌ଙ୍କ ଗୁଣାବଳି ଉପରେ ଆଲୋକପାତ କରିଥିଲେ ସର୍ବଶ୍ରୀ ଡ. ରବିନାରାୟଣ ମହାପାତ୍ର, ଅଧିବକ୍ତା ଅମିତାବାଳା ଆଚାର୍ଯ୍ୟ, ବରିଷ୍ଠ ଅଧିବକ୍ତା ରୋଟାରୀ ମିଡିଟାଉନ୍ ଅତିଶ କୁମାର ବେହେରା, ଜିଲ୍ଲାର ସର୍ବୋଦୟ ମଣ୍ଡଳର ସଭାପତି ଅମର ପାଣିଗ୍ରାହୀ, ବ୍ୟଙ୍ଗ କବି ବିଜୟ ବହଳି, ରୂପକ ରାୟ, କବି ରମେଶ ଦାସ, ରମେଶ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ମିଶ୍ର, ପ୍ରାଧାପିକା ଭାନୁମତି ମାଟିଆ, ସରୋଜିନୀ ନାୟକ, ନାଟ୍ୟକାର ଗୌରାଙ୍ଗ ବାରିକ, କ୍ୟାପ୍‌ଟେନ ଓଁଙ୍କାର, ଡ. ପୂଜାରାଣୀ ଘୋଷ, ଦିଲ୍ଲୀପ ନାୟକ, ଅରୂପାନନ୍ଦ ନାୟକ, ଜୟ ଜଗନ୍ନାଥ ମଲ୍ଲିକ, ଦେବସ୍ମିତା ମିଶ୍ର, ହେମନ୍ତ ନାୟକ, ଇଂ ଦିନେଶ ନାୟକ, ସମ୍ଭାବନାର ସମ୍ପାଦକ ଋତୁରାଜ ଅକ୍ଷୟ ପ୍ରମୁଖ ଯୋଗଦେଇଥିଲେ।

## ସଲାର ମଠ ଛକରୁ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ଢଳେଇ କାମ

# ଗାର୍ଡୱାଲରେ ପଡ଼ିନି ମାଟି, ଘଟୁଛି ଦୁର୍ଘଟଣା

ଡେରାବିଶ, ୪।୫ (ସମିସ)

ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ସଲାର ମଠ ଛକଠାରୁ ସଲାର ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଢଳେଇ ରାସ୍ତାର ଉଭୟ ପାର୍ଶ୍ୱର୍ରେ ଗାର୍ଡୱାଲ ମଧ୍ୟରେ ମାଟି ଭର୍ତ୍ତି କରାଯାଇନି। ଫଳରେ ଦୈନିକ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ଅଧାପନ୍ତରିଆ କାମ ଶେଷ କରାଯିବାକୁ ଦାବି ହେଉଛି। ଉକ୍ତ ରାସ୍ତା ସଲାର ମଠ ଛକଠାରୁ ବାହାରି ସଲାର ଗ୍ରାମ, ଚାନ୍ଦୋଳ ମେଳଣ ପଡ଼ିଆ ଦେଇ ଚାନ୍ଦୋଳ-ଗୋଲରାହାଟ ରାସ୍ତାକୁ କନ୍ଟେଇଠାରେ ସଂଯୋଗ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାଟି ସଲାର ମଠଠାରୁ କନ୍ଟେଇ ଠାକୁରାଣୀଙ୍କ ମନ୍ଦିର ଯାଏ ସ୍ଥଳ ବିଶେଷରେ ଢଳେଇ ଓ ପିଚୁ ହେବାର ବ୍ୟୟବରାଦ ହୋଇଥିଲେ ହେଁ ଏହାର ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ହୋଇପାରି ନ ଥିଲା।



ଏବେବି ଚାନ୍ଦୋଳ ମେଳଣ ପଡ଼ିଆଠାରୁ ବାଙ୍କିମୁଣ୍ଡେଇ ଗ୍ରାମଯାଏ ରାସ୍ତା କାମ ଆଦୌ କରାଯାଇନାହିଁ। ମାସକ ତଳେ ସଲାର ମଠଠାରୁ ସଲାର ସ୍କୁଲ ଯାଏ ପାଖାପାଖି ୩୦୦ ମିଟର ରାସ୍ତାକୁ ଢଳେଇ କରାଯାଇଛି। ଏଥିସହିତ ଏହି ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱର୍ରେ ଢଳେଇ ରାସ୍ତାକୁ ସୁରକ୍ଷା ଦେବା ପାଇଁ ରାସ୍ତା ଦୁଇପଟରେ ଗାଡର୍‌ୱାଲ ନିର୍ମାଣ କରାଯାଇଛି। କିନ୍ତୁ ରାସ୍ତା ଓ ଗାର୍ଡୱାଲ ମଧ୍ୟରେ ଥିବା ଖାଲକୁ ପୋତାଯିବା ପାଇଁ ଆବଶ୍ୟକ ମାଟି କାମ କରାଯାଇନାହିଁ। ଫଳରେ ଏହି ରାସ୍ତାଦେଇ ଯାଉଥିବା ଯାନବାହନ ପରସ୍ପରକୁ ଅତିକ୍ରମ କରିବା ସମୟରେ ଖାଲକୁ ଖସିପଡ଼ିବା ଓ ଛୋଟ ଗାଡ଼ିରେ ଯିବା ସମୟରେ ସାମାନ୍ୟ ଅସାବଧାନ ହେଲେ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଖାଲ ପୋତିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହାକାଳପଡ଼ା ବ୍ଲକ୍ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମହାକାଳପଡ଼ା, ୪।୫ (ସମିସ): ମହାକାଳପଡ଼ା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଆରସିସି ଅକ୍ଷୟ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଆଲଫା ବେଷ୍ଟର ଅଧ୍ୟକ୍ଷ କ୍ଷୀରୋଦ ସାହୁ, ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ସରପଞ୍ଚ ମଧୁଲତା ସାମନ୍ତରାୟ, ସମିତି ସଭ୍ୟ ରଞ୍ଜନ ଚୌଧୁରୀ, ଏବିଇଓ ବିଚିତ୍ରାନନ୍ଦ ସାମଲ, ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଏବିଇଓ ମିନତୀ ସେଠୀ, ବ୍ଲକ୍ ସମନ୍ୱୟ ସମିତି ସଭାପତି ଅଶୋକ ମହାପାତ୍ର ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ଦେଇଥିଲେ ଆଲୋକ ଏସଡି ରାୟ। ଅନ୍ୟମାନଙ୍କ ରମେଶ ସାହାଣୀ, ବିଶ୍ୱଭୂଷଣ ମଲ୍ଲିକ, ମନୋଜ ନନ୍ଦ, ନିର୍ମଳ ଆଚାର୍ଯ୍ୟ, କ୍ଷିତୀଶ ପରିଡା, ମହେନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ରାଉତରାୟ, ପ୍ରଶାନ୍ତ ଦାସ, ନିଳେନ୍ଦ୍ରି ପାଇଟାଳ, ଅମୀୟ ଚୌଧୁରୀ, ଦିଲ୍ଲୀପ ସାହୁ, ଗୋପବନ୍ଧୁ ସାହୁଙ୍କ ସମେତ



ସମସ୍ତ ସିଆରସିସି ଓ ସମସ୍ତର ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀ ଦେବଦର୍ଶୀ ମଣ୍ଡଳ, ତୁଳସୀ ସ୍ୱାଇଁ, କୃତିକ୍ରୀଷ୍ଣ ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ବାଇ, ଶୁଭଜିତ ମଣ୍ଡଳ, ଓ ଶାଇଶ୍ରୀ ଲେଙ୍କାଙ୍କୁ ଉତ୍ତରୀୟ, ମାନପତ୍ର ସହ ଫଳକ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଡଃ ନାୟକ କହିଥିଲେ, ଶିକ୍ଷକ ହେଉଛନ୍ତି ସମାଜ ଗଠନର ମୁଖ୍ୟ ବିନ୍ଧାଣି। ଶିକ୍ଷକତା ବୃତ୍ତି ନୁହେଁ ପ୍ରବୃତ୍ତି, ଛାତଛାତ୍ରୀ ସମାଜରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

## ଗୀତିକବି ସୁଶାନ୍ତ ପାଣିଙ୍କୁ ଶ୍ରୁତି ସମ୍ମାନ

ପଟ୍ଟାମୁଣ୍ଡାଇ, ୪।୫ (ସମିସ): ଉତ୍କଳୀୟ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାର ମହାର୍ଘ୍ୟ ଶିକ୍ଷାଦାନ, ପ୍ରାୟ ପାଞ୍ଚହଜାର ଉନ୍ନତ କଳାଶିଳ୍ପୀ ନିର୍ମାଣ ଓ ସାଂସ୍କୃତିକ ପ୍ରଚାର-ପ୍ରସାର କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ଗଡମେକର୍ ପ୍ରତିଷ୍ଠାତା, ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ କୁମାର ପାଣି ମର୍ଯ୍ୟାଦାଜନକ "ଶ୍ରୁତି ସମ୍ମାନ' ଲାଭ କରିଛନ୍ତି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୧ତମ ଶ୍ରୁତି ସମାରୋହରେ



ବିଶ୍ୱବିଦିତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଡଃ ସୁଜାତା ମହାପାତ୍ର, ତାଳବାଦ୍ୟ ଗୁରୁ ପଣ୍ଡିତ ଧନେଶ୍ୱର ସ୍ୱାଇଁ, ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା ଓ ଶ୍ରୁତି ସମ୍ପାଦିକା କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ ପ୍ରମୁଖଙ୍କ ଯୋଗଦେଇ ଗୁରୁଶ୍ରୀ ପାଣିଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରିଛନ୍ତି। ଗୁରୁଶ୍ରୀ ପାଣିଙ୍କ ନେତୃତ୍ୱରେ ୩୯ ବର୍ଷ ପୂର୍ବେ ସ୍ଥାପିତ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଂଗଠନ (ଗଡମେକର୍) ରେକର୍ଡ ସଂଖ୍ୟକ କଳାକାର ସୃଷ୍ଟି କରିଛନ୍ତି। ଆଜି ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ସମ୍ବଳିତ ଓଡ଼ିଶାର ସର୍ବବୃହତ୍ ପଞ୍ଚକଳା ପ୍ରତିଷ୍ଠାନ ରୂପେ ପରିଗଣିତ। ଏଥିସହିତ କଳା-ସାହିତ୍ୟ କ୍ଷେତ୍ରରେ ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ, ପ୍ରାୟ ତିନିହଜାର ଗୀତର ସଫଳ ଗୀତିକବି, ଗଣକବି ଗୋପାଳ ଦାଶଙ୍କ ସ୍ମୃତି ଓ କୃତିର ସଂରକ୍ଷକ, ତାଙ୍କ ରଚିତ ଗୀତିନାଟ୍ୟ ପରିବେଷକ, ଧୂରୀଣ ମଞ୍ଚ ଉପସ୍ଥାପକ ଭାବେ ତାଙ୍କର ତ୍ୟାଗ-ତପସ୍ୟା ବାସ୍ତବିକ ଉଲ୍ଲେଖନୀୟ ଓ ପ୍ରଶଂସନୀୟ। ଓଡ଼ିଶୀ କଳା-ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ନିରବଚ୍ଛିନ୍ନ ସାଧନା ଓ ସଂଗ୍ରାମଶୀଳ ଅବଦାନ ପାଇଁ ଗୀତିକବି ଶ୍ରୀ ପାଣି ଉଭୟ ହରିୟାଣା ଓ ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହିତ ଶ୍ରୀ ପାଣି ରାଜ୍ୟସ୍ତରୀୟ ଶ୍ରୁତି କଳା-ସଂସ୍କୃତି ସମ୍ମାନ, ଭାରତୀ ଯୁବ ସମ୍ମାନ, ବଳଦେବଶ୍ରୀ ସମ୍ମାନ, ପୃଥ୍ୱୀଦେବୀ ସମ୍ମାନ, ସୁଲେଖା ସଂସ୍କୃତି ସମ୍ମାନ, ଗ୍ରନ୍ଥସାରଥି ସମ୍ମାନ, ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ଭଳି ଶତାଧିକ ସମ୍ମାନ ଲାଭ କରିଛନ୍ତି। ଶ୍ରୀ ପାଣିଙ୍କୁ ଶ୍ରୁତି ସମ୍ମାନ ପ୍ରଦାନ କରାଯାଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଆଇଓସିଏଲ୍ ପକ୍ଷରୁ ଆବର୍ଜନା କୁଣ୍ଡ ପ୍ରଦାନ

ମହାକାଳପଡ଼ା, ୪।୫ (ସମିସ): ପାରାଦୀପସ୍ଥ ଆଓସିଏଲର କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ମହାକାଳପଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଆବର୍ଜନା କୁଣ୍ଡ ପ୍ରଦାନ କରାଯାଇଛି। ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାରୁତି ଯୁଥ ସେବା ଟ୍ରଷ୍ଟ ମାଧ୍ୟମରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବଟମହା ପୁରୁଷ ଉଚ୍ଚବିଦ୍ୟାଳୟ ବଡ଼ଗାଁ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କରମକୂଳ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆଇତିପୁର, ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ ବଡକୂଳ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼କୂଳ ଓ



ବଡକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚକଲଗା ବଡ଼ ବଡ଼ ପ୍ଲାଷ୍ଟିକ ଆବର୍ଜନା କୁଣ୍ଡ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ସୁଧୀର ସ୍ୱାଇଁ, ବାବାଜୀ ସାହୁ, ସଂଗ୍ରାମ ଲେଙ୍କା, ଅରକ୍ଷିତ ରାଉତ, ଆଓସିଏଲ ସଂଯୋଜକ ଅକ୍ଷୟ ବେହେରାଙ୍କ ସହିତ ଡା ପ୍ରମୋଦ ବିହାରୀ ପତି, କଳ୍ପତରୁ ସାହୁ, ମିତାରାଣୀ ସ୍ୱାଇଁ, ସଂଘମିତ୍ରା ସିଂହ, ବିମଳେନ୍ଦୁ ଆଚାର୍ଯ୍ୟ ଓ ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାଣିପୁରରେ ଅଷ୍ଟପ୍ରହର ନାମଯଜ୍ଞ

ପଞ୍ଚୁପାଣ୍ଡବ, ୪।୫ (ସମିସ): ଡେରାବିଶ ବ୍ଲକର ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ମାଣିପୁର ଗ୍ରାମରେ ୪୩ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ପୂଜକ କରୁଣାକର ଷଡ଼ଙ୍ଗୀ ଓ ଶିବ ଚରଣ ସାହୁ କର୍ତ୍ତା ଥିଲେ। ଏଥିରେ ସମାଜସେବୀ ତଥା ଶିକ୍ଷାବିତ୍ ଅଜୟ ରାଉତ, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଡେରାବିଶ ବ୍ଲକ୍ କଂଗ୍ରେସ ସଭାପତି ରାଜୀବଲୋଚନ ମିଶ୍ର, ନହଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ଉମାକାନ୍ତ ନାୟକ, ସମବାୟବିତ ଭାଗୀରଥି ସାହୁ, ଯୁବ ସମାଜସେବୀ ସୁବାସ ଜେନା, ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଗ୍ରାମର ମୁରବୀ ପ୍ରଫୁଲ୍ଲ ସାହୁ, ଶରତ ସାହୁ, ଧନେଶ୍ୱର ନାୟକ, ନିଗମାନନ୍ଦ ସାହୁଙ୍କ ପରାମର୍ଶକ୍ରମେ ସଭାପତି ଉମାକାନ୍ତ ମହାନ୍ତି, ସମ୍ପାଦକ ସଞ୍ଜୟ ସାହୁ, ବୀଣାପାଣି ଯୁବକ ସଂଘ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାଜନଗର, ୪।୫ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଶିକ୍ଷା ବିଭାଗ ଅଧ୍ୟାପକ ବିଚିତ୍ରାନନ୍ଦ ପାଣିଙ୍କ ସଭାପତିତ୍ୱରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅମୀୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ଆଦର୍ଶ ମୂଲ୍ୟବୋଧ ସହ ଭବିଷ୍ୟତରେ କିପରି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ, ସେ ବିଷୟରେ ମତ ରଖିଥିଲେ। ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ରତ୍ନାକର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଜୀବନର ମୂଲ୍ୟବାନ ସମୟକୁ କିପରି ସଦୁପଯୋଗ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ନିଜକୁ ଗଢି ହେବ, ସେ ବିଷୟରେ ମତ ରଖିଥିଲେ। ବିଭାଗୀୟ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶୁଭଦର୍ଶିନୀ ନାୟକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭୂତି ରାଉତ, ଶ୍ରାବଣୀ ସାହୁ, ସୁସ୍ମିତା ସେଠୀ, ସସ୍ମିତା ସାମଲ, ଅନ୍ନପୂର୍ଣ୍ଣା ବାରିକ ସହଯୋଗ କରିଥିଲେ। ଛାତ୍ରୀ ଶୁଭଶ୍ରୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାଙ୍କ ପରିଶ୍ରମର ମୂଲ୍ୟ ଦେଲେ ଝିଅ

# ଗରଦପୁର ବ୍ଲକ୍‌ରେ ସ୍ମିତମ ସମୋଲିକା ପ୍ରଥମ

କେନ୍ଦ୍ରାପଡ଼ା, ୪।୫ (ସମିସ): ଆର୍ଥିକ ସଂକଟ ମଧ୍ୟରେ ଅଦମ୍ୟ ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ କେମିତି ସଫଳତାର ଦ୍ୱାର ଖୋଲିଦେଇପାରେ, ତାହା ପୁଣିଥରେ ପ୍ରମାଣ କରିଛନ୍ତି ଗରଦପୁର ବ୍ଲକର ମେଧାବୀ ଛାତ୍ରୀ ସ୍ମିତମ ସମୋଲିକା ପାଣି। ବାପା ଚୁଡ଼ି ଦୋକାନ ଓ ଡ୍ରାମା କରି ପରିବାର ଚଳାଇବାର କଷ୍ଟ ଦେଖି ଝିଅ ମନରେ ଗଢ଼ିଥିବା ସ୍ୱପ୍ନ ଆଜି ସାକାର ହୋଇଛି। ସେ ଏବେ ମାଟ୍ରିକ ପରୀକ୍ଷାରେ ୫୬୧ ନମ୍ବର ରଖି ଗରଦପୁର ବ୍ଲକରେ ପ୍ରଥମ ହେବା ସହିତ ଜିଲ୍ଲାରେ ଷଷ୍ଠ ସ୍ଥାନ ଅଧିକାର କରି ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ଛୋଟବେଳୁ ବାପାଙ୍କ ପରିଶ୍ରମ ଓ ସଂଘର୍ଷ ଦେଖି ସେ ଭାବୁକ ହୋଇଯାଉଥିଲେ। ଦିନେ ସେ କାନ୍ଦି କାନ୍ଦି ବାପାଙ୍କୁ କହିଥିଲେ, ଆପଣଙ୍କ ଦୁଃଖ ମୁଁ ଦୂର କରିବି, ଭଲ ଚାକିରି କରି



ଆପଣଙ୍କୁ ଗର୍ବିତ କରିବି। ସେହି ପ୍ରତିଶ୍ରୁତି ଆଜି ପ୍ରଥମ ପାହାଚରେ ସାର୍ଥକ ହୋଇଛି। ସଫଳତା ପଛରେ ଥିଲା ଦୈନିକ ୮ରୁ ୧୦ ଘଣ୍ଟା ଅଧ୍ୟୟନ। କଠିନ ବିଷୟକୁ ବୁଝିପାରୁ ନ ଥିଲେ, ସେ ବାରମ୍ବାର ଗରଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପଚାରୁଥିଲେ। ତଥାପି ସନ୍ତୋଷ ନ ମିଳିଲେ, ପୁଣିଥରେ ଅଭ୍ୟାସ କରି ସ୍ପଷ୍ଟ ବୁଝିବା ପର୍ଯ୍ୟନ୍ତ ଛାଡୁ ନ ଥିଲେ। ଏହି ନିଷ୍ଠା ଓ ଅଦମ୍ୟ ଚେଷ୍ଟା ତାଙ୍କୁ ଆଜି ସଫଳତାର ଶିଖରକୁ ନେଇଯାଇଛି। ପରିବାରରେ ବାପାଙ୍କ ସଂଘର୍ଷ ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ସେ ନିଜ ସଫଳତାର ମୂଳ ମନେ କରନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ଗ୍ରହଣ କରି ଏକ ଭଲ ଚାକିରି ପାଇବା ସହିତ ପରିବାରର ଅବସ୍ଥା ସୁଧାରିବା ତାଙ୍କ ଲକ୍ଷ୍ୟ ରହିଛି। ଏହି ସଫଳତା ପାଇଁ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ଲୋକ ଓ ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂସ୍କୃତ ମଧ୍ୟମାରେ ପ୍ରିୟଙ୍କା ଜିଲ୍ଲା ଟପ୍ପର

ରାଜନଗର, ୪।୫ (ସମିସ): ରାଜନଗର ବ୍ଲକ ଜରିମୂଳସ୍ଥ ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାଳୟ ଛାତ୍ରୀ ପ୍ରିୟଙ୍କା ପ୍ରଧାନ ଚଳିତ ବର୍ଷ ମଧ୍ୟମା ପରୀକ୍ଷାରେ ୬୦୦ରୁ ୫୬୩ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲ୍ଲା ଟପ୍ପର ହୋଇଛନ୍ତି। ପ୍ରିୟଙ୍କା ଜିଲ୍ଲା ଟପ୍ପର ହେବା ସହ



ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କୁ ସେବା ଦେବା ପାଇଁ ସଂକଳ୍ପ ରଖିଛନ୍ତି ବୋଲି ପ୍ରିୟଙ୍କା କହିଛନ୍ତି। ସେ ରାଜନଗର ପଞ୍ଚାୟତ ମଲିଆବୁଦା ଗ୍ରାମର ରତ୍ନାକର ନାୟକ, ପୁଷ୍ପଲତା ନାୟକଙ୍କ କନ୍ୟା। ପ୍ରିୟଙ୍କା ମାମୁଁଘର ଭଦିଆରେ ରହି ପଢୁଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବରଦାକାନ୍ତ ଜେନା ପ୍ରିୟଙ୍କାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ପେଟଛେଲା ଗ୍ରାମବାସୀଙ୍କ ଅଭିଯୋଗ

# ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ

ମହାକାଳପଡ଼ା, ୪।୫ (ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ପେଟଛଲା ଗ୍ରାମରେ ଜଣକ ବ୍ୟକ୍ତିଗତ ଜମିରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ଉଠିଛି। ଏ ଘଟଣାକୁ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ ପାଉଛି। ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରକୁ ସୁବିଧା ଦେବାକୁ ଏହି ରାସ୍ତା ନିର୍ମାଣ ପାଇଁ ଅନୁମତି ଦିଆଯିବା ସହ ଏହାର ମୂଲ୍ୟାନୁମାନ ମଧ୍ୟ ପ୍ରସ୍ତୁତ ହୋଇଥିବା କୁହାଯାଉଛି। ଏଠାରେ ସରକାରୀ ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହେଉଛି। ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। କିଛି ଲୋକଙ୍କ



ମତାନୁସାରେ, ସେହି ବ୍ୟକ୍ତିଙ୍କ ପାଖରୁ ଅର୍ଥ ଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ମୂଲ୍ୟାନୁମାନ କରାଯାଇଥିବା ସନ୍ଦେହ ରହିଛି। ଯଦି କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଥିଲା ଯେ ଏହା ବ୍ୟକ୍ତିଗତ ଜମି, ତେବେ କାହିଁକି ସେ ଏହାକୁ ଅନୁମୋଦନ କଲେ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ଯଦି କନିଷ୍ଠ ଯନ୍ତ୍ରୀଙ୍କ ମନା କରିବା ସତ୍ତ୍ୱେ ଜବରଦସ୍ତ ରାସ୍ତା ନିର୍ମାଣ ହୋଇଥାଏ, ତେବେ ସେଠାରେ ସରକାରୀ ଫଳକ କିପରି ଲଗାଗଲା ଓ ଏଥିପାଇଁ ଅନୁମତି କିଏ ଦେଲା ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣାକୁ କିଛି ଲୋକ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ଭାବେ ଦେଖୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏ ପର୍ଯ୍ୟନ୍ତ ପଞ୍ଚାୟତ ଅଧିକାରୀ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରୁଛନ୍ତି।

## ମାଟ୍ରିକ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୪।୫ (ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୫୫୫ ନମ୍ବର ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହୋଇଥିବା ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଦେବୀପ୍ରଜ୍ଞା ଦେଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଅରୁଆ ହରିହରା ବାଳାଶ୍ରମରେ ଅବସ୍ଥାନ କରୁଥିବା ବ୍ଲକ୍ ଟପ୍ପର ଦେବୀପ୍ରଜ୍ଞା ଦେଙ୍କୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ବରିଷ୍ଠ ନେତା ମିଟୁ ମନୋଜ ନାୟକ, ପରେଶ ସାହୁ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଉପେନ୍ଦ୍ର ନାୟକ, ସୁଧାଂଶୁ ତ୍ରିପାଠୀ, ସଞ୍ଜୟ ପଣ୍ଡା, ଲିପନ ସୂତାର ପ୍ରମୁଖ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇଥିଲେ। ଅରୁଆ ହରିହରାନନ୍ଦ ବାଳାଶ୍ରମର ସନ୍ଥ ସ୍ୱାମୀ ଆଦିତ୍ୟାନନ୍ଦ ମହାରାଜ, ବିଜୟ ସାହୁ



ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିଲେ। ବ୍ଲକ୍ ଟପ୍ପର ଛାତ୍ରୀ ଦେବୀପ୍ରଜ୍ଞା ଭବିଷ୍ୟତରେ ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ରଖିଥିବା କହିଥିଲେ। ଦେବୀପ୍ରଜ୍ଞାଙ୍କ ପଢା ଖର୍ଚ୍ଚ ଓ ସମସ୍ତ ଦାୟିତ୍ୱ ହରିହରାନନ୍ଦ ବାଳାଶ୍ରମ ପକ୍ଷରୁ ବହନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସ୍ୱାମୀ ଆଦିତ୍ୟାନନ୍ଦ ମହାରାଜ ସୂଚନା ଦେଇଛନ୍ତି।

## ଚକ୍ରୋଡ଼ା ଗ୍ରାମ ଦେବୀ ମନ୍ଦିରରୁ ଚୋରି

କେନ୍ଦ୍ରାପଡ଼ା, ୪।୫ (ସମିସ): ସଦର ଥାନାରେ ଲଗାତର ଚୋରି ହେଉଛି। ଚକ୍ରୋଡ଼ା ଗ୍ରାମଦେବୀ ମା' ଚାଟଖାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିରର କବାଟ ତାଡି ମା' ପିନ୍ଧିଥିବା ରୂପା ହାର, ମଙ୍ଗଳସୂତ୍ର, କାନ ଫୁଲ ସହ ବିଭିନ୍ନ ଅଳଙ୍କାର ଚୋରି କରିନେଇଛନ୍ତି। ଅଧିକ ଟଙ୍କା ଆଶାରେ ମନ୍ଦିରର ଷ୍ଟୋର ରୁମ ତାଡ଼ି ସାମଗ୍ରୀଗୁଡ଼ିକୁ ଅସ୍ତବ୍ୟସ୍ତ କରିଛନ୍ତି। ସପ୍ତାହେ ପୂର୍ବେ ଜଜାଙ୍ଗ ଏସ୍‌ପି କାର୍ଯ୍ୟାଳୟ ନିକଟରେ ଏକ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରି ଦୁଇଟି ଦାମୀ ମୋବାଇଲ ଛଡ଼ାଇ ନେବା ଘଟଣା ଘଟିଥିଲା। ସେହିପରି ଗତ ଏକମାସ ମଧ୍ୟରେ ଦାନପୁର ଲକ୍ ନିକଟରେ ଶଶୁର-ବୋହୂଙ୍କୁ ଭୁଜାଲିରେ ଆକ୍ରମଣ କରି ସୁନା ଚେନ ଛିନତାଇ କରିବା, ସଦର ଥାନା ନିକଟରୁ ଆଉଏକ ସୁନା ଚେନ ଛିନତାଇ, ଭରତପୁର ଅଞ୍ଚଳର ଏକ କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ଭଳି ଘଟଣା ମାନେ ଲଗାତାର ଘଟୁଥିବାରୁ ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନ ଉଠିଛି। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପୋଖରୀରେ ବୁଡ଼ି ଜଣେ ମୃତ

ରାଜକନିକା, ୪।୫ (ସମିସ): ଆଜି ପୂର୍ବାହ୍ନ ୧୦ଟା ବେଳେ ଜଣେ ବ୍ୟକ୍ତି ଶୌଚ ହେବାକୁ ପୋଖରୀକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ଚାରିପୋଖରିଆ ଗାଁ ରାମଚନ୍ଦ୍ର ରାଉତ (୫୧) ପୁଅ ମହାଦେବକୁ ସାଙ୍ଗରେ ନେଇ ଚଢେଇଗଳା ଗାଁ ନିକଟରେ ଥିବା ପୋଖରୀକୁ ଯାଇଥିଲେ। ପୁଅ ପୋଖରୀ ନିକଟରେ ଥିବା ଏକ ପଲାରେ ବସି ଖେଳୁଥିବାବେଳେ ରାମଚନ୍ଦ୍ର ନା ଫେରିବାରୁ ପୁଅ ବିଚଳିତ ହୋଇ ଘରକୁ ଜଣାଇଥିଲା। ଖବର ପାଇ ଗାଁ ଲୋକେ ଆସି ଆଖପାଖ ପୋଖରୀ ଓ ନଦୀରେ ବହୁ ଖୋଜିବା ପରେ ପାଇ ନ ଥିଲେ। ସନ୍ଦେହ କରି ରାସ୍ତା ପାଖରେ ଥିବା ଏକ ପୋଖରୀରେ ଖୋଜିବା ବେଳେ ଏକ ତଉଲିଆ ପିନ୍ଧି ପାଣି ଭିତରେ ବୁଡି ରହିଥିବା ରାମଙ୍କୁ ଉଦ୍ଧାର କରିବା ପରେ ରାଜକନିକା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ରାମଚନ୍ଦ୍ରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

## ତରଡ଼ିପାଳ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୪।୫ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତରଡ଼ିପାଳ ଉଚ୍ଚବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ସଭାପତିତ୍ୱ ଓ ପୁରାତନ ଛାତ୍ର କବିନ୍ଦ୍ର ଦାଶ ଓ ଅମୀର ସେଠୀଙ୍କ



ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରଲୋକଗତ ଗୁରୁ ଓ ବନ୍ଧୁଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ କାଙ୍ଗାଳୀ ଦାସ, ପର୍ଶୁରାମ ବିଶ୍ୱାଳ, ଦିବାକର ମହାରଣା, ଆହ୍ଲାଦିନ ଭଦ୍ର, ଖେଳ ଶିକ୍ଷକ ସୁଶୀଳ ବିଶ୍ୱାଳ, ବିଚିତ୍ର ସାମଲ, ପଦ୍ମିନୀ ରାଉତ, ସୁବାସ ମଜୁମଦାର, ଭଞ୍ଜକିଶୋର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ। ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ସାହୁ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଷ୍ଣୁଚରଣ ଦାଶ, ଜଗନ୍ନାଥ ବିଶ୍ୱାଳ, ତାରାକାନ୍ତ ସୂତାର, ସୁବାସ ମଲ୍ଲିକ, ଭ୍ରମରବର ମଲ୍ଲିକ, ଅମରେନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମହାପାତ୍ର, କଳ୍ପନା ବିଶ୍ୱାଳ, ରେଣୁକା ବିଶ୍ୱାଳ, ସାବିତ୍ରୀ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୯ ଟି ଅଭିଯୋଗର ତ୍ୱରିତ ସମାଧାନ

ମାର୍ଶାଘାଇ, ୪।୫ (ସମିସ)

ମାର୍ଶାଘାଇ ବ୍ଲକ୍ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରା, ପଞ୍ଚାୟତ ସମିତି ଚେୟାରମ୍ୟାନ ମଧୁସ୍ମିତା ସାମଲ, ଭାରପ୍ରାପ୍ତ ବିଡିଓ ଇତିଶ୍ରୀ ପଣ୍ଡା, ତହସିଲଦାର ଶ୍ରୀକାନ୍ତ ପରିଜା, ସହକାରୀ ଉପଜିଲ୍ଲାପାଳ ସରୋଜ ବେହେରା ପ୍ରମୁଖ ଯୋଗଦେଇ ୭୨ଟି ଅଭିଯୋଗର ଶୁଣାଣି କରି ୯ଟିର ତ୍ୱରିତ ସମାଧାନ କରିଛନ୍ତି।

ଆଜି ଆୟୋଜିତ ଶିବିରରେ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ୧୪ଟି ସାମୂହିକ ଓ ୫୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଅନୁଦାନ ମଞ୍ଜୁର ସତ୍ତ୍ୱେ ଦୁମୁକା ସୋସାଇଟି ଗୋଦାମ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା, ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟ ଜମି ଜବରଦଖଲ ହଟାଇବା, ସେହି ବିଦ୍ୟାଳୟର ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ଚାଲୁଥିବାରୁ ରାସ୍ତାକୁ ଉଚ୍ଚ ଓ ପ୍ରଶସ୍ତ କରିବା ପାଇଁ ଦାବି କରାଯାଇଥିଲା। ହାଇସ୍କୁଲ ନିକଟ ଜଳାଶ୍ରୟକୁ ପୋତି ବନ୍ଧ କରାଯାଇଥିବାରୁ ଜଳ ନିଷ୍କାସନ ସମସ୍ୟା ଓ ଜମିରେ ଜଳ ବୁଡ଼ି ସମସ୍ୟା ଉପୁଜିବ ବୋଲି ଦୁଇଟି ଅଭିଯୋଗ ହୋଇଛି। ଉଆଁରମୁଣ୍ଡ ଗ୍ରାମକୁ ସଂଗ୍ରାମପୁର ପାନୀୟଜଳ ପ୍ରକଳ୍ପରୁ



ପାଣି ସଠିକ ମାତ୍ରାରେ ଯାଉନାହିଁ, ଶିଳିପୁର ସ୍କୁଲରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନାର ଗୃହ ନିର୍ମାଣ ପୁନଃ ଟେଣ୍ଡର କରିବା ଆଦି ଅଭିଯୋଗ ହୋଇଛି। ଗରଜଙ୍ଗା ଉଚ୍ଚବିଦ୍ୟାଳୟରେ ଅନିୟମିତତା ଅଭିଯୋଗ, ବେରୁହାଁ ପଞ୍ଚାୟତ ଅଫିସ ଜାଗାର ପଟ୍ଟା ପ୍ରଦାନ, ବନ୍ଧକଟାରେ ଜବରଦଖଲ ଉଚ୍ଛେଦ, ପୋତାରୀ କେତୁକାଟାନ୍ଦ ସ୍କୁଲ ପୋଖରୀ ପୋତିବା, କୁଆଁରପାଳ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣକୁ ବିରୋଧ, ମାର୍ଶାଘାଇ ୧୮ ବି ଶାଖା କେନାଲକୁ ପରିଷ୍କାର କରିବା ପାଇଁ ଜଳସମ୍ପଦ ବିଭାଗ ପଦକ୍ଷେପ ନେବା ଆଦି ସାମୂହିକ ସମସ୍ୟା ଅଭିଯୋଗ ହୋଇଛି। ଆବାସ ଯୋଜନା, ଜମିଜମା ସମସ୍ୟା ଆଦି ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ହୋଇଥିଲା।